

ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ଫେବୃୟାରୀ ୯/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, February 9/2022 | ★★★★
୪୮ଶ ଭାଗ ୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ଟାଇଟଲ ବଜାୟ ରଖିଲେ କ୍ଲାବୋ**

ବେଜିଂ ୱିଣ୍ଟର ଅଲିମ୍ପିକ୍ସ ସ୍ପ୍ରିଣ୍ଟ ଟାଇଟଲ ବଜାୟ ରଖିଛନ୍ତି ନରୱେର କ୍ରସ୍ କଣ୍ଟ୍ରି ସ୍କିଅର ଜୋହାନ୍ସ ହୋସ୍‌ଫ୍ଲଟ୍ କ୍ଲାବୋ। ୦୮

୦୭ **ଡାର୍ଲିଂସ୍‌କୁ କିଣିଲା ନେଟ୍‌ଫ୍ଲିକ୍ସ**

ଶାହାରୁଖ ଖାନ୍ ଏବଂ ଆଲିୟା ଭଟ୍ଟଙ୍କ ସିନେମା 'ଡାର୍ଲିଂସ୍'ର ଷ୍ଟ୍ରିମିଂ ରାଇଟ୍ସକୁ ନେଟ୍‌ଫ୍ଲିକ୍ସ ୮୦ କୋଟି ଟଙ୍କାରେ କିଣିଛି।






# ଏବେ ଦଶମ, ଦ୍ୱାଦଶ ପରୀକ୍ଷା ଚିନ୍ତା

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ରାଜ୍ୟରେ ସୋମବାରଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିଛି। ସ୍କୁଲ ଖୋଲିବା ଛାତ୍ରୀଛାତ୍ରଙ୍କୁ ଆଶ୍ୱାସନା ଦେଇଥିବାବେଳେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ପରୀକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଦୀର୍ଘଦିନ ଧରି ସ୍କୁଲ ବନ୍ଦ ଥିବାରୁ ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିଲା। ତେବେ ନେଟ୍‌ୱର୍କ ସମସ୍ୟା ଯୋଗୁ ଉପାନ୍ତ ଅଞ୍ଚଳରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲା ପାଠରୁ ଦୂରେଇ ରହିଛନ୍ତି। ସେପଟେ କୋର୍ସ ମଧ ଶେଷ ହୋଇନାହିଁ। ଏଭଳି ସ୍ଥିତିରେ ପରୀକ୍ଷା କେମିତି ଓ କେବେ ହେବ ତାକୁ ନେଇ ଛାତ୍ରୀଛାତ୍ର ଚିନ୍ତାରେ ପଡ଼ିଛନ୍ତି। ସ୍କୁଲ ଏବେ ଖୋଲି ଗଲାଣି। ଏବେ ସମ୍ପୂର୍ଣ୍ଣ କୋର୍ସ ସାରିବାକୁ ସମୟ ନିଆଯିବ ନା ଯେତିକି ପାଠପଢ଼ା ହୋଇଛି ସେତିକିରେ ପରୀକ୍ଷା ହେବ, ସେନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଛି। ତେବେ ଆବଶ୍ୟକ ସ୍ଥଳେ ବ୍ରିଜ୍ କୋର୍ସ ଓ ସ୍ୱଳ୍ପ-ଅବଧି, ମଧ୍ୟମ-ଅବଧି ଆଦି କ୍ଲାସ୍ କରି ପିଲାଙ୍କ ପାଠ୍ୟଖସଡ଼ା ଶେଷ କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଏପରି କି ଆବଶ୍ୟକ ହେଲେ ଖରାଦିନ ଛୁଟିର ଅବଧି କମାଇ ଶିକ୍ଷାଦାନ କରାଯାଇପାରିବ ବୋଲି ସେ କହିଥିଲେ। ତେବେ ଆଗକୁ କ'ଣ କରାଯିବ ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି।

ଅପରପକ୍ଷେ ଦଶମର ସମେଟିଭ ଆସେସ୍‌ମେଣ୍ଟ-୨ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଅଫ୍‌ଲାଇନ୍ ମୋଡ୍‌ରେ ହେବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪

## ୟୁକ୍ତ୨: ମାର୍କ ଅପ୍‌ଲୋଡ୍ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ତ୍ରୈମାସିକ ଶେଷ ପରୀକ୍ଷା ମାର୍କକୁ ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ସାମ୍ସ)ରେ ଅପ୍‌ଲୋଡ୍ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ନିର୍ଦ୍ଦେଶ ଦେଇଛି। ଏ ନେଇ ପରିଷଦ ପକ୍ଷରୁ ମଙ୍ଗଳବାର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ ଏବଂ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରାତ୍ରୀ ସୁଦ୍ଧା ଦ୍ୱାଦଶ ଶ୍ରେଣୀ ପିଲାଙ୍କ ମାର୍କ ଅପ୍‌ଲୋଡ୍ କରିବା ପାଇଁ କୁହାଯାଇଛି। ମାର୍କ ଅପ୍‌ଲୋଡ୍ କରିବା ପାଇଁ ସାମ୍ସ ୱେବ୍‌ସାଇଟ୍‌ରେ ଏକ ଲିଙ୍କ୍ ଦିଆଯାଇଛି। ମାର୍କ ଟାବୁଲେଶନ୍ ରେଜିଷ୍ଟରର ହାର୍ଡ କପି ପଠାଇବା ପାଇଁ କୁହାଯାଇଛି, ଯେଉଁଥିରେ ଶିକ୍ଷକ, ଡାଟା ଏଣ୍ଟ୍ରି ଅପରେଟର, ପରୀକ୍ଷା ଇନ୍‌ଚାର୍ଜ ଏବଂ ଅଧ୍ୟକ୍ଷଙ୍କ ଦ୍ୱାରା ଦସ୍ତଖତ ହୋଇଥିବ। ☞ପୃଷ୍ଠା-୪

## ୧୪ରୁ ଖୋଲିବ ପ୍ରି-ସ୍କୁଲ

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ରାଜ୍ୟର ସମସ୍ତ ଘରୋଇ ପ୍ରି-ସ୍କୁଲ (ପ୍ଲେ ଓ କେଜି ଶ୍ରେଣୀ) ଖୋଲିବା ପାଇଁ ମଙ୍ଗଳବାର ରାଜ୍ୟ ସରକାର ଅନୁମତି ଦେଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ ସହ ଆସନ୍ତା ୧୪ ତାରିଖରୁ ପ୍ଲେ ସ୍କୁଲ ଖୋଲିବ। କରୋନା ତୃତୀୟ ଲହର ତଳମୁହାଁ ହେବା ପରେ ରାଜ୍ୟରେ ସୋମବାରଠାରୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଖୋଲିଛି। ଅଫ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଆରମ୍ଭ ହୋଇଯାଇଛି। ଆସନ୍ତା ୧୪ ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବ ବୋଲି ପୂର୍ବରୁ ସରକାର ଘୋଷଣା କରିଥିଲେ। ଏହାରି ମଧ୍ୟରେ ସରକାର ୨୦୨୧-୨୨ ଶିକ୍ଷାବର୍ଷ ଲାଗି ପ୍ଲେ ସ୍କୁଲ ଓ କେଜି ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ଅନୁମତି ପରେ ପ୍ରି-ସ୍କୁଲଗୁଡ଼ିକରେ ☞ପୃଷ୍ଠା-୪

## ଆଜି ଓଏସ୍‌ଏସ୍‌ଟିଇଟି
### କପି କରି ଧରାପଡ଼ିଲେ ଜୀବନଯାକ ପରୀକ୍ଷା ମନା

**କଟକ ଅଫିସ,୮।୨:** ଓଡ଼ିଶା ସେକେଣ୍ଡାରି ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ବୁଧବାର ଅନୁଷ୍ଠିତ ହେବ। କୋଭିଡ୍ କଟକଣା ମଧ୍ୟରେ ରାଜ୍ୟର ୩୩୮ଟି କେନ୍ଦ୍ରରେ ୭୨,୨୮୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ୪୦ଟି ନୋଡାଲ ସେଣ୍ଟର କରାଯାଇଛି। ଚଳିତବର୍ଷ ଏହି ପରୀକ୍ଷାରେ କପି ରୋକିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଯେଉଁମାନେ ଏଥିରେ କପି କରି ଧରାପଡିବେ ସେମାନେ ଜୀବନ କାଳ ମଧ୍ୟରେ କେବେ ବି ଏହି ପରୀକ୍ଷା ଦେଇପାରିବେ ନାହିଁ। ଉକ୍ତ ପରୀକ୍ଷା ୨ଟି ସିଟିଂରେ ହେବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ର୍‍ୟାଗିଂ ରୋଗ

## ନବୀନଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା
### କୋଇଲା, ଖଣି ସଂସ୍କାରରେ ଓଡ଼ିଶା ସର୍ବାଗ୍ରେ

**ନୂଆଦିଲ୍ଲୀ,୮।୨**





କୋଇଲା ଓ ଖଣି କ୍ଷେତ୍ରରେ କେନ୍ଦ୍ର ସରକାର ଆଣିଥିବା ସଂସ୍କାରଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସବୁଠୁ ଆଗରେ ରହିଛି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ରାଜ୍ୟ ସଭାରେ ଧନ୍ୟବାଦ ପ୍ରସ୍ତାବ ନେଇ ପ୍ରଧାନମନ୍ତ୍ରୀ ମୋଦି ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୋଦି କହିଥିଲେ, ଏଭଳି ଏକ ସମୟ ଥିଲା ଯେତେବେଳେ ଆମର ଦେଶର ପ୍ରାକୃତିକ ସମ୍ବଳଗୁଡ଼ିକ କେବଳ କେତେଜଣ ବ୍ୟକ୍ତିଙ୍କ ଲକର୍ ଭର୍ତ୍ତି କରୁଥିଲା। କିନ୍ତୁ ଆଜି ପ୍ରାକୃତିକ ଉତ୍ସଗୁଡ଼ିକ ରାଷ୍ଟ୍ରକୁ ଆର୍ଥିକ ରୂପେ ସଶକ୍ତ କରିବାରେ ଲାଗିଛି। କୋଇଲା ଓ ଖଣି ସେକ୍ଟରରେ ଆମେ ଅନେକ ସଂସ୍କାର ଆଣିଛୁ। ଖଣିଗୁଡ଼ିକର ନିଲାମ ସ୍ୱଚ୍ଛତା ସହ କରିଛୁ। ନିଲାମିରୁ ମିଳିଥିବା ରାଜସ୍ୱ ରାଜ୍ୟ ସରକାରମାନଙ୍କୁ ଦିଆଯାଇଛି। ଏହି କ୍ଷେତ୍ରରେ କେନ୍ଦ୍ର ପକ୍ଷରୁ ଅଣାଯାଇଥିବା ସମସ୍ତ ସଂସ୍କାରକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ସବୁଠୁ ଆଗରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ମୋଦି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# କଶ୍ମୀର ବିବାଦରେ ବହୁରାଷ୍ଟ୍ରୀୟ କମ୍ପାନୀ

## କ୍ଷମା ମାଗିଲା ହ୍ୟୁଣ୍ଡାଇ, କେଏଫ୍‌ସି
### ବ୍ୟାନ୍ ପାଇଁ ଅର୍ଥମନ୍ତ୍ରୀଙ୍କୁ ଆଇନଜୀବୀଙ୍କ ଚିଠି

**ନୂଆଦିଲ୍ଲୀ, ୮।୨**

କଶ୍ମୀର ଉପରେ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରି ଅଡୁଆରେ ପଡ଼ିଛନ୍ତି ଏକାଧିକ ବହୁରାଷ୍ଟ୍ରୀୟ କମ୍ପାନୀ। କାର୍ ନିର୍ମାଣକାରୀ ଦକ୍ଷିଣ କୋରିଆ କମ୍ପାନୀ ହ୍ୟୁଣ୍ଡାଇ, କିଆ, ଆମେରିକୀୟ ଫାଷ୍ଟଫୁଡ୍ କମ୍ପାନୀ କେଏଫ୍‌ସି ଏବଂ ପିଜ୍ଜା ହଟ୍ ସମେତ ଡୋମିନୋସ୍, ଓସାକା ବ୍ୟାଟେରୀ, ଆଇସୁଜୁ ଡି-ମାକ୍ସ, ବୋସ୍କୋ ଫାର୍ମାସ୍ୟୁଟିକାଲ କମ୍ପାନୀ ପ୍ରମୁଖ ପାକିସ୍ତାନରେ କଶ୍ମୀର ଏକତା ଦିବସ ପାଳନ ଉପଲକ୍ଷେ କରିଥିବା ପୋଷ୍ଟକୁ ଭାରତରେ ତୀବ୍ର ବିରୋଧ କରାଯାଇଛି। ବହୁ ସଂଖ୍ୟାରେ ଲୋକେ ଏହି କମ୍ପାନୀଗୁଡ଼ିକୁ ବଏକଟ୍ କରିବାକୁ ଟ୍ରେଣ୍ଡ୍ ଚଳାଇଛନ୍ତି। ସୁପ୍ରିମକୋର୍ଟ ଆଇନଜୀବୀ ବିନିତ ଜିନ୍ଦଲ କମ୍ପାନୀଗୁଡ଼ିକୁ ଭାରତରେ ବ୍ୟାନ୍ କରିବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ମଙ୍ଗଳବାର ଚିଠି ଲେଖି ଦାବି କରିଛନ୍ତି। ସେମାନେ କରିଥିବା ପୋଷ୍ଟ ଆପତ୍ତିଜନକ ଏବଂ ଏହା ଭାରତର ସାର୍ବଭୌମତ୍ୱକୁ ☞ପୃଷ୍ଠା-୫







## ଦକ୍ଷିଣ କୋରିଆ ରାଷ୍ଟ୍ରଦୂତଙ୍କୁ ସମନ

କଶ୍ମୀର ଉପରେ ହ୍ୟୁଣ୍ଡାଇର ବିବାଦୀୟ ପୋଷ୍ଟକୁ କେନ୍ଦ୍ର କରି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଦକ୍ଷିଣ କୋରିଆ ରାଷ୍ଟ୍ରଦୂତଙ୍କୁ ସମନ କରାଯାଇଛି। ରାଷ୍ଟ୍ରଦୂତ ଚାଙ୍ଗ୍ ଜେ-ବୋକ୍‌ଙ୍କୁ ଏହା ଉପରେ ସ୍ପଷ୍ଟୀକରଣ ମଗାଯାଇଛି। ସେହିପରି ସିଓଲରେ ଥିବା ଭାରତୀୟ ରାଷ୍ଟ୍ରଦୂତ ଶ୍ରୀପ୍ରିୟା ରଙ୍ଗନାଥନ ମଧ୍ୟ ହ୍ୟୁଣ୍ଡାଇ ମୁଖ୍ୟାଳୟକୁ କେତେଜଣ ଅଧିକାରୀଙ୍କୁ ପଠାଇଛନ୍ତି। ଭାରତର ଅଖଣ୍ଡତା ଉପରେ ଏହି ପ୍ରସଙ୍ଗ ଜଡ଼ିତ ଥିବାରୁ କମ୍ପାନୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ବହିର୍ବ୍ୟାପାର ☞ପୃଷ୍ଠା-୫



# ପ୍ରତିଶ୍ରୁତିରେ ପୋତିଲେ ଯୋଗୀ, ଅଖିଳେଶ


ଭାଜପାର ଲୋକ କଲ୍ୟାଣ ସଂକଳ୍ପପତ୍ର ଉନ୍ମୋଚନ କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ।


ଲକ୍ଷ୍ନୌରେ ଏକ ଭର୍ଚୁଆଲ ରାଲିବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ।

**ଲକ୍ଷ୍ନୌ,୮।୨**

ଉତ୍ତର ପ୍ରଦେଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ମାତ୍ର ୨ ଦିନ ବାକି ଥିବାବେଳେ ଶାସକ ଭାଜପା ଏବଂ ବିରୋଧୀ ସମାଜବାଦୀ ପାର୍ଟି ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ନିଜ ନିଜ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଭାଜପା ପକ୍ଷରୁ ୟୁପି ଅଧ୍ୟକ୍ଷ ସ୍ୱତନ୍ତ୍ର ଦେବ ସିଂ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉନ୍ମୋଚନ କରିଥିବା ମେନିଫେଷ୍ଟୋର ଶୀର୍ଷକ 'ଲୋକ କଲ୍ୟାଣ ସଂକଳ୍ପପତ୍ର ୨୦୨୨' ରଖାଯାଇଛି। ଭାଜପା ପୁନର୍ବାର କ୍ଷମତାସୀନ ହେଲେ 'ଲଭ୍ ଜେହାଦ'ରେ ସମ୍ପୃକ୍ତି ପ୍ରମାଣିତ ହେଲେ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସାଙ୍ଗକୁ ୧ ଲକ୍ଷ ଟଙ୍କା ଜରିମାନା କରାଯିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ୨୦୧୭ ବିଧାନସଭା ଇସ୍ତାହାରରେ ଦିଆଯାଇଥିବା ୨୧୨ ପ୍ରତିଶ୍ରୁତି ମଧ୍ୟରୁ ୯୨ଟି ଭାଜପା ପୂରଣ କରିଥିବା ଶାହା କହିଛନ୍ତି। ଅନ୍ୟପକ୍ଷେ ଲକ୍ଷ୍ନୌର ଏସ୍‌ପି ମୁଖ୍ୟାଳୟରେ ଅଧ୍ୟକ୍ଷ ଅଖିଳେଶ ଯାଦବ ଜାରି କରିଥିବା ଦଳୀୟ ଇସ୍ତାହାରରେ ନିଯୁକ୍ତି ଓ ମାଗଣା ବିଦ୍ୟୁତ୍ ଯୋଗାଣ ଭଳି ପ୍ରତିଶ୍ରୁତି ଦିଆଯାଇଛି।

## ଭାଜପା ସଂକଳ୍ପପତ୍ର

୧. ଉତ୍ତର ପ୍ରଦେଶର ଚାଷୀଙ୍କୁ ଆସନ୍ତା ୫ ବର୍ଷ ମଧ୍ୟରେ ଜଳସେଚନ ପାଇଁ ମାଗଣା ବିଦ୍ୟୁତ୍ ଯୋଗାଇ ଦିଆଯିବ।
୨. ଚାଷୀଙ୍କୁ ଆଖୁ ବିକ୍ରିର ଟଙ୍କା ୧୪ ଦିନ ଭିତରେ ଦିଆ ନ ଗଲେ ମିଲର୍ସଙ୍କୁ ସୁଧ ସହିତ ଦେୟ ପଇଠ କରିବାକୁ ପଡ଼ିବ।
୩. ପ୍ରତି ଜିଲାରେ ଅତ୍ୟାଧୁନିକ ସରକାରୀ ହସ୍ପିଟାଲ ପ୍ରତିଷ୍ଠା କରାଯିବ।
୪. ରାଜ୍ୟ ସରକାର ଗହମ ଓ ଧାନ କିଣାରେ ଏମ୍ଏସ୍‌ପି ବ୍ୟବସ୍ଥାକୁ ସୁଦୃଢ଼ କରିବେ।
୫. ରାଣୀ ଲକ୍ଷ୍ମୀବାଈ ଯୋଜନାରେ ମେଧାବୀ ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ। ସେମାନଙ୍କୁ ମାଗଣାରେ ସ୍କୁଟର ଦିଆଯିବ।
୬. ସ୍ୱାମୀ ବିବେକାନନ୍ଦ ଯୁବ ସଶକ୍ତୀକରଣ ଯୋଜନାରେ ୨ କୋଟି ଟାବ୍‌ଲେଟ ଓ ସ୍ମାର୍ଟଫୋନ୍ ବଣ୍ଟନ କରାଯିବ।
୭. ବୁନ୍ଦେଲଖଣ୍ଡରେ ରେକର୍ଡ ସମୟରେ ଜେନେରାଲ ବିପିନ ରାୱତ୍ ଡିଫେନ୍ସ ଇଣ୍ଡଷ୍ଟ୍ରିଆଲ କରିଡର ପ୍ରତିଷ୍ଠା କରାଯିବ।
୮. ଲଭ୍ ଜେହାଦ'ରେ ସମ୍ପୃକ୍ତି ପ୍ରମାଣିତ ହେଲେ ଦୋଷୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ଏବଂ ୧ ଲକ୍ଷ ଟଙ୍କା ଜରିମାନା କରାଯିବ।

## ଏସ୍‌ପିର ଇସ୍ତାହାର

୧. ଏମ୍ଏସ୍ଏମ୍ଇ କ୍ଷେତ୍ରରେ ୧ କୋଟି କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ।
୨. ଆଇଟି ସେକ୍ଟରରେ ୨୨ ଲକ୍ଷ ଯୁବତୀଯୁବକଙ୍କୁ ଚାକିରି ଦିଆଯିବ।
୩. ୟୁପି ସରକାରଙ୍କ ଶିକ୍ଷା ବିଭାଗରେ ଖାଲି ଥିବା ସମସ୍ତ ପଦବୀ ପୂରଣ କରାଯିବ।
୪. ସରକାରୀ ନିଯୁକ୍ତିରେ ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯିବ।
୫. ଝିଅଙ୍କ ପାଇଁ ସ୍ନାତକୋତ୍ତର ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ କରାଯିବ।
୬. କୃଷକଙ୍କୁ ଜଳସେଚନ ପାଇଁ ମାଗଣା ବିଦ୍ୟୁତ୍ ଯୋଗାଣ କରାଯିବ, ଯାହାକି ସେମାନଙ୍କୁ ୨୦୨୫ ସୁଦ୍ଧା ଋଣମୁକ୍ତ ହେବାରେ ସହାୟକ ହେବ।
୭. ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ଥିବା ପରିବାରଗୁଡ଼ିକୁ ବର୍ଷକୁ ୨ଟି ମାଗଣା ସିଲିଣ୍ଡର ଦିଆଯିବ।
୮. ଅଟୋ ରିକ୍ସା ଡ୍ରାଇଭରଙ୍କୁ ମାସିକ ୩ ଲିଟର ଏବଂ ବାଇକ୍ ରଖିଥିବା ବ୍ୟକ୍ତିଙ୍କୁ ୧ ଲିଟର ପେଟ୍ରୋଲ ମାଗଣାରେ ଯୋଗାଇ ଦିଆଯିବ।

# କଂଗ୍ରେସ ଗଣତନ୍ତ୍ର ବିରୋଧୀ, ବଂଶବାଦୀ

## ରାଜ୍ୟ ସଭାରେ ବର୍ଷିଲେ ପ୍ରଧାନମନ୍ତ୍ରୀ


ରାଜ୍ୟ ସଭାରେ ମଙ୍ଗଳବାର ଉଦ୍‌ବୋଧନ ଦେଉଛନ୍ତି ପ୍ରଧାନମନ୍ତ୍ରୀ।

**ନୂଆଦିଲ୍ଲୀ,୮।୨**

କଂଗ୍ରେସ ଏକ ଗଣତନ୍ତ୍ର ବିରୋଧୀ ପାର୍ଟି। ମୁଖ୍ୟ ବିରୋଧୀ ଦଳ ପାରିବାରିକ ରାଜନୀତି ଉପରେ ବିଶ୍ୱାସ କରେ। କଂଗ୍ରେସ ସଂଘୀୟ ବ୍ୟବସ୍ଥାକୁ ଦଳିଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କଡ଼ା ସମାଲୋଚନା କରିଛନ୍ତି।

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ବେଳେ ପ୍ରଧାନମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି, କଂଗ୍ରେସ ଦଳର ଚିନ୍ତନ 'ସହରୀ ନକ୍ସଲ'ଙ୍କ ଜାଲରେ ଛନ୍ଦି ହୋଇଯାଇଛି। ଭାଜପା ଓ କେନ୍ଦ୍ର ସରକାର ଦେଶର ଇତିହାସ ବଦଳାଇବାକୁ ଉଦ୍ୟମ କରୁଥିବା କଂଗ୍ରେସ କହୁଛି। କଂଗ୍ରେସର ବିଚାରଧାରାକୁ ଦେଖିଲେ ମନେହେଉଛି ଯେ, ଏହାକୁ ସହରାଞ୍ଚଳର ମାଓବାଦୀମାନେ ଅପହରଣ କରିନେଇଛନ୍ତି। ଆମେ କେବଳ କେତେଜଣ ଲୋକଙ୍କ ସ୍ମରଣଶକ୍ତିକୁ ଉନ୍ନତ କରିବାକୁ ଚାହୁଁଛୁ, ଦେଶର ଇତିହାସରେ କୌଣସି ପରିବର୍ତ୍ତନ ଆଣୁନାହୁଁ। କେତେଜଣ ବ୍ୟକ୍ତିଙ୍କ ଇତିହାସ ସେମାନଙ୍କ ପରିବାରରେ ସୀମିତ ହୋଇଯାଇଛି। ଏଭଳି ବଂଶବାଦ ରାଜନୀତିରେ ବିଶ୍ୱାସ କରୁଥିବା ଦଳଗୁଡ଼ିକ ଭାରତୀୟ ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ବିପଦ। ପ୍ରଧାନମନ୍ତ୍ରୀଙ୍କ ପୁଅଙ୍କୁ ଏୟାରପୋର୍ଟରେ ମୁଖ୍ୟମନ୍ତ୍ରୀମାନଙ୍କ ବ୍ୟବହାର ଭଲ ଲାଗିଲାନି ବୋଲି ସେମାନଙ୍କୁ ହଟାଇଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଟାର୍ଗେଟ କରିଛନ୍ତି।

ସେହିପରି ଗତ ସପ୍ତାହରେ କଂଗ୍ରେସ ସଦସ୍ୟ ରାହୁଲ ଗାନ୍ଧୀ ଲୋକ ସଭାରେ ସଂଘୀୟ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଦେଇଥିବା ମନ୍ତବ୍ୟକୁ ନେଇ ମୋଦି କହିଥିଲେ, ରାଷ୍ଟ୍ରକୁ ନେଇ ମଧ୍ୟ କଂଗ୍ରେସର ସମସ୍ୟା ରହିଛି। ଯଦି 'ରାଷ୍ଟ୍ର' ଶବ୍ଦ ଅସାମ୍ବିଧାନିକ ତେବେ ତୁମ ଦଳର ନାମ ଭାରତୀୟ ଜାତୀୟ କଂଗ୍ରେସ କାହିଁକି ରଖିଛ ବୋଲି ପ୍ରଶ୍ନ କରିଛନ୍ତି। ଏହାକୁ ବଦଳାଇ 'ଫେଡେରେଶନ୍ ଅଫ୍ କଂଗ୍ରେସ' କର। ତୁମ ପୂର୍ବସୂରୀମାନଙ୍କ ଭୁଲ୍‌ଗୁଡ଼ିକୁ ସୁଧାର ବୋଲି ମୋଦି ପରାମର୍ଶ ଦେଇଥିଲେ। ଏହି ଅବସରରେ ମୋଦି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କୁ ମଧ୍ୟ ଟାର୍ଗେଟ କରିବାକୁ ଭୁଲି ନ ଥିଲେ। କହିଥିଲେ, ଗୋଆକୁ ପର୍ତ୍ତୁଗାଲମାନଙ୍କ ଦଖଲରୁ ମୁକ୍ତ କରିବା ପାଇଁ ନେହେରୁ କୌଣସି ପଦକ୍ଷେପ ନେଇ ନ ଥିଲେ। ସେ ୧୫ ବର୍ଷ ଧରି ଗୋଆକୁ ସଶସ୍ତ୍ର ବଳଙ୍କୁ ପଠାଇ ନ ଥିଲେ। କାରଣ ଏପରି କଲେ ତାଙ୍କର ଅନ୍ତର୍ଜାତୀୟ ଛବି ମଳିନ ହୋଇଯିବ ବୋଲି ନେହେରୁ ମନେକରୁଥିଲେ। ଗୋଆ ବିଧାନସଭା ନିର୍ବାଚନକୁ ସପ୍ତାହେ ବାକି ଥିବାବେଳେ ମୋଦି ଏଭଳି ଭାବେ କଂଗ୍ରେସକୁ ଘେରିବାକୁ ଉଦ୍ୟମ କରିଛନ୍ତି।

### ମୋଦି ଭୟଭୀତ: ରାହୁଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସକୁ ଭୟ କରୁଛନ୍ତି। ସେଥିପାଇଁ ସେ ପାର୍ଲାମେଣ୍ଟରେ ନିଜ ବକ୍ତବ୍ୟରେ କେବଳ କଂଗ୍ରେସକୁ ସମାଲୋଚନା କରିଛନ୍ତି ବୋଲି ରାହୁଲ ଗାନ୍ଧୀ ମତ ଦେଇଛନ୍ତି। ରାହୁଲ କହିଛନ୍ତି, ସେ ୩ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ମୋଦି ୨ଟି ଭାରତ ସୃଷ୍ଟି କରିଛନ୍ତି। ଗୋଟିଏ ଅତ୍ୟନ୍ତ ଧନୀ ଭାରତ ଓ ଅନ୍ୟଟି ଗରିବ। ସେହିପରି ମୋଦି ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଧ୍ୱଂସ କରିବାରେ ଲାଗିଛନ୍ତି। ତୃତୀୟରେ ଭାରତକୁ ବିପଦ ଭିତରକୁ ଠେଲିଦେଉଛନ୍ତି। ଦେଶର ଦେବାଳିଆ ବହିର୍ବ୍ୟାପାର ନୀତି ଚାଇନା ଓ ପାକିସ୍ତାନକୁ ଏକାଠି କରିଥିବା ରାହୁଲ କହିଥିବାବେଳେ ପ୍ରଧାନମନ୍ତ୍ରୀ ଏହା ଉପରେ କିଛି ବିବୃତି ରଖି ନ ଥିଲେ। ଏହି ଭଦ୍ରଲୋକ ନିଜ ଦାୟିତ୍ୱକୁ ଭଲଭାବେ ବୁଝନ୍ତି ନାହିଁ। ତୁମେ ଯଦି କଂଗ୍ରେସ ଓ ନେହେରୁଙ୍କୁ ବଦନାମ କରିବାକୁ ଭଲପାଅ ତେବେ ମୋର ଅତିଥି ହୋଇଯାଅ। କିନ୍ତୁ ଅନ୍ତତଃ ନିଜ ଦାୟିତ୍ୱ ସମ୍ପାଦନ କର। ନେହେରୁଙ୍କ ତ୍ୟାଗ ଉପରେ ପ୍ରଧାନମନ୍ତ୍ରୀଙ୍କ ସାର୍ଟିଫିକେଟ ଲୋଡ଼ାନାହିଁ ବୋଲି ରାହୁଲ କହିଥିଲେ।


କଂଗ୍ରେସ ନେତା ରାହୁଲ ଗାନ୍ଧୀ

# ଚାଉଳକୁ ନେଇ ବିଜେଡି, ଭାଜପା ନାଟକ କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ଅରୁଆ ଓ ଉଷୁନା ଚାଉଳକୁ ନେଇ ରାଜନୀତି ଜୋର୍ ଧରିଛି। ସମ୍ପ୍ରତି ପଞ୍ଚାୟତ ନିର୍ବାଚନ ଥିବାରୁ ଅରୁଆ ଓ ଉଷୁନା ଚାଉଳକୁ ନେଇ ଉଭୟ ଶାସକ ବିଜେଡି ଏବଂ ଭାଜପା ନାଟକବାଜି କରୁଛନ୍ତି ବୋଲି ପ୍ରଦେଶ କଂଗ୍ରେସ କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ରାଜ୍ୟରେ ଧାନକିଣାକୁ ନେଇ ଅବ୍ୟବସ୍ଥା ଲାଗିରହିଥିବା ବେଳେ ଚାଷୀଙ୍କ ନିକଟରୁ ନିଜକୁ ବଞ୍ଚାଇବା ପାଇଁ ଉଭୟ ଦଳ ଏଭଳି ରାଜନୀତି ରଚିଛନ୍ତି। ଜାଣି ଅଜଣା ପରି ରାଜ୍ୟ ସରକାର ଯଥେଷ୍ଟ ପୂର୍ବରୁ କାହିଁକି ସଂଘୀୟ ବ୍ୟବସ୍ଥାରେ ଓଡ଼ିଶା ଚାଷୀଙ୍କ ହକ୍ ପାଇଁ ୧୭ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଓ ଅରୁଆ ଚାଉଳ ଉଠାଇବାକୁ ଦାବି କଲେ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଛତିଶଗଡ଼ ସରକାର ଯେପରି ଚାଷୀଙ୍କୁ ଏମ୍ଏସ୍‌ପି ଉପରେ ପ୍ରାୟ ୫୬୦ଟଙ୍କା ବୋନସ୍ ଦେଉଛନ୍ତି, ସେହିପରି ଓଡ଼ିଶା ସରକାରଙ୍କର ଯଦି ଚାଷୀଙ୍କ ପାଇଁ ସତରେ ଚିନ୍ତା ରହିଛି ତେବେ ପ୍ରତି କ୍ୱିଣ୍ଟାଲରେ ୫୦୦ ଟଙ୍କା ବୋନସ ଦିଅନ୍ତୁ। ଓଡ଼ିଶାରେ ଉଷୁନା ଚାଉଳ ମୁଖ୍ୟ ଉତ୍ପାଦ ହୋଇଥିବାବେଳେ ଅରୁଆ ପ୍ଲାଣ୍ଟ ପ୍ରୋସେସିଂ ୟୁନିଟ ଭିତ୍ତିଭୂମି, ବୈଷୟିକ ଜ୍ଞାନକୌଶଳ ପ୍ରଦାନ ଓ ଆବଶ୍ୟକ ସଂଖ୍ୟକ ଗୋଦାମ ଘର ନିର୍ମାଣ ଲାଗି ସୁଯୋଗ ସୃଷ୍ଟି କରାଯାଇ ନାହିଁ। ଅପରପକ୍ଷେ ପ୍ରଧାନମନ୍ତ୍ରୀ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବେ ବୋଲି ୫ବର୍ଷ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଏପର୍ଯ୍ୟନ୍ତ ହୋଇନାହିଁ। ସେହିପରି ଜାତୀୟ ସାମ୍ପୁଲ ସର୍ଭେ ଅନୁଯାୟୀ ଓଡ଼ିଶା ଚାଷୀଙ୍କ ଆୟ ବର୍ତ୍ତମାନ ତଳ ଆଡ଼ୁ ଦ୍ୱିତୀୟରେ ରହିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସାର ଯୋଗାଣରେ ମଧ୍ୟ ଅବହେଳା କରିଚାଲିଛନ୍ତି। ଯଦି କେନ୍ଦ୍ର ସରକାର ଓଡ଼ିଶାର ୨ଲକ୍ଷ ମେଟ୍ରିକ ଟନ୍ ଅରୁଆ ଓ ୧୫ଲକ୍ଷ ମେଟ୍ରିକ ଟନ ଉଷୁନା ଚାଉଳକୁ ଯୁଦ୍ଧକାଳୀନ ଭିତ୍ତିରେ ନ ଉଠାନ୍ତି ତେବେ ରାଜ୍ୟର ୧୦ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ କରିବେ କ'ଣ ଏବଂ ସେମାନଙ୍କ ଆୟ କିପରି ଦ୍ୱିଗୁଣିତ ହେବ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ପ୍ରଚାରକୁ ଓହ୍ଲାଇଲେ ଦୁଇ ଗର୍ଭବତୀ ପ୍ରାର୍ଥୀ

**ନିରାକାରପୁର,୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନିରାକାରପୁର ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଭାବେ ଦୁଇଜଣ ଗର୍ଭବତୀ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ନିରାକାରପୁର ପଞ୍ଚାୟତ ସରପଞ୍ଚ ପଦ ପାଇଁ ପଛୁଆ ବର୍ଗ ମହିଳା ହୋଇଥିବା ବେଳେ ସମିତିସଭ୍ୟ ପ୍ରାର୍ଥୀ ପାଇଁ ସାଧାରଣ ବର୍ଗ ମହିଳା ରହିଛି। ତେବେ ସରପଞ୍ଚ ପ୍ରାର୍ଥୀ ପାଇଁ ୫ଜଣ ନିର୍ବାଚନ ଲଢୁଥିବା ବେଳେ ୨ଜଣ ସମିତି ସଭ୍ୟ ପ୍ରାର୍ଥୀଭାବେ ନିର୍ବାଚନ ଲଢୁଛନ୍ତି। ଏମାନଙ୍କ ମଧ୍ୟରୁ ଦୁଇଜଣ ଗର୍ଭବତୀ ପ୍ରାର୍ଥୀ ରହିଛନ୍ତି। ଜଣେ ସରପଞ୍ଚ ଓ ଅନ୍ୟ ଜଣେ ସମିତିସଭ୍ୟ ପଦବୀ ପାଇଁ ଲଢୁଛନ୍ତି। ଏହି ପ୍ରାର୍ଥୀଦ୍ୱୟ ସମର୍ଥକଙ୍କ ସହ ଘର ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

# ଶାସକ ଦଳର ଗୁଣ୍ଡାଗର୍ଦ୍ଦି ଗଣତନ୍ତ୍ର ପ୍ରତି ବିପଦ: ଭାଜପା


ରାଜ୍ୟ ନିର୍ବାଚନ କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ନେତୃବୃନ୍ଦ।

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ସରକାରୀ କଳର ଅପବ୍ୟବହାର କରି ଶାସକ ଦଳ କାର୍ଯ୍ୟକର୍ତ୍ତାଙ୍କ ଗୁଣ୍ଡାଗର୍ଦ୍ଦି ବର୍ତ୍ତମାନ ରାଜ୍ୟର ସ୍ୱଚ୍ଛ ଗଣତନ୍ତ୍ର ପ୍ରତି ବିପଦ ଆଣିଛି। ଏହାସତ୍ତ୍ୱେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସମସ୍ତ ବିଧିବ୍ୟବସ୍ଥାକୁ ଫୁ କରିଦେଇ ବ୍ୟାପକ ଅର୍ଥ ବଣ୍ଟନ ନିର୍ବାଚନ ଆଚରଣ ବିଧିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି। ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟରଙ୍କୁ ଟଙ୍କା। ବାଣ୍ଟି ଭୟଭୀତ କରାଇ ଜୋରଜବରଦସ୍ତ ଭୋଟ ହାତେଇବାର ବହୁ ଘଟଣାର ଭିଡିଓ ସର୍ବସାଧାରଣରେ ଭାଇରାଲ ହେଉଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ପ୍ରତିନିଧି ଦଳ ଦାବି କରିଛି। ମଙ୍ଗଳବାର ଭାଜପା ତରଫରୁ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ତଥ୍ୟ ଓ ପ୍ରମାଣ ସହିତ ଅଭିଯୋଗ କରାଯିବା ସହ ଏହି ଘଟଣାର ବିହୀତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରାଯାଇଛି। ଭାଜପା ଅଭିଯୋଗ କରିଛି, ମାଲକାନଗିରିର ଜିଲା ପରିଷଦ ଜୋନ୍–୩ ଗୁମୁଖା ପଞ୍ଚାୟତରେ ଏକ ନିର୍ବାଚନୀ ସଭାରେ ଶାସକ ବିଜେଡି ନେତୃବୃନ୍ଦ ଖୋଲାଖୋଲି ଟଙ୍କା ବାଣ୍ଟି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିର୍ଦ୍ଦେଶ ଦେଉଛନ୍ତି। ସେହିପରି ପୁରୀ ଜିଲା କାକଟପୁର ନିର୍ବାଚନମଣ୍ଡଳୀର ଜୋନ୍–୭ରେ ମଧ୍ୟ ବିଜେଡି କାର୍ଯ୍ୟକର୍ତ୍ତାମାନେ ଧମକଚମକ ଦେଇ ଭୋଟରଙ୍କୁ ଭୟଭୀତ କରିବାର ଦୃଶ୍ୟ ଭାଇରାଲ ହୋଇଛି। ଏହି ୨ ଘଟଣାରେ ଶାସକ ଦଳ କାର୍ଯ୍ୟକର୍ତ୍ତାଙ୍କ ଆଚରଣ ବିଧି ଉଲ୍ଲଂଘନକୁ ନେଇ ବିହୀତ ପଦକ୍ଷେପ ଗ୍ରହଣ ଦାବିରେ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଭାଜପା ଦାବି କରିଛି।

# ବିଜେଡି ନେତାଙ୍କ ଟଙ୍କା ବଣ୍ଟା ଭିଡିଓ ଭାଇରାଲ

**ମାଲକାନଗିରି,୮।୨(ଡି.ଏନ୍.ଏ.):** ମାଲକାନଗିରି ଜିଲା କାଳିମେଳା ବ୍ଲକ ଜୋନ୍–୩ର ତାଟିଗୁଡା, ଗୁମୁକା ଗ୍ରାମରେ ବିଜେଡିର ନିର୍ବାଚନ ପ୍ରଚାର ସଭାରେ ସୋମବାର କେତେ ଜଣ ମହିଳାଙ୍କୁ ଜଣେ ବିଜେଡି ନେତା ଟଙ୍କା ବାଣ୍ଟୁଥିବାର ଭିଡିଓ ଭାଇରାଲ ହୋଇଛି। ଏହାକୁ ନେଇ ଅଡୁଆରେ ପଡିଛି ବିଜେଡି। କିନ୍ତୁ ବିଜେଡିର ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା ଏହାକୁ ଖଣ୍ଡନ କରି କହିଛନ୍ତି, ସଭା ଚାଲିଥିବା ବେଳେ କେତେଜଣ ମହିଳା କର୍ମୀ ସେମାନଙ୍କ ଆଦିବାସୀ ପରମ୍ପରା ଅନୁଯାୟୀ ଆମମାନଙ୍କ ମଥାରେ ତିଳକ ଲଗାଇ ଫୁଲ ପକାଇଥିଲେ। ପରମ୍ପରା ଅନୁଯାୟୀ ସେମାନଙ୍କୁ କିଛି ଅର୍ଥ ପ୍ରଦାନ କରା ଯାଇଥିଲା। ଦଳକୁ ବଦନାମ କରିବା ପାଇଁ କେହି ଜଣେ ଏହାର ଭିଡିଓ କରି ଭାଇରାଲ କରିଥିବା ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ସୋମବାର କଂଗ୍ରେସ ଏକ ଖବରଦାତା ସମ୍ମିଳନୀରେ ବିଜେଡି ବିରୋଧରେ ଅନେକ ଅଭିଯୋଗ ଆଣିଥିଲା। ଭାଜପା ମଧ୍ୟ ବିଜେଡି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲା। ସ୍ୱାଭିମାନ ଅଞ୍ଚଳରେ ବିଜେଡିର ନିର୍ବାଚନୀ ସଭାରେ ଜଣେ ସରକାରୀ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଭାଷଣ ଦେଇଥିବା ଅଭିଯୋଗ ଆଣି ଭାଜପା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲା।

# ମୁଖ୍ୟମନ୍ତ୍ରୀ, ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ କୁଶ ପୁତୁଳିକା ଦାହ

**ଭବାନୀପାଟଣା,୮।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗ ମମିତା ହତ୍ୟା ଘଟଣାକୁ ଇତିମଧ୍ୟରେ ୧୨୦ ଦିନ ବିତିଯାଇଛି। ଏପରିସ୍ଥଳେ ଏହି ଘଟଣାକୁ ନେଇ ବିଭିନ୍ନ ସମୟରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ, କଳାପତାକା ପ୍ରଦର୍ଶନ କରାଯାଉଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ପୁଣି ଥରେ ଏହି ଘଟଣାକୁ ନେଇ କଂଗ୍ରେସ ତାତିଛି। ଜିଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡି ଓ କାଣ୍ଡେଲଛକଠାରେ ମମିତାଙ୍କୁ ନ୍ୟାୟ ଦାବି ନେଇ କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ କୁଶ ପୁତୁଳିକା ଦାହ କରାଯାଇଛି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେଇ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ମିଶ୍ରଙ୍କୁ ବହିଷ୍କାର କରନ୍ତୁ, ନଚେତ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ମିଶ୍ର ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଥିଲା। ଏହି ସମୟରେ ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ସ୍ଥାନୀୟ ଜିଲା ପରିଷଦ ପ୍ରାର୍ଥିନୀ ରତ୍ନମାଳା ମାଝି, ଜୋସ୍ନାମୟୀ ବଗର୍ତ୍ତୀ, ବ୍ଲକ ଉପାଧ୍ୟକ୍ଷ ରଜନୀ ପୋଡ଼, ଯୁବ କଂଗ୍ରେସ ବ୍ଲକ ସଭାପତି କପିଳ ବାଗ, ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଓ, ପ୍ରଦୀପ ସାହୁ, ସୂର୍ଯ୍ୟ ଦାଶ, ଗୁରୁ ବଗର୍ତ୍ତୀ, ବରୁଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ମମିତାଙ୍କୁ ନ୍ୟାୟ ଦାବିରେ ପୁଣି ତାତିଲା କଂଗ୍ରେସ


କଂଗ୍ରେସ ପକ୍ଷରୁ ବିକ୍ଷୋଭ ସହ କୁଶ ପୁତୁଳିକା ଦାହ କରାଯାଉଛି।

# ବିଜେଡିର କ୍ଲିନ ସୁଇପ୍, ଭାଜପାର ୧୨ ଆସନ ଲକ୍ଷ୍ୟ

## ସମ୍ବଲପୁର ଜିଲା ପରିଷଦ ଆସନ

## ନେତାଙ୍କ ଦମ୍ଭୋକ୍ତି, ଭୋଟର ନୀରବ

**ସମ୍ବଲପୁର,୮।୨(ବ୍ୟୁରୋ)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ସମ୍ବଲପୁର ଜିଲା ରାଜନୀତି ସରଗରମ ହେଉଛି। ବିଜେଡି ପକ୍ଷରୁ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ତୁହାକୁ ତୁହା ଜିଲା ଗସ୍ତରେ ଆସି ଦଳୀୟ ସଙ୍ଗଠନ, ପ୍ରାର୍ଥୀଙ୍କୁ ନେଇ ବୈଠକ କରୁଛନ୍ତି। ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ନିର୍ବାଚନରୁ ଦୂରେଇ ରହିଥିବା ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଭାଜପାର ଜୟ ନାରାୟଣ ମିଶ୍ରଙ୍କୁ ନିର୍ବାଚନ ମଇଦାନରେ ଦେଖିବାକୁ ମିଳିଛି। ଗତ ୩ଦିନ ହେଲା ସେ ରେଢାଖୋଲ, କୁଚିଣ୍ଡା, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଗସ୍ତ କରି ଦଳୀୟ ସଙ୍ଗଠନ ଓ ନିଜ ସମର୍ଥକଙ୍କୁ ନେଇ ରଣନୀତି ପ୍ରସ୍ତୁତ କରୁଛନ୍ତି। ଜୟଙ୍କୁ ନେଇ ହେଉଥିବା ଆଲୋଚନାର ଅନ୍ତ ହେବା ସହ ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି। ଅନ୍ୟପଟେ ଶ୍ରମମନ୍ତ୍ରୀ ସିଂ କହିଛନ୍ତି, ଚଳିତ ନିର୍ବାଚନରେ ବିଜେଡି କ୍ଲିନ ସୁଇପ କରିବ। ଜିଲାର ସମସ୍ତ ୧୮ ଗୋଟି ଜିଲାପରିଷଦ ଆସନ ବିଜେଡି ହାତକୁ ଯିବାର ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ପକ୍ଷରୁ ପ୍ରାର୍ଥୀମାନେ ନିର୍ବାଚନକୁ ଓହ୍ଲାଇଛନ୍ତି। ଏହାସହ ପ୍ରାର୍ଥୀମାନଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଜିଲା ସଙ୍ଗଠନ ଦୃଢ଼ ରହିଥିବାରୁ ବିଜେଡିର ବିଜୟ ନିଶ୍ଚିତ ହେବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଅନ୍ୟପଟେ ବିଧାୟକ ମିଶ୍ର କହିଛନ୍ତି, ଭାଜପା ୧୨ ଗୋଟି ସିଟ୍‌ରେ ବିଜୟୀ ହେବାକୁ ଲକ୍ଷ୍ୟ ରଖିଛି। ଜିଲାପରିଷଦ ଗଠନ ଗତଥର ଭଳି ଭାଜପା ହାତକୁ ଯିବ। ଭାଜପା ଲୋକମାନଙ୍କ ସହ ରହିଛି। ଜନମତ ଭାଜପାକୁ ମିଳିବ ବୋଲି କହିଥିଲେ। ମନ୍ତ୍ରୀ ଓ ବିଧାୟକଙ୍କ ଦମ୍ଭୋକ୍ତିର ଫଳ ମତଦାତାଙ୍କ ହାତରେ ରହିଛି ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ ଚଳିତଥର ଜିଲାପରିଷଦ ଅଧ୍ୟକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷିତ।

ଚଳିତ ନିର୍ବାଚନରେ ଏପର୍ଯ୍ୟନ୍ତ ଭୋଟମାନଙ୍କ ମଧ୍ୟରେ ସେଭଳି ଉତ୍ସାହ ଦେଖିବାକୁ ମିଳୁନାହିଁ। ଦଳୀୟ ବୈଠକରେ କେବଳ କର୍ମକର୍ତ୍ତାମାନଙ୍କୁ ଦେଖିବାକୁ ମିଳୁଛି। ଜିଲାର ରେଢାଖୋଲ ନିର୍ବାଚନ ମଣ୍ଡଳୀରେ ୭, କୁଚିଣ୍ଡାରେ ୬ ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ୫ ଏପରି ମୋଟ ୧୮ ଗୋଟି ଜୋନ ରହିଛି। ଭାଜପା, ବିଜେଡି, କଂଗ୍ରେସ ୩ ପ୍ରମୁଖ ଦଳ ସାଙ୍ଗକୁ ଆପ ଦଳ ନିର୍ବାଚନ ମଇଦାନରେ ଅଛନ୍ତି। ଦେଖିବାକୁ ଗଲେ ଭାଜପା ଓ ବିଜେଡି ମଧ୍ୟରେ ପ୍ରାୟ ଜୋନରେ ଲଢେଇ ହେଉଛି। ବିଜେଡି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଶ୍ରମ ମନ୍ତ୍ରୀ ସିଂଙ୍କ ସମେତ ରେଢାଖୋଲ ବିଧାୟକ ତଥା ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ସଭାପତି ସିଦ୍ଧାର୍ଥ ଦାସ, ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ବିଧାୟକ ରମେଶ ପଟୁଆ ନିର୍ବାଚନର ନେତୃତ୍ୱ ନେଉଛନ୍ତି। ଭାଜପା ପକ୍ଷରୁ ସମ୍ବଲପୁର ବିଧାୟକ ମିଶ୍ରଙ୍କ ସମେତ ରେଙ୍ଗାଲି ବିଧାୟକ ତଥା ଭାଜପା ଉପସଭାପତି ନାଉରୀ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାଏକ, ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ଜିଲା ସଭାପତି ଗିରିଶ ପଟେଲ ବିଭିନ୍ନ ଅଞ୍ଚଳରେ ନେତୃତ୍ୱ ନେଉଛନ୍ତି। କଂଗ୍ରେସ ପକ୍ଷରୁ ମଧ୍ୟ ଜିଲା ସଭାପତି ଅଶ୍ୱିନୀ ଗୁରୁ ଓ ଅନ୍ୟ ଜିଲାସ୍ତରୀୟ ନେତା ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ପ୍ରଚାର କରୁଛନ୍ତି। ଫଳାଫଳକୁ ଦେଖିଲେ ୨୦୧୨ରେ ବିଜେଡି ପରିଷଦ ଗଠନ କରିଥିଲା। ହେଲେ ୨୦୧୭ରେ ଏହା ଭାଜପା ହାତକୁ ଚାଲିଯାଇଥିଲା।


ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ


ବିଧାୟକ ଜୟ ନାରାୟଣ ମିଶ୍ର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୯,୯୩,୬୮,୩୪୦ | ୫୭,୭୨,୯୮୫ | ୩୧,୯୧,୯୧,୯୯୩ |
| ଭାରତ | ୪,୨୩,୩୯,୬୧୧ | ୫,୦୪,୦୭୮ | ୪,୦୮,୪୦,୬୫୮ |
| ଓଡ଼ିଶା | ୧୨,୬୯,୮୧୧ | ୮୭୭୫(+୫୩) | ୧୨,୪୧,୫୯୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଖବରଦାତା ରୋହିତ ବିଶ୍ୱାଳଙ୍କ ପରିବାରକୁ ସରକାର ଦେଲେ ଅନୁକମ୍ପା ରାଶି

ଭୁବନେଶ୍ୱର (ବ୍ୟୁରୋ)/ ମ. ରାମପୁର, ୮।୨(ଡି.ଏନ୍.ଏ)

ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା 'ଧରିତ୍ରୀ' ଖବରକାଗଜର କଳାହାଣ୍ଡି ଜିଲା ମଦନପୁର-ରାମପୁର ବ୍ଲକ୍ ଖବରଦାତା ରୋହିତ ବିଶ୍ୱାଳଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଥିବା ମଙ୍ଗଳବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୫ତାରିଖରେ ମଦନପୁର-ରାମପୁର ଓ ମୋହନଗିରି ମଧ୍ୟସ୍ଥ ଡୋମକର୍ଲାଖୁଣ୍ଟା ପୋଲ ନିକଟରେ ଖବର ସଂଗ୍ରହ ବେଳେ ରୋହିତ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଏହି ଖବର ପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ତୁରନ୍ତ ରୋହିତଙ୍କ ପରିବାରକୁ ୧୩ ଲକ୍ଷ ଟଙ୍କା (ଓଡ଼ିଶା ପୋଲିସ ପକ୍ଷରୁ ୯ ଲକ୍ଷ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ପରିଚାଳିତ ସାମାଜିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା)ର ଅନୁକମ୍ପା ରାଶି ପ୍ରଦାନ ନେଇ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଅନୁକମ୍ପା ରାଶି ବାବଦରେ ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ରୋହିତଙ୍କ ସହଧର୍ମିଣୀ ମାଧବୀ ବିଶ୍ୱାଳଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରେରଣ କରାଯାଇଛି। ଅନ୍ୟପକ୍ଷରେ ପୋଲିସ ବିଭାଗ ପକ୍ଷରୁ ଦିଆଯିବାକୁ ଥିବା ୯ ଲକ୍ଷ ଟଙ୍କା ଜମା ରାଶି ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରଦାନ କରାଯିବ। ଏନେଇ କଳାହାଣ୍ଡି ସିଡିଏମ୍ଓଙ୍କୁ ଶୀଘ୍ର ରିପୋର୍ଟ ପ୍ରଦାନ ପାଇଁ କୁହାଯାଇଥିବା ଏସ୍‌ପି ଶ୍ରବଣ ବିବେକ ଏମ୍ ସୂଚନା ଦେଇଛନ୍ତି। ଆସନ୍ତା ୯ତାରିଖ ସୁଦ୍ଧା ରିପୋର୍ଟ ତଲବ ସହ ଘୋଷିତ ଜମାରାଶି ପ୍ରଦାନ ନେଇ ସମ୍ଭାବନା ରହିଥିବା ସେ କହିଛନ୍ତି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଣ୍ଡିତ ଦାମୋଦର ହୋତାଙ୍କ ଶେଷକୃତ୍ୟ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

ବିଶିଷ୍ଟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ, ଗବେଷକ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ଡ. ଦାମୋଦର ହୋତାଙ୍କର ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ହୋତାଙ୍କୁ ପୁରୀ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ସ୍ୱର୍ଗଦ୍ୱାରରେ ପଣ୍ଡିତ ଡ. ଦାମୋଦର ହୋତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।

ଜ୍ୟେଷ୍ଠ ପୁତ୍ର ଶିବାଶିଷ ହୋତା ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ସାନପୁଅ ଦୁର୍ଗାଶିଷ ହୋତା, ତିନିଝିଅ ପ୍ରିୟମ୍ବଦା ମିଶ୍ର, କଳ୍ପନା ପାଢୀ, ମାନସୀ ହୋତା, ତିନି ଜ୍ୱାଇଁ, କନିଷ୍ଠ ଭ୍ରାତା ଶ୍ୟାମସୁନ୍ଦର ହୋତା, ପୁତୁରା ଦେବାଶିଷ ହୋତା ଏବଂ ଆତ୍ମୀୟ ସ୍ୱଜନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଡ. ହୋତାଙ୍କ ପାର୍ଥିବ ଶରୀରକୁ ପ୍ରଥମେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟକୁ ନିଆଯାଇଥିଲା। ଅଧ୍ୟକ୍ଷ ବିଜୟ କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଛାତ୍ରୀଛାତ୍ର ତାଙ୍କର ଶେଷ ଦର୍ଶନ କରିଥିଲେ। ସେଠାରୁ ତାଙ୍କ ମରଶରୀର ପୁରୀ ଗୌଡବାଡସାହିସ୍ଥିତ ନିଜସ୍ୱ ବାସଭବନ, ଯମେଶ୍ୱର, ଅଡ଼ଙ୍ଗ ତିଆଡ଼ି ଯାଗା, ସାହି ଠାକୁରାଣୀ, ଗୌଡ଼ବାଡ଼ ସାହି ଓ ହରଚଣ୍ଡୀ ସାହି ଆଖଡ଼ାକୁ ନିଆଯାଇଥିଲା। ପରେ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସୁଭାଷ ଚନ୍ଦ୍ର ନାଥଶର୍ମା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ରିଜର୍ଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାଶ, ସମୁଦ୍ରକୂଳ ଥାନାଧିକାରୀ ଚିନ୍ମୟ ରାଉତ ପ୍ରମୁଖ ଜିଲା ପ୍ରଶାସନ ପକ୍ଷରୁ ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ସୂଚନାଯୋଗ୍ୟ, ଶନିବାର ରାତିରେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବାସଭବନ 'ସୀତାରାମ ନିବାସ'ରେ ଦାମୋଦରଙ୍କ ପରଲୋକ ଘଟିଥିଲା। ତାଙ୍କର ବଡ଼ପୁଅ, ସାନପୁଅ ଓ ବଡ଼ ଝିଅ ପରିବାର ସହ ଆମେରିକାରେ ରହୁଛନ୍ତି। ତେଣୁ ସେମାନେ ଘରକୁ ଫେରିବା ପରେ ମଙ୍ଗଳବାର ସ୍ୱର୍ଗତ ହୋତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସୀମାନ୍ତରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣ, ୪ ଯବାନ ଗୁରୁତର





ଚିକିତ୍ସାଧୀନ ୨ ଯବାନ।

ମାଲକାନଗିରି,୮।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ମାଓବାଦୀମାନେ ପୁଣି ହିଂସା ଘଟାଇଛନ୍ତି। ବିଜାପୁର ଜିଲା ଅସୁର ଏବଂ ଭୋପାଲପଟଣମ୍ ଟି-ପଏଣ୍ଟଠାରୁ ମାତ୍ର ୧୦୦ ମିଟର ଦୂରରେ ମାଓବାଦୀମାନେ ଆଇଇଡି ଖଞ୍ଜିଥିଲେ। ମଙ୍ଗଳବାର ସିଆର୍‌ପିଏଫ୍-୧୫୩ ବାଟାଲିୟନର ଯବାନମାନେ ଉକ୍ତ ରାସ୍ତାରେ କୋମ୍ବିଂ ଅପରେଶନ କରୁଥିବା ବେଳେ ଏହି ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ୪ ଯବାନ ଗୁରୁତର ଆହତ ହୋଇଥିଲେ। ସେମାନେ ହେଲେ ଡେପୁଟି କମାଣ୍ଡାଣ୍ଟ ପଲବାନ ବିଶ୍ୱାସ, ଏଏସ୍‌ଆଇ ସଦାଶିବ ଯାଦବ, ମୁଖ୍ୟ କନଷ୍ଟେବଳ ରାଜୀବ ରଞ୍ଜନ ଓ କନଷ୍ଟେବଳ ଓମ୍ ପ୍ରକାଶ। ସେମାନଙ୍କୁ ବିଜାପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ଅତିରିକ୍ତ ଏସ୍‌ପି ପଙ୍କଜ ଶୁକ୍ଲା କହିଛନ୍ତି।

# ଗବେଷକମାନଙ୍କ ପାଇଁ ଖୋଲା ହେବ ବିଧାନସଭା ପାଠାଗାର

ଭୁବନେଶ୍ୱର,୮।୨(ବ୍ୟୁରୋ)

ଏଣିକି ବିଧାନସଭା ପାଠାଗାରକୁ ଶିକ୍ଷାବିତ୍, ଗବେଷକ, ଲେଖକ, ଖବରଦାତା, ଖବରକାଗଜ ସମ୍ପାଦକ ଓ ରିସର୍ଚ୍ଚ ସ୍କଲାରମାନେ ଉପଯୋଗ କରିପାରିବେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ନିଷ୍ପତ୍ତି ନେଇଛନ୍ତି। ସମସ୍ତ ସରକାରୀ କାର୍ଯ୍ୟ ଦିବସର ସକାଳ ୧୦ଟାରୁ ଅପରାହ୍ନ ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଏହି ସୁଯୋଗ ମିଳିପାରିବ। ତେବେ ଏଥିପାଇଁ ବାଚସ୍ପତିଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡ଼ିବ। ପ୍ରକାଶ ଯେ ବିଧାନସଭା ପାଠାଗାରରେ ଅନେକ ଦୁର୍ଲଭ ପୁସ୍ତକ ଗଚ୍ଛିତ ଅଛି ଏବଂ ଗବେଷଣାମୂଳକ କାର୍ଯ୍ୟରେ ଏଗୁଡ଼ିକର ବହୁ ଉପାଦେୟତା ରହିଛି। ବିଧାନସଭା ପାଠାଗାରକୁ ମଧ୍ୟ ଡିଜିଟାଇଜେଶନ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ କେବଳ ବିଧାୟକ, ଏମ୍‌ପି, ପୂର୍ବତନ ବିଧାୟକ, ପୂର୍ବତନ ଏମ୍‌ପିମାନଙ୍କୁ ବିଧାନସଭା ପାଠାଗାର ଅନୁମତି ମିଳୁଥିଲା। ବର୍ତ୍ତମାନ ତାହାକୁ ସର୍ବସାଧାରଣ ଉପଯୋଗୀ କରିବା ବାଚସ୍ପତିଙ୍କ ଐତିହାସିକ ନିଷ୍ପତ୍ତି ବୋଲି କୁହାଯାଉଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ଅଭିନନ୍ଦନ

ପାରଳାଖେମୁଣ୍ଡି,୮।୨(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିର ଯୁକ୍ତ ୨(କଳା) ପ୍ରଥମ ବର୍ଷର ଛାତ୍ର ଅଭିନନ୍ଦନ ଡି.ଲାଲ୍‌କୁମାର ୮ସେକେଣ୍ଡରେ ୨୮ ରାଜ୍ୟର ନାମ କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ପାରଳାଖେମୁଣ୍ଡି ସହର କାବିଟି ସାହି ନିବାସୀ ଅଭିନନ୍ଦନ ସ୍ଥାନୀୟ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଢୁଛନ୍ତି। ସେ ଅନ୍‌ଲାଇନ ମାଧ୍ୟମରେ ରେକର୍ଡ ସ୍ଥାପନ ପାଇଁ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିରେ ସଫଳ ହେବାରୁ ଇଣ୍ଡିଆ ବୁକ ଅଫ୍ ରେକର୍ଡସ ପକ୍ଷରୁ ମୁଖ୍ୟ ସମ୍ପାଦକ ବିଶ୍ୱରୂପ ରାୟଚୌଧୁରୀ ତାଙ୍କୁ ପ୍ରମାଣପତ୍ର, ସିଲ୍ଡ ଓ ପଦକ ଡାକ ଯୋଗେ ପଠାଇଛନ୍ତି। ସଫଳତା ପାଇଁ ଅଭିନନ୍ଦନ ତାଙ୍କ ମା', ବାପାଙ୍କୁ ଶ୍ରେୟ ଦେଇଛନ୍ତି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ମିଳିଛି।



ଅଭିନନ୍ଦନ ଡି.ଲାଲ୍‌କୁମାର

# ଗଜଭିୟେଙ୍କୁ ଆଇଜି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୮।୨(ବ୍ୟୁରୋ)

୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର ସତିଶ କୁମାର ଗଜଭିୟେଙ୍କୁ ପଦୋନ୍ନତି ମିଳିଛି। ପୋଲିସ ଆଇଜି ଭାବେ ତାଙ୍କୁ ରାଜ୍ୟ ସରକାର ମଙ୍ଗଳବାର ପଦୋନ୍ନତି ଦେଇଛନ୍ତି। ୨୦୨୦ ଜାନୁଆରୀ ୧ରୁ ପିଛିଲା ଭାବେ ଏହା ଲାଗୁ କରିବା ଲାଗି ନୋଟିସ କରାଯାଇଛି। ପଦୋନ୍ନତି ପରେ ଗଜିଭିୟେଙ୍କୁ କେଉଁଠି ନିଯୁକ୍ତି ଦିଆଯିବ ସେ ସମ୍ପର୍କରେ ଗୃହ ବିଭାଗ ସ୍ଥିର କରିବ ବୋଲି ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ଜେସିବି, ପୋକ୍‌ଲିନ୍ ପୋଡ଼ିଲେ ମାଓବାଦୀ

ଫୁଲବାଣୀ ଅଫିସ, ୮।୨

କନ୍ଧମାଳ ଜିଲାରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସୋମବାର ରାତିରେ ଫିରିଙ୍ଗିଆ ବ୍ଲକ କିଆମୁଣ୍ଡାରେ ରାସ୍ତା ନିର୍ମାଣକୁ ବିରୋଧ କରି ଏକ ଠିକା ସଂସ୍ଥାର ଜେସିବି ଓ ପୋକ୍‌ଲିନ୍ ପୋଡ଼ିଛନ୍ତି। ଏଥିସହ ସେଠାରେ ପୋଷ୍ଟର, ବ୍ୟାନର ମାରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ମାଓବାଦୀଙ୍କ ଏପରି ଲଙ୍କାକାଣ୍ଡ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ମାଣ୍ଡ୍ରିପଡ଼ା ଠାରୁ କଣ୍ଟାମାଳ ପର୍ଯ୍ୟନ୍ତ ରାଜ୍ୟ ରାଜପଥ ନିର୍ମାଣ ଚାଲିଛି। ଦୀର୍ଘଦିନ ହେଲା ଏକ ଠିକାସଂସ୍ଥା ଏହି କାର୍ଯ୍ୟ କରୁଛି। ସୋମବାର ମଧ୍ୟରାତ୍ରିରେ ମାଓବାଦୀମାନେ କିଆମୁଣ୍ଡା ପାଖରେ ପହଞ୍ଚି ଉକ୍ତ ରାସ୍ତା କାମରେ ଲାଗିଥିବା ଏକ ଜେସିବି ଏବଂ ପୋକ୍‌ଲିନ୍ ମେଶିନରେ ନିଆଁ ଲଗାଇ ପୋଡ଼ି ଦେଇଥିଲେ। ସେଠାରେ ଲଗାଯାଇଥିବା ବ୍ୟାନରରେ ଗାଁରେ ମଦଭାଟି ବନ୍ଦ କରିବା, ସିଆର୍‌ପିଏଫ କ୍ୟାମ୍ପ ଉଠାଇବା, ମାଓବାଦୀ ନାମରେ ବଟି ମାଗୁଥିବା ଲୋକଙ୍କୁ ଗିରଫ କରିବାକୁ ଉଲ୍ଲେଖ ରହିଛି। ତଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମାଓବାଦୀ ଲେଖାରହିଛି। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଘଟଣାସ୍ଥଳରେ ପହଞ୍ଚି ନ ଥିଲେ ମଧ୍ୟ ଉକ୍ତ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି।



ମାଓବାଦୀ ପୋଡ଼ି ଦେଇଥିବା ଜେସିବି।




**ଆଜିର ମନ୍ତବ୍ୟ**

" ଫସଲ ଅମଳକୁ ନେଇ ଦେଶର ପରିବର୍ତ୍ତିତ ଆବଶ୍ୟକତା ଅନୁସାରେ ଏମ୍ଏସ୍‌ପି ପାଇଁ ଅଧିକ ପ୍ରଭାବଶାଳୀ ଓ ସ୍ୱଚ୍ଛ ବ୍ୟବସ୍ଥା କରାଯାଉଛି।

– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନ ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

**ନିତି ଅଳସୁଆ କୃଷିକି ନାଶଇ
ଋଷିକି ନାଶଇ ଦାସୀ
ହସାହସି ପାଠ ବିନେମତା ନାଶେ
ଚୋରକୁ ନାଶଇ ଖାଶି ।**

ଚାଷବାସ ପାଇଁ ଶାରୀରିକ ପରିଶ୍ରମ ଲୋଡ଼ା। ଯିଏ ଅଳସୁଆ ତା'ଦ୍ୱାରା ଏ କାମ ହୋଇପାରି ନ ଥାଏ। ଋଷିମୁନି ସାଂସାରିକ ମୋହ ବନ୍ଧନ ତୁଟାଇ ଏକାନ୍ତରେ ଜପତପ ବା ଯୋଗ ସାଧନା କରିଥାନ୍ତି। ଦାସୀ ପାଖରେ ରହିଥିଲେ ଏଥିରେ ବ୍ୟାଘାତ ସୃଷ୍ଟି ହେବାର ବହୁ ସମ୍ଭାବନା ରହିଥାଏ। ମନ ଧ୍ୟାନ ଲଗାଇ ପାଠ ପଢିଲେ ପାଠ ଭଲ ମନେ ରୁହେ। ପାଠକୁ ହାଲକା ଭାବରେ ନେଲେ ବା ହସମଜାରେ ପାଠ ପଢିଲେ ପାଠପଢ଼ିବାର ଏକାଗ୍ରତା ନଷ୍ଟ ହୋଇଯାଇଥାଏ। ସେହିପରି ଚୌର୍ଯ୍ୟ ବୃତ୍ତି ପାଇଁ କାଶ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ନବଗୁଞ୍ଜର**
**ଆପଣା ମନେ ଆପେ ସୁନ୍ଦର।**

ସାଧାରଣତଃ ସମସ୍ତେ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। ତେବେ ସିଏ ହିଁ ପ୍ରକୃତରେ ଭଲ ବୋଲି ଗଣା ହୋଇଥାଏ, ଯାହାକୁ ସମସ୍ତେ ଭଲ ବୋଲି ପ୍ରଶଂସା କରିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

# classifieds Everyday 0674-2580101, 2549302




### BRIDE WANTED

ବ୍ରହ୍ମପୁର ବାସିନ୍ଦା ପୁନେରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ। ୩୭ ବୟସ, ୬'ଉଚ୍ଚତା, ହ୍ୟାଣ୍ଡସମ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦର, ଉଚ୍ଚଶିକ୍ଷିତା ବ୍ରାହ୍ମଣ କନ୍ୟା ଆବଶ୍ୟକ। ୯୯୩୮୯୮୬୨୭୭. ଧ-୨୩୦୮୮

### GROOM WANTED

**Bengali, Kayastha fair, beautiful 28 years working girl looking for groom from educated Bengali Family. Contact: 7008946929.** D-23071

୬୦ ବୟସ୍କା ଏକାକୀ ରହୁଥିବା ପେନ୍‌ସନ Holder ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବର ଆବଶ୍ୟକ। ଯୋଗାଯୋଗ- 7608010434. D-23056




### SALE

**Chevrolet Optra Magnum for sale 2012 Model 65000K.M. running (Personal use). 8249311037.** D-71789




### SALE

**ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666.** D-23018

Sale 3BHK Duplex near Gudiapokhari, Uttara, Bhubaneswar, best price. 7008548887. D-71942

**Residential gharabari plot near English Medium School Brahmanjharilo with boundarywall, 7K.m. from Nakhara, Cuttack, 12K.m to Bhubaneswar, no Bank Loan, registration at 50% cost, balance 5years installment, no interest. 7809525452.** D-71858

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

**ମୁଖ୍ୟରାସ୍ତା ୩୦ ଫୁଟ ଥାଇ ଘରବାରି ପ୍ଲଟ୍ Boundary, Road, Electrification ଏବଂ ବୃକ୍ଷରୋପଣ ସହ ବାଲିଅନ୍ତାଠାରେ ବିକ୍ରି କରାଯାଉଅଛି। ଯୋଗାଯୋଗ: 6370469894.** D-23087

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71943

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788




Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

**Ground Floor 1700sqft. near Rabi Talkies Square, Bhubaneswar for Office, Institutions. Contact: 8249204856.** D-23057

2BHK House with Parking facility available for rent at Palasuni. Contact: 9425275445. D-23050

### ACCOMMODATION

I required a land of 2000sqft. in GGP Colony or Jagannath Nagar or Baramunda, my budget 60lakh. 9437791962. D-71013




**Relax, refresh your body, mind at Lotus SPA with best therapies. 8018891951.** D-71856

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

Newly open SPA positively health benefit with Expert. Contact: 7749976301. D-71939

Take wellness relax body massage by experienced lady therapist. 7008773793. D-71473

Open full body massage home service Ladies, Gents available. 9583808247. D-23078

Newly open full body massage ladies and gents. 8327740003. D-71859

Full body massage in homely atmosphere all therapy. Contact: 8114881641. D-60895

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71941

### LOST

I, Amrita Dash have lost my BPUT Graduation Certificate of 2014 Regd. No. 1001229181at Lingipur square, Bhubaneswar on 03.02.2022,1:15PM. If found contact: 8778042116. D-23092

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## LEGAL NOTICE

In the Court of the District Judge, Angul.
Test Case No.- 05/2012

Bibhuti Bhusan Mohanty and others .....Petitioners

Notice To Show Cause, (U/O-5 R-20 of C.P.C)

Whereas an application for probate of the WILL U/sec 276 of Indian succession Act, 1925 has been made by the above noted applicants/ petitioners to grant the probate of the "WILL" against the schedule of property in respect of Late Malati Choudhury Wife of Late Nabakrushna Choudhury.

If anyone having objection is required to appear before the Court of the District Judge, Angul on the 3rd day of March 2022 at about 10.30 AM on the motion of this notice either in person or through his/her advocate and take part in the proceeding and file show cause if any, failling which the case will be heard exparte.

Schedule of Property

Schedule "A"

Mouza: Susuda, Khata No.: 302, Plot No.- 183, Area: Ac0.17-00688, bounded on North Markanda Parida and others, South: Village Road, East: Village road, West: Plot No.- 182.

Schedule "B"

Mouza: Susuda, Khata No.- 302, Plot No.- 182, Area: Ac0.55-02225, bounded on North Markanda Parida and others, South: Village road, East: Plot No.- 183, West: Baji Rout Chhatravas.

Schedule "C"

Mouza: Susuda, Khata No.- 302, Plot No.- 185, Area: Ac 2.09-08458 with standing trees, wells and houses, bounded on North: Village road, South: Road, East: House of Pravakar Mishra, West: Baji Rout Chhatravas.

Schedule "D"

Mouza: Susuda, Khata No.- 302, Plot Number 183, Area Ac0.08 decimals, Plot No.- 182, Ac0.31 decimals, Plot. No.- 185, Ac1.84decimals with houses, trees, wells, Allotted in favour of Baji Rout Chhatravas.

Schedule "E"

Mouza: Susuda, Khata No.- 302, Plot Number: 182, Area: Ac0.08dec, Allotted in favour of Sushila Behera

Given under my hand and seal of this Court on the 2nd day of February, 2022.

Approved Sd./- Sheristader District Judge, Angul

D-23073

U/O 5, Rule 20 of Civil Procedure Code, In The Court Of The Additional District Judge, Athmallik, R.F.A. No.- 10/2016

Raghu Naik ......Appellant

Versus

Sanatan Naik and others .....Respondents

To,

(4) Kamala Naik, aged about 38 years, Daughter of Late Baishnab Naik, Wife of Pandita Naik, Village/ P.O.-Angapada, P.S.- Kishore Nagar, Dist.- Angul

Take notice that,

Where as the appellant has instituted an appeal to setaside the Judgement dtd. 28.06.2016 and decree dtd. 07.07.2016 of the Court of the Civil Judge (Senior Division) Athmallik in Civil suit No.- 50/2011.

You are hereby summoned to appear in this Court in person or by a pleader on the 22nd day of February 22 2022 at 10.30 A.M./ PM. to answer the same, failing which the case shall be disposed of exparte against you.

Given under my hand and the seal of the Court, this 6th day of January 2022.

Sd./- Court of the Additional Dist. Judge, Athmallik.

D-23074

### କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂରେ ଡକ୍ଟରେଟ୍ ଲାଭ



ଶ୍ରୀ ରାକେଶ କୁମାର ଲେଙ୍କା ବୁର୍ଲାସ୍ଥିତ VSSUTର Computer Science & Engg.ରେ Ph.D ଲାଭ କରିଛନ୍ତି। ସେ VSSUT. Burla CSE ବିଭାଗର ପ୍ରଫେସର (ଡ.) ଅମୀୟ କୁମାର ରଥ (Deputed to NAAC as Advisor) ଓ IIIT, Bhubaneswar, CSE ବିଭାଗର ସହକାରୀ ପ୍ରଫେସର ଡ. ସୁରଜ୍ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Building Efficient Routing Protocols for WSN Assisted Green IoT Network" ବିଷୟରେ ଗବେଷଣା କରୁଥିଲେ। ତାଙ୍କ ଦ୍ୱାରା ରଚିତ ଗବେଷଣା ସନ୍ଦର୍ଭଗୁଡ଼ିକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ SCI Indexed Journalରେ ପ୍ରକାଶିତ ହୋଇଛି। ଡ. ରାକେଶ କୁମାର ଲେଙ୍କା, କଟକ ଜିଲ୍ଲା ବୟାଳିଶି ମୌଜା, ଝାରକଟା ଗ୍ରାମର ସ୍ୱର୍ଗତ ଧନଞ୍ଜୟ ଲେଙ୍କା ଓ ଶ୍ରୀମତୀ ବିଦ୍ୟୁଲତା ଲେଙ୍କାଙ୍କ ନାତି, ଶ୍ରୀଯୁକ୍ତ ମିହିର କୁମାର ଲେଙ୍କା ଓ ଶ୍ରୀମତୀ ଅରୁନ୍ଧତୀ ଲେଙ୍କାଙ୍କ ପୁତ୍ର ଏବଂ ଶ୍ରୀଯୁକ୍ତ ଅଜିତ୍ କୁମାର ପଟ୍ଟନାୟକ ଓ ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକଙ୍କ ଜାମାତା ଅଟନ୍ତି। ଈଶ୍ୱରଙ୍କ କୃପା ଓ ତାଙ୍କ ସହଧର୍ମିଣୀ ଜେସିକାଙ୍କ ସହଯୋଗ ଏବଂ ସମ୍ପୂର୍ଣ୍ଣ ଲେଙ୍କା ପରିବାରର ଆଶୀର୍ବାଦରୁ ସେ ସଫଳତା ଲାଭ କରିଛନ୍ତି।

ଧ-୨୩୦୭୯

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ପୃଷ୍ଠାରୁ...

## ଏବେ ଦଶମ, ଦ୍ୱାଦଶ...

ସାଧାରଣତଃ ମାଟ୍ରିକ ପରୀକ୍ଷା ଫେବୃୟାରୀ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ପ୍ରଥମ ସପ୍ତାହରେ ହୋଇଥାଏ। ଯଦି ପରୀକ୍ଷା ଘୁଞ୍ଚିବ, ତା'ହେଲେ ଏନ୍ଇଇଟି, ଜେଇଇ ଭଳି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଲାଗି ଦ୍ୱାଦଶ ପିଲାମାନେ ପଛରେ ପଡ଼ିଯାଇ ପାରନ୍ତି। ପରୀକ୍ଷା ଘୁଞ୍ଚିବ ନା ନାହିଁ ସ୍ପଷ୍ଟ ହୋଇ ନ ଥିବାରୁ, ପିଲାଙ୍କ ଭିତରେ ଆଶଙ୍କା ଦେଖାଦେବା ସ୍ୱାଭାବିକ। ଖୁବ୍ ଶୀଘ୍ର ପରୀକ୍ଷା ତାରିଖ ଘୋଷଣା କରାଯାଉ, ଯାହାଫଳରେ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ ବୋଲି ଶିକ୍ଷାବିତ୍‌ମାନେ ମତପ୍ରକାଶ କରିଛନ୍ତି।

ମାର୍ଚ୍ଚରେ ଯଦିଓ ଦ୍ୱାଦଶ ପରୀକ୍ଷା ହେବ ବୋଲି ଶୁଣିବାକୁ ମିଳୁଛି, କିନ୍ତୁ ଏପର୍ଯ୍ୟନ୍ତ ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅନ୍ୟପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ପରୀକ୍ଷା ନେଇ ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବିଧିବଦ୍ଧ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରିବେ। ତେଣୁ ପିଲାମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ରୁହନ୍ତୁ। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ତୃତୀୟ ଲହର ପ୍ରଭାବ ଯୋଗୁ ଜାନୁୟାରୀ ପ୍ରଥମ ସପ୍ତାହରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରାଯାଇଥିଲା। କିନ୍ତୁ ଅନ୍‌ଲାଇନ୍ କ୍ଲାସ ଚାଲିଥିଲା। ଏବେ କରୋନା ସ୍ଥିତି ନିୟନ୍ତ୍ରଣକୁ ଆସିଥିବାରୁ ଛାତ୍ରୀଛାତ୍ରଙ୍କ ବୃହତ୍ତର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସରକାର ଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଅନୁମତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆସନ୍ତା ୧୪ତାରିଖରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ସ୍କୁଲ ଖୋଲିବ।

## ଯୁକ୍ତ୨: ମାର୍କ...

କେଉଁ ଆଧାରରେ ମାର୍କ ଦିଆଯାଇଛି ଜାଣିବା ପାଇଁ ଉତ୍ତର ପୁସ୍ତକ (ଆନ୍‌ସର ବୁକ୍) ମଧ୍ୟ ପଠାଇବା ପାଇଁ ପରିଷଦ କହିଛି। ବାର୍ଷିକ ପରୀକ୍ଷା ପାଇଁ ପ୍ରସ୍ତୁତ ରହିବାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାହାର କାର୍ଯ୍ୟସୂଚୀ ଠିକ୍ ସମୟରେ ଘୋଷଣା କରାଯିବ ବୋଲି କୁହାଯାଇଛି।

## ୧୪ରୁ ଖୋଲିବ...

କୋଭିଡ୍-କଟକଣା ମଧ୍ୟରେ ବିଦ୍ୟାଳୟ ପରିସରରେ ଅଫ୍‌ଲାଇନ୍ କ୍ଲାସ ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ସରକାର ଘରୋଇ ପ୍ରି-ସ୍କୁଲଗୁଡ଼ିକୁ ମଧ୍ୟ କୋଭିଡ୍ ଗାଇଡ୍‌ଲାଇନ୍ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଚିଠି ଲେଖିଛନ୍ତି। ଯେଉଁ ଶିକ୍ଷକ ଓ ଅଣଶିକ୍ଷକମାନେ ସ୍କୁଲକୁ ଆସୁଛନ୍ତି, ସେମାନେ କରୋନା ଟିକାର ଉଭୟ ଡୋଜ୍ ନେଇଥିବା ଆବଶ୍ୟକ। ସେହିପରି ଛୋଟ ପିଲାଙ୍କ ଯତ୍ନ ନେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟିତ୍ୱବାନ ହେବାକୁ ସରକାର ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ଅଶ୍ୱିନୀ ନକ୍ଷତ୍ରର ପରିବାର ସକାଶେ ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ଚଳାଇ ନେବାକୁ ଚିନ୍ତା କରିବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦୀର୍ଘ ସମୟ ଧରି ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିପାରନ୍ତି। ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯାଇପାରେ।

**ବୃଷ**



କୃତ୍ତିକା ନକ୍ଷତ୍ରର ହେବାକୁ ଥିବା କାମଟି ବିଗିଡ଼ିଯିବାରୁ ମନଟା ବେଶି ଖରାପ ଲାଗିବ। ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି । ଅଫିସରେ ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**



ନିଜ ପରିସରର ବ୍ୟକ୍ତିଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟ ଓ ସମ୍ପର୍କରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସର ପ୍ରତ୍ୟେକ ଘଟଣାରେ ଆପଣଙ୍କ ଭୂମିକାକୁ ଅନ୍ୟମାନେ ପ୍ରଶଂସା କରିପାରନ୍ତି। ଅର୍ଥ ସମ୍ପର୍କିତ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କର୍କଟ**



ସ୍ୱାସ୍ଥ୍ୟରେ ଉନ୍ନତି ସହ ଯେଉଁ କାମରେ ହାତ ଦେବେ ସଫଳତା ପାଇବେ। ଇଚ୍ଛା ନଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ି ପରିଶେଷରେ ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ**



କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ବହୁମୂଲ୍ୟ ଦେବାକୁ ପଡିବ। ବନ୍ଧୁଙ୍କ ସାହାଯ୍ୟରେ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ମଘା ନକ୍ଷତ୍ରର ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାର ସାମୟିକ ଖୁସି ରହିବେ ।

**କନ୍ୟା**



ନିଜ ଲୋକଙ୍କ ସହ ଭଲ ସମ୍ପର୍କ ନ ଥିବା କାରଣରୁ ସାହାଯ୍ୟ ଆଶା ନିରର୍ଥକ ହେବ। ଚିତ୍ରା ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ର ସମସ୍ୟା ବିଜଡିତ ରହୁଥିବାରୁ ମାନସିକ ସ୍ଥିତି ଭଲ ରହିବନି। ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ହୋଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବେ।

**ତୁଳା**



ସକାଳୁ ସକାଳୁ ପରିବାର ମଧ୍ୟରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ ଓ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଜିଦ୍‌ଖୋର ତ୍ୟାଗ କଲେ କେତେକାଂଶରେ ଉପକୃତ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**



କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିଜନିତ ଅସ୍ଥିରତା ଆଶଙ୍କା ଦେଖାଦେବ। ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହେବ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ସମ୍ଭାବନା ରହିଛି। ସାମାଜିକ ସମସ୍ୟାର ସମାଧାନ କରିବାରେ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିପାରେ।

**ଧନୁ**



ଆଜି ବନ୍ଧୁଙ୍କ ସହ କିଛି ଭଲ ଓ କିଛି ସମସ୍ୟା ଭିତର ଦେଇ ଦିନଟି ଅତିବାହିତ ହେବ। ହସଖୁସିର ଆଲୋଚନା ମଧ୍ୟଭାଗରେ ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ।

**ମକର**



ଆପଣ ଯାହା କହୁଛନ୍ତି କିମ୍ବା କରୁଛନ୍ତି ଭାବିଚିନ୍ତି କରିବା ଭଲ। ବନ୍ଧୁଙ୍କ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ କରିନେବା ଭଲ ହୁଅନ୍ତା, ଅନ୍ୟଥା ବିବାଦୀୟ ହେବାର ଆଶଙ୍କା ରହୁଛି। ଶ୍ରବଣା ନକ୍ଷତ୍ର ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମ ପୂରା କରିବାର ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**



ପ୍ରତିକୂଳ ସମୟ କେବଳ ସ୍ୱାସ୍ଥ୍ୟ ପ୍ରତି ଦାଉ ସାଧିପାରେ, ଏଣୁ ଜଗିରଖି ଚଳିବା ଭଲ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନକରି ପରୀକ୍ଷା କରି କାମରେ ଲଗାଇ ପାରନ୍ତି। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ।

**ମୀନ**



ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହେବ। ତରବରିଆ ପଦକ୍ଷେପ ନେଲେ ଭଲ ବଦଳରେ ବେଶି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ।

## ଆଜି ଓଏସ୍ଏସ୍‌ଟିଇଟି...

୬୮,୭୪୨ ଜଣ ପରୀକ୍ଷାର୍ଥୀ ପୂର୍ବାହ୍ନ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ପେପର-୧ ପରୀକ୍ଷା ଦେବେ। ସେହିପରି ୩,୫୩୮ ଜଣ ପରୀକ୍ଷାର୍ଥୀ ଅପରାହ୍ନ ୧ଟାରୁ ୩.୩୦ ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଦେବେ। ପରୀକ୍ଷା ସୁପରିଚାଳନା ପାଇଁ ଜିଲା ଶିକ୍ଷା ଅଧିକାରୀମାନଙ୍କ ପକ୍ଷରୁ ସ୍କ୍ୱାଡ୍, ବୋର୍ଡ ପକ୍ଷରୁ ୪୦ଟି ସ୍କ୍ୱାଡ୍ ଏବଂ ୮ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। କଟକ ସ୍ଥିତ ବୋର୍ଡ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ବୋର୍ଡ ପକ୍ଷରୁ ୦୬୭୧୨୪୧୨୦୫୯, ୦୬୭୧୨୪୧୨୦୬୦ ନମ୍ବର ଜାରି କରାଯାଇଛି। ଏହି ନମ୍ବରରେ ବୋର୍ଡକୁ ଜରୁରୀ ସୂଚନା ଦିଆଯାଇପାରିବ। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସ୍ୱତନ୍ତ୍ର ଆଇସୋଲେସନ ରୁମ୍ ବ୍ୟବସ୍ଥା କରାଯାଇଛି ବୋଲି ମଙ୍ଗଳବାର ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା, ଉପ ସଭାପତି ନିହାର ରଞ୍ଜନ ମହାନ୍ତି ଓ ସଚିବ ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କାର୍ଯ୍ୟକାଳ ପୂର୍ବରୁ ବିଦାୟ ନେବେ କୁଳପତି



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,୮।୨: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣି ଏପ୍ରିଲ ୩୦ରେ ନିଜର କାର୍ଯ୍ୟକାଳ ଅବଧିର ୫ ମାସ ପୂର୍ବରୁ ବିଦାୟ ନେବେ। ଏନେଇ ମଙ୍ଗଳବାର ପ୍ରଫେସର ଚକ୍ରପାଣିଙ୍କ ସହ ଯୋଗାଯୋଗ ବେଳେ ନିଜର ବ୍ୟକ୍ତିଗତ କାର୍ଯ୍ୟ ନିମନ୍ତେ ସେ ଦାୟିତ୍ୱରୁ ଅବ୍ୟାହତି ନେଉଥିବା କହିଛନ୍ତି। ସୂଚନାଯୋଗ୍ୟ, ପ୍ରଫେସର ଚକ୍ରପାଣି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ଗ୍ରହଣ ପୂର୍ବରୁ ଆଇଆଇଟି ରୁର୍କିର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ୨୦୧୯ ଅକ୍ଟୋବରରେ ସେ ୩ ବର୍ଷ ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ନେଇଥିଲେ। କୁଳପତି ଭାବେ ୨୦୨୨ ସେପ୍ଟେମ୍ବର ଶେଷରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ଅବଧିର ୫ ମାସ ପୂର୍ବରୁ ଅବ୍ୟାହତି ନେଉଛନ୍ତି। ଏଣୁ ସୋମବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଚୟନ ନିମନ୍ତେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଆଶାୟୀମାନେ ମାର୍ଚ୍ଚ ୭ ସୁଦ୍ଧା ଆବେଦନ କରିପାରିବେ।

### ସ୍ୱାମୀ ମାଡ଼ରେ ସ୍ତ୍ରୀ ମୃତ

ବାରିପଦା ଅଫିସ/ରାସଗୋବିନ୍ଦପୁର, ୮।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ ନାକିଚୁଆ ଅଞ୍ଚଳରେ ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ଏନେଇ ମୃତ ମହିଳାଙ୍କ ବାପ ଘର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ସ୍ୱାମୀ ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ୨୦୧୮ରେ ସିଂଲା ଥାନା ଅଧୀନ ବେଲଦଣ୍ଡିଆ ଗ୍ରାମର ପ୍ରଭୁରାମ ନାୟକଙ୍କ ଝିଅ ରତ୍ନପ୍ରଭା (ରୋଜି)ଙ୍କ ସହିତ ଅର୍ଦ୍ଧେନ୍ଦୁ ଶେଖରଙ୍କ ବୈଦିକ ରୀତିନୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ବାହାଘରର କିଛି ମାସ ପର୍ଯ୍ୟନ୍ତ ସ୍ତ୍ରୀ ସ୍ୱାମୀ ଙ୍କ ମଧ୍ୟରେ ଭଲ ସମ୍ପର୍କ ରହିଆସିଥିଲା। ଦୁହିଁଙ୍କର ଏକ ପୁତ୍ର ସନ୍ତାନ ଅଛି। ସ୍ୱାମୀଙ୍କ ନିଶାସେବନକୁ ନେଇ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗିରହୁଥିଲା। ମଙ୍ଗଳବାର ସକାଳେ ସ୍ୱାମୀ ଅର୍ଦ୍ଧେନ୍ଦୁ ଘରେ ପହଞ୍ଚିବା ପରେ ନିଶା ସେବନ କରିଥିବା ଜାଣି ସ୍ତ୍ରୀ ରତ୍ନପ୍ରଭା ବିରୋଧ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅର୍ଦ୍ଧେନ୍ଦୁ ସ୍ତ୍ରୀ ରୋଜିଙ୍କୁ ନିସ୍ତୁକ ମାଡ଼ ମାରିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରେ ପରିବାର ବର୍ଗ ତାଙ୍କୁ ନିକଟସ୍ଥ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ରାସଗୋବିନ୍ଦପୁର ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ ପୂର୍ବକ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି।

# ମାଟି ତଳୁ ହାତୀର ଗଳିତ ମୃତଦେହ ଜବତ

ଭୁବନେଶ୍ୱର, ୮।୨(ବ୍ୟୁରୋ)/ ନରସିଂହପୁର(ସ୍ୱ.ପ୍ର.)

ହାତୀ ମୃତ୍ୟୁକୁ ନେଇ ପୁଣି ଚର୍ଚ୍ଚାରେ ଆଠଗଡ଼ ବନଖଣ୍ଡ। ହାତୀ ମୃତ୍ୟୁ ପାଇଁ କର୍ତ୍ତବ୍ୟରେ ଅବହେଳା ଅଭିଯୋଗରେ ଆଠଗଡ଼ ରେଞ୍ଜ ଅଫିସର ନିଲମ୍ବିତ ହୋଇଥିବାବେଳେ ସେହି ଆଠଗଡ଼ ବନଖଣ୍ଡ ଅଧୀନ ନରସିଂହପୁର ୱେଷ୍ଟ ରେଞ୍ଜରୁ ପୁଣି ଏକ ହାତୀ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ଏହି ରେଞ୍ଜରେ ଥିବା ବାରାସିଂଘା ବିଟ୍‌ରୁ ମାତ୍ର ଏକ କିଲୋମିଟର ଦୂର ବାଲିକିଆରି ରିଜର୍ଭ ଜଙ୍ଗଲରେ ଏକ ହାତୀର ଗଳିତ ମୃତଦେହ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଜବତ କରିଛି। ସୋମବାରଠାରୁ ଏସ୍‌ଟିଏଫ୍‌ର ଦୁଇଟି ଟିମ୍ ନରସିଂହପୁର ୱେଷ୍ଟ ରେଞ୍ଜ ଅଞ୍ଚଳରେ ଡେରା ପକାଇଥିଲା। ସେହି ରେଞ୍ଜରେ ୨ଟି ହାତୀଙ୍କୁ ମାରି ଦାନ୍ତ କାଟି ନିଆଯାଇଥିବା ଏସ୍‌ଟିଏଫ୍‌କୁ ଗୋଇନ୍ଦା ସୂଚନା ମିଳିଥିଲା। ସୋମବାର ପ୍ରଥମେ ଜୟପୁର ବିଟ୍‌ରେ ଥିବା ନର୍ସରିରେ ୮ ଜଣ ୱାଚରଙ୍କୁ ଏସ୍‌ଟିଏଫ୍ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ଉଠାଇ ନେଇ ନରସିଂହପୁର ଥାନାରେ ରଖି ପଚରାଉଚରା କରି କିଛି ତଥ୍ୟ ସଂଗ୍ରହ କରିଥିଲା। ତେବେ ମଙ୍ଗଳବାର ସକାଳୁ ନର୍ସରି ପଛପଟେ ଏକ ସ୍ଥାନକୁ ଖୋଳିବାକୁ ଯିବା ପୂର୍ବରୁ ଜୟପୁର ଓ ବାରାସିଂଘା ବିଟ୍‌ର ୱାଚରମାନେ ଏସ୍‌ଟିଏଫ୍ କାର୍ଯ୍ୟାନୁଷ୍ଠାନ ବିରୋଧରେ ଜୋରଦାର ନାରାବାଜି କରିଥିଲେ। ଯେହେତୁ ଏହି ହାତୀ ମୃତ୍ୟୁ ଘଟଣାରେ ବନ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ଗୋଇନ୍ଦା ସୂଚନା ଏସ୍‌ଟିଏଫ୍‌କୁ ମିଳିଥିଲା, ତେଣୁ ସେଠାରେ କାହା ସହ ଯୁକ୍ତି ନ କରି ଚୁପଚାପ ବାରାସିଂଘା ବିଟ୍ ଆଡ଼କୁ ଏସ୍‌ଟିଏଫ୍ ଟିମ୍ ମୁହାଁଇଥିଲେ। ବାରାସିଂଘା ବିଟ୍‌ରେ ସନ୍ଦେହଘେରରେ ଥିବା ସ୍ଥାନ ପାଖରେ ପହଞ୍ଚିବା ପରେ



ଘଟଣାସ୍ଥଳରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍‌ର ଅଧିକାରୀ ତଦନ୍ତ କରୁଛନ୍ତି।

**■ ଘଟଣାରେ ବନ କର୍ମଚାରୀ ସମ୍ପୃକ୍ତ ସନ୍ଦେହ**

**■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ପିସିସିଏଫ୍**

ଜେସିବି ଦ୍ୱାରା ମାଟି ଖୋଳାଗଲା ଏବଂ ନାଟକୀୟ ଘଟଣା କ୍ରମରେ ଏକ ଛୋଟ ହାତୀର କଙ୍କାଳ ଦେଖାଯାଇଥିଲା।

ହାତୀର କଙ୍କାଳ ଖୋଳି ବାହାର କରିବା ସମୟରେ ଏସ୍‌ଟିଏଫ୍‌ର ଅନୁରୋଧ କ୍ରମେ ନରସିଂହପୁର ତହସିଲଦାର ଆଲୋକ କୁମାର ଦେହୁରୀ ଉପସ୍ଥିତ ଥିଲେ। ଆଠଗଡ଼ ଡିଏଫ୍‌ଓ ଛୁଟିରେ ଥିବାରୁ ଦାୟିତ୍ୱରେ ଥିବା କଟକ ଡିଏଫ୍‌ଓ ସଞ୍ଜୟ କୁମାର ସ୍ୱାଇଁ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ମାଟିତଳୁ ସମସ୍ତ ହାଡ଼ ଓ ଅବଶିଷ୍ଟାଂଶକୁ ବାରାସିଂଘା ବିଟ୍ କାର୍ଯ୍ୟାଳୟରେ ରଖାଯାଇଛି। ବୁଧବାର ଓୟୁଏଟି ଭେଟେରିନାରି କଲେଜରୁ ପ୍ରାଣୀ ପୋଷ୍ଟମର୍ଟମ୍ ବିଶେଷଜ୍ଞ ତଥା ପାଥୋଲୋଜି ବିଭାଗର ପ୍ରଫେସର ଡା. ସୁଶେନ କୁମାର ପଣ୍ଡା ତାଙ୍କ ଟିମ୍ ଧରି ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କେଉଁ କାରଣରୁ ହାତୀଟିର ମୃତ୍ୟୁ ହେଲା ତାହା ଜଣାପଡ଼ିବ।

ଅନ୍ୟପକ୍ଷରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଜଙ୍ଗଲରେ ଶିକାରୀମାନେ ହାତୀକୁ ମାରିବା ପରେ ଯେତେ ଶୀଘ୍ର ସମ୍ଭବ ଦାନ୍ତ କାଟିନେଇ ସେହି ସ୍ଥାନ ଛାଡ଼ି ପଳାନ୍ତି। ହେଲେ ଏହି ଘଟଣାରେ ଜେସିବି ବିନା ହାତୀକୁ ପୋତିବା ଏବଂ ଜଙ୍ଗଲରେ ଏହି କାମ ବନ କର୍ମଚାରୀଙ୍କ ଛଡ଼ା ଆଉ କେହି କରିବା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ନରସିଂହପୁର ୱେଷ୍ଟ ରେଞ୍ଜ ଅଫିସର ଅଶୋକ କୁମାର ବେହେରା କହିଛନ୍ତି, ବାଲିକିଆରି ସଂରକ୍ଷିତ ଜଙ୍ଗଲ ଭିତରେ ଏହି କାମ ହୋଇନାହିଁ। ସେହିପରି ଚଢ଼ାଉ ବେଳେ ଉପସ୍ଥିତ ଥିବା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ନରସିଂହପୁର ବ୍ଲକ ପ୍ରାଣୀଧନ ଅଧିକାରୀ ୨୦୨୧ରେ ମାତ୍ର ଗୋଟିଏ ହାତୀର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେଣୁ ଏହି ହାତୀଟି ବିନା ବ୍ୟବଚ୍ଛେଦରେ ପୋତା ହୋଇଥିବା ସ୍ପଷ୍ଟ ହେଉଛି। ଅର୍ଥାତ୍ ଉକ୍ତ ଘଟଣାରେ ସ୍ଥାନୀୟ ବନ କର୍ମଚାରୀଙ୍କ ହାତ ରହିଛି। ଏ ସମ୍ପର୍କରେ ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ କହିଛନ୍ତି, ଡିଏଫ୍‌ଓଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବାକୁ କୁହାଯାଇଛି। ଯଦି କେଉଁ କର୍ମଚାରୀଙ୍କ ଏଥିରେ ସମ୍ପୃକ୍ତି ଥିବା ପ୍ରମାଣ ମିଳିବ ତା'ହାଲେ ତାଙ୍କ ବିରୋଧରେ ନିଶ୍ଚୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# କୋଟିପତି ଆସିଷ୍ଟାଣ୍ଟ କଲେକ୍ଟର



ଆସିଷ୍ଟାଣ୍ଟ କଲେକ୍ଟରଙ୍କ ଛେଣ୍ଡ ବାସଭବନରେ ଭିଜିଲାନ୍ସ ଚଢ଼ାଉ ଚାଲିଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢ଼ାଉ

ରାଉରକେଲା ଅଫିସ୍, ୮।୨

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ମନୋରଞ୍ଜନ ନାୟକଙ୍କ ଘର ସମେତ ୫ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢାଉ କରାଯାଇଥିବା ଜଣାପଡିଛି। ଭିଜିଲାନ୍ସର ୫ଟି ଟିମ୍ ପୃଥକ୍ ଭାବେ ରାଉରକେଲା ଅଫିସ୍ ସମେତ ଛେଣ୍ଡ କଳିଙ୍ଗ ବିହାରସ୍ଥିତ ଏମ୍‌ଆଇଜି ୨୭ ଓ ଏମ୍‌ଆଇଜି ୨୬୪ ବାସଭବନ, ଯାଜପୁରର ପୈତୃକ ଘର ଏବଂ ଭୁବନେଶ୍ୱର ଗୋଠପାଟଣାରେ ଥିବା ଆପାର୍ଟମେଣ୍ଟରେ ଏକକାଳୀନ ଚଢ଼ାଉ କରିଥିଲେ। ଚଢାଉ ବେଳେ ରାଉରକେଲା ଛେଣ୍ଡରେ ଥିବା ଦୁଇଟି ଘରର ମୂଲ୍ୟ ପ୍ରାୟ ୧.୧୦କୋଟି, ଗୋଠପାଟଣା ସ୍ଥିତ ଆପାଟମେଣ୍ଟର ମୂଲ୍ୟ ୫୦ଲକ୍ଷ, ଗାଡି, ସୁନା, ନଗଦ ଟଙ୍କା ଏବଂ ବ୍ୟାଙ୍କ ବାଲାନ୍ସକୁ ମିଶାଇଲେ ପାଖାପାଖି ୨କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ସେହିପରି ଆସିଷ୍ଟାଣ୍ଟ କଲେକ୍ଟର ନାୟକ ତାଙ୍କ ସମ୍ପର୍କୀୟଙ୍କ ନାମରେ ବେନାମୀ ସମ୍ପତ୍ତି ରଖିଥିବା ସନ୍ଦେହରେ ଅଧିକ ତଦନ୍ତ କରାଯାଉଛି ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଚଢାଉରେ ଭିଜିଲାନ୍ସର ଜଣେ ଆଡିଶନାଲ ଏସ୍‌ପି, ୪ ଡିଏସ୍‌ପି, ୫ ଇନ୍ସପେକ୍ଟର ଏବଂ ଅନ୍ୟ ଷ୍ଟାଫ୍ ସାମିଲ ହୋଇଥିଲେ। ଏ ନେଇ ରାଉରକେଲା ଭିଜିଲାନ୍ସ ଏସ୍‌ପି ରଞ୍ଜନ କୁମାର ଦାସଙ୍କୁ ପଚାରିବାରୁ ଆସିଷ୍ଟାଣ୍ଟ କଲେକ୍ଟରଙ୍କ ମୋଟ୍ ସମ୍ପତ୍ତିର ପରିମାଣ ପାଖାପାଖି ୨ କୋଟି ହେବ ଏବଂ ଏ ନେଇ ଅଧିକ ତଦନ୍ତ କରାଯାଉଛି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ମନୋରଞ୍ଜନ ପୂର୍ବରୁ ରାଉରକେଲା ସରକାରୀ ଡାକ୍ତରଖାନାରେ ବରିଷ୍ଠ କିରାଣି ଥିଲେ। କିଛି ମାସ ତଳେ ସେ ପଦୋନ୍ନତି ପାଇ ରାଉରକେଲା ତହସିଲ ଅଫିସରେ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ପାଇଥିଲେ। ବର୍ତ୍ତମାନ ସେ ପାନପୋଷ ଅତିରିକ୍ତ ଜିଲାପାଳଙ୍କ ଅଫିସରେ ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି।

# ଆଉ ୫ ଅଧିକାରୀ ଚାକିରିରୁ ବିଦା

ଭୁବନେଶ୍ୱର,୮।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଜିରୋ ଟଲରେନ୍ସ ଆଭିମୁଖ୍ୟ ଉପରେ ଜୋର ଦେଇଆସିଛନ୍ତି। ଏହି ଆଭିମୁଖ୍ୟ ଅନୁଯାୟୀ ମଙ୍ଗଳବାର ଆଉ ୫ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି। ଏହି ୫ ଜଣଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲା ବାରିପଦା ଆଇଟିଡିଏର ଆସିଷ୍ଟାଣ୍ଟ ଇଞ୍ଜିନିୟର ସନ୍ତୋଷ କୁମାର ଦାସଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ତାଙ୍କ ବିରୋଧରେ ୨.୮୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଛି। ସେଥିପାଇଁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ସେହିପରି ଜଗତ୍‌ସିଂହପୁର ଜିଲା ବାଲିକୁଦା ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡିପିଓ) ସରଳା ଦେଈଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ସେ ଧରା ପଡ଼ିଥିଲେ। ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

ଜଗତ୍‌ସିଂହପୁର ବାଲିକୁଦାର ଅଙ୍ଗନୱାଡ଼ି ସୁପରଭାଇଜର ପ୍ରତିମା ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ଅଛି। ଲାଞ୍ଚ ଗ୍ରହଣ କରୁଥିବା ବେଳେ ସେ ଧରା ପଡ଼ିଥିଲେ। ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ଅନୁଗୋଳ ପୋଲିସ ଟ୍ରେନିଂ କଲେଜର ପୋଲିସ ଇନ୍ସପେକ୍ଟର ରାମଚନ୍ଦ୍ର ବେହେରାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା। ଅପାରଗତା ଓ ବିଶୃଙ୍ଖଳ ଆଚରଣ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ସେହିପରି କେନ୍ଦୁଝର ଜିଲା ସଦର ତହସିଲଦାରଙ୍କ କାର୍ଯ୍ୟାଳୟର ରେଭିନ୍ୟୁ ସୁପରଭାଇଜର ହୃଦାନନ୍ଦ ସାହୁଙ୍କ ନାମରେ ଗୋଟିଏ ଦୁର୍ନୀତି ଅଭିଯୋଗ ରହିଛି। ଜମିଜମା ମାପଚୁପ ସମୟରେ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡ଼ିଥିଲେ। ଅସାଧୁ କାର୍ଯ୍ୟକଳାପ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୋ ସରକାର ତଥା ଅନ୍ୟ ସୂତ୍ରରୁ ମିଳିଥିବା ମତାମତକୁ ମଧ୍ୟ ବିଚାରକୁ ନିଆଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ନିକଟରେ ଜଣେ ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ଓ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।

# ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ପବିତ୍ର ମୋହନ



ଭୁବନେଶ୍ୱର, ୮।୨(ବ୍ୟୁରୋ)

ଓଡ଼ିଶାର ପ୍ରାକ୍‌ସ୍ୱାଧିନତା କାଳରେ ରାଜତନ୍ତ୍ର ବିରୋଧୀ ତଥା ପ୍ରଜା ଆନ୍ଦୋଳନର ପ୍ରବକ୍ତା ଥିଲେ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ। ସେ ନିଜର ତ୍ୟାଗ, ସାହସିକତା ଓ ନିଷ୍ଠା ବଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ତାଳଚେରରେ ଜନ୍ମିତ ପବିତ୍ର ଗଡ଼ଜାତ ମିଶ୍ରଣ ପରେ ସକ୍ରିୟ ରାଜନୀତିରେ ଯୋଗଦେଇଥିଲେ। ସେ ବିଭିନ୍ନ ସମୟରେ ମନ୍ତ୍ରୀ ପଦରେ ଅଧିଷ୍ଠିତ ହେବା ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଜଣେ ସାଲିସବିହୀନ, ମୂଲ୍ୟବୋଧ ସମ୍ପନ୍ନ ରାଜନେତା ଭାବେ ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ। ଜଣେ ସରଳ, ଆଦର୍ଶବାଦୀ ଜନନେତା ଭାବେ ସେ ଚିର ନମସ୍ୟ ବୋଲି ମତ ପ୍ରକାଶ ପାଇଛି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୧୧୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ନିର୍ଦ୍ଦେଶକ (ବୈଷୟିକ) ନିରଞ୍ଜନ ସେଠୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ସମ୍ପାଦକ ଡ. ଲେନିନ୍ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ସଚିବ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## କଶ୍ମୀର ବିବାଦରେ...

ପ୍ରଥମ ପୃଷ୍ଠାରୁ...

ଚ୍ୟାଲେଞ୍ଜ କରୁଥିବା ବିନିତ କହିଛନ୍ତି। ଘୋର ବିରୋଧ ଓ ସମାଲୋଚନାର ଶିକାର ହେବା ପରେ କେଏଫ୍‌ସି ଓ ହ୍ୟୁଣ୍ଡାଇ ଏଭଳି ପୋଷ୍ଟ ପାଇଁ କ୍ଷମା ମାଗିଛନ୍ତି। ସେପଟେ ପିଜ୍ଜା ହଟ୍ ଏହା ଉପରେ ନିଜର ସ୍ପଷ୍ଟୀକରଣ ରଖିଛି। ଗତ ୫ ତାରିଖରେ ପାକିସ୍ତାନ ଦ୍ୱାରା ପାଳନ ହେଉଥିବା 'କଶ୍ମୀର ଏକତା ଦିବସ' ଉପରେ ହ୍ୟୁଣ୍ଡାଇ ପାକିସ୍ତାନ ପକ୍ଷରୁ ଏକ ଟୁଇଟ କରାଯାଇଥିଲା। 'କଶ୍ମୀରବାସୀଙ୍କ ବଳିଦାନକୁ ମନେପକାଇ ସେମାନଙ୍କ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେବା' ବୋଲି ଏଥିରେ ଲେଖାଯାଇଥିଲା। ଏଭଳି ପୋଷ୍ଟ କରି କଶ୍ମୀରରେ ଆତଙ୍କବାଦୀ ହିଂସାକୁ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦିଆଯାଇଥିବା ଏବଂ ଏହା ଭାରତର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିଲେ ବି ହ୍ୟୁଣ୍ଡାଇ ଏହାର ସ୍ୱାଧୀନତା ଦାବି କରିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ବିରୋଧ ତୀବ୍ର ହେବାପରେ ବିବାଦୀୟ ଟୁଇଟ୍‌କୁ ହଟାଇ ଦିଆଯାଇଥିଲା। ସେହିପରି କଶ୍ମୀର ଖୁବଶୀଘ୍ର ଏକ ସାର୍ବଭୌମ ରାଷ୍ଟ୍ର ହେଉ ବୋଲି କେଏଫ୍‌ସି ପକ୍ଷରୁ ପୋଷ୍ଟ କରାଯାଇଥିଲା। ଏହାକୁ ନେଇ କେଏଫ୍‌ସି ଓ ହ୍ୟୁଣ୍ଡାଇ ସୋମବାର କ୍ଷମା ପ୍ରାର୍ଥନା କରିଛନ୍ତି। ମଙ୍ଗଳବାର ହ୍ୟୁଣ୍ଡାଇ ପକ୍ଷରୁ ଏ ନେଇ ଆଉ ଏକ ବିବୃତି ଜାରି ହୋଇଛି। କେଏଫ୍‌ସିର କେତେକ ସୋସିଆଲ ମିଡିଆ ଚ୍ୟାନେଲରେ ଏପରି ପୋଷ୍ଟ କରାଯାଇଥିବାରୁ ଦୁଃଖିତ। 'ଭାରତ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି। ଗର୍ବର ସହ ଭାରତୀୟଙ୍କ ସେବା ପାଇଁ ଆମେ ପ୍ରତିବଦ୍ଧ' ବୋଲି କେଏଫ୍‌ସି କହିଛି। ସେହିପରି ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିବା ବିଷୟବସ୍ତୁକୁ ପିଜ୍ଜା ହଟ୍ ସମର୍ଥନ କରେ ନାହିଁ ବୋଲି କହିଛି। ମଙ୍ଗଳବାର ଦ୍ୱିତୀୟ ବିବୃତି ଜାରି କରି ହ୍ୟୁଣ୍ଡାଇ ପକ୍ଷରୁ କୁହାଯାଇଛି, ସେମାନଙ୍କ ବ୍ୟବସାୟ ନୀତି ଅନୁସାରେ ହ୍ୟୁଣ୍ଡାଇ ମୋଟର୍ସ କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳରେ ରାଜନୈତିକ କିମ୍ବା ଧାର୍ମିକ ପ୍ରସଙ୍ଗ ଉପରେ ମନ୍ତବ୍ୟ ଦିଏ ନାହିଁ। ଏହି ନୀତି ବିରୋଧରେ ଯାଇ ପାକିସ୍ତାନର ସ୍ୱାଧୀନ ବିତରକ ନିଜ ଆକାଉଣ୍ଟରୁ କଶ୍ମୀର ସମ୍ବନ୍ଧୀୟ ପୋଷ୍ଟ କରିଛନ୍ତି ବୋଲି କମ୍ପାନୀ ଟୁଇଟ୍ କରିଛି।

## ଦକ୍ଷିଣ କୋରିଆ...

ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ କୋରିଆ ବହିର୍ବ୍ୟାପାର ମନ୍ତ୍ରୀ ଚୁଙ୍ଗ୍ ୟି-ୟୋଙ୍ଗ୍ ମଙ୍ଗଳବାର ଭାରତ ପ୍ରତିପକ୍ଷ ଏସ୍. ଜୟଶଙ୍କରଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। ଏଥିରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ସମେତ ହ୍ୟୁଣ୍ଡାଇର ବିବାଦୀୟ ପୋଷ୍ଟ ଉପରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ହ୍ୟୁଣ୍ଡାଇ ପକ୍ଷରୁ କଶ୍ମୀର ଉପରେ କରାଯାଇଥିବା ପୋଷ୍ଟକୁ ନେଇ ୟି-ୟୋଙ୍ଗ୍ ଦୁଃଖ ପ୍ରକାଶ କରିଥିବା ଜୟଶଙ୍କର ଟୁଇଟ୍ କରିଛନ୍ତି।

# ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଯାଜପୁର ଟାଉନ, ୮।୨(ଡି.ଏନ.ଏ.)

### ନବବଧୂ ହତ୍ୟା ମାମଲା



ନବବଧୂ ହତ୍ୟା ମାମଲାର ମଙ୍ଗଳବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ଜ୍ଞାନେନ୍ଦ୍ର ବାରିକ ମାମଲାର ବିଚାର କରି ନବବଧୂଙ୍କ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫୦ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ବିଞ୍ଝାରପୁର ଥାନା ଗିଣା ଗ୍ରାମର ନିରଞ୍ଜନ ବେହୁରିଆଙ୍କ ଝିଅ ସ୍ମିତାଶ୍ରୀ ଏହି ଥାନା ଅନ୍ତର୍ଗତ ଓଳେଇଚନ୍ଦନପୁର ଗ୍ରାମର ପ୍ରଫୁଲ୍ଲ ସାମଲଙ୍କ ପୁଅ ଦେବଦତ୍ତଙ୍କୁ ୨୦୧୩ ଜାନୁୟାରୀ ୩୦ରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷ ଦାବି ମୁତାବକ ନଗଦ ୨ଲକ୍ଷ ଟଙ୍କା ସହ ଆସବାବପତ୍ର ଦିଆଯାଇଥିଲା। ତେବେ ବିବାହର ୧ମାସ ପରେ ସ୍ମିତାଶ୍ରୀଙ୍କୁ ଆଉ ୨ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ଶାଶୁଘର ଲୋକେ ବାଧ କରିଥିଲେ। ମାତ୍ର ଯୌତୁକ ଟଙ୍କା ନ ଆଣିବାରୁ ସ୍ମିତାଶ୍ରୀଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ଏପରି କି ବିବାହର ମାତ୍ର ୫ମାସ ପରେ ଅର୍ଥାତ୍ ୨୦୧୩ ଜୁନ୍ ୯ ତାରିଖ ରାତିରେ ରୋଷେଇ ଘରେ ଶାଶୁଘର ଲୋକେ କିରୋସିନ ଢାଳି ସ୍ମିତାଶ୍ରୀଙ୍କୁ ପୋଡ଼ି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସ୍ମିତାଶ୍ରୀଙ୍କ ଭାଇ ଜ୍ୟୋତିରଞ୍ଜନ ବେହୁରିଆ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୦୪/୧୩ ରୁଜୁ କରି ତଦନ୍ତ ଜାରି ରଖିଥିଲା। ସେତେବେଳେ ଦେବଦତ୍ତ ଫେରାର ହୋଇଯାଇଥିଲେ। ପୋଲିସ ନବବଧୂଙ୍କ ଶାଶୁ ଓ ଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୨୦୧୫ ଡିସେମ୍ବର ୧୫ରେ ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ଏକ ରାୟ ପ୍ରକାଶ କରି ଶାଶୁ ଶଶିକଳା ସାମଲ ଓ ଶ୍ୱଶୁର ପ୍ରଫୁଲ୍ଲ ସାମଲଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେବେଠାରୁ ଏହି ୨ ଜଣ ଚୌଦ୍ୱାର ଜେଲ୍‌ରେ ଦଣ୍ଡ ଭୋଗ କରୁଛନ୍ତି। ଦେବଦତ୍ତଙ୍କୁ ୨୦୧୫ରେ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ସେହିଦିନଠାରୁ ସେ ବିଚାରାଧୀନ ବନ୍ଦୀ ଭାବେ ଯାଜପୁର ସବ୍‌ଜେଲ୍‌ରେ ରହି ଆସୁଛନ୍ତି। ୧୮ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ବାରିକ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ନାୟକ ପରିଚାଳନା କରିଥିଲେ।

# ଚଳଚ୍ଚିତ୍ର 'ମିଷ୍ଟର କହ୍ନେୟା' ବିବାଦ ମାମଲା: ରାଜ୍ୟ ସରକାରଙ୍କୁ ନୋଟିସ

କଟକ ଅଫିସ,୮।୨

ଓଡ଼ିଆ ଚଳଚ୍ଚିତ୍ର 'ମିଷ୍ଟର୍ କହ୍ନେୟା' ବିବାଦ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ମଙ୍ଗଳବାର ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆବେଦନକାରୀ ନୟାଗଡ଼ ଜିଲା ରଣପୁରର ଦିଲ୍ଲୀପ ସାମନ୍ତରାୟଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏବଂ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଏହି ଚଳଚ୍ଚିତ୍ରରେ କୃଷ୍ଣ ଏବଂ ଶକୁନ୍ତଳାଙ୍କ ଉପରେ ଏକ ଦୃଶ୍ୟ ରହିଛି। ଯେଉଁଥିରେ ଉଭୟଙ୍କର ବ୍ୟଙ୍ଗ କରାଯାଇଛି। ସେହିପରି ଆଉ ଏକ ଦୃଶ୍ୟରେ କୃଷ୍ଣଙ୍କ ଭୂମିକାରେ ଅଭିନୟ କରୁଥିବା 'ପପୁ' ମଦ୍ୟପାନ କରୁଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ପରୋକ୍ଷରେ ହିନ୍ଦୁ ଦେବଦେବୀଙ୍କର ଅପମାନ କରାଯାଇଛି। ତେଣୁ ଏ ନେଇ ସଂସ୍କୃତି ବିଭାଗ ନିକଟରେ ଆବେଦନକାରୀ ଅଭିଯୋଗ କରିଥିଲେ। ସଂସ୍କୃତି ବିଭାଗ ଏ ଦିଗରେ କିଛି ପଦକ୍ଷେପ ନ ନେବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସଂସ୍କୃତି ବିଭାଗ ଆବେଦନକାରୀଙ୍କ ଅଭିଯୋଗକୁ ବିଚାରକୁ ନେବା, ଏହି ଚଳଚ୍ଚିତ୍ରରେ ଥିବା ଖରାପ ଦୃଶ୍ୟକୁ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ ନ କରିବା ଲାଗି ଅଦାଲତ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ନିବେଦନ କରିଥିଲେ। ଏହି ସିନେମାରେ ଦେବଦେବୀଙ୍କ ଉପରେ ଆପତ୍ତିଜନକ ଶବ୍ଦ ବ୍ୟବହାର କରାଯାଇଥିବାରୁ ଏହା ହିନ୍ଦୁ ଧର୍ମାବଲମ୍ବୀଙ୍କ ଭାବାବେଗ ପ୍ରତି ଆଘାତ ପହଞ୍ଚାଉଛି। ଏଣୁ ଏହି ଚଳଚ୍ଚିତ୍ରକୁ ବନ୍ଦ କରାଯାଉ ବୋଲି ପିଟିଶନରେ ଦର୍ଶାଯାଇଛି। ଆସନ୍ତା ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।




ୱେଟିଂ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଓଏସ୍‌ଏସ୍‌ଏସ୍‌ସି ନର୍ସିଂ ଅଫିସର ପଦବୀରେ ନିଯୁକ୍ତି ଦାବି ନେଇ ମଙ୍ଗଳବାର ଭୁବନେଶ୍ୱର ପିଏମ୍‌ଜିରେ ବିକ୍ଷୋଭ।

> ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। **–ଶ୍ରୀଅରବିନ୍ଦ**



# ର୍‍ୟାଗିଂ ରୋଗ

କୋଭିଡ୍-୧୯ ମହାମାରୀ ଜୀବନ ଜୀବିକାକୁ ବିପର୍ଯ୍ୟସ୍ତ କରିଥିବାବେଳେ ଶିକ୍ଷାଦାନ ପ୍ରକ୍ରିୟାକୁ ତଳିତଳାନ୍ତ କରିଦେଇଛି। ଅନ୍‌ଲାଇନ ଶିକ୍ଷାଦାନ ଅନେକାଂଶରେ ଏହାକୁ ସୁଧାରିବାକୁ ପ୍ରୟାସ କରିଛି ସତ, ହେଲେ ବହୁ ଛାତ୍ରୀଛାତ୍ର ଏଥିରୁ ବଞ୍ଚିତ ହୋଇଛନ୍ତି। ମହାମାରୀ ପ୍ରକୋପ କମି ଆସୁଥିବାରୁ ଏବେ ଅନ୍‌ଲାଇନରୁ ଅଫ୍‌ଲାଇନ ବା ଶ୍ରେଣୀଗୃହ ପଢ଼ା ଆରମ୍ଭ ହେଉଥିବାବେଳେ ର୍‍ୟାଗିଂ ପୁନର୍ବାର ତା' କୁତ୍ସିତ ରୂପ ପ୍ରକାଶ କରିଛି। ମହାମାରୀ ଦୂରେଇ ଯାଇ ନୂଆ ସ୍ଥିତି ସୃଷ୍ଟି ହେବ ବୋଲି ଆଶା କରାଯାଉଥିଲା। ହେଲେ ଦୁଃଖର କଥା ଯେ, ଏହି ମାନସିକତାରେ କୌଣସି ପରିବର୍ତ୍ତନ ଆସିନାହିଁ। ର୍‍ୟାଗିଂ ଏକ ମାନସିକ ରୋଗ। ଏହି ରୋଗର ଚେରକୁ ବୁଝିବାରେ ଅକ୍ଷମ ହେଲେ ତାହାର ପରିଣାମ ଅନେକ ସମୟରେ ଭୟାବହ ହେଉଛି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କର ଜୀବନ ଚାଲିଯାଉଥିବା ବିଷୟରେ ବହୁ ସମୟରେ ଖବର ପ୍ରକାଶ ପାଇଆସୁଛି। ମନେରଖିବାକୁ ହେବ ଯେ, ର୍‍ୟାଗିଂ ରୋଗ ବିଶେଷକରି ଭାରତରେ ଅଧିକ ଦେଖିବାକୁ ମିଳେ। ବିଦେଶକୁ ପଢ଼ିବାକୁ ଯାଇଥିବା ଭାରତୀୟ ଛାତ୍ରୀଛାତ୍ରଙ୍କୁ ସେଠାରେ ର୍‍ୟାଗିଂ କରାଯିବାର ଖବର ସାଧାରଣରେ କେହି ଶୁଣି ନ ଥାଉ। ଅବଶ୍ୟ ଏହା ସତ୍ୟ ଯେ, ପୃଥିବୀବ୍ୟାପୀ ସବୁ ଶିକ୍ଷାନୁଷ୍ଠାନରେ ପିଲାଙ୍କୁ ଅତ୍ୟାଚାର ବା 'ବୁଲିଂ'ର ଶିକାର ହେବାକୁ ପଡ଼େ ବୋଲି ବିଭିନ୍ନ ଅନ୍ତର୍ଜାତୀୟ ଗଣମାଧ୍ୟମରୁ ଜାଣିବାକୁ ମିଳିଥାଏ। କିନ୍ତୁ ଭାରତରେ ଏହି ର୍‍ୟାଗିଂ ରୋଗର ସଂକ୍ରମଣ କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଶିକ୍ଷାନୁଷ୍ଠାନରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ସତ୍ତ୍ୱେ ନୂଆ ଛାତ୍ରୀଛାତ୍ରଙ୍କୁ କରାଯାଉଥିବା ଅତ୍ୟାଚାର ଦର୍ଶାଉଛି କେଉଁଭଳି ଭାବରେ ଭାରତର ଯୁବପିଢ଼ିର ମାନସିକତା ଗଢ଼ିଉଠୁଛି।

ଫେବୃୟାରୀ ୪ରେ ଆନ୍ଧ୍ରପ୍ରଦେଶର ଜବାହରଲାଲ ନେହେରୁ ଟେକ୍ନୋଲୋଜିକାଲ ୟୁନିଭର୍ସିଟି(ଜେଏନ୍‌ଟିୟୁ), ଅନନ୍ତପୁରରେ ର୍‍ୟାଗିଂ ଘଟଣା ପୁଣି ଆଲୋଚନାକୁ ଆସିଛି। ଉକ୍ତ ଘଟଣାରେ ଅଭିଯୋଗ କ୍ରମେ କଲେଜ ଏକାଡେମୀ କାଉନ୍‌ସିଲ୍ ୧୮ ପିଲାଙ୍କୁ ନିଲମ୍ବନ କରିଛି। ଜେଏନ୍‌ଟିୟୁର ସିନିୟର ଛାତ୍ରମାନେ ଜୁନିୟରଙ୍କୁ ଜବରଦସ୍ତ ସେମାନଙ୍କ ହଷ୍ଟେଲକୁ ନେଇଥିଲେ ଓ ସେଠାରେ ସେମାନଙ୍କୁ ଅର୍ଦ୍ଧନଗ୍ନ କରାଇ ଆଦେଶ ପାଳନ କରିବାକୁ ବାଧ୍ୟ କରିଥିଲେ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତବର୍ଷ ଜାନୁୟାରୀରେ ମୁମ୍ବାଇର ଜି.ଏସ୍. ମେଡିକାଲ କଲେଜ ଆଣ୍ଡ କେ.ଇ.ଏମ୍. ହସ୍ପିଟାଲର ଜଣେ ଅକ୍ୟୁପେଶନାଲ ଥେରାପି ଛାତ୍ରଙ୍କୁ ର୍‍ୟାଗିଂ ଅଭିଯୋଗରେ ୧୭ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୁନଶ୍ଚ ସେହି ମାସର ଶେଷ ସପ୍ତାହରେ ରାଜସ୍ଥାନ କଲେଜରେ ମଧ୍ୟ ର୍‍ୟାଗିଂ ଘଟଣା ସାମ୍ନାକୁ ଆସିଥିଲା।

ମହାମାରୀର ପ୍ରଭାବ କମି ଆସୁଥିବା ବେଳେ ଶିକ୍ଷା ବ୍ୟବସ୍ଥା ଅଣ୍ଟା ସଳଖିବା ଆରମ୍ଭ କରିଛି। ଏହି ସମୟରେ ଏଭଳି ଅମାନବୀୟ କାର୍ଯ୍ୟ ଏକ ନକାରାତ୍ମକ ବାର୍ତ୍ତା ଦେଇଛି। ମୁଖ୍ୟତଃ ଇଞ୍ଜିନିୟରିଂ ଓ ମେଡିକାଲ କଲେଜଗୁଡ଼ିକରେ ଅଧିକ ର୍‍ୟାଗିଂ ହେଉଥିବା ଲକ୍ଷ୍ୟ କରାଯାଉଛି। ର୍‍ୟାଗିଂକୁ ଅପରାଧ ଭାବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ସହ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି କୁହାଯାଇଥିଲେ ମଧ୍ୟ ପିଲାମାନଙ୍କର ପୋଲିସ ପ୍ରତି ଭୟ ରହୁନାହିଁ। ଫଳରେ କଠୋର ନିୟମ ସତ୍ତ୍ୱେ ଏହା ଥମିବାର ନାଁ ଧରୁନାହିଁ। ୨୦୧୬ରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନଭିତ୍ତିକ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ଭାରତରେ ର୍‍ୟାଗିଂର ଶିକାର ହେଉଥିବା ୪୦ ପ୍ରତିଶତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯ ପ୍ରତିଶତରୁ କମ୍ ଏହା ବିରୋଧରେ ମୁହଁ ଖୋଲିଥାଆନ୍ତି। ଯେଉଁମାନେ ର୍‍ୟାଗିଂର ଶିକାର ହୁଅନ୍ତି, ସେମାନେ ମାନସିକ ଅବସାଦ ଓ ଆବେଗଗ୍ରସ୍ତ ହୋଇଥାଆନ୍ତି।

ଛାତ୍ର ସମାଜ ପାଇଁ ର୍‍ୟାଗିଂ ଏକ ବଡ଼ ସମସ୍ୟା। ଏଣୁ ଏହାର ପ୍ରତିକାର ସମଗ୍ର ସମାଜର ସହଯୋଗ ଦ୍ୱାରା ମିଳିପାରିବ। କେବଳ ଅଭିଭାବକ ସବୁବେଳେ ପିଲାମାନଙ୍କ ବ୍ୟବହାର ସମ୍ପର୍କରେ ସଚେତନ ରହିବା କିମ୍ବା ସେଥିରେ ପରିବର୍ତ୍ତନ ଆଣିବା ସମ୍ଭବପର ବୋଲି ଭାବି ହେଉନାହିଁ। ସେହିଭଳି ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ମଧ୍ୟ ର୍‍ୟାଗିଂ ଘଟଣାରେ ଏକାକୀ ଦାୟୀ ହେବା ଅନୁଚିତ ହୋଇପାରେ। ସମ୍ଭବତଃ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିରୋଧ ଆରମ୍ଭ ହେଲେ ଏହି ଗୁଣ୍ଡାମିର ନିରାକରଣ ପନ୍ଥା ବାହାରିପାରେ। କିନ୍ତୁ ଯେଉଁ ଦେଶରେ ଶିକ୍ଷାନୁଷ୍ଠାନ ଭିତରେ ରାଜନୀତି ଏବଂ ଧର୍ମ ଆଳରେ ହିଂସା ଓ ଦ୍ୱେଷକୁ ସବୁ ପକ୍ଷରୁ ପ୍ରବର୍ତ୍ତାଇବାର ସକ୍ରିୟ ଉଦ୍ୟମ ଆରମ୍ଭ ହେଲାଣି, ସେଭଳି ଦେଶରେ ର୍‍ୟାଗିଂକୁ ଗୁରୁତ୍ୱ ଦିଆଯାଇ ତା'ର ପ୍ରତିକାର ହେବ ବୋଲି ବିଶ୍ୱାସ କରାଯାଉନାହିଁ।

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୭

- ଜାତିସଂଘର କେତେକ କର୍ମଚାରୀଙ୍କ ସମେତ ୧୪ ଜଣ ବ୍ୟକ୍ତିଙ୍କୁ ମୁକ୍ତ ଜାମିନରେ ରଖିଥିବା ବନ୍ଧୁକଧାରୀଙ୍କ ସହ ଆପୋଷ କଥାବାର୍ତ୍ତା ପାଇଁ ଯାଇଥିବା ତାଜିକସ୍ତାନର ନିରାପତ୍ତା ମନ୍ତ୍ରୀ ସାଇ ଦାମିରି ଖୁଣ୍ଟୁରୋଭଙ୍କୁ ହରଣଚାଲ କରିନିଆଯାଇଛି।
- ବାଂଲାଦେଶର ନରମପନ୍ଥୀ ଫ୍ରିଡମ ପାର୍ଟିର ଅନ୍ୟୂନ ୧୪ ଜଣ ସଦସ୍ୟ ଦେଶଦ୍ରୋହ ଅଭିଯୋଗରେ ସମ୍ପୃକ୍ତ ଥିବାର ଜଣାପଡ଼ିଛି।
- ଆନ୍ତର୍ଜାତିକ କୁଖ୍ୟାତ ଅପରାଧୀ ଚାର୍ଲସ ଶୋଭରାଜଙ୍କୁ ଖଲାସ ପାଇଁ ଦିଲ୍ଲୀର ଏକ ଅଦାଲତ ପକ୍ଷରୁ ତୃତୀୟ ଥର ପାଇଁ ଆଦେଶ ଜାରି କରାଯାଇଛି।
- ବିଶିଷ୍ଟ ସାରସ୍ୱତ ସାଧକ ରାଜକିଶୋର ପଟ୍ଟନାୟକଙ୍କୁ 'ଅତିବଡ଼ି ଜଗନ୍ନାଥ ଦାସ' ପୁରସ୍କାର ପ୍ରଦାନ।

## su | do | ku   ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 4 | | | | 8 | 1 |
| | | | | | | | | 5 |
| 2 | 7 | | | 3 | | | | |
| | 2 | 7 | | | | | | |
| | | 6 | | | | | 5 | |
| 9 | | | | | 1 | | 4 | 8 |
| 6 | | | | 9 | 8 | | | 3 |
| | | | | | | 8 | | 4 |
| | | | | 2 | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 6 | 4 | 1 | 3 | 9 | 8 | 2 |
| 4 | 9 | 3 | 6 | 2 | 8 | 7 | 1 | 5 |
| 1 | 8 | 2 | 5 | 9 | 7 | 6 | 3 | 4 |
| 6 | 1 | 4 | 8 | 3 | 5 | 2 | 9 | 7 |
| 8 | 3 | 9 | 7 | 4 | 2 | 5 | 6 | 1 |
| 7 | 2 | 5 | 1 | 6 | 9 | 3 | 4 | 8 |
| 3 | 5 | 7 | 9 | 8 | 1 | 4 | 2 | 6 |
| 9 | 6 | 8 | 2 | 5 | 4 | 1 | 7 | 3 |
| 2 | 4 | 1 | 3 | 7 | 6 | 8 | 5 | 9 |

ଗତକାଲିର ଉତ୍ତର

# ଭୋଟ ବର୍ଜନ ଏକ ଭ୍ରାନ୍ତି



ସହଦେବ ସାହୁ

ପରିହାର କି ପରିତ୍ୟାଗ କହିଲେ ବଡ଼ ନରମ ଲାଗେ, ମାନେ କାହାକୁ ନ ଜଣାଇ ତ୍ୟାଗ କରିବା। ଗୋଟିଏ ଇଚ୍ଛା ପ୍ରକାଶ ବା ଉଦ୍ଦେଶ୍ୟ ସାଧନ ଅର୍ଥରେ ବା ଚାପ ପକାଇବା ପାଇଁ ତ୍ୟାଗ କରିବା ହେଉଛି ବର୍ଜନ। ବର୍ଜନ ପଛରେ ଢେଙ୍ଗୁରା ପିଟିବା ଥାଏ। ସେହି ଅର୍ଥରେ କେତେକ ସ୍ଥାନରେ ଗ୍ରାମବାସୀ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି କହୁଛନ୍ତି, ଅର୍ଥାତ୍ ଭୋଟଗ୍ରହଣ କେନ୍ଦ୍ରକୁ ଯିବେ ନାହିଁ ବୋଲି ଘୋଷଣା କରିଛନ୍ତି। ଏଥିରେ ଉଦ୍ଦେଶ୍ୟ ସାଧିତ ହେବ ଟି? ଅତୀତରେ ନିର୍ବାଚିତ ପ୍ରତିନିଧିଟି ଆମ କାମ (ଗାଁର ବିକାଶ ଓ ଆମର ବିକାଶ) କରିନାହିଁ ବୋଲି ଆମେ ଭୋଟ ଦେବାକୁ ଯିବା ନାହିଁ ତ, ତାକୁ ଆମେ ପାନେ ଦେଇପାରିବା କି? ଏହାର ଉତ୍ତର ନା ବୋଲି ଆମ ନିର୍ବାଚନ ପଦ୍ଧତି କହୁଛି। ଯେତେ ପ୍ରାର୍ଥୀ ନିର୍ବାଚନର ରଣାଙ୍ଗନରେ ଛିଡ଼ା ହୋଇଥିବେ ସେମାନଙ୍କ ଭିତରୁ ଯିଏ ସର୍ବାଧିକ ଭୋଟ ପାଇଥିବ ସେ ବିଜୟୀ ହେବ, ଅର୍ଥାତ୍ ତୁମର ପ୍ରତିନିଧି ହେବ, ତାକୁ ତୁମେ ଭୋଟ ନ ଦେଇଥିଲେ ବି। ଲୋକେ ସିନା ଭୋଟ ବର୍ଜନ କରିବେ, ପ୍ରାର୍ଥୀ ହୋଇଛି ମାନେ ସେ ନିଜେ ଦେବ ଓ ନିଜକୁ ଦେବ; ତା'ର ନିଜ ଲୋକେ, ତା' ପରିବାରର ଲୋକେ ଭୋଟ ଦେବେ। ସିଏ ଦୁଇ ତିନିଟା ଭୋଟରେ ଜିତିଯିବ, ତେଣୁ ପ୍ରତିନିଧି ହୋଇଯିବ, ଯେଉଁମାନେ ବର୍ଜନ କରିଛନ୍ତି ସେମାନଙ୍କର ବି ପ୍ରତିନିଧି। ବର୍ଜନ ମାନେ 'ମୌନଂ ସମ୍ମତି ଲକ୍ଷଣମ୍'। ପ୍ରତିନିଧିତ୍ୱ କଲାବେଳେ ସେ ବର୍ଜନକାରୀଙ୍କୁ 'ଦେଖିନେବ'। ଯେସାକୁ ତେସା। ସେ ବି ବର୍ଜନକାରୀ ଲୋକଙ୍କ ପାଇଁ କିଛି କାମ କରିବ ନାହିଁ, କାହିଁକି କରୁନାହିଁ ବୋଲି ପଚାରିଲେ ସେ ଓଲଟା ପଚାରିବ 'ତୁମେ ମୋତେ ଭୋଟ ଦେଇଥିଲ କି?' ତେଣୁ ଭୋଟ ବର୍ଜନ ବର୍ଜନକାରୀର ବିରୋଧରେ ଯିବ, ତା' ମୁହଁ ବନ୍ଦ ହୋଇଯିବ। ଚାପ ପକାଇବା ଉଦ୍ଦେଶ୍ୟ ଥିଲେ ବି ଫସର ଫାଟିବ, ଭୋଟ ବର୍ଜନବାଲା ନିଜେ ଚାପଗ୍ରସ୍ତ ହୋଇଯିବ। ତେଣୁ ଭୋଟ ବର୍ଜନ କରିବା ମାନେ ଜଣେ ସ୍ୱେଚ୍ଛାତନ୍ତ୍ରୀ ଲୋକକୁ ଜିତାଇବା, ସେ ତ ଚାହିଁବ ସବୁବେଳେ ତା' ନିର୍ବାଚନମଣ୍ଡଳୀରେ ତା'ର ସମର୍ଥନକାରୀ ଲୋକେ ଭୋଟ ଦେବାକୁ ଆସନ୍ତୁ, ଅନ୍ୟମାନେ ଭୋଟ ଦେବାକୁ ନ ଆସନ୍ତୁ। ତା' ହେଲେ ତା'ର ମୁଷ୍ଟିମେୟ ସମର୍ଥକଙ୍କୁ ଧରି ସେ ଜିତିଯିବ।

ଭୋଟ ବର୍ଜନ କରିବା ଅର୍ଥ ସରକାରକୁ ଚଳାଇବା ପାଇଁ ଆମ ତରଫରୁ କୌଣସି ବ୍ୟକ୍ତିକୁ ପ୍ରତିନିଧି ହିସାବରେ ନ ପଠାଇବା, ଆମ କଥାକୁ କେହି ସରକାରରେ ନ ଉଠାଇବା। ୫ ବର୍ଷରେ ଥରେ ନିର୍ବାଚନ କରାଯିବା ମାନେ ଭୋଟରମାନେ ଠିକ୍ କରିବେ ନୂଆ ପ୍ରତିନିଧି ପଠାଇବେ କି ପୁରୁଣା ପ୍ରତିନିଧି ଆଉଥରେ ପ୍ରତିନିଧିତ୍ୱ କରିବେ। ନିର୍ବାଚନ ନ ହେଲେ ପୁରୁଣା ଲୋକ ଅପ୍ରିୟ ହେଲେ ବି ଲୋକଙ୍କ ପ୍ରତିନିଧି ବୋଲାଉଥିବେ, ଗାଦିରେ ରହିଥିବେ। ଭୋଟ ଦେବା ଏକ ରାଜନୈତିକ ଅଧିକାର। ଏ ଅଧିକାର ଆମ ପୂର୍ବଜମାନେ ଆନ୍ଦୋଳନ ଜରିଆରେ ଓ ଲଢ଼େଇ କରି ପାଇଛନ୍ତି। ତାହା ହିଁ ଆମ ଶାସନ ବ୍ୟବସ୍ଥାକୁ ଗଣତନ୍ତ୍ର, ଗଣ ବା ଲୋକଙ୍କ ଶାସନ କରାଇଛି। ଆଗରୁ ରାଜାମାନେ ଶାସନ କରୁଥିଲେ, ରାଜାର ପୁଅ ହିଁ ରାଜା ହେଉଥିଲା, ସେ ତା' ପରିବାରର କଥା ଚିନ୍ତା କରୁଥିଲା, ଲୋକେ ତାଙ୍କର ପ୍ରଜା ଥିଲେ, ରଇତ ଥିଲେ, ରାଜା ପ୍ରଜାମାନଙ୍କୁ ପୋଷା ପ୍ରାଣୀ ଭଳି ପାଳୁଥିଲେ। କିନ୍ତୁ ଗଣତନ୍ତ୍ରରେ ଲୋକେ ନିଜର ଭାଗ୍ୟ ନିର୍ଣ୍ଣୟ କରନ୍ତି। ପ୍ରତ୍ୟେକ ବ୍ୟକ୍ତି ଦେଶର ସମ୍ବଳ, ସମ୍ବଳର ବିକାଶ ନ ହେଲେ ଦେଶର ବିକାଶ ହେବ ନାହିଁ। ରାଜତନ୍ତ୍ରରେ ରାଜା ଅପରିବର୍ତ୍ତନୀୟ ଥିବାରୁ ସେ ତା' ପରିବାରର ଉନ୍ନତି ଚାହେଁ, କିନ୍ତୁ ଗଣତନ୍ତ୍ରରେ ଗଣର ବା ଲୋକଙ୍କ ଶାସନ ଚାଲୁଥିବାରୁ ଲୋକଙ୍କ ବିକାଶ ପ୍ରତି ଯତ୍ନ ନିଆଯାଏ। ସବୁ ଲୋକ ତ ରୁଣ୍ଡହୋଇ ବସିବା ସମ୍ଭବ ନୁହେଁ, ତେଣୁ ସେମାନେ ପ୍ରତିନିଧି ପଠାଇ ସରକାରକୁ ଚଳାନ୍ତି। ମଝିରେ ମଝିରେ ପ୍ରତିନିଧିକୁ ନ ବଦଳାଇଲେ ବା ସେ ଲୋକଙ୍କର ସମ୍ମତି ନ ନେଲେ ପ୍ରତିନିଧିଜଣକ ସ୍ୱେଚ୍ଛାଚାରୀ ହୋଇପାରେ ବା ହୋଇଥାଏ; ଖଳଲୋକ ଥରେ ନିର୍ବାଚିତ ହୋଇଗଲେ ଗାଦିକୁ ମାଡ଼ିଧରେ। ନିଜ ସମର୍ଥକମାନଙ୍କ ଭୋଟରେ ନିର୍ବାଚିତ ହୋଇ ସେମାନଙ୍କ ପରିବାରର ଉନ୍ନତି କରିବାରେ ଲାଗିପଡ଼ିବେ, ସାଧାରଣ ଲୋକଙ୍କ କଥା ହେଜିବେ ନାହିଁ। ତେଣୁ ଆମର ରାଜନୈତିକ ଅଧିକାର ହେଉଛି ଭୋଟ ଦେଇ ପ୍ରତିନିଧି ବାଛିବା, ଅର୍ଥାତ୍ ଆମକୁ ଶାସନ କରିବେ ଆମର ପ୍ରତିନିଧିମାନେ।

ମନେ ରଖିବା କଥା ଯେ, ପ୍ରତିନିଧିମୂଳକ ଗଣତନ୍ତ୍ରର ଆଧାର ଭୋଟିଂ ବ୍ୟବସ୍ଥା ହେଲେ ହେଁ ଭୋଟ ଦେବା ପାଇଁ ଲୋକ ବାଧ୍ୟ ନୁହେଁ; ପୃଥିବୀର କୌଣସି ଗଣତନ୍ତ୍ରରେ ଭୋଟିଂକୁ ବାଧ୍ୟତାମୂଳକ କରାଯାଇନାହିଁ। ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ବି। ଯେଉଁଟା ବାଧ୍ୟତାମୂଳକ ନୁହେଁ, ନ ଦେଲେ ଦଣ୍ଡନୀୟ ହେବ କି ସରକାର ଅଚଳ ହୋଇଯିବ ବୋଲି ଆଇନ ନାହିଁ। ତେଣୁ ଭୋଟ ନ ଦେଲେ ଭୋଟିଂ ଅଧିକାର ଚାଲିଯାଏ ନାହିଁ। ସାମୂହିକ ଭାବେ ଭୋଟ ନ ଦେବା ଘୋଷଣା କରିବା ହିଁ ଭୋଟ-ବର୍ଜନ: ଜଣ ଜଣ କରି ଗାଁ ଯାକ ଲୋକ ଭୋଟ ନ ଦେଲେ ବି ସେହି ଫଳ ମିଳେ। ଏ ପ୍ରକ୍ରିୟାରେ ଯେଉଁ ପୁରୁଣା ପ୍ରତିନିଧି ବିରୋଧରେ ରୋଷକରି ଲୋକେ ବର୍ଜନ କରୁଛନ୍ତି ତାହାର କିଛି କ୍ଷତି ହୁଏ ନାହିଁ, ବରଂ ସେ ନିଜର ଓ ସହଯୋଗୀମାନଙ୍କ ଭୋଟରେ ଖୁବ୍ ସହଜରେ ଆଉ ଥରେ ପ୍ରତିନିଧିତ୍ୱ କରେ। ତେଣୁ ବର୍ଜନ କରିବା ନିଜ ପ୍ରତି ଏକ ଆଘାତ।

ଏ ସବୁ ବୁଝିବାକୁ ଅଧିକାର ସମ୍ପର୍କରେ ଆମର ଜ୍ଞାନ ବଢ଼ାଇବା ଦରକାର। କେତେଗୁଡ଼ିଏ ଅଧିକାର ଆମକୁ ସ୍ୱତଃ ମିଳିଥାଏ, ଯାହାକୁ ଆମେରିକାର ସମ୍ବିଧାନ ପ୍ରଣେତାମାନେ ସେଲ୍ଫଏଭିଡେଣ୍ଟ (ଜଳ ଜଳ ଦିଶୁଛି) କହିଛନ୍ତି; ଅର୍ଥ ଏ ଅଧିକାରଗୁଡ଼ିକ ମଣିଷକୁ ଆପେ ଆପେ ମିଳିଛି: ସେଗୁଡ଼ିକ ହେଉଛି ପ୍ରାକୃତିକ ଅଧିକାର – ଜୀବନ, ସ୍ୱାଧୀନତା ଓ ସୁଖର ଅନ୍ୱେଷଣ (ଲାଇଫ୍, ଲିବର୍ଟି ଆଣ୍ଡ ପର୍‌ସୁଟ୍ ଅଫ୍ ହାପିନେସ୍)। ଏଗୁଡ଼ିକୁ ହାସଲ କରିବା ଲାଗି ଲୋକେ ସରକାର ଗଢ଼ନ୍ତି ଏବଂ ଲୋକଙ୍କ ସମ୍ମତିରୁ ସରକାର ତାହାର ଉଚିତ ବଳ ପାଇଥାଏ। ଏଭଳି ପ୍ରାକୃତିକ ଅଧିକାର (ଇଂଲିଶରେ ନାଚୁରାଲ ରାଇଟ୍‌ସ) ଦେଶ ବା ରାଷ୍ଟ୍ରର ସୃଷ୍ଟି ହେବା ପୂର୍ବରୁ ରହିଛି, ତାହା ଅଭେଦ୍ୟ, ଅଚ୍ଛେଦ୍ୟ, ଚୂଡ଼ାନ୍ତ। ଲୋକେ ଯେପରି ସେମାନଙ୍କର ଚୂଡ଼ାନ୍ତ ଅଧିକାରଗୁଡ଼ିକୁ ସମାଜରେ ଅବାଧରେ ଉପଭୋଗ କରିପାରନ୍ତି ତାହା କେବଳ ଲୋକଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଗଢ଼ା ସରକାର ହିଁ ଦେଖିପାରିବେ। ଲୋକଙ୍କ ସମ୍ମତି ଅନୁଯାୟୀ ପ୍ରତିନିଧିମାନେ ସରକାର ଚଳାଉଛନ୍ତି କି ନାହିଁ ଜାଣିବା ଲାଗି ପ୍ରତିନିଧିମାନଙ୍କ ଉପରେ ଲୋକଙ୍କ ମତ ନେବା ଦରକାର ଏବଂ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ହେବା ଦରକାର ନିର୍ବାଚନ ବ୍ୟବସ୍ଥା। ନାଗରିକଟିଏ ବିନା ପକ୍ଷପାତିତା ଓ ବିନା ନିର୍ଯ୍ୟାତନାରେ ଜୀବନଚର୍ଯ୍ୟା କରିପାରେ ସେ ଦିଗରେ ପ୍ରତିନିଧିମାନେ କାମ କରୁଛନ୍ତି ତ ତାହା ଜାଣିବାଲାଗି ଲୋକଙ୍କ ମତ ନିଆଯିବାର ଅଧିକାର ପ୍ରତିଫଳିତ ହୁଏ ଭୋଟ ମାଧ୍ୟମରେ। ନିରପେକ୍ଷ ଓ ନ୍ୟାୟସଙ୍ଗତ ପ୍ରଶାସନ ସହିତ ଏବେ ଏବେ ଏକ ନୂଆ ଅଧିକାର ଯୋଡ଼ାଯାଇଛି – ପ୍ରାଇଭେସି ବା ଗୁମର ସୁରକ୍ଷା; ବ୍ୟକ୍ତିର ଚିନ୍ତା, ବାକ୍, ଧର୍ମ, ଭାଷଣ, ସଂଗଠିତ ହେବା, ଗମନାଗମନ ଆଦିର ସ୍ୱାଧୀନତା ରକ୍ଷା। ଏଗୁଡ଼ିକ ଛଡ଼ାଇ ନେଲେ ବ୍ୟକ୍ତିର ସିଭିଲ୍ ଡିସେବିଲିଟି ବା ନାଗରିକ ଅକ୍ଷମତା ଆସିଯାଏ। ଅନେକ ଦେଶରେ ରାଜନୈତିକ ଅଧିକାରଗୁଡ଼ିକର ସାମ୍ବିଧାନିକ ସଂଜ୍ଞା ଦିଆଯାଇଛି; ଏପରିକି ବିଶ୍ୱସ୍ତରରେ ସ୍ୱୀକାର କରାଯାଇଛି ୧୯୪୮ର ୟୁନିଭର୍ସାଲ୍ ଡିକ୍ଲାରେଶନ୍ ଅଫ୍ ହ୍ୟୁମାନ୍ ରାଇଟ୍‌ସ୍ ଓ ୧୯୬୬ର ଇଣ୍ଟର୍‌ନ୍ୟାଶନାଲ୍ କନ୍‌ଭେନ୍‌ଶନ୍ ଅନ୍ ସିଭିଲ୍ ଆଣ୍ଡ ପଲିଟିକାଲ୍ ରାଇଟ୍‌ସ ଭିତରେ। ବର୍ଜନ କରିବା ଏକ ଅଭିମାନ, ତାକୁ କେହି ଖାତିର ନ କଲେ ତାହା ବୃଥା, ଉଦ୍ଦିଷ୍ଟ ଇଚ୍ଛା ସାଧିତ ହୁଏ ନାହିଁ। ବରଂ ଯେଉଁ ଦଳର ପ୍ରତିନିଧି ଗାଁର କିଛି କାମ କଲା ନାହିଁ ବୋଲି ଭାବୁଛ ତାକୁ ଭୋଟ ନ ଦେଇ ଯିଏ କାମ କରିବ ବୋଲି ଭାବୁଛ ତାକୁ ଭୋଟ ଦିଅ, ହାରିଥିବା ଓ ଜିତିଥିବା ପ୍ରାର୍ଥୀ ବି ଜାଣିବ ଯେ ଏ ଥର ସେ କାମ ନ କଲେ ଆଉ ନିର୍ବାଚନରେ ଲୋକେ ତାକୁ ଭୋଟ ଦେବେ ନାହିଁ। ଏହି ତ ଏକ ନିର୍ଦ୍ଦିଷ୍ଟ ସମୟର ବ୍ୟବଧାନରେ ନିର୍ବାଚନ କରାହେବାର ଉଦ୍ଦେଶ୍ୟ।

sahadevas@yahoo.com

# ଆଶାବାଦର ସାରତତ୍ତ୍ୱ



ଡ. ମୌସୁମୀ ପରିଡ଼ା

ଜୀବନ ଆଶା ବା ନିରାଶାର ବଳୟ ଭିତରେ ଘୂର୍ଣ୍ଣାୟମାନ। ଯେପରି ଦିନ ରାତି, ଭଲ ମନ୍ଦ, ଖରା ଛାଇ, ହାର୍ ଜିତ୍ ଗୋଟେ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଭିନ୍ନ ହେଲେ ବି କେହି କାହାରିକୁ ବାଦ୍ ଦେଇ ତିଷ୍ଠିବା ଅସମ୍ଭବ, ସେହିପରି ଆଶା ନିରାଶା ମଣିଷ ଅନ୍ତର୍ମନର ଦୁଇଟି ଭିନ୍ନ ସ୍ଥିତି। ମଣିଷ ମନରେ ଉଭୟଙ୍କ ଉପସ୍ଥିତି ରହିଛି, କିନ୍ତୁ ନିଜ ପ୍ରକୃତି ଓ ଶିକ୍ଷାକୁ ନେଇ ଏହା କ୍ରମେ ବିକଶିତ ହୁଏ। ଆଶା ଯେକୌଣସି ସ୍ଥିତିରେ ପ୍ରବୋଧନା ଦେଇ ବଞ୍ଚେଇ ରଖେ, ନିରାଶା ସକଳ ଆଶାର ମୂଳୋତ୍ପାଟନ କରି ଅହରହ ଭାଙ୍ଗିବାକୁ ଚେଷ୍ଟା କରେ। କଥାରେ ଅଛି ପ୍ରତ୍ୟୁଷ ପୂର୍ବର ଅନ୍ଧକାର ଖୁବ୍ ଗାଢ଼। ସୂର୍ଯ୍ୟ ରାତି ଶେଷରେ ହିଁ ଉଦୟ ହୁଅନ୍ତି। ତେଣୁ ଯେକୌଣସି ଦୁଃସ୍ଥିତିର ଯଦି ଆରମ୍ଭ ଥାଏ, ତେବେ ତା'ର ଶେଷ ମଧ୍ୟ ସୁନିଶ୍ଚିତ ହୋଇଥାଏ। 'ଯାହା ହେବ ଭଲ ହେବ ଓ ଆସନ୍ତାକାଲିକୁ ସରସ ସୁନ୍ଦର କରିବାର ଲକ୍ଷ୍ୟ ରଖୁଥିବା' ଲୋକମାନଙ୍କୁ ଆଶାବାଦୀ କୁହାଯାଏ। ଏସବୁ ନିର୍ଭର କରେ ମଣିଷର ପାରିପାର୍ଶ୍ୱିକ ଅବସ୍ଥା ଉପରେ। ମଣିଷ ଅନ୍ତର୍ମନରେ ଉପୁଜୁଥିବା ସ୍ଥିତି ତା'ର ଆଖପାଖର ଲୋକଙ୍କ ଉପରେ ନିର୍ଭର କରେ। ସମସ୍ତଙ୍କ ସମସ୍ୟା ଏକ ପ୍ରକାରର ନୁହେଁ। ଯଦି ସବୁ ଲୋକ ଅଳ୍ପ ବହୁତ ସମସ୍ୟାରେ ଆକ୍ରାନ୍ତ, ତେବେ ପ୍ରତି ସମସ୍ୟାର ସମାଧାନ ଥିବା ସ୍ୱାଭାବିକ। ସେ ଦୃଷ୍ଟିରୁ ଆଶାବାଦୀମାନେ ଜୀବନକୁ ମନଭରି ଭଲପାଆନ୍ତି। ଯେକୌଣସି ସ୍ଥିତିରେ ତିଷ୍ଠି ରହିବାର କାରଣ ଖୋଜନ୍ତି। ଆଶା ସେମାନଙ୍କୁ ଛାଡ଼େନାହିଁ କିମ୍ବା ସେମାନେ ବଞ୍ଚିବାର ଲାଳସାକୁ ଛାଡ଼ନ୍ତି ନାହିଁ। ସେଥିପାଇଁ ଆଶାବାଦୀମାନେ ଜୀବନକୁ ସକାରାତ୍ମକ ଦୃଷ୍ଟିରେ ଦେଖନ୍ତି।

ଆଶାବାଦୀ ହେବା ପାଇଁ ମୁନିଋଷିମାନେ ବେଦ, ଉପନିଷଦ, ପୁରାଣଶାସ୍ତ୍ରରେ କହିଯାଇଛନ୍ତି। ଆଶାବାଦ ଆମ ସଂସ୍କୃତିର ଅଂଶବିଶେଷ। ଲୋକମୁଖରେ ଏହା କ୍ରମେ ପରିବର୍ତ୍ତିତ ହୋଇ ବିଭିନ୍ନ ଢଗଢମାଳି, ଲୋକକଥାରେ ପରିଣତ ହୋଇଛି, ଯାହା ମନରେ ବିଶ୍ୱାସ ଜନ୍ମାଏ। ଖରାପ ସମୟକୁ ଅତିକ୍ରମ କରିବାକୁ ମନରେ ଅଫୁରନ୍ତ ସାହସ ଭରିଦିଏ। ଆଇ ମାଆର କାହାଣୀ ପେଡ଼ି ହେଉ ବା ଲୋକକଥା, ପୁରାଣଶାସ୍ତ୍ର ସବୁଥିରେ ସକାରାତ୍ମକ ଚେତନା। ଏହା ଆମ ସଂସ୍କୃତିକୁ ରସାଳ ଓ ପରିପକ୍ୱ କରିଛି। ଆମ ସଂସ୍କୃତି ଓ ପରମ୍ପରାରେ ଶୈଶବରୁ ମାନବିକତା ଓ ବୌଦ୍ଧିକତାର ଶିକ୍ଷା ଦିଆଯାଏ। ତିନୋଟି ଶୂନକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ବୋଲି ପିଲାଟିଏ ବଡ଼ ପାଟିରେ ଉଚ୍ଚାରଣ କରିବା ସହିତ ତା'ରି ଉପରେ ବାରମ୍ବାର ଗୋଲ୍ ବୁଲାଇ ଅକ୍ଷର ଶିକ୍ଷା କରିବାର ପ୍ରଥମ ପାହାଚରେ ତା' ଅଜାଣତେ ଆଧ୍ୟାତ୍ମିକତା ଶିକ୍ଷା କରେ। ବିଭିନ୍ନ କାହାଣୀ ମାଧ୍ୟମରେ ତାକୁ ଠିକ୍ ଭୁଲ୍, ଉଚିତ୍ ଅନୁଚିତ୍ ବୁଝାଯାଏ। ଭଲ କାମ କରିବାକୁ ଉତ୍ସାହିତ କରାଯାଏ। ମିଛୁଆ ରାଧୁଆ ଗପ ମାଧ୍ୟମରେ ମିଛ କହିଲେ ମହାପାପ ବୋଲି ବୁଝାଯାଏ। ବଉଳା ଗାଈ ତା' ବାଛୁରୀକୁ କ୍ଷୀର ଦେଇ ନିଜ ପ୍ରତିଜ୍ଞା ରକ୍ଷା କରି ବାଘ ପାଖକୁ ଫେରିଆସି ନିଜ ସଚ୍ଚୋଟତାର ପରୀକ୍ଷା ଦିଏ। ଏସବୁ ସତମିଛ କାହାଣୀରୁ ପିଲାଟିଏ ଧୀରେଧୀରେ ଜୀବନକୁ ବୁଝେ। ସ୍ଥିତିକୁ ପରଖେ। କ୍ରମେ ବଡ଼ ହୋଇ ସ୍କୁଲ୍‌ରେ ବହି ପାଠ ପଢ଼ିବାବେଳେ ତୁମ ପରି ଛୋଟ ପିଲାଟିଏ ପରି ଅନେକ କବିତା ଓ ଗପଗୁଡିକରୁ ଭଲ କାମ କରିବାକୁ ପ୍ରେରଣା ପାଏ। ମୂଳଦୁଆ ଶକ୍ତ ହେଲେ ବହୁତଳପ୍ରାସାଦ ତା' ଉପରେ ତିଷ୍ଠି ପାରିବ। ସେଥିପାଇଁ ଶୈଶବ ସମୟର ଶିକ୍ଷା ଗୁରୁତ୍ୱପୂର୍ଣ୍ଣ।

ଅବଶ୍ୟ ଆଜିକାଲି ସେ ସମୟ ନାହିଁ। ବ୍ରହ୍ମା ବିଷ୍ଣୁ ମହେଶ୍ୱର ପରିବର୍ତ୍ତେ ପ୍ଲେ ସ୍କୁଲ୍‌ରେ ବ୍ଲକ୍ ବନାଇବା ସହିତ ବିଭିନ୍ନ ଗୀତସବୁ ଶିକ୍ଷା ଦିଆଯାଏ, ଯାହାର ବ୍ୟାବହାରିକ ଶିକ୍ଷା ଆମ ଜୀବନରେ ଅଳ୍ପ। ତା' ପରେ ସ୍କୁଲ୍ ପାଠ, ଟିଉସନ୍ ପାଠ ଓ ଘରପାଠ ଭିତରେ ଛନ୍ଦି ହୋଇ ପିଲାଟେ ଅବସର ସମୟ ବି ପାଏନା। ପାଠଚାପ, ପ୍ରତିଦ୍ୱନ୍ଦ୍ୱିତା ତାକୁ ହତୋତ୍ସାହିତ କରି ତା' ଭିତରର ସରଳତା ଓ କମନୀୟତାକୁ ନଷ୍ଟକରେ। ମୂଳଦୁଆ କଞ୍ଚା ଥିବାରୁ ତା' ଉପରେ ବହୁତଳ ପ୍ରାସାଦ ତିଷ୍ଠିବା ଅସମ୍ଭବ ହୁଏ। ସ୍ୱାଭାବିକ ଜୀବନ ବଞ୍ଚିନପାରି ସେ ଅଧୈର୍ଯ୍ୟ ଓ ଅସହିଷ୍ଣୁ ହୋଇଯାଏ। ଫଳରେ ହିଂସା, ହତ୍ୟା, ଆତ୍ମହତ୍ୟା ଆଦି ବିଭିନ୍ନ ପ୍ରକାରର ସମସ୍ୟା ସମାଜକୁ ରୁଗ୍ଣ କରେ। ସେଥିପାଇଁ ସାରା ବିଶ୍ୱରେ ନୈରାଶ୍ୟବାଦୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଦେଶଗୁଡ଼ିକ ଆର୍ଥିକ ଅନଟନ ଦେଇ ଗତି କରୁଥିବାବେଳେ ସାଧାରଣ ମଣିଷ ଖାଇବାକୁ ନପାଇ ଭୋକ ଉପାସରେ ଡହଳବିକଳ। ରୋଗ ଭୟରେ ଆଖି ଆଗରେ ମୃତ୍ୟୁବରଣ କରୁଥିବା ଆତ୍ମୀୟଟି ପାଇଁ କିଛି କରିହେଉନଥିବାର ହତାଶା ମଣିଷ ଭିତରର ଆତ୍ମବିଶ୍ୱାସଟିକୁ ମାରି ସାରିଲାଣି।

ଏହାବାଦ୍ ଆଜିକାଲି କାର୍ଯ୍ୟାଳୟମାନଙ୍କରେ ଉପୁଜୁଥିବା ବିଭିନ୍ନ ସମସ୍ୟା, ଚାପ, ଘର ସହିତ ସମ୍ପର୍କକୁ ନେଇ ନାନାଦି ସମସ୍ୟା ମଣିଷକୁ ହନ୍ତସନ୍ତ ଓ ଏକାକୀ କରିଦେଇଛି। ଜନସଂଖ୍ୟା ସହିତ ଯାନବାହନ, ସୁଖ ସମୃଦ୍ଧି ପ୍ରାଚୁର୍ଯ୍ୟ ଭିତରେ ବି ଏକାକୀ ସମସ୍ତେ। ସବୁ ପ୍ରକାରର ଚାପ ଭିତରେ ପେଷିହୋଇ ଯନ୍ତ୍ର ମଣିଷ ପାଲଟିଯିବା ସ୍ୱାଭାବିକ। ଧୈର୍ଯ୍ୟଚ୍ୟୁତି ଘଟିବା ଯୋଗୁଁ ନୈରାଶ୍ୟ ଜନ୍ମ ନେଇ ଏତେ ଅସହାୟ କରିଦେଉଛି ଯେ ବ୍ୟକ୍ତିଟି କେବେକେବେ ମୃତ୍ୟୁର ରାସ୍ତା ବାଛିନେଉଛି। ଆଜିକାଲି ଯୁବକମାନେ ବିଶେଷତଃ ଏ ରାସ୍ତାକୁ ଆପଣେଇ ନେଉଥିବାର ଲକ୍ଷ୍ୟ କରାଯାଏ।

ଆଶାବାଦୀମାନେ ପ୍ରତିକୂଳତା ଭିତରେ ଲୁକ୍କାୟିତ ଅନୁକୂଳତାର ଅନ୍ୱେଷଣରେ ଥାଆନ୍ତି। ଦୁଃସ୍ଥିତି ଭିତରେ ବି ବଞ୍ଚିବାର ସାଧନ ଯୋଗାଡୁଥାଆନ୍ତି। ପ୍ରତ୍ୟେକ ସ୍ଥିତି ସମ୍ଭାବନାମୟ। ତେଣୁ ନକାରାତ୍ମକ ଚେତନାରୁ ଊର୍ଦ୍ଧ୍ୱରେ ଥାଇ ଜୀବନକୁ ଖୋଜୁଥାଆନ୍ତି। ସକାରାତ୍ମକ ଚିନ୍ତାଧାରା, ଆଶାବାଦକୁ ନେଇ ସୋସିଆଲ୍ ମିଡିଆରେ ବିଭିନ୍ନ ଭିଡିଓ ପ୍ରସାରିତ ହେଉଥିବାବେଳେ ଏଥି ସମ୍ପର୍କିତ ବିଭିନ୍ନ ବହି ବଜାରରେ ଉପଲବ୍ଧ। କିନ୍ତୁ ଶ୍ରୀମଦ୍ ଭଗବଦ୍ ଗୀତାରେ ଆଶାବାଦର ସାରତତ୍ତ୍ୱ ବେଶ୍ ସୁନ୍ଦର ଭାବେ ପ୍ରତିଫଳିତ। ସାଂସାରିକ ମଣିଷ ପାଇଁ ଶ୍ରୀମଦ୍ ଭଗବଦ୍ ଗୀତା ଅତ୍ୟନ୍ତ ପ୍ରଭାବଶାଳୀ। ଦ୍ୱନ୍ଦ୍ୱ ଦ୍ୱିଧା, ରୋଗ ଶୋକ, ରାଗ ଅନୁରାଗରୁ ଉତ୍ତୀର୍ଣ୍ଣ ହୋଇ ମଣିଷ କିପରି ନିଜ ସ୍ୱଭାବକୁ ଉନ୍ନତ କରିପାରିବ ସେସବୁର ବ୍ୟାଖ୍ୟା କରାଯାଇଛି।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ସ୍କୁଲ ନ ଯାଇ ପେଟ ଚିନ୍ତାରେ ରାସ୍ତାରେ ବୁଲୁଥିବା ଅସହାୟ ପିଲାମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ କାର୍ଯ୍ୟରତ ବହୁ ବ୍ୟକ୍ତିଙ୍କ ମଧ୍ୟରୁ ମୁମ୍ବାଇର ହୈମନ୍ତି ସେନ୍ ଅନ୍ୟତମ। ସେ ଏକ ଭଲ ଦରମାର କର୍ପୋରେଟ ସେକ୍ଟର ଚାକିରି ଛାଡ଼ି ଏବେ ମୁମ୍ବାଇର ଖାଣ୍ଡିବାଲି ଷ୍ଟେଶନର ସ୍କାଏୱାକ୍‌ରେ ବସ୍ତି ପିଲାମାନଙ୍କୁ ପଢ଼ାଉଛନ୍ତି। ସ୍କୁଲକୁ ନ ଯାଇ ରାସ୍ତାରେ ଭିକ୍ଷା ମାଗୁଥିବା ଏହି ପିଲାମାନଙ୍କୁ ଦେଖିବା ପରେ ସେନ୍ ଉକ୍ତ କାର୍ଯ୍ୟ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ 'ଜୁନୁନ୍' ସଂସ୍ଥା ଗଠନ କରିଛନ୍ତି ଓ ତାଙ୍କର ଏହି ମହତ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ବହୁ ସମଚିନ୍ତାଧାରାର ବ୍ୟକ୍ତି ଏଥିରେ ସାମିଲ ହୋଇଛନ୍ତି। ହୈମନ୍ତଙ୍କ ବୟସ ଏବେ ୨୫। ସେ ପିଲାମାନଙ୍କୁ ମୌଳିକ ଶିକ୍ଷା ଦେବା ସହ ବିଭିନ୍ନ କୌଶଳ ଶିକ୍ଷା ମଧ୍ୟ ପ୍ରଦାନ କରୁଛନ୍ତି। ଏବେ ତାଙ୍କ ପାଖରେ ୧୫ ଜଣ ପିଲା ପଢୁଛନ୍ତି। ପିଲାମାନଙ୍କୁ ଅକ୍ଷର ଶିଖାଇବା, ସଂଖ୍ୟାଗଣନା, ଶବ୍ଦ, କଳା ଓ ଯୋଗାଯୋଗ ସମ୍ପର୍କିତ ଶିକ୍ଷା ଦିଆଯାଉଛି। ଅଧିକରୁ ଅଧିକ ପିଲାଙ୍କୁ ନେଇ ମୁମ୍ବାଇର ବିଭିନ୍ନ ବସ୍ତି ଅଞ୍ଚଳରେ ଅସହାୟ ପିଲାମାନଙ୍କୁ ଶିକ୍ଷା ଦେବା ଲାଗି ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ତାଙ୍କୁ ସହଯୋଗ କରିବାକୁ କେତେକ ସ୍ୱେଚ୍ଛାସେବୀ ସଂଗଠନ ଆଗକୁ ଆସିଛନ୍ତି।

## ଚିରନ୍ତନୀ

ଦେଖିଲି ଗୋଧୂଳି କେତେ ନବ ନବ
ଦେଖିଲି ଛବି,
ମରମପୁଟରେ ନିଭିଲାଣି କେତେ
ନିମେଷେ ଜପଲି।
ବାଟେ ଘାଟେ ଯେତେ ଦେଖିଲି ସୁଷମା
ବଖାଣି ନୋହେ
ଯେତେ ରୂପେ ପ୍ରାଣ ପୂରିଲା ରସର
ପରାସ ଲଭି।
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଟ୍ରିକ ପରୀକ୍ଷାର ବିକଳ୍ପ କରାଯାଉ

ମହାଶୟ,

ବିଗତ ୨ ବର୍ଷ ହେଲା କରୋନା ମହାମାରୀ ପ୍ରାଦୁର୍ଭାବରେ ଶିକ୍ଷାପଦ୍ଧତିରେ ବ୍ୟାପକ ଅବହେଳା ପରିଲକ୍ଷିତ ହେଉଛି। ପରିଣାମ ସ୍ୱରୂପ +୨ ଶେଷବର୍ଷ ପରୀକ୍ଷା ବାତିଲ ଦାବିରେ ଛାତ୍ରୀଛାତ୍ର ନିକଟରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କରୋନା ପ୍ରଭାବରେ ଶ୍ରେଣୀ ଗୃହରେ ଠିକ୍ ଭାବେ ପାଠପଢ଼ା ହୋଇପାରିଲା ନାହିଁ, ତା'ହେଲେ ପରୀକ୍ଷା କିପରି ଦେବୁ ବୋଲି ସେମାନେ ଯୁକ୍ତି ଉଠାଇଛନ୍ତି। ଏହା ବାସ୍ତବିକ ଯୁକ୍ତିଯୁକ୍ତ ଏବଂ ଛାତ୍ରୀଛାତ୍ରଙ୍କର କ୍ୟାରିୟର ପାଇଁ ନ୍ୟାୟସଙ୍ଗତ। ଏହି ଦାବିକୁ ମଧ୍ୟ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ୟୁନିୟନ ସଭାପତି ଏବଂ ନବନିର୍ମାଣ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ପ୍ରମୁଖ ଦୃଢ଼ ସମର୍ଥନ ଜଣାଇଛନ୍ତି। ତେଣୁ ଏଠାରେ ପ୍ରଶ୍ନ ଉଠେ ଯେ, ସରକାର ଶିକ୍ଷା ବ୍ୟବସ୍ଥାର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଛାତ୍ରୀଛାତ୍ରଙ୍କର ମୂଳଦୁଆ ଏବଂ ଭବିଷ୍ୟତ ବୋଲାଉଥିବା ମାଟ୍ରିକ ବୋର୍ଡ ପରୀକ୍ଷା କରିବା ପାଇଁ ନେଇଥିବା ନିଷ୍ପତ୍ତି କ'ଣ ଉଚିତ ପଦକ୍ଷେପ କି? ପରିସ୍ଥିତି ଆଧାରରେ ରାଜ୍ୟର ବିଶିଷ୍ଟ ଶିକ୍ଷାବିତ୍ ଏବଂ ବରିଷ୍ଠ ଅଭିଭାବକମାନଙ୍କର ମତାମତ ଅନୁଯାୟୀ ମାଟ୍ରିକ ବୋର୍ଡ ପରୀକ୍ଷା କରିବାର ନିଷ୍ପତ୍ତି ବିଧେୟ। ସେଥିପାଇଁ ସରକାର ଚିରାଚରିତ ପଦ୍ଧତିରେ ମାଟ୍ରିକ ପରୀକ୍ଷା କରିବା ପାଇଁ ନେଇଥିବା ନିଷ୍ପତ୍ତିର ବିକଳ୍ପ ନିତାନ୍ତ ଆବଶ୍ୟକ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

### ପଞ୍ଚାୟତ ନିର୍ବାଚନ ଓ କରୋନା

କରୋନା ମହାମାରୀର ପ୍ରାଦୁର୍ଭାବ ଏଭଳି ଭାବରେ ମାଡ଼ି ଆସୁଛି ଯେ, ସରକାର ଲୋକମାନଙ୍କର ଜୀବନ ରକ୍ଷା ପାଇଁ ଟିକା ଦେବାକୁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିନା କାରଣରେ ଘରୁ ବାହାରିବାକୁ ଏବଂ ସରକାରଙ୍କର ଗାଇଡ୍ ଲାଇନକୁ ମାନିବାକୁ ବାରମ୍ବାର ତାଗିଦ୍ କରୁଛନ୍ତି। ପୁନର୍ବାର ଯଦି କରୋନାର ନୂଆ ରୂପ ପ୍ରକାଶ ପାଏ ତେବେ ପରିସ୍ଥିତି ଅସମ୍ଭାଳ ହେବା ସମ୍ଭାବନା ରହିଛି। ଏଭଳି ସମୟରେ ନିର୍ବାଚନ କରାଇବା କୌଣସି ବୁଦ୍ଧିମତ୍ତାର ପରିଚାୟକ ବୋଲି ଆମେ ଭାବୁନୁ। ଯେଉଁ ବୁଢ଼ାବୁଢ଼ୀଙ୍କୁ ବାହାରକୁ ଯିବାରୁ ସରକାର ମନା କରାଯାଉଛି, ସେମାନେ ନିର୍ବାଚନ ବୁଥ୍ ପର୍ଯ୍ୟନ୍ତ କେମିତି ଯିବେ ଏବଂ ଭୋଟ ଦେଇ ସେଠାରୁ କ'ଣ ଆମଦାନୀ କରି ଫେରିବେ? ଏହାଦ୍ୱାରା କରୋନା ସଂକ୍ରମଣକୁ ଏଡ଼ାଯାଇ ପାରିବ କି? ଏତେ ଦିନ ଯାଏ ପଞ୍ଚାୟତ ନିର୍ବାଚନ ହେଉ ନ ଥିଲା, କରୋନାର ଭୟଙ୍କର ପରିସ୍ଥିତିଟା ପାର ହୋଇଯାଇଥିଲେ ଯଦି ନିର୍ବାଚନ ହୋଇଥାନ୍ତା କ'ଣ କ୍ଷତି ହୋଇଥାନ୍ତା? ମନେ ହେଉଛି ସରକାର ଗୁଣିଆ ହୋଇ ଝାଡୁଛନ୍ତି ଏବଂ ଡାହାଣୀ ହୋଇ ଲାଗୁଛନ୍ତି। ବିରୋଧୀ ତ ବିରୋଧ କରିବେ। କିନ୍ତୁ ସରକାର ସାଧାରଣ ଜନତାଙ୍କ ଅସୁବିଧା ବିଷୟରେ ଅବଗତ ହୋଇ ବିହିତ ବ୍ୟବସ୍ଥା କରିବା ଉଚିତ। ଏ ନିର୍ବାଚନ ଦ୍ୱାରା ଲୋକଙ୍କର କେତେ ଲାଭ ବା କ୍ଷତି ହେବ କେବଳ ସମୟ ହିଁ କହିବ।

**–ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଆର୍‌ବିଆଇ ପକ୍ଷରୁ ଏମ୍‌ପିସି ବୈଠକ ଆରମ୍ଭ**

ଚଳିତ ବର୍ଷ ଫେବୃୟାରୀ ୧ରେ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରାଯାଇଛି। ଏହା ପରେ ପରେ ସାରା ଦେଶ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାସ୍ଫୀତି ନୀତି ଘୋଷଣାକୁ ଅପେକ୍ଷାକରି ରହିଛି। ମଙ୍ଗଳବାର ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଏକ ୬ ଜଣିଆ ମୁଦ୍ରାନୀତି କମିଟି (ଏମ୍‌ପିସି)ର ବୈଠକ ଆରମ୍ଭ ହୋଇଛି। ଉକ୍ତ ବୈଠକରେ ରିଜର୍ଭ ବ୍ୟାଙ୍କର ରେଟ୍ ସେଟିଂ ପ୍ୟାନେଲ ମଙ୍ଗଳବାର ୩ ଦିନିଆ ଆଲୋଚନା କାର୍ଯ୍ୟକ୍ରମ ଆରମ୍ଭ କରିଛି।

## ସଂକ୍ଷେପରେ

### 'ଆକ୍ସିସ୍ ଇଟିଏଫ୍‌ସ ଏଫ୍‌ଓଏଫ୍'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୮।୨:** ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ଇଟିଏଫ୍‌ସ ଏଫ୍‌ଓଏଫ୍'ର ଶୁଭାରମ୍ଭ ବିଷୟରେ ଘୋଷଣା କରାଯାଇଛି। ଏହା ହେଉଛି ଏକ ଓପନ୍ ଏଣ୍ଡେଡ୍ ଫଣ୍ଡ ଅଫ୍ ଫଣ୍ଡ ସ୍କିମ୍, ଯେଉଁଥିରେ ୟୁନିଟ୍‌ଗୁଡ଼ିକୁ ଡୋମେଷ୍ଟିକ୍ ଇକ୍ୱିଟିରେ ନିବେଶ କରାଯାଏ। ଏହି ଫଣ୍ଡର ଏନ୍‌ଏଫ୍‌ଓ ଫେବୃୟାରୀ ୪ରେ ଖୋଲି ୧୮ରେ ବନ୍ଦ ହେବ। ଗତ ୩ ବର୍ଷ ଭିତରେ ଇକ୍ୱିଟି ଇଟିଏଫ୍‌ରେ ୩ ଗୁଣାରୁ ଅଧିକ ବୃଦ୍ଧି ଘଟିଛି। ଏହା ସତ୍ତ୍ୱେ ନିବେଶକମାନେ ଠିକ୍ ଇଟିଏଫ୍ ଚୟନ କରିବାରେ ଅସୁବିଧା ସାମ୍ନା କରିଥାନ୍ତି। ଏ ସମ୍ପର୍କରେ ଆକ୍ସିସ୍ ଏଏମ୍‌ସିର ଏମ୍‌ଡି ଓ ସିଇଓ ଚନ୍ଦ୍ରେଶ ନିଗମ କହିଛନ୍ତି, ପରୋକ୍ଷ ନିବେଶର ପ୍ରଭାବୀ ସ୍ୱଳ୍ପ ମୂଲ୍ୟ ରଣନୀତି ଯାହା ଯଥା ସମ୍ଭବ ଏକ ନିର୍ଦ୍ଦିଷ୍ଟ ସୂଚକାଙ୍କକୁ ଟ୍ରାକ୍ କରୁଥିବା ବେଳେ ବ୍ୟାପକ ବଜାର ଜ୍ଞାନ ଉପରେ ମଧ୍ୟ ନିର୍ଭରଶୀଳ ରହିଥାଏ ଏବଂ ଏଭଳି କିଛି ପ୍ରମୁଖ କାରଣ ଯୋଗୁ ନିବେଶକମାନଙ୍କ ମଧ୍ୟରେ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି।

### ଆମ୍‌ୱେ ପକ୍ଷରୁ ନୂତନ ଉତ୍ପାଦ ପ୍ରଚଳନ

**ନୂଆଦିଲ୍ଲୀ,୮।୨:** ଦେଶର ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଆମ୍‌ୱେ ଇଣ୍ଡିଆ ପକ୍ଷରୁ ପ୍ରଥମ ଥର ପାଇଁ ତାହାର ଛାମୁଆ ବ୍ରାଣ୍ଡ ନ୍ୟୁଟ୍ରିଲାଇଟ ଅଧୀନରେ ସ୍ୱାଦଯୁକ୍ତ ଗମିଜ ଏବଂ ପାଟିରେ ମିଳେଇଯାଉଥିବା ଜେଲି ଷ୍ଟ୍ରିପ୍ ଭଳି ଟ୍ରେଣ୍ଡି, ସ୍ୱାଦିଷ୍ଟ, ସୁବିଧାଜନକ ଏବଂ ସରଳୀକୃତ ପ୍ରକାରରେ ପୋଷଣ ପରିପୂରକ(ସପ୍ଲିମେଣ୍ଟ) ବର୍ଗ ପ୍ରଚଳନ କରିଛି। ଏହି ବର୍ଗ ସାମଗ୍ରିକ ସ୍ୱାସ୍ଥ୍ୟ, ରୋଗ ପ୍ରତିରୋଧ, ଅସ୍ଥିର ସ୍ୱାସ୍ଥ୍ୟ ଏବଂ ଚକ୍ଷୁ ପାଇଁ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱରେ ସଶକ୍ତ ହୋଇଛି। ଏ ସମ୍ପର୍କରେ ଆମ୍‌ୱେ ଇଣ୍ଡିଆର ସିଇଓ ଅଂଶୁ ବୁଧରାଜା କହିଛନ୍ତି, ନ୍ୟୁଟ୍ରିଲାଇଟ୍ ଅଧୀନରେ ଏହି ନୂଆ ବର୍ଗର ବଜାର ପ୍ରବେଶ ବ୍ରାଣ୍ଡର ବିବର୍ତ୍ତନ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ମୁହୂର୍ତ୍ତ ହୋଇଛି। ଆମର ପୋଷଣଗତ ଆବଶ୍ୟକତା ପୂରଣ ନିମନ୍ତେ ଡିଜାଇନ କରାଯାଇଥିବା ଏହି ମଜାଦାର ଏବଂ ସୁବିଧାଜନକ ପୋଷଣ ପ୍ରକାରକୁ ନେଇ ଏକ ସୁସ୍ଥ ଜୀବନଧାରା ବଜାୟ ରଖିବା ସକାଶେ ପରିପୂରକ (ସପ୍ଲିମେଣ୍ଟ)ର ବ୍ୟବହାରକୁ ବହୁଳ ପ୍ରଚାର ପ୍ରସାର କରିବାକୁ ଆମେ ଲକ୍ଷ୍ୟ ରଖିଛୁ।

# ଅମ୍ବାନୀଙ୍କୁ ପଛରେ ପକାଇ ଆଦାନୀ ୧ ନଂ.

■ଏସିଆର ପ୍ରଥମ, ବିଶ୍ୱରେ ୧୦ମ ଧନୀ
■୨ ବର୍ଷରେ ବଢ଼ିଛି ୬୦୦% ସମ୍ପତ୍ତି


ଗୌତମ ଆଦାନୀ

**ନୂଆଦିଲ୍ଲୀ,୮।୨**

ଦୀର୍ଘ ବର୍ଷ ଧରି ଭାରତ ଏବଂ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଭାବେ ସର୍ବୋଚ୍ଚ ସ୍ଥାନରେ ରହିଥିବା ରିଲାଏନ୍ସ ଗ୍ରୁପ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଗୌତମ ଆଦାନୀ ଏସିଆର ୧ନମ୍ବର ଧନୀବ୍ୟକ୍ତିର ମାନ୍ୟତା ଲାଭ କରିଛନ୍ତି। ସେହିଭଳି ନିକଟରେ ପ୍ରକାଶିତ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ଭାରତର ପ୍ରମୁଖ କୋଇଲା ଓ ବନ୍ଦରଭିତ୍ତିକ କାରବାର ସମେତ ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ହେବା ସହିତ ବିଶ୍ୱ ଧନୀ ତାଲିକାରେ ମଧ୍ୟ ୧୦ମ ସ୍ଥାନରେ ରହିଛନ୍ତି। ୫୯ ବର୍ଷୀୟ ଆଦାନୀ ବନ୍ଦରଠାରୁ ଏରୋସ୍ପେସ୍ ଏପରିକି ତାପଜଶକ୍ତି ଏବଂ କୋଇଲା ଓ ସବୁଜ ଶକ୍ତି ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀକୁ ସେ ନିୟନ୍ତ୍ରଣ କରିଥାନ୍ତି। ବର୍ତ୍ତମାନ ତାଙ୍କ ସମ୍ପତ୍ତିର ମୂଲ୍ୟ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ୮୮.୫ ବିଲିୟନ ଡଲାରରୁ ଊର୍ଦ୍ଧ୍ୱ ହେବ। ସହିପରି ଦୁନିଆର ଅନ୍ୟ ବିଲିୟନେୟାରଙ୍କ ପରି ଆଦାନୀ ମଧ୍ୟ ମହାମାରୀ ସମୟରେ ତାଙ୍କର ସମ୍ପତ୍ତି ବୃଦ୍ଧି କରିଛନ୍ତି। ଫଳରେ ଗତ ୨ ବର୍ଷ ମଧ୍ୟରେ ସେ ୬୦୦% ସମ୍ପତ୍ତି ଯୋଗ କରିପାରିଛନ୍ତି। ଗତ ବର୍ଷ ଏହି ସମୟରେ ତାଙ୍କ ସମ୍ପତ୍ତି ମୂଲ୍ୟ ୪୦ ବିଲିୟନ ଡଲାରରୁ କମ୍ ଥିଲା। ଏହି ବିଶାଳ ସ୍ୱାଇକ୍ ସହିତ ସେ ଭାରତର ଶକ୍ତି, ବୈଷୟିକ ଉଦ୍ୟୋଗୀ ମୁକେଶ ଅମ୍ବାନୀଙ୍କୁ ଅତିକ୍ରମ କରି ବିଶ୍ୱର ଦଶମ ଧନୀ ବ୍ୟକ୍ତି ହୋଇପାରିଛନ୍ତି। ଭାରତୀୟ ବିଲିୟନେୟାର ଗୌତମ ଆଦାନୀ, ଯିଏ ଏକ ଛୋଟ ଦ୍ରବ୍ୟ ବାଣିଜ୍ୟ ବ୍ୟବସାୟକୁ ଏକତ୍ରିତ ସହ ବନ୍ଦର, ଖଣି ଏବଂ ସବୁଜ ଶକ୍ତିରେ ପରିଣତ କରିଥିଲେ, ସେ ବର୍ତ୍ତମାନ ଏସିଆର ସବୁଠାରୁ ଧନୀ ବ୍ୟକ୍ତି ଭାବେ ମାନ୍ୟତା ଲାଭ କରିଛନ୍ତି। ଅପରପକ୍ଷରେ ଗତ କିଛି ମାସ ହେବ ଅମ୍ବାନୀଙ୍କ ସମ୍ପତ୍ତି ବ୍ୟାପକ ପରିମାଣରେ ହ୍ରାସ ପାଇବା ଯୋଗୁ ସେ ବର୍ତ୍ତମାନ ଏସିଆର ୨ୟ ଏବଂ ବିଶ୍ୱର ୧୧ ତମ ଧନୀବ୍ୟକ୍ତିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ବର୍ତ୍ତମାନ ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୮୭.୯ ବିଲିୟନ ଡଲାର ରହିଛି। ଆଦାନୀ ଗ୍ରୁପ୍‌ର କୋଇଲା, ମ୍ୟାଗ୍ନେଟ୍ ଭଳି କାରବାର ନିକଟରେ ଦ୍ରୁତ ଅଭିବୃଦ୍ଧି ସହ ବିବାଦୀୟ ଅଷ୍ଟ୍ରେଲିଆ ଖଣି ପ୍ରକଳ୍ପ ଗ୍ରେଟା ଥନବର୍ଗଙ୍କ ସମେତ ଜୀବାଶ୍ମ ଇନ୍ଧନକୁ ଗୌତମ ଅଧିକ ଦୃଷ୍ଟି ଦେଇଛନ୍ତି। ସେ ଅକ୍ଷୟ ଶକ୍ତି, ବିମାନବନ୍ଦର, ଡାଟା କେନ୍ଦ୍ର ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ପ୍ରବେଶ କରୁଛନ୍ତି। ମୁମ୍ବାଇସ୍ଥିତ ଦଲାଲ ଏଚ୍‌ଡିଏଫ୍‌ସି ସିକ୍ୟୁରିଟି ଲିମିଟେଡ୍‌ର ଖୁଚୁରା ଅନୁସନ୍ଧାନର ମୁଖ୍ୟ ଦୀପକ ଜାସାନି କହିଛନ୍ତି, ଆଦାନୀ ଗ୍ରୁପ୍ ଠିକ୍ ସମୟରେ ଘଟୁଥିବା ସମସ୍ତ କ୍ଷେତ୍ରକୁ ଦେଖିଛି ଏବଂ ପ୍ରବେଶ କରିଛି, ଯାହା ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଏକ ସିଲେକ୍ଟ ବ୍ୟାଣ୍ଡକୁ ଆକର୍ଷିତ କରିଛି।

## ୟୁବିଆଇ ସହ ଓଏମ୍‌ସିର ଚୁକ୍ତିପତ୍ର ସ୍ୱାକ୍ଷରିତ




**ଭୁବନେଶ୍ୱର,୮।୨**

ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ଏକ ଗୋଲ୍ଡ ବର୍ଗ ଷ୍ଟେଟ୍ ପିଏସ୍‌ୟୁ ସହ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ର ପଟିଆ ଶାଖା ମଧ୍ୟରେ ନିକଟରେ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ପେମେଣ୍ଟ ଗେଟ୍ ୱେ ମାଧ୍ୟମରେ ଅତିରିକ୍ତ ସୁବିଧା ୟୁବିଆଇର ଯେକୌଣସି ଗ୍ରାହକଙ୍କ ନିମନ୍ତେ ପ୍ରଥମ ଥର ପାଇଁ ଆରମ୍ଭ କରାଯାଇଛି।

ଏହି ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମହାପ୍ରବନ୍ଧକ, ସରକାରୀ ବ୍ୟବସାୟିକ ବିଭାଗ ଆର୍.କେ.ଜଗଲନ୍ ଏବଂ ଓଡ଼ିଶା ଖଣି ନିଗମର ମୁଖ୍ୟ ମହାପ୍ରବନ୍ଧକ (ଫାଇନାନ୍ସ) ବନବିହାରୀ ପାଣିଙ୍କ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଳବନ୍ତ ସିଂ, ନିଗମର ନିର୍ଦ୍ଦେଶକ (ଫାଇନାନ୍ସ) ସତ୍ୟଜିତ ମହାନ୍ତି, ମହାପ୍ରବନ୍ଧକ(ଫାଇନାନ୍ସ) ଦେବେନ୍ଦୁ ମହାପାତ୍ର, ଉପ ମହାପ୍ରବନ୍ଧକ (ଫାଇନାନ୍ସ) ଶ୍ରୀକାନ୍ତ ମହାପାତ୍ରଙ୍କ ସମେତ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ, ଭୁବନେଶ୍ୱର ଆର୍.କେ. ପ୍ରଧାନ, କ୍ଷେତ୍ରୀୟ ମୁଖ୍ୟ, ଭୁବନେଶ୍ୱର କ୍ଷେତ୍ର ଶୋଭନ ସେନ୍‌ଗୁପ୍ତା, ସହାୟକ ମହାପ୍ରବନ୍ଧକ, ସରକାରୀ ବ୍ୟବସାୟିକ ବିଭାଗ ଏ.କେ. ପତି, ଉପ କ୍ଷେତ୍ରୀୟ ମୁଖ୍ୟ, ଭୁବନେଶ୍ୱର କ୍ଷେତ୍ର ପବିତ୍ର ମହାନ୍ତି ଏବଂ ୟୁବିଆଇ ପଟିଆ ଶାଖାର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦେଶରେ ପ୍ରଦର୍ଶିତ ହେବ ନ୍ୟୁ ସ୍କୋଡା ସ୍ଲାଭିଆ

**ନୂଆଦିଲ୍ଲୀ,୮।୨**




ସ୍କୋଡା ଅଟୋ ଇଣ୍ଡିଆ ପକ୍ଷରୁ ନିକଟରେ ଏହାର ନୂତନ ପ୍ରିମିୟମ ମିଡ୍ ସାଇଜ ସେଡାନ, ସ୍ଲାଭିଆର ପ୍ରଦର୍ଶନ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ଗ୍ରାହକମାନେ ଉତ୍ପାଦ ବୈଶିଷ୍ଟ୍ୟଗୁଡ଼ିକର ବିସ୍ତୃତ ସୂଚନା ପାଇବା ପରେ କାର୍ ସହ ଏକ ବ୍ୟକ୍ତିଗତ ଅଭିଜ୍ଞତା ପାଇପାରିବେ। ସେହିଭଳି ପ୍ରି-ବୁକିଂ କାର୍ଯ୍ୟ ଚାଲିଥିବା ବେଳେ ଟେଷ୍ଟ-ଡ୍ରାଇଭ ଏବଂ ଗ୍ରାହକ ବିତରଣ ୨୦୨୨ ମାର୍ଚ୍ଚ ପ୍ରାରମ୍ଭରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସେହିପରି ଖୁବ୍‌ଶୀଘ୍ର ଏହାର ମୂଲ୍ୟ ମଧ୍ୟ ଘୋଷଣା କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ଜେକ୍ ହଲିସ କହିଛନ୍ତି, ୨.୦ ପ୍ରୋଜେକ୍ଟ ଅଧୀନରେ ସ୍କୋଡା ଅଟୋ ଇଣ୍ଡିଆ ପାଇଁ ସ୍ଲାଭିଆ ଦ୍ୱିତୀୟ ଅଳଙ୍କାର। ଗତିଶୀଳ ବଜାରରେ ଆମର ସ୍ଥିତିକୁ ଏହି ସେଡାନ ମଜଭୁତ କରିବ ଏବଂ ପ୍ରିମିୟମ ମଧ୍ୟମ ଆକାରରେ ସେଡାନ ସେଗ୍‌ମେଣ୍ଟକୁ ପୁନଃ ସକ୍ରିୟ କରିବ। ଅପରପକ୍ଷରେ ୨୦୨୧ ଜୁଲାଇରେ କୁସାକ ଏସ୍‌ୟୁଭି ଆରମ୍ଭ ହେବା ପରେ ଏମ୍‌କ୍ୟୁବି-ଏଓ-ଇନ୍ ପ୍ଲାଟ୍‌ଫର୍ମ ଉପରେ ଆଧାରିତ ଭାରତ ପାଇଁ ନିର୍ମିତ ସ୍ଲାଭିଆ ସ୍କୋଡା ଅଟୋ ଇଣ୍ଡିଆର ଦ୍ୱିତୀୟ ଯାନ। ୧.୦ ଲିଟର ୩ ସିଲିଣ୍ଡର ଟାର୍ବୋପେଟ୍ରୋଲ ଏବଂ ୧.୫ ଲିଟର ୪ ସିଲିଣ୍ଡର ଟାର୍ବୋପେଟ୍ରୋଲ ଦ୍ୱାରା ଏହା ସଞ୍ଚାଳିତ ହୋଇଥାଏ। ଏହା ଯଥାକ୍ରମେ ୮୫ କେଡବ୍ଲ୍ୟୁ (୧୧୫ପିଏସ୍) ଏବଂ ୧୧୦ କେଡବ୍ଲ୍ୟୁ(୧୫୦ପିଏସ୍) ସୃଷ୍ଟିକରି ସ୍ଲାଭିଆ ଏକ ୬-ସ୍ପିଡ୍ ମାନୁଅଲ, ୬-ସ୍ପିଡ୍ ଅଟୋମେଟିକ ଏବଂ ୭-ଡିଏସ୍‌ଜି ଟ୍ରାନ୍ସମିସନର ପସନ୍ଦରେ ମଧ ଆସିବ। ୧୭୫୨ ମିମିରେ ସ୍କୋଡା ସ୍ଲାଭିଆ ଏହାର ପ୍ରିମିୟମ ମିଡ୍‌ସାଇଜ ସେଡାନ ସେଗ୍‌ମେଣ୍ଟର ସବୁଠାରୁ ପ୍ରଶସ୍ତ କାର୍ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ଡିଲରପଏଣ୍ଟ-୧୫୦ ଶୋ'ରୁମ୍‌ରେ ହେବ ସ୍ୱତନ୍ତ୍ର ବ୍ୟବସ୍ଥା**

## ୧୮୭ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ମୁମ୍ବାଇ,୮।୨**

କ୍ରମାଗତ ୩ୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ନିରାଶ ହେବା ପରେ ମଙ୍ଗଳବାର ବଜାର କାରବାର କିଛି ପରିମାଣରେ ବୃଦ୍ଧି ପାଇଛି। ହେଲେ ମଙ୍ଗଳବାର ବିଏସ୍‌ଇ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ପ୍ରାୟ ୧% ଶେୟାର ବୃଦ୍ଧି ହୋଇଛି। ଫଳରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୧୮୭ ପଏଣ୍ଟ ବୃଦ୍ଧି ପାଇ ୫୮,୮୦୯ ଅଙ୍କରେ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟ ୫୦ରେ ୫୩ ପଏଣ୍ଟ ବଢି ୧୭,୨୬୭ ଅଙ୍କରେ କାରବାର ଶେଷ କରିଛି। ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୧୮୭.୩୯ ପଏଣ୍ଟ (୦.୩୩%) ବୃଦ୍ଧି ଘଟି ୫୮,୮୦୮.୫୮ ଅଙ୍କରେ ଶେଷ ହୋଇଥିବା ବେଳେ ନିଫ୍ଟିରେ ମଧ ୫୩.୧୫ ପଏଣ୍ଟ (୦.୩୧%) ବଢି ୧୭,୨୬୬.୭୫ରେ ରହିଥିବା ସୂଚନା ମିଳିଛି।

## ଖିମ୍‌ଜୀ ଜୁଏଲର୍ସର 'ଲଭ୍‌ଷ୍ଟ୍ରକ୍-୨୨'

**ଭୁବନେଶ୍ୱର,୮।୨**

ରାଜ୍ୟର ପ୍ରମୁଖ ଅଳଙ୍କାର ବ୍ରାଣ୍ଡ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ସୁଲଭ ହୀରା ଅଳଙ୍କାରର ଏକ ଆକର୍ଷଣୀୟ ସଂଗ୍ରହ 'ଲଭ୍‌ଷ୍ଟ୍ରକ୍ ୨୦୨୨'ର ଶୁଭାରମ୍ଭ କରାଯାଇଛି। ହୀରାରେ ସୁସଜ୍ଜିତ ସୁନା ପେଣ୍ଡ, ମୁଦି, ବ୍ରେସ୍‌ଲେଟ୍ ଏବଂ କାନଫୁଲର ସୂକ୍ଷ୍ମ କାରିଗରିର ସଂଗ୍ରହରେ ସାମିଲ ରହିଛି। ଓଡ଼ିଶାର ସମସ୍ତ ଖିମ୍‌ଜୀ ଷ୍ଟୋରରେ ଏଗୁଡ଼ିକ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଏହି ଅବସରରେ ପ୍ରେମର ପ୍ରତୀକ ସୂଚାଉଥିବା ହୀରାର ଏକ ଆକର୍ଷଣୀୟ ସଂଗ୍ରହର ପରିକଳ୍ପନା। ପ୍ରେମ ଏବଂ ଉତ୍ସାହର ସହିତ ନିର୍ମିତ 'ଲଭ୍‌ଷ୍ଟ୍ରକ୍ ୨୦୨୨'ର ସଂଗ୍ରହ ଆମ ପ୍ରିୟଜନଙ୍କ ପାଇଁ ପ୍ରେମର ଅଭିବ୍ୟକ୍ତକୁ ଦର୍ଶାଇବ। ସେହିଭଳି ପ୍ରେମ ସପ୍ତାହରେ ଅଧିକ ଚମକ ଆଣିବା ପାଇଁ ଖିମ୍‌ଜୀ ଜୁଏଲର୍ସ ଗ୍ରାହକଙ୍କ ପାଇଁ ଏକ 'ସେଲ୍‌ଫି ପ୍ରତିଯୋଗିତା' ଓ 'ଲକି ଡ୍ର' ସମ୍ପର୍କରେ ମଧ ଘୋଷଣା କରିଛି। ଏହି କାର୍ଯ୍ୟକ୍ରମ ଫେବୃୟାରୀ ୭ରୁ ଆରମ୍ଭ ହୋଇ ୧୪ରେ ଏକ ସ୍ୱତନ୍ତ୍ର ଉତ୍ସବର ସହିତ ସମାପ୍ତ ହେବ। ପ୍ରତିଯୋଗୀମାନଙ୍କୁ ନିକଟସ୍ଥ ଖିମ୍‌ଜୀ ଷ୍ଟୋରକୁ ଯାଇ ଶୋ'ରୁମ୍ ପରିସର ଭିତରେ ସ୍ୱତନ୍ତ୍ର ଭାବେ ଡିଜାଇନ ହୋଇଥିବା 'ସେଲ୍ଫିସ୍ୱଟ୍'ରେ ସେଲ୍ଫିନେଇ ତାହାକୁ ନିଜର ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିବାକୁ ହେବ। ପୋଷ୍ଟରେ ସର୍ବାଧିକ ଲାଇକ୍ ପାଇଥିବା ପ୍ରତିଯୋଗୀଙ୍କୁ ବିଜେତା ଘୋଷିତ କରାଯିବ। 'ଲଭ୍‌ଷ୍ଟ୍ରକ୍' ପରିସରରୁ କିଣୁଥିବା ସମସ୍ତ ଗ୍ରାହକ ମଧ୍ୟ ଏକ ସ୍ୱର୍ଣ୍ଣମୁଦ୍ରା ଜିତିବାର ସୁଯୋଗ ପାଇବା ସହିତ 'ଲକି ଡ୍ର' ରେ ସାମିଲ ହୋଇ ବିଜେତା ମନୋନୀତ ହୋଇପାରିବେ। ସମସ୍ତ ଖିମ୍‌ଜୀ ଜୁଏଲର୍ସ ଷ୍ଟୋରରେ ପ୍ରତିଯୋଗିତାର ସବିଶେଷ ତଥ୍ୟ ଉପଲବ୍ଧ ରହିଛି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
CENTRAL (R&B) CIRCLE, BHUBANESWAR
Mail i.d seccbbsr@gmail.com
E-procurement Short Tender Call Notice No.15 of 2021-22
No. 306(Estg.) Bhubaneswar the 3rd February-2022

**No.B-1015:** The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites item rate bids for procurement of furnitures for Hostel Building No 2 of Revenue Officers Training Institute, Gothapatna to be received in online bidding, double cover system as detailed in : **https://tendersorissa.gov.in** The details of bid documents will be available in the above website from **5:00 P.M. of 11.02.2022 to 5.00 P.M. of 18.02.2022.** The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 19.02.2022** in the Office of the Chief Construction Engineer, Central (R&B) Circle Bhubaneswar. Further details can be seen from the e-procurement portal **www.tendersorissa.gov.in.**
Addendum/Corrigendum, if required, will be available only in the website.
Sd/-Er.T.K.Panda
Chief Construction Engineer, Central (R&B) Circle,Bhubaneswar
OIPR-34005/11/0021/2122

OFFICE OF THE SUPERINTENDENT
MAHARAJA KRISHNA CHANDRA GAJAPATI
MEDICAL COLLEGE HOSPITAL
BRAHMAPUR- 760004, GANJAM, ODISHA
Tel.0680-2292624, FAX: 0680-2292752/ E-mail: supdtmkcg@gmail.com, mkcgmchberhampur@gmail.com
Website: www.mkcgmch.org
No. 1931/MCH/CS/2022 Dt/Berhampur the 7.2.22

EXPRESSION OF INTEREST

No.E-910:- The Superintendent, M.K.C.G. Medical College Hospital, Berhampur invites Expression of Interest from the registered and reputed manufactured authorized suppliers, dealers, stockiest for purchases of reagents URINE CHEMISTRY AND URINE SEDIMENT ANALYSIS for Clinical Lab. (RDC) of MKCG Medical College Hospital.

The eligible interested applicants are requested to carefully read the terms & conditions, specification and submit their applications regarding the expression of interest in sealed envelope latest by 07.03.2022 at 5.00 P.M. or through Regd. Post / Speed Post/ Courier. The EOI may be available in www.ganjam.nic.in. The envelope must be superscribed as "Expression of Interest for supply of reagents at MKCG MCH, Berhampur".

Terms & Conditions:
1. The registered and reputed manufactured authorized suppliers, dealers, stockist should submit their expression of interest with all supporting documents like Xerox copy of up-to-date GST Certificate, Up-to-date Drug Licence, PAN Card, Authorization Certificate through Speed Post / Registered Post/ Courier to the Superintendent, MKCG Medical College Hospital, Berhampur on or before 07.03.2022 at 5.00 P.M. in prescribed proforma. The Expression of Interest shall be opened on 08.03.2022. The opening date may be extended. Postal delay is responsibility of the intending firm and the expression of interest received beyond the stipulated date will not be considered under any circumstances.
2. The intending firm or their authorized agent may attend the office during opening of the EOI but absence of any of their authorized agent will not be a bar to open the EOI by the committee member.
3. Security deposit of Rs.50,000/- (Refundable) only be pledged in favour of the Superintending, MKCG Medical College Hospital, Berhampur is shape of fixed term deposit / NSC.
4. The undersigned reserves the right to reject / accept / cancel any / whole / part of the EOI without assigning any reason thereof. All legal disputes if any relating to this EOI is subject to jurisdiction of the courts of law situated at Berhampur, Ganjam, Odisha.
5. Whose reagents like URINE CHEMISTRY AND URINE SEDIMENT ANALYSIS will approved as L1 need to supply the machine (Fully Automated Urine Analyser) free of cost for use of said reagents which is mandatory.
6. The AMC, maintenance and repair of the machine is to be done by the firm free of cost.
7. Each firm should furnish the Receipt of tender cost of Rs.2000/- (Rupees two thousand) should be submitted online to Govt. of Odisha.

Sd./- Superintendent,
M.K.C.G. Medical College Hospital, Berhampur
OIPR-10013/11/0023/2122




**ଫୁର୍‌ସତ୍**

## 'ଡାର୍ଲିଂସ୍'କୁ ୮୦କୋଟିରେ କିଣିଲା ନେଟ୍‌ଫ୍ଲିକ୍ସ

**ମୁମ୍ବାଇ:** ଶାହାରୁଖ ଖାନ୍ ଏବଂ ଆଲିୟା ଭଟ୍ଟଙ୍କ ସିନେମା 'ଡାର୍ଲିଂସ୍'କୁ ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବାକୁ ନିଷ୍ପତ୍ତି ହୋଇଛି। ଶାହାରୁଖ ଓ ଆଲିଆଙ୍କ ପ୍ରଡକ୍ସନ୍ ହାଉସ ଚଳଚ୍ଚିତ୍ରକୁ ପ୍ରସ୍ତୁତ କରୁଛି। ରିପୋର୍ଟ ମୁତାବକ, ଏହି ଡାର୍କ କମେଡି ସିନେମାର ଷ୍ଟ୍ରିମିଂ ରାଇଟ୍ସକୁ ନେଟ୍‌ଫ୍ଲିକ୍ସ ୮୦ କୋଟିରେ କିଣିଛି। ଉଭୟ ଆଲିଆ ଏବଂ ଶାହାରୁଖ ଏଥିରେ ପ୍ରଯୋଜକ ଅଛନ୍ତି। ଜସ୍‌ମିତ୍ କେ ରୀନ୍ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ମା'-ଝିଅଙ୍କ ସମ୍ପର୍କକୁ ନେଇ ମୁଭିଟି ତିଆରି ହୋଇଛି। ଏଥିରେ ଆଲିଆ ଝିଅ ଅଭିନୟ କରିଥିବାବେଳେ ଶେଫାଲୀ ମା' ଭୂମିକାରେ ନଜରକୁ ଆସିବେ। ବିଜୟ ବର୍ମା, ରୋଶନ ମେଥ୍ୟୁଙ୍କୁ ମଧ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିବ।

CLASSIFIED DISPLAY
ALL EDITION - B/W (Everyday)
MORE SPACE ' SAME PRICE
TARIFF
for Booking Contact 0674-2580385

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଚିପ୍ସ ପ୍ୟାକେଟ୍‌ରେ ଶାଢ଼ି



**ନୂଆଦିଲ୍ଲୀ:** ଚିପ୍ସ ପ୍ୟାକେଟରେ ଶାଢ଼ି ତିଆରି କରାଯାଇପାରେ। ଏହାର ଏକ ଭିଡିଓ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ବେଳେବେଳେ କିଛି ଭିନ୍ନ କାମ କରିବା ପାଇଁ ଲୋକେ ଅଜବ ପ୍ରକାରର ଚିନ୍ତା କରିଥାନ୍ତି। ଏଇ ଯେମିତି ଚିପ୍ସ ପ୍ୟାକେଟ୍‌ରେ ଶାଢ଼ି ତିଆରି କରିବା। ଅନେକେ ଚିପ୍ସ ଖାଇବାକୁ ଭଲପାଆନ୍ତି। ଆଉ ବଜାରରେ ମିଳୁଥିବା ଚିପ୍ସ କିଣି ଖାଇବା ପରେ ପ୍ୟାକେଟ୍ ଫିଙ୍ଗି ଦେଇଥାନ୍ତି। ସେହି ପ୍ୟାକେଟ୍‌ଗୁଡ଼ିକୁ ନେଇ ଏକ ସୁନ୍ଦର ଶାଢ଼ି ତିଆରି କରିଛନ୍ତି ଜଣେ ଯୁବତୀ। ଏମିତିକି ଶାଢ଼ିରେ ସ୍ୱତନ୍ତ୍ରଭାବେ ବର୍ଡର ଦେବା ସହିତ ପଣତକୁ ବି ଭିନ୍ନ ଏକ ଲୁକ୍ ଦେଇଛନ୍ତି। ଯୁବତୀଜଣକ ଏଭଳି ଏକ ଶାଢ଼ି ତିଆରି କରି ତାକୁ ପ୍ରଥମେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଭିଡିଓ ମାଧ୍ୟମରେ ସେ ତାଙ୍କ ହାତ ତିଆରି ଚିପ୍ସ ଶାଢ଼ିକୁ ପିନ୍ଧି ପ୍ରଦର୍ଶନ ବି କରିଛନ୍ତି। ଏମିତି ଏକ ଭିନ୍ନ ଧରଣର ଶାଢ଼ି ତିଆରି କରି ପିନ୍ଧିବା ପରେ ତାହା ଏବେ ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚା ହେଉଛି। ଚିପ୍ସ ପ୍ୟାକେଟରେ କିଭଳି ଶାଢ଼ି ତିଆରି ହୋଇଥିବ ଭାବି ଏହାକୁ ଦେଖିବା ପାଇଁ ଲୋକଙ୍କ ଉତ୍ସାହ ବି ବଢୁଥିବାର ଦେଖାଯାଉଛି। ଲୋକେ ମଧ୍ୟ ଏଭଳି ଏକ ଶାଢ଼ି ପାଇଁ ବେଶ୍ ସୁନ୍ଦର ପ୍ରତିକ୍ରିୟା ବି ଦେବାରେ ଲାଗିଛନ୍ତି।

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲକ୍ଷ୍ମୀଧର ତ୍ରିପାଠୀ
ବାଲିସାହି, ଲୁହାଗଡ ଯାଗା, ପୁରୀ
ଆବିର୍ଭାବ : ୧୫.୦୫.୧୯୫୩
ତିରୋଧାନ : ୩୧.୦୧.୨୦୨୨
ଆପଣଙ୍କ ବିଦାୟଜନିତ ଶୂନ୍ୟସ୍ଥାନ ଚିର ଅପୂରଣୀୟ; କିନ୍ତୁ ଆପଣଙ୍କ ଅମାୟିକ ସ୍ନେହ, ଆଦର୍ଶ, ଭଲପାଇବା ଓ ଆଶୀର୍ବାଦ ଆମ ହୃଦୟରେ ସଦା ସତେଜ ରହିବ। ମହାପ୍ରଭୁ ଜଗନ୍ନାଥ ଆପଣଙ୍କ ଦିବ୍ୟ ଆତ୍ମାକୁ ଶରଣ ଦିଅନ୍ତୁ।
ଶୋକସନ୍ତପ୍ତ : ପତ୍ନୀ:ସୁଜାତା ତ୍ରିପାଠୀ
ଭାଇ: ଶ୍ରୀଧର, ଚନ୍ଦ୍ର, ସୁଧାଂଶୁ, ଭଉଣୀ: ଲତା
ପୁତ୍ର-ପୁତ୍ରବଧୂ: ହିମାଂଶୁ - ସୁଶ୍ରୀରେଖା, ଶଶାଙ୍କ-ସାଧନା
କନ୍ୟା-ଜାମାତା : ପୁଷ୍ପା-ପ୍ରକାଶ, ସ୍ୱାତୀ-ପଣ୍ଡିତ୍,
ନାତି,ନାତୁଣି: ଅମ୍ଳାନ୍, ସ୍ନିଗ୍ଧା, ସୂର୍ଯାଂଶୁ, ଦ୍ୱିଜେଶ,
ବନ୍ଧୁ ଓ ପରିଜନ ଏବଂ ଛାତ୍ରଛାତ୍ରୀ ବୃନ୍ଦ
ଧ-୨୩୦୮୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଦାଶ
ଅବସରପ୍ରାପ୍ତ ସରକାରୀ ଶିକ୍ଷକ
କପିଳେଶ୍ୱର (ତଳସାହି), ଭୁବନେଶ୍ୱର-୨
ଆବିର୍ଭାବ: ୧୪।୧୦।୧୯୩୬
ତିରୋଧାନ: ୩୦।୦୧।୨୦୨୨
ହେ ଦିବଂଗତ! ଆପଣ ସ୍ୱର୍ଗାରୋହଣ କଲା ପରେ, ଆମ୍ଭେମାନେ ଦିଗହରା ଓ ଲକ୍ଷହୀନା। ଆପଣଙ୍କ ସରଳତା, ସାଧୁତା, ନିଷ୍ଠାପରତା, ଧର୍ମପରାୟଣତା ଓ ଆଦର୍ଶ ଆମ୍ଭମାନଙ୍କୁ ମାର୍ଗ ଦର୍ଶନ କରୁ, ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୩୦୮୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ଫେବୃୟାରୀ ୯/୨୦୨୨ Balasore, Wednesday, February 9/ 2022



ଝାଙ୍ଗଜିଆକୋ: ୱିଣ୍ଟର ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ସ୍ନୋବୋର୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଷ୍ଟ୍ରିଆର ବେଞ୍ଜାମିନ୍ କାର୍ଲ।

# ସ୍ଲିଷ୍ଟ ଟାଇଟଲ ଜିତିଲେ କ୍ଲାବୋ

**ଝାଙ୍ଗଜିଆକୋ, ୮।୨ (ଏପି)**

ଚଳିତ ବେଜିଂ ୱିଣ୍ଟର ଅଲିମ୍ପିକ୍ସ ପୁରୁଷ ବିଭାଗ ସ୍ପ୍ରିଣ୍ଟ ଟାଇଟଲ ବଜାୟ ରଖିଛନ୍ତି ନରୱେର କ୍ରସ୍ କଣ୍ଟ୍ରି ସ୍କିଅର ଜୋହନ୍ସ ହୋସ୍‌ଫ୍ଲଟ୍ କ୍ଲାବୋ। କ୍ଲାବୋ ଗୁରୁବାର ଅନୁଷ୍ଠିତ ରେସ୍ ୨ ମିନିଟ୍ ୫୮.୦୬ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ତାଙ୍କଠାରୁ .୭୬ ସେକେଣ୍ଡ ପଛରେ ଇଟାଲୀର ଫ୍ରେଡ୍ରିକୋ ପେଲେଗ୍ରିନୋ ରୌପ୍ୟ ଏବଂ ୧.୩୧ ସେକେଣ୍ଡ ପଛରେ ରହିଥିବା ରୁଷୀୟ ସ୍କିୟର ଆଲେକ୍‌ଜାଣ୍ଡର ଟେରେଣ୍ଟେଭା ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମହିଳା ବିଭାଗ ସ୍ପ୍ରିଣ୍ଟ ସୁଇଡେନର ଜୋନା ସଣ୍ଡଲିଂ ତାଙ୍କ ଟିମ୍‌ମେଟ୍ ମାଜା ଡାଲୋଭିଷ୍ଟଙ୍କଠାରୁ ୨.୮୮ ସେକେଣ୍ଡ ଆଗୁଆ ରହି ୩:୦୯.୬୮ ଟାଇମିଂରେ ସ୍ୱର୍ଣ୍ଣ ଜିତିଛନ୍ତି। ୩.୧୬ ସେକେଣ୍ଡ ପଛରେ ଯୁକ୍ତରାଷ୍ଟ୍ର ଆମେରିକାର ଜେସି ଡିଗିନ୍ସ ବ୍ରୋଞ୍ଜ ପାଇଛନ୍ତି।

### ମହିଳା ଆଇସ୍ ହକି

**ଆମେରିକା ବିପକ୍ଷରେ କାନାଡା ବିଜୟୀ**

**ବେଜିଂ, ୮।୨ (ଏପି):** ୱିଣ୍ଟର ଅଲିମ୍ପିକ୍ସ ମହିଳା ହକିରେ ମଙ୍ଗଳବାର କାନାଡା ୪-୨ ଗୋଲ୍‌ରେ ଗତଥରର ଚାମ୍ପିୟନ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)କୁ ପରାସ୍ତ କରିଛି। କାନାଡା ୫ ମିନିଟ୍ ୨୫ ସେକେଣ୍ଡ ମଧ୍ୟରେ ୩ଟି ଗୋଲ କରିବାରେ ସଫଳ ହୋଇଥିଲା। କାନାଡାର ଏହା ଥିଲା ତୃତୀୟ ମ୍ୟାଚ। ସେକେଣ୍ଡ ଲାଇନ୍ ଫରୱାର୍ଡ ମେଲୋଡି ଡାଓଷ୍ଟଙ୍କ ବିନା ଦଳ ଏହି ମ୍ୟାଚ ଖେଳିଥିଲା। ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ୧୨-୧ ଗୋଲ ବିଜୟ ମ୍ୟାଚରେ ଏହି ଖେଳାଳି ଜଣକ ଆହତ ହୋଇଛନ୍ତି।

**ସ୍ପିଡ୍ ସ୍କେଟିଂରେ ନେଦରଲାଣ୍ଡକୁ ସ୍ୱର୍ଣ୍ଣ, ରୌପ୍ୟ**

**ବେଜିଂ, ୮।୨ (ଏପି):** ୧୯୯୪ ପରେ ନେଦରଲାଣ୍ଡର କିଜେଲ୍ଡ ନୁଇସ୍ ପ୍ରଥମ ସ୍ପିଡ୍‌ସ୍କେଟର ଭାବେ ତାଙ୍କ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଟିମ୍‌ମେଟ ଥୋମାସ କ୍ରୋଲ୍‌ଙ୍କୁ ପଛରେ ପକାଇ ପୁରୁଷ ୧,୫୦୦ମିଟର ରେସ୍ ଜିତିଛନ୍ତି। ସେ ୧ ମିନିଟ ୪୩.୨୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ଜିତିଥିଲେ। ରେସ୍‌ରେ ନେଦରଲାଣ୍ଡର ଏହି ଦୁଇ ସ୍କେଟରଙ୍କ ପାଖ ଛୁଇଁପାରି ନ ଥିଲେ। ରନର ଅପ୍ କ୍ରୋଲ୍ସ ୧:୪୩.୫୫ ଟାଇମିଂରେ କ୍ରସ୍ ଲାଇନ୍ ଅତିକ୍ରମ କରିଥିଲେ। ଦକ୍ଷିଣ କୋରିଆର କିମ୍ ମିନ୍ ସିଓକ୍ (୧:୪୪.୨୪) ବ୍ରୋଞ୍ଜ ଜିତିଥିଲେ।

# ପାକିସ୍ତାନ ଟୁର୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଖ୍ୱାଜା

**ବ୍ରିସ୍‌ବେନ୍, ୮।୨(ଏପି)**

ପାକିସ୍ତାନରେ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଅଷ୍ଟ୍ରେଲିଆ। ଏଥିପାଇଁ ଘୋଷଣା କରାଯାଇଥିବା ୧୮ ଜଣିଆ ଦଳରେ ପାକିସ୍ତାନ ଜନ୍ମିତ ଉସ୍‌ମାନ ଖ୍ୱାଜାଙ୍କୁ ଦଳରେ ସାମିଲ କରାଯାଇଛି। ୧୯୯୮ ପରେ ଅଷ୍ଟ୍ରେଲିଆର ଏହା ହେବ ପ୍ରଥମ ଟେଷ୍ଟ ଟୁର୍। ଚାରି ବର୍ଷ ପରେ ଅଷ୍ଟ୍ରେଲିଆ ପ୍ରଥମ ଥର ମୁଖ୍ୟ କୋଚ୍ ଜଷ୍ଟିନ ଲାଙ୍ଗରଙ୍କ ବିନା ଖେଳିବାକୁ ଯାଉଛି। କ୍ରିକେଟ ଅଷ୍ଟ୍ରେଲିଆର ୬ମାସ ଚୁକ୍ତି ମିଆଦ ବୃଦ୍ଧି ଅଫରକୁ ପ୍ରତ୍ୟାଖ୍ୟାନ କରି ଲାଙ୍ଗର ତାଙ୍କ ପଦତ୍ୟାଗ କରିବା ପରେ ତାଙ୍କ ସ୍ଥାନରେ ଆଣ୍ଡ୍ର୍ୟୁ ମ୍ୟାକଡୋନାଲ୍ଡ କାମଚଳା କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଅଷ୍ଟ୍ରେଲିଆ ଚଳିତମାସ ପରବର୍ତ୍ତୀ ଭାଗରେ ପାକିସ୍ତାନ ଟୁର୍‌ରେ ଯିବ। ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ମାର୍ଚ୍ଚ ୪ରୁ ରାୱଲପିଣ୍ଡିରେ ଆରମ୍ଭ ହେବ।




# ପୁରସ୍କାର ଦୌଡ଼ରେ ପିଟରସନ, ବ୍ରେଭିସ, ଇବାଦତ୍

**ଦୁବାଇ, ୮।୨(ପି.ଟି.)**

ଜାନୁୟାରୀରେ ପ୍ରଭାବୀ ପ୍ରଦର୍ଶନ କରିଥିବା ୩ଜଣ କ୍ରିକେଟରଙ୍କ ନାମ ମଙ୍ଗଳବାର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ପାଇଁ ସୁପାରିସ କରାଯାଇଛି। ସେମାନେ ହେଲେ ଦକ୍ଷିଣ ଆଫ୍ରିକାର ଦୁଇଜଣ ବ୍ୟାଟର କିଗାନ ପିଟରସନ ଓ ରେକର୍ଡ ଭଙ୍ଗକାରୀ ୧୯ବର୍ଷରୁ କମ୍ ବିଶ୍ୱକପ୍ ଷ୍ଟାର ଡିୱାଲ୍ଡ ବ୍ରେଭିସ୍ ଏବଂ ବାଂଲାଦେଶର ଇବାଦତ ହୋସେନ।

### ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ପିଟରସନ ଭାରତ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ବ୍ରେଭିସ୍ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ୬ଟି ଇନିଂସରେ ଦୁଇ ଶତକ ଓ ୩ ଅର୍ଦ୍ଧଶତକ ସହ ୮୪.୩୩ ଆଭରେଜରେ ୫୦୬ରନ କରିଥିଲେ। ସେ ୭ଟି ଉଇକେଟ ମଧ୍ୟ ଅକ୍ତିଆର କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଟ୍ରଫି ଜିତିଥିଲେ। ତାଙ୍କର ଏହି ପ୍ରଦର୍ଶନ ପାଇଁ ତାଙ୍କୁ ଅନେକ କିମ୍ବଦନ୍ତୀ ଏବି ଡି'ଭିଲର୍ସଙ୍କ ସହ ତୁଳନା କରିଥିଲେ। ପିଟରସନ ଶକ୍ତିଶାଳୀ ଭାରତ ବିପକ୍ଷ ଘରୋଇ ସିରିଜରେ ତାଙ୍କ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୩ନମ୍ବର ସ୍ଥାନରେ ବ୍ୟାଟିଂ କରୁଥିବା ପିଟରସନ ସିରିଜରେ ୬୧ ଆଭରେଜରେ ମୋଟ ୨୪୪ ରନ ସଂଗ୍ରହ କରିଥିଲେ। ଦଳର ବ୍ୟାଟିଂ ମୂଳଦୁଆ ପକାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ବାଂଲାଦେଶ ପେସ୍ ବୋଲର ହୋସେନ ଜାନୁୟାରୀରେ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚ ଖେଳି ୨୯.୩୩ ଆଭରେଜରେ ୯ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଟେଷ୍ଟରେ ସେ ୪୬ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ତାଙ୍କ ପ୍ରଦର୍ଶନ ସହାୟତାରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବାଂଲାଦେଶ ଏକ ଐତିହାସିକ ବିଜୟ ହାସଲ କରିଥିଲା। ନ୍ୟୁଜିଲାଣ୍ଡରେ ବଂଲାଦେଶର ଏହା ପ୍ରଥମ ଟେଷ୍ଟ ବିଜୟ। ଆଇସିସି ଓମ୍ୟାନ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ରହିଥିବା ଖେଳାଳିମାନେ ହେଲେ ଶ୍ରୀଲଙ୍କାର ଚାମରୀ ଆଥାପାଥ୍ଥୁ, ୱେଷ୍ଟଇଣ୍ଡିଜର ଡିଆନ୍ଡ୍ରା ଡଟିନ୍ ଓ ଇଂଲଣ୍ଡର ହିଥର ନାଇଟ୍।

# ଥାଲାଇଭାସ୍‌କୁ ହରାଇଲା ଷ୍ଟିଲର୍ସ

**ବେଙ୍ଗାଲୁରୁ, ୮।୨ (ପି.ଟି.):** ପ୍ରୋ କବାଡ଼ି ଲିଗ୍‌ରେ ମଙ୍ଗଳବାର ହରିୟାଣା ଷ୍ଟିଲର୍ସ ୩୭-୨୯ରେ ତାମିଲ ଥାଲାଇଭାସ୍‌କୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ଆଶିଷ ଥିଲେ ଷ୍ଟାର ଖେଳାଳି। ସେ ୩ ଟ୍ୟାକଲ ପଏଣ୍ଟ ସହ ୧୬ ପଏଣ୍ଟ ସ୍କୋର କରିଥିଲେ, ଯାହାଫଳରେ ଷ୍ଟିଲର୍ସ ଦଳ ଶକ୍ତିଶାଳୀ ଥାଲାଇଭାସକୁ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ଏହି ବିଜୟ ସହ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିପାରିଛି। ଆଶିଷଙ୍କୁ ଅଧିନାୟକ ବିକାଶ କାଣ୍ଡୋଲା ୮ ପଏଣ୍ଟ ସହ ସହାୟତା କରିଥିଲେ। କୋଚ୍ ରାକେଶ କୁମାରଙ୍କୁ ବେଞ୍ଚରୁ ମିଟୁ ଓ ରୋହିତ ଗୁଲିଆଙ୍କୁ ବ୍ୟବହାର କରିବାକୁ ପଡ଼ି ନ ଥିଲା। ହରିୟାଣା ଦଳ ପୁଣି ପ୍ରମାଣିତ କରିଥିଲା ସେମାନଙ୍କୁ କାହିଁକି ଅନ୍ୟତମ ଶ୍ରେଷ୍ଠ ବିବେଚନା କରାଯାଇଥାଏ। ମଙ୍ଗଳବାର ଖେଳାଯାଇଥିବା ଅନ୍ୟଏକ ମ୍ୟାଚରେ ପଏଣ୍ଟ ଟେବୁଲ ଟପ୍ପର ପାଟଣା ପାଇରେଟ୍ସ ୪୭-୩୬ରେ ୟୁ ମୁମ୍ବାକୁ ପରାସ୍ତ କରିଛି।

# ସଂକ୍ଷିପ୍ତ ତାଲିକାରେ ସିନ୍ଧୁ, ମୀରାବାଈ

**ନୂଆଦିଲ୍ଲୀ, ୮।୨(ପି.ଟି.)**

ଦୁଇ ଥର ଅଲିମ୍ପିକ ପଦକ ବିଜୟିନୀ ବ୍ୟାଡ୍‌ମିଣ୍ଟନ ଷ୍ଟାର ପି.ଭି. ସିନ୍ଧୁ ଏବଂ ଟୋକିଓ ରୌପ୍ୟ ବିଜୟିନୀ ସାଇଖୋମ୍ ମୀରାବାଈ ଚାନୁଙ୍କ ସମେତ ୫ଜଣଙ୍କ ନାମ ବିବିସି ଇଣ୍ଡିଆନ ସ୍ପୋର୍ଟ୍ସଓମ୍ୟାନ ପୁରସ୍କାର ପାଇଁ ସୁପାରିସ କରାଯାଇଥିବା ମଙ୍ଗଳବାର ଘୋଷଣା କରାଯାଇଛି। ସିନ୍ଧୁ ଓ ମୀରାବାଈଙ୍କ ବ୍ୟତୀତ ଷ୍ଟାର ଗଲ୍ଫ ଖେଳାଳି ଅଦିତି ଅଶୋକ, ଟୋକିଓ ପାରାଲିମ୍ପିକ୍ସରେ ଏକାଧିକ ପଦକ ଜିତିଥିବା ଅବନୀ ଲେଖରା, ଟୋକିଓ ବ୍ରୋଞ୍ଜ ବିଜୟିନୀ ଲଭଲିନା ବର୍ଗୋହେନ୍‌ଙ୍କ ନାମ ମଧ୍ୟ ସୁପାରିସ କରାଯାଇଛି। କ୍ରୀଡ଼ା ଖବରଦାତା, ବିଶେଷଜ୍ଞ ଏବଂ କ୍ରୀଡ଼ା ଲେଖକଙ୍କୁ ନେଇ ଗଠିତ ବିଚାରକମଣ୍ଡଳୀ ପୁରସ୍କାର ପାଇଁ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରିଛି। ବିଜେତାଙ୍କୁ ବାଛିବା ଲାଗି ଅନ୍‌ଲାଇନ୍ ଭୋଟିଂ ଫେବୃୟାରୀ ୨୮ରୁ ଆରମ୍ଭ ହେବ। ଏଠାରେ ମାର୍ଚ୍ଚ ୨୮ରେ ଆୟୋଜିତ ହେବାକୁଥିବା ଏକ

### ବିବିସି ପୁରସ୍କାର

ସ୍ୱତନ୍ତ୍ର ଉତ୍ସବରେ ବିଜେତାଙ୍କ ନାମ ଘୋଷଣା କରାଯିବ। ପୁରସ୍କାର ଉତ୍ସବ ଦିନ ଜଣେ କିମ୍ବଦନ୍ତୀ ମହିଳା କ୍ରୀଡ଼ାବିତ୍‌ଙ୍କୁ ବିବିସି ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡରେ ସମ୍ମାନିତ କରାଯିବ। ଜଣେ ସ୍ୱଳ୍ପ ବୟସ୍କ ମହିଳା ଖେଳାଳିଙ୍କୁ ବିବିସି ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ପୁରସ୍କାରରେ ସମ୍ମାନିତ କରାଯିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

DHARITRI

ବାଲେଶ୍ୱର, ବୁଧବାର, ଫେବୃୟାରୀ ୯/୨୦୨୨ (୮+୮=୧୬ ପୃଷ୍ଠା) | Balasore, Wednesday, February 9/2022 | ପୃଷ୍ଠା-୧



## କ୍ଷମା ମାଗିଲେ ମୋରିସନ୍

ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ ଜଣେ ପୂର୍ବତନ ମହିଳା କର୍ମଚାରୀଙ୍କୁ ବଳାତ୍କାର ମାମଲାରେ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ୍ ତାଙ୍କୁ କ୍ଷମା ମାଗିଛନ୍ତି।

୦୨

୦୮

## ମନ ଜିତିଲେ ରଞ୍ଜିତା

ଉତ୍ତରାଖଣ୍ଡ ଆଉଲିର ବରଫାବୃତ ପାହାଡ଼ ଖସଡ଼ାରେ ଅନୁଷ୍ଠିତ ଜାତୀୟ ସ୍କି ଓ ସ୍ନୋବୋର୍ଡରେ ପ୍ରଭାବୀ ପ୍ରଦର୍ଶନ କରି ମନ ଜିତିଛନ୍ତି ଓଡ଼ିଶାର ରଞ୍ଜିତା ବେହେରା।





ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଗିରଫ ଦାବିରେ ଭାଜପା ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ ବେଳେ ଶିଶୁଭବନ ଛକରେ ପୋଲିସ ସହ ଧସ୍ତାଧସ୍ତି।

# ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ବଢ଼ିଲା

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ରାଜ୍ୟ ନିର୍ବାଚନ କମିଶନର ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା କାଉନସିଲର, କର୍ପୋରେଟର, ଅଧ୍ୟକ୍ଷ ଓ ମେୟର ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ସୀମାକୁ ବୃଦ୍ଧି କରିଛନ୍ତି। ଓଡ଼ିଶା ମ୍ୟୁନିସିପାଲିଟି ଆଇନ-୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩ର କ୍ଷମତା ଓ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ନିର୍ବାଚନ କମିଶନର ଏହି ଖର୍ଚ୍ଚ ବୃଦ୍ଧି କରିଛନ୍ତି। ଏ ନେଇ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମ କର୍ପୋରେଟର ପଦବୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ୨ ଲକ୍ଷ ଏବଂ ମେୟର ପଦବୀ ପାଇଁ ନିର୍ବାଚନ ଲଢୁଥିବା ପ୍ରାର୍ଥୀମାନେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ସେହିପରି ଯେଉଁ ପୌର ପରିଷଦର ଜନସଂଖ୍ୟା ୧ ଲକ୍ଷରୁ ଅଧିକ ସେଠାରେ ନିର୍ବାଚନ ଲଢୁଥିବା କାଉନସିଲର ପ୍ରାର୍ଥୀ ୧ ଲକ୍ଷ ଏବଂ ପୌରାଧ୍ୟକ୍ଷ ପ୍ରାର୍ଥୀ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ। ଯେଉଁ ପୌରାଞ୍ଚଳର ଜନସଂଖ୍ୟା ୫୦ ହଜାରରୁ ୧ ଲକ୍ଷ ସେଠାରେ କାଉନସିଲର ପ୍ରାର୍ଥୀ ୭୫ ହଜାର ଏବଂ ପୌରାଧ୍ୟକ୍ଷ ପ୍ରାର୍ଥୀ ୩ ଲକ୍ଷ ଟଙ୍କା ଯାଏ ଖର୍ଚ୍ଚ କରିପାରିବେ। ଯେଉଁ ବିଜ୍ଞାପିତ ଅଞ୍ଚଳଗୁଡ଼ିକର ଜନସଂଖ୍ୟା ୫୦ ହଜାରରୁ କମ୍ ସେଠାରେ କାଉନସିଲର ପ୍ରାର୍ଥୀ ୫୦ ହଜାର ଏବଂ ଅଧ୍ୟକ୍ଷ ପ୍ରାର୍ଥୀ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ।

ପଞ୍ଚାୟତ ନିର୍ବାଚନ ପରେ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ ପୌର ନିର୍ବାଚନ ଘୋଷଣା ହେବାର ସମ୍ଭାବନା ରହିଛି। ଏ ନେଇ ପ୍ରସ୍ତୁତି ମଧ୍ୟ ଜୋରସୋର ଚାଲିଛି। ଇତିମଧ୍ୟରେ ୩ ମହାନଗର ନିଗମ ମେୟର, ୧୦୭ ପୌରାଧ୍ୟକ୍ଷ ଏବଂ ୱାର୍ଡଗୁଡିକର ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି। ପୌର ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସକାଶେ ରାଜ୍ୟ ନିର୍ବାଚନ କମିଶନର ଆସନ୍ତା ୧୦ ତାରିଖରେ ☞ପୃଷ୍ଠା-୬

**ପୌର ନିର୍ବାଚନ ଖର୍ଚ୍ଚ**

| ମହାନଗର ନିଗମ | ମେୟର | କର୍ପୋରେଟର |
|---|---|---|
| କଟକ, ଭୁବନେଶ୍ୱର, ବ୍ରହ୍ମପୁର | ୧୨ ଲକ୍ଷ | ୨ ଲକ୍ଷ |

| ପୌର ପରିଷଦ (ଜନସଂଖ୍ୟା) | ଅଧ୍ୟକ୍ଷ | କାଉନସିଲର |
|---|---|---|
| ୧ ଲକ୍ଷରୁ ଅଧିକ | ୫ ଲକ୍ଷ | ୧ ଲକ୍ଷ |
| ୫୦ ହଜାରରୁ ୧ ଲକ୍ଷ | ୩ | ୭୫ ହଜାର |
| ୫୦ ହଜାରରୁ କମ୍ | ୨ ଲକ୍ଷ | ୫୦ ହଜାର |

## ଭୋଟ ଦେବାକୁ ମିଳିବ ୩ ଦିନ ଛୁଟି

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ରାଜ୍ୟରେ ଆସନ୍ତା ୧୬ ତାରିଖରୁ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ମତଦାନ ପାଇଁ ସରକାରୀ କର୍ମଚାରୀଙ୍କୁ ଛୁଟି ମିଳିବ। ଏହି ଛୁଟି ସରକାରୀ, ସରକାରୀ ଅନୁବନ୍ଧିତ, ନିଗମ, ବୋର୍ଡ କର୍ମଚାରୀଙ୍କୁ ମିଳିବ। ଏ ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ସଚିବ ଅଶୋକ ମୀନା ସମସ୍ତ ସଚିବ, ଆରଡିସି ଓ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ ଅଛି ଯେ ଯେଉଁମାନେ ପଞ୍ଚାୟତ ନିର୍ବାଚନ ଭୋଟ୍ ଦେବାକୁ ଆଗ୍ରହୀ ଥିବେ, ସେମାନଙ୍କୁ ଆବେଦନ ☞ପୃଷ୍ଠା-୬

# ନିର୍ବାଚନ ବେଳେ ପ୍ରସଙ୍ଗ ଲଢ଼େଇ

**ବିଜେଡିର ଉଷୁନା ଚାଉଳ, ଭାଜପାର ମମିତା ହତ୍ୟାକାଣ୍ଡ**

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ରାଜ୍ୟରେ ଏବେ ପଞ୍ଚାୟତ ନିର୍ବାଚନ ପାଇଁ ଗାଁଗଣ୍ଡା କମ୍ପୁଛି। ବିଭିନ୍ନ ଦଳର ପ୍ରାର୍ଥୀମାନେ ଘର ଘର ବୁଲି ଭୋଟଭିକ୍ଷା କରୁଛନ୍ତି। ନିର୍ବାଚନ ବେଳେ ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ପ୍ରସଙ୍ଗ ଲଢ଼େଇରେ ମାତିଛନ୍ତି। ବିଜେଡି ଓ ଭାଜପା ଯଥାକ୍ରମେ ଉଷୁନା ଚାଉଳ ଉଠାଣ ଏବଂ ମମିତା ମେହେର ହତ୍ୟା ପ୍ରସଙ୍ଗରେ ପରସ୍ପରକୁ ଟାର୍ଗେଟ କରିଛନ୍ତି। ଓଡ଼ିଶାରୁ ବଳକା ଉଷୁନା ଚାଉଳ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଉଠାଉ ନ ଥିବା ଅଭିଯୋଗରେ ବିଜେଡି ମଙ୍ଗଳବାର ଏଫ୍‌ସିଆଇ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ପ୍ରତିବାଦ କରିଥିଲା । ବିଜେଡି ଅଭିଯୋଗ କରିଛି ଯେ କେନ୍ଦ୍ର ସରକାର ଓଡ଼ିଶାର ଚାଷୀଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ଦିନେ ଓଡ଼ିଶାକୁ ଭୋକର ଭୂଗୋଳ କୁହାଯାଉଥିଲା । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଧାନ ଉତ୍ପାଦନରେ ବଳକା ରାଜ୍ୟରେ ପରିଣତ ହୋଇଛି ।

ରାଜ୍ୟ ସରକାର ଚାଷୀଙ୍କଠାରୁ ଗତ ଖରିଫରେ ୫୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ କରିଥିଲେ । ସେଥିରୁ ୩୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନିଜ ପାଖରେ ରଖି ବଳକା ଚାଉଳ ଏଫ୍‌ସିଆଇ ଉଠାଇବା ସଂଘୀୟ ବ୍ୟବସ୍ଥା ଭିତରେ ରହିଛି। ଏଫ୍‌ସିଆଇ ଜାଣିଶୁଣି ଚାଷୀଙ୍କ ଚାଉଳ ଉଠାଉ ନାହିଁ ବୋଲି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅଭିଯୋଗ କରିଛନ୍ତି। ଭାଜପା ଏମ୍‌ପିମାନେ ଓଡ଼ିଶା ଚାଷୀଙ୍କ ସମସ୍ୟା ଠିକ୍ ଭାବେ କେନ୍ଦ୍ର ନିକଟରେ ଉପସ୍ଥାପନ ନ କରିବା ଯୋଗୁ ରାଜ୍ୟର ଚାଷୀ ଘୋର ଆର୍ଥିକ ଅନଟନ ଦେଇ ଗତି କରୁଛନ୍ତି ବୋଲି ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ କହିଛନ୍ତି। ଏଫ୍‌ସିଆଇ ତୁରନ୍ତ ବଳକା ଚାଉଳ ଉଠାଉ ବୋଲି ବିଜେଡି ଦାବି କରିଛି। ଅନ୍ୟପକ୍ଷରେ ଭାଜପା ☞ପୃଷ୍ଠା-୬



ବାଣୀବିହାର ନିକଟସ୍ଥ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିଜେଡି ପକ୍ଷରୁ ଦିଆଯାଇଥିବା ଧାରଣା।

# ଜେଲ ଗଲେ ଆଶା, ନର୍ସ, ଆଟେଣ୍ଡାଣ୍ଟ

**ନୟାଗଡ଼ ଶିଶୁପୁତ୍ର ବିକ୍ରି ଘଟଣା**

- **ମୃତ ଶିଶୁକନ୍ୟା ଜନ୍ମ ହୋଇଛି ବୋଲି କୁହାଯାଇଥିଲା**
- **ମିଛ କହି ସାଦା କାଗଜରେ ଦସ୍ତଖତ ଆଣିଥିଲେ ଆଶାକର୍ମୀ**

**ନୟାଗଡ଼ ଅଫିସ,୮।୨**

ଗତ ୨୮ ତାରିଖରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁପୁତ୍ର ବିକ୍ରି ଘଟଣାରେ ସ୍ଥାନୀୟ ଟାଉନ ଥାନା ପୋଲିସ ୩ ମହିଳାଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଲେବର ରୁମ୍‌ର ୱାର୍ଡ ଇନ୍‌ଚାର୍ଜ ତଥା ଟାଉନ ଥାନା ଚଣ୍ଡିବସ୍ତ ଗାଁର କମଳା ଦେଇ(୫୨), ୱାର୍ଡ ଆଟେଣ୍ଡାଣ୍ଟ ଓଡ଼ଗାଁ ଆଦର୍ଶ ଥାନା ଅଧୀନ ଦଳକସାହିର ପୁଷ୍ପାଞ୍ଜଳି ପଣ୍ଡା(୪୨), ଆଶା କର୍ମୀ ଇଟାମାଟି ଥାନା ନୋତର ଗାଁର ଭାନୁମତୀ ନାୟକ(୪୬)। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଶିଶୁପୁତ୍ର ଜନ୍ମ ହୋଇଥିଲେ ମଧ୍ୟ ମୃତ ଶିଶୁକନ୍ୟା ଜନ୍ମ ହୋଇଥିବା ଦର୍ଶାଇ ଆଶାକର୍ମୀ ପ୍ରସୂତିଙ୍କୁ ମିଛ କହିଥିଲେ। ଶିଶୁପୁତ୍ରକୁ ଗାଏବ କରାଯାଇଥିବା ଜଣାପଡି ନ ଥିଲେ ମଧ୍ୟ ପ୍ରସୂତିଙ୍କୁ ମିଛ କହି ତାଙ୍କଠାରୁ ସାଦା ☞ପୃଷ୍ଠା-୬

## ୧୯ରେ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ



**ପୁରୀ ଅଫିସ,୮।୨**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚଳିତବର୍ଷ ପ୍ରଥମଥର ଲାଗି ଆସନ୍ତା ୧୯ ତାରିଖରେ ପୁରୀ ଗସ୍ତରେ ଆସୁଛନ୍ତି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। ବୁଧବାର ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କିତ ବୈଠକ ଅନୁଷ୍ଠିତ ହେବ ବୋଲି ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ମତଦାନ ମଧ୍ୟରେ ରାଷ୍ଟ୍ରପତି ପୁରୀ ☞ପୃଷ୍ଠା-୬

# ଗାଈ ପାଟିରେ ବୋମା ଫୁଟିଲା

**ବାଙ୍କୀ,୮।୨(ସ୍ୱ.ପ୍ର.)**

ବାର୍‌ହା ଶିକାର ଉଦ୍ଦେଶ୍ୟରେ ବୋମା(ବାର୍‌ହା ଗୁଳା) ଖଞ୍ଜା ଯାଇଥିଲା। ହେଲେ ଉକ୍ତ ବୋମାକୁ ଗାଈ ଚୋବାଇଦେବାରୁ ତାହା ଫୁଟିଗଲା। ଫଳରେ ଗାଈ ପାଟିରେ ବୋମା ଫାଟି ଥୋମଣିର ତଳ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି କଟକ ଜିଲା ଡମପଡ଼ା ବ୍ଲକ ଅଧୀନ ଶୁଖୁଆଖଳା ଗ୍ରାମରେ। ଗାଈଟିର ଅବସ୍ଥା ଗୁରୁତର ଥିବାରୁ ତାକୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନାନୁସାରେ ସ୍ଥାନୀୟ କରବର ଗ୍ରାମର ଗାଈ ଚରାଳି ସବୁଦିନ ଭଳି ମଙ୍ଗଳବାର ଶୁଖୁଆଖଳା ପଡ଼ିଆ ନିକଟକୁ ଗୋରୁଙ୍କୁ ଚରାଇବାକୁ ନେଇଥିଲେ। ଗୋରୁ ଚରୁଥିବାବେଳେ କରବର ଗ୍ରାମର ଓଇଦ୍ଧେଶ୍ୱର ନନ୍ଦଙ୍କ ଗାଈ ଏକ ବୋମା ଚୋବାଇ ଦେଇଥିଲା। ଉକ୍ତ ବୋମା ଫୁଟିଯିବାରୁ ଗାଈର ଥୋମଣି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଖବରପାଇ ବାଙ୍କୀ ଉପଖଣ୍ଡ ପ୍ରାଣୀଧନ ଚିକିତ୍ସକ ଡା. ସ୍ୱରୂପ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା କରିଥିଲେ। ଗାଈଟିର ଅବସ୍ଥା ଗୁରୁତର ରହିଥିବାରୁ ତାକୁ ଭୁବନେଶ୍ୱର ଶହୀଦନଗରସ୍ଥିତ ସରକାରୀ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସା କରାଯାଉଥିବା ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ମଧୁସୂଦନ ସୁବୁଦ୍ଧି ସୂଚନା ଦେଇଛନ୍ତି। ବାର୍‌ହା ଶିକାର ପାଇଁ ବୋମା ଖଞ୍ଜାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଗତ ମାସରେ ଏଭଳି ଅନୁରୂପ ଘଟଣା ବାଙ୍କୀ କୁଶୁପଙ୍ଗୀ ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଶିକାର ପାଇଁ ଲଗାଯାଇଥିବା ବାର୍‌ହା ଗୁଳା ଖାଇ ଏକ ଗାଈର ଥୋମଣା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଓୟୁଏଟିରେ ଚିକିତ୍ସା ପରେ ଏବେ ଗାଈଟି ସୁସ୍ଥ ଥିବା ଜଣାପଡ଼ିଛି। ଗତ ଏକ ମାସ ମଧ୍ୟରେ ଏଭଳି ୨ଟି ଘଟଣା ଘଟିବା ବାଙ୍କୀ ଡମପଡ଼ା ଅଞ୍ଚଳରେ ବାର୍‌ହା ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ଘଟଣାକୁ ସ୍ପଷ୍ଟ କରୁଛି। ଏସବୁ ଜାଣି ମଧ୍ୟ ବନ ବିଭାଗ ଓ ପୋଲିସ ଶିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ବାର୍‌ହାଙ୍କ ଯୋଗୁଁ ଫସଲ ନଷ୍ଟ ହେଉଥିବାରୁ ଏହାର ସୁଯୋଗ ନେଇ ଶିକାରୀମାନେ ବିଭିନ୍ନ ସ୍ଥାନରେ ବାର୍‌ହା ଗୁଳା ଖଞ୍ଜି ରଖୁଛନ୍ତି। ବନ ବିଭାଗ ଏହି ଘଟଣାକୁ ଦୃଷ୍ଟିରେ ରଖି ଶିକାରୀଙ୍କୁ ଧରିବା ପାଇଁ ପାଟ୍ରୋଲିଂ କରିଲେ ବାର୍‌ହା ଉପଦ୍ରବକୁ ରୋକାଯାଇ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଙ୍କୀ ଶିଶୁଆ ବନ ଅଧିକାରୀ ଚିତ୍ତରଞ୍ଜନ ମିଶ୍ରଙ୍କୁ ଯୋଗାଯୋଗ କରାଯିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ଫୋନ ସୁଇଚ୍ ଅଫ୍ ଥିବାରୁ ସମ୍ଭବ ହୋଇପାରି ନାହିଁ।



# ସାନପୁଅ ପାଇଁ ବାଇକ୍ କିଣିଦେବାରୁ ସମ୍ପର୍କ ଭୁଲିଗଲେ ବଡ଼ପୁଅ

**ପଥରରେ ଛେଚି ବାପାଙ୍କୁ ହତ୍ୟା**

**ଢେଙ୍କାନାଳ ଅଫିସ, ୮।୨**

ସମ୍ପତ୍ତି ଲୋଭ ପାଇଁ ପର ହୋଇଗଲା ରକ୍ତସମ୍ପର୍କ। ସାନପୁଅ ପାଇଁ ଦାମୀ ବାଇକ୍ କିଣିଦେବାରୁ ଇର୍ଷାପରାୟଣ ହୋଇ ବ୍ଲେଡ୍‌ରେ ୭୦ ବର୍ଷୀୟ ବୃଦ୍ଧ ବାପାଙ୍କ ତଣ୍ଟି କାଟିଦେଲେ ବଡ଼ପୁଅ। ଏହା ପରେ ପଥରରେ ମୁଣ୍ଡକୁ ଛେଚି ଅତି ନିର୍ମମ ଭାବେ ହତ୍ୟା କଲେ। ମାମଲା ରଫାଦଫା କରିବାକୁ ସମ୍ପର୍କୀୟଙ୍କ ସହ ମିଶି ମୃତଦେହକୁ ପୋଡ଼ିଦେବାକୁ ଯୋଜନା କରୁଥିବାବେଳେ ସୂଚନା ପାଇ ଅଭିଯୁକ୍ତଙ୍କୁ ମାଡ଼ିବସିଲା ପୋଲିସ। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଲେ ତ୍ରିଲୋଚନ ପଧାନ। ମୃତକଙ୍କ ସାନପୁଅ ଦୀପକ ପଧାନଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ବଡ଼ଭାଇ ପ୍ରକାଶ ପଧାନ ଏବଂ ଦାଦା ବୀର ପଧାନଙ୍କୁ ଅଟକ ରଖି ପଚରାଉଚରା କରୁଛି। ଢେଙ୍କାନାଳ ସହର ଉପକଣ୍ଠ ୨୩ନଂ. ୱାର୍ଡ ଅଧୀନ କୋରିଆଁ କାଳୀସାହିରେ ଘଟିଥିବା ଏଭଳି ଏକ ସ୍ପର୍ଶକାତର ଘଟଣାକୁ ନେଇ ସାରା ଜିଲାରେ ଚର୍ଚ୍ଚା ଜୋର୍ ଧରିଛି।

ଟାଉନ ଥାନା ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ଦେଢ଼ମାସ ତଳେ ତ୍ରିଲୋଚନ ଏକ ଜମିକୁ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ବିକ୍ରି କରିଥିଲେ। ଉକ୍ତ ଟଙ୍କାରେ ସାନପୁଅ ଦୀପକ ପାଇଁ ଏକ ଦାମୀ ବାଇକ୍ କିଣି ଦେଇଥିଲେ। ଅବଶିଷ୍ଟ ଟଙ୍କା ମଧ୍ୟ ତାଙ୍କୁ ଦେଇଥିଲେ। ଏହାକୁ ନେଇ ପ୍ରକାଶ ଏବଂ ତ୍ରିଲୋଚନଙ୍କ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ସୋମବାର ରାତିରେ ଘରେ କେହି ନ ଥିବାବେଳେ ଉଭୟଙ୍କ ଭିତରେ ଗଣ୍ଡଗୋଳ ତୀବ୍ର ରୂପ ନେଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରକାଶ ଏକ ବ୍ଲେଡ୍‌ରେ ବାପାଙ୍କ ତଣ୍ଟିକୁ କାଟି ଦେଇଥିଲେ। ଅଚେତ ହୋଇ ପଡ଼ିଯିବା ପରେ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ଘଟଣାସ୍ଥଳରେ ହିଁ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ମୃତଦେହକୁ ଲୁଚାଇ ପୋଡ଼ିଦେବା ☞ପୃଷ୍ଠା-୬



ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ୭ ଯବାନଙ୍କ ମୃତଦେହ ମିଳିଲା

**ହିମସ୍ଖଳନ ଯୋଗୁ ଚାପି ହୋଇଯାଇଥିଲେ**

**ଇଟାନଗର,୮।୨:** ଅରୁଣାଚଳ ପ୍ରଦେଶର ପଶ୍ଚିମ କାମେଙ୍ଗ ଜିଲା ଭାରତ-ଚାଇନା ସୀମାରେ ପାଟ୍ରୋଲିଂବେଳେ ହିମସ୍ଖଳନ ଯୋଗୁ ଫସିଯାଇଥିବା ୭ ଯବାନଙ୍କ ମୃତଦେହ ମଙ୍ଗଳବାର ଠାବ କରାଯାଇଛି। ସେମାନଙ୍କୁ ଉଦ୍ଧାର ପାଇଁ ବହୁ ଉଦ୍ୟମ କରାଯାଇଥିଲେ ହେଁ ସମସ୍ତଙ୍କ ମୃତଦେହ ମିଳିଥିବା ଭାରତୀୟ ସେନା ପକ୍ଷରୁ ସୂଚନା ଦିଆଯାଇଛି। ୭ ସେନା ଯବାନ ଗତ ୬ ତାରିଖରେ କାମେଙ୍ଗ ସେକ୍ଟରରେ ପାଟ୍ରୋଲିଂ କରୁଥିବାବେଳେ ହିମସ୍ଖଳନ ହୋଇଥିଲା। ୧୪,୫୦୦ ଫୁଟ୍ ଉଚ୍ଚତାରେ ଥିବା ଏହି ସେକ୍ଟରରେ କିଛି ଦିନ ହେଲା ତୁଷାରପାତ ଜାରି ରହିଛି।

**ଅହମଦାବାଦ ସିରିଏଲ୍ ବୋମା ବିସ୍ଫୋରଣ**

### ୪୯ ଦୋଷୀ, ୨୮ ଦୋଷମୁକ୍ତ

**ଅହମଦାବାଦ, ୮।୨:** ଅହମଦାବାଦରେ ୨୦୦୮ରେ ହୋଇଥିବା ସିରିଏଲ ବୋମା ବିସ୍ଫୋରଣ ମାମଲାରେ ମଙ୍ଗଳବାର ଗୁଜରାଟର ଏକ ସ୍ୱତନ୍ତ୍ର କୋର୍ଟ ୪୯ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ବିଚାରପତି ଏ. ଆର୍. ପଟେଲ ଅନ୍ୟ ୨୮ ଅଭିଯୁକ୍ତଙ୍କୁ ଦୋଷ ମୁକ୍ତ କରିଛନ୍ତି। ଦୋଷୀଙ୍କୁ ଦଣ୍ଡବିଧାନ ଉପରେ ବୁଧବାର ରାୟ ପ୍ରକାଶ ପାଇବ ବୋଲି କୋର୍ଟ କହିଛନ୍ତି। ସେମାନଙ୍କ ମଧ୍ୟରେ ସଫଦାର ନାଗୋରି, ଜାଭେଦ ଅହମଦ୍, ଅତିକୌର ରେହମାନ ପ୍ରମୁଖ ରହିଛନ୍ତି। ଅହମଦାବାଦରେ ୨୦୦୮ ଜୁଲାଇ ୨୬ରେ ପ୍ରାୟ ୨୦ ସ୍ଥାନରେ ୨୧ ବିସ୍ଫୋରଣ ହୋଇଥିଲା। ଏଥିରେ ୫୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ୨୦୦୯ ମସିହାରୁ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଟ୍ରାଏଲ ଚାଲିଥିଲା। ସମସ୍ତ ଅଭିଯୁକ୍ତ ଭିଡିଓ କନଫରେନ୍ସ ମାଧ୍ୟମରେ ଏଥିରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ସିମି ସଙ୍ଗଠନ ସହିତ ଜଡ଼ିତ ଥିଲା ବୋଲି ପୋଲିସ କହିଥିଲା।

### ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କଲେ ଆକ୍ରେଡିଶନ ହରାଇବେ ଖବରଦାତା

**ନୂଆଦିଲ୍ଲୀ,୮।୨:** ଭାରତର ନିରାପତ୍ତା, ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କଲା ଭଳି ଏବଂ ନିୟମ, ଶିଷ୍ଟତା ଓ ନୈତିକତା ବିରୋଧୀ କାର୍ଯ୍ୟ କରୁଥିବା ଖବରଦାତାମାନେ ସରକାରୀ ସ୍ୱୀକୃତି ହରାଇବେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ନୂଆ ଗାଇଡ୍‌ଲାଇନ୍‌ରେ ଏହା କୁହାଯାଇଛି। ଅନ୍‌ଲାଇନ୍ ନ୍ୟୁଜ୍ ପ୍ଲାଟ୍‌ଫର୍ମଗୁଡ଼ିକରେ କାର୍ଯ୍ୟରତ ଖବରଦାତାମାନଙ୍କ ଉଦ୍ଦେଶ୍ୟରେ ସୋମବାର ମନ୍ତ୍ରଣାଳୟ ପକ୍ଷରୁ ସେଣ୍ଟ୍ରାଲ ମିଡିଆ ଆକ୍ରେଡିଶନ୍ ଗାଇଡ୍‌ଲାଇନ୍ସ-୨୦୨୨ ଜାରି କରାଯାଇଛି। ନୂଆ ନୀତି ଅନୁସାରେ ଜଣେ ଖବରଦାତା ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବା ଭଳି କାର୍ଯ୍ୟ କଲେ ତାଙ୍କଠାରୁ ସରକାରୀ ସ୍ୱୀକୃତି ପ୍ରତ୍ୟାହାର କରିନିଆଯିବ। ସେହିପରି ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ଭାରତର ସମ୍ପର୍କ ଖରାପ କରୁଥିବା, ସାଧାରଣ ନିୟମ ଭଙ୍ଗକାରୀ ବା ଅଦାଲତ ଅବମାନନା କାର୍ଯ୍ୟ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। କୌଣସି ସାମ୍ବାଦିକ କିମ୍ବା ଗଣମାଧ୍ୟମ ସଂସ୍ଥା ଜାଲ ଦସ୍ତାବିଜ ଦେଇଥିଲେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଭୋଗିବେ।

# ହିଜାବ: ଶିମୋଗାରେ ୧୪୪ ଧାରା

**ବେଙ୍ଗାଲୁରୁ, ୮।୨**

କର୍ଣାଟକ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ ନେଇ ବିବାଦ ତୀବ୍ର ହେବାରେ ଲାଗିଛି। ସ୍କୁଲ, କଲେଜରେ ମୁସଲମାନ ସମ୍ପ୍ରଦାୟର ଛାତ୍ରୀମାନଙ୍କୁ ହିଜାବ ପିନ୍ଧିବାକୁ ଅନୁମତି ଦେବା ନେଇ ମଙ୍ଗଳବାର କର୍ଣାଟକ ହାଇକୋର୍ଟରେ ହୋଇଥିବା ଆବେଦନର ଶୁଣାଣି ହୋଇଛି। ଆବେଗ କିମ୍ବା ଭାବନା ଦ୍ୱାରା ନୁହେଁ ବରଂ ଯୁକ୍ତି ଏବଂ ଆଇନ ଅନୁସାରେ ଏହାର ବିଚାର ହେବା ଆବଶ୍ୟକ ବୋଲି ହାଇକୋର୍ଟ କହିଛନ୍ତି। ସମ୍ବିଧାନ ହିଁ ତାଙ୍କ ପାଇଁ ଭଗବତ ଗୀତା କହିବା ସହ ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ବୁଧବାରକୁ ମାମଲାର ଶୁଣାଣି ଘୁଞ୍ଚାଇଛନ୍ତି। ସେପଟେ କୋର୍ଟଙ୍କ ରାୟକୁ ଅପେକ୍ଷା କରି କର୍ଣାଟକରେ ୩ ଦିନ ପର୍ଯ୍ୟନ୍ତ ସମସ୍ତ ସ୍କୁଲ, କଲେଜ ବନ୍ଦ ଘୋଷଣା କରାଯାଇଛି। ଶାନ୍ତି ବଜାୟ ପାଇଁ ହାଇକୋର୍ଟ ଏବଂ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ସମସ୍ତଙ୍କୁ ନିବେଦନ କରିଛନ୍ତି। ଗଣ୍ଡଗୋଳ ଆଶଙ୍କାରେ ଶିମୋଗା ଜିଲାରେ ବୁଧବାର ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ ହୋଇଛି।

ହାଇକୋର୍ଟରେ ମାମଲା ଶୁଣାଣି ବେଳେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ହରିହର ଏବଂ ଦାଭେଙ୍ଗେରେ ସହରରେ ଏହାକୁ ନେଇ ଛାତ୍ରୀଛାତ୍ରମାନେ ହିଂସାକାଣ୍ଡ କରିଛନ୍ତି। ହରିହର ଫାଷ୍ଟ ଗ୍ରେଡ୍ କଲେଜ କ୍ୟାମ୍ପସ୍‌ରେ ଦୁଇ ଗୋଷ୍ଠୀ ପରସ୍ପରକୁ ପଥର ଫିଙ୍ଗିଥିବା ଦେଖାଯାଇଥିଲା। ଏଥିରେ କେତେଜଣ

**କର୍ଣାଟକରେ ତେଜୁଛି ବିବାଦ**




ଦିଲ୍ଲୀ ୟୁନିଭର୍ସିଟି ମୁସ୍‌ଲିମ୍ ଷ୍ଟୁଡେଣ୍ଟ୍ସ ଫେଡେରେଶନ୍ ଆକ୍ଟିଭିଷ୍ଟମାନେ ଆର୍ଟ ଫାକଲ୍ଟି ବାହାରେ କର୍ଣାଟକର ହିଜାବ ବିବାଦକୁ ନେଇ ବିକ୍ଷୋଭ କରୁଛନ୍ତି।

ଛାତ୍ରୀଛାତ୍ର ଏବଂ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ ସହ ଲାଠି ଚାର୍ଜ କରିଥିଲା। ମାଣ୍ଡ୍ୟର ଏକ କଲେଜରେ ଜଣେ ମୁସଲମାନ ଛାତ୍ରୀଙ୍କୁ ଗେରୁଆ ଗାମୁଛା ପକାଇଥିବା କେତେଜଣ ଛାତ୍ର ଘେରି ଯାଇ ଜୟ ଶ୍ରୀରାମ ନାରା ଦେଇଥିଲେ। ସେହି ସମୟରେ ଛାତ୍ରୀ ଜଣକ ଆଲ୍ଲା ହୁ ଆକବର କହି ଚିଲାଉଥିବା ଦେଖିବାକୁ ମିଳିଛି। ସେହିପରି ଶିମୋଗାର ଏକ କଲେଜରେ ଲାଗିଥିବା ତ୍ରିରଙ୍ଗାକୁ ହଟାଇ କେତେଜଣ ଛାତ୍ର ସେଠାରେ ଗେରୁଆ ପତାକା ଲଗାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତ ମାସରେ ଉଡୁପି ସ୍ଥିତ ପି.ୟୁ. ସରକାରୀ ବାଳିକା ମହାବିଦ୍ୟାଳୟରେ ହିଜାବ ବିବାଦ ଦେଖାଦେଇଥିଲା। ୬ ଜଣ ଛାତ୍ରୀ ହିଜାବ ପିନ୍ଧିଥିବାରୁ ସେମାନଙ୍କୁ ଶ୍ରେଣୀଗୃହକୁ ଅନୁମତି ମିଳି ନ ଥିଲା। ଉଡୁପି ଏବଂ ଚିକ୍କାମାଙ୍ଗାଲୁରୁର ଦକ୍ଷିଣପନ୍ଥୀ ସମୂହ ମୁସଲମାନ ଛାତ୍ରୀମାନେ କ୍ଲାସରେ ହିଜାବ ପିନ୍ଧିବାକୁ ବିରୋଧ କରିଥିଲେ। ଗତ

- ୩ ଦିନ ସ୍କୁଲ, କଲେଜ ବନ୍ଦ
- ତ୍ରିରଙ୍ଗା ହଟାଇ ଗେରୁଆ ପତାକା ଲଗାଇଲେ
- ପଥର ଫିଙ୍ଗାଫିଙ୍ଗି, ପୋଲିସର ଲାଠି ଚାର୍ଜ
- ଶାନ୍ତି ରକ୍ଷା ପାଇଁ ହାଇକୋର୍ଟଙ୍କ ଅପିଲ

ଶୁକ୍ରବାର ଏବଂ ଶନିବାର କେତେଜଣ ଛାତ୍ର ଗେରୁଆ ଗାମୁଛା ପକାଇ ସେମାନଙ୍କ କଲେଜକୁ ଯାଇଥିଲେ। ହିଜାବ ପିନ୍ଧିବା ସେମାନଙ୍କ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ବୋଲି ଆବେଦନକାରୀ ମୁସଲମାନ ଛାତ୍ରୀମାନେ ସେମାନଙ୍କ ପିଟିଶନରେ ଦର୍ଶାଇଛନ୍ତି।

ସ୍କୁଲ କଲେଜକୁ ଛାତ୍ରୀଛାତ୍ରମାନେ କେବଳ ୟୁନିଫର୍ମ ପିନ୍ଧି ଆସିବାକୁ ଶନିବାର ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ସେଠାରେ ହିଜାବ ବିବାଦ ଜାରି ରହିଛି। କ୍ରମେ ଏହା ଉଡୁପିର ବିଭିନ୍ନ ଶିକ୍ଷାନୁଷ୍ଠାନ ସମେତ ଶିମୋଗାକୁ ମଧ୍ୟ ବ୍ୟାପିଛି। ଉଡୁପି କଲେଜର ୫ ଛାତ୍ରୀ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ କର୍ଣାଟକ ସରକାର ସ୍କୁଲ, କଲେଜ ବନ୍ଦ ପାଇଁ ଘୋଷଣା କରିଛନ୍ତି। କୌଣସି ଶିକ୍ଷାନୁଷ୍ଠାନକୁ ଛାତ୍ରୀଛାତ୍ରମାନେ ହିଜାବ କିମ୍ବା ଗେରୁଆ ଗାମୁଛା ପିନ୍ଧି ଆସିବା ଅନୁଚିତ ବୋଲି କର୍ଣାଟକ ଗୃହମନ୍ତ୍ରୀ ଆରାଗା ଜ୍ଞାନେନ୍ଦ୍ର କହିଛନ୍ତି।

### ଆଇଏସ୍-କେ ମୁଖ୍ୟଙ୍କୁ ଧରାଇଦେଲେ ୧୦ ନିୟୁତ ଡଲାର



ସନାଉଲ୍ଲା ଗଫାରି

**ନ୍ୟୁୟର୍କ,୮।୨**

ଆଫଗାନିସ୍ତାନରେ ତାଲିବାନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ଇସ୍‌ଲାମିକ୍ ଷ୍ଟେଟ୍‌ର ଖୋରାସାନ୍ ଗୋଷ୍ଠୀ ଆଇଏସ୍-କେ ମୁଖ୍ୟ ସନାଉଲ୍ଲା ଗଫାରି ଓରଫ ସାହାବ ଅଲ୍-ମୁଜାହିରଙ୍କୁ ଧରାଇଦେଲେ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ଘୋଷଣା କରିଛି। ଅଗଷ୍ଟ ୨୬ରେ କାବୁଲ ବିମାନବନ୍ଦରରୁ ଆମେରିକୀୟ ସୈନ୍ୟଙ୍କ ଅପସାରଣ ଏବଂ ଏୟାରଲିଫ୍ଟ ବେଳେ ଆଇଏସ୍-କେ ପକ୍ଷରୁ ସେଠାରେ ଆକ୍ରମଣ କରାଯାଇଥିଲା। ଏଥିରେ ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ୨୦୨୦ ଜୁନ୍‌ରେ ଗଫାରିଙ୍କୁ ଆଇଏସ୍-କେ ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିବାରୁ ଆମେରିକା ତାଙ୍କୁ ଧରିବାକୁ ଚାହୁଁଛି। ତେଣୁ ତାଙ୍କ ସମ୍ପର୍କରେ ସୂଚନା ଦେଲେ ଏହି ପୁରସ୍କାର ଦିଆଯିବ ବୋଲି ପରରାଷ୍ଟ୍ର ବିଭାଗ ପକ୍ଷରୁ ଘୋଷଣା କରାଯାଇଛି।



ଆମେରିକାରେ ମ୍ୟୁନିସିପାଲ କର୍ମଚାରୀଙ୍କ ପାଇଁ ଟିକାକରଣକୁ ବାଧ୍ୟତାମୂଳକ କରାଯାଇଥିବାରୁ ନ୍ୟୁୟର୍କ ସିଟି ହଲ୍ ବାହାରେ ଭାକ୍ସିନ ବିରୋଧୀଙ୍କ ବିକ୍ଷୋଭ ପ୍ରଦର୍ଶନ।

### ପରଲୋକରେ ମହାଭାରତର ଭୀମ

**ମୁମ୍ବାଇ,୮।୨**



ପ୍ରବୀଣ କୁମାର

ପୌରାଣିକ କଥାବସ୍ତୁ ମହାଭାରତରେ ଭୀମ ଚରିତ୍ରରେ ଲୋକପ୍ରିୟତା ସାଉଣ୍ଟିଥିବା ଅଭିନେତା ପ୍ରବୀଣ କୁମାର ସୋବତୀଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୭୪ ବର୍ଷ ହୋଇଥିଲା। ବି. ଆର୍. ଚୋପ୍ରାଙ୍କ ମହଭାରତ ସମେତ ବଲିଉଡ୍‌ରେ ପ୍ରାୟ ୫୦ ଫିଲ୍ମ ଏବଂ ଟିଭି ସିରିଏଲରେ ସେ ଅଭିନୟ କରିଛନ୍ତି। ସେଥିମଧ୍ୟରେ ଅମିତାଭ ବଚ୍ଚନଙ୍କ ଅଭିନୀତ ଶେହନ୍‌ଶାହା ଏବଂ ଧର୍ମେନ୍ଦ୍ରଙ୍କ ଲୋହାରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଆଜ୍ କା ଅର୍ଜୁନ, ୟୁଦ୍ଧ, ମହୋବତ୍ କେ ଦୁଶ୍‌ମନ, କରିସ୍ମା କୁଦ୍‌ରତ୍ କା, ଅଜୁବା, ଘାୟଲ ଭଳି ଫିଲ୍ମରେ ସେ ଅଭିନୟ କରିଛନ୍ତି। ୨୦୧୩ରେ ତାଙ୍କ ଶେଷ ଫିଲ୍ମ 'ବାର୍‌ବାରିକ୍' ଆସିଥିଲା। ଅଭିନୟ ବ୍ୟତୀତ କ୍ରୀଡ଼ା ଜଗତରେ ସେ ହାମର୍ ଏବଂ ଡିସ୍‌କସ୍ ଥ୍ରୋରେ ଅନେକ ପଦକ ଜିତିଛନ୍ତି। ସେ ବିଏସ୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ମଧ୍ୟ ରହିଥିଲେ। ଖେଳରେ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ଅର୍ଜୁନ ପୁରସ୍କାର ମିଳିଥିଲା। ଦୁଇ ଅଲିମ୍ପିକ୍ ପୁରସ୍କାର, ୪ ଏସିଆନ୍ ଗେମ୍ ମେଡାଲର ସେ ବିଜେତା। କ୍ରୀଡାରେ ଏକ ସଫଳ କ୍ୟାରିୟର୍ ପରେ ପ୍ରବୀଣ ୭୦ ଦଶକର ଶେଷ ଭାଗରେ ମନୋରଞ୍ଜନ ଜଗତରେ ପ୍ରବେଶ କରିଥିଲେ। ପରେ ସେ ଅଭିନୟ ଛାଡି ଆମ୍ ଆଦ୍‌ମୀ ପାର୍ଟିରେ ଯୋଗଦେଇ ୨୦୧୩ରେ ବିଧାନସଭା ନିର୍ବାଚନ ଲଢ଼ିଥିଲେ।

### ଓସ୍କାର ନୋମିନେଶନରୁ 'ଜୟ ଭୀମ' ବାଦ୍

**ମୁମ୍ବାଇ, ୮।୨**




ବହୁ ପ୍ରତୀକ୍ଷିତ ଓସ୍କାର ନୋମିନେଶନ-୨୦୨୨ ମଙ୍ଗଳବାର ଘୋଷଣା କରାଯାଇଛି। ଏହି ପୁରସ୍କାର ପାଇଁ ଶର୍ଟଲିଷ୍ଟ ହୋଇଥିବା ଅଭିନେତା ସୂର୍ଯ୍ୟାଙ୍କ ତାମିଲ ଫିଲ୍ମ 'ଜୟ ଭୀମ' ନୋମିନେଶନରୁ ବାଦ ପଡ଼ିଛି। ସମସ୍ତ ୨୩ ବର୍ଗରେ ଏହି ନୋମିନେଶନକୁ ଅଭିନେତା ଟ୍ରେସି ଏଲିସ୍ ରୋସ୍ ଏବଂ ଲେସ୍‌ଲି ଜୋର୍ଡାନ ଘୋଷଣା କରିଛନ୍ତି। ଶ୍ରେଷ୍ଠ ଫିଲ୍ମ ବର୍ଗରେ ବେଲ୍‌ଫାଷ୍ଟ, କିଙ୍ଗ୍ ରିଚାର୍ଡ, କୋଡା, ଡୋଣ୍ଟ ଲୁକ୍ ଅପ୍, ଲିକୋରିସ୍ ପିଜ୍ଜା, ନାଇଟମେୟର ଆଲେ, ଡ୍ରାଇଭ୍ ମାଇ କାର୍, ଦ ପାୱାର ଅଫ୍ ଡଗ୍, ଡ୍ୟୁନ୍, ୱେଷ୍ଟ ସାଇଡ୍ ଷ୍ଟୋରୀ ପ୍ରମୁଖ ନୋମିନେଟ୍ ହୋଇଛି।

### କ୍ଷମା ମାଗିଲେ ମୋରିସନ୍

**ପାର୍ଲାମେଣ୍ଟରେ ବଳାତ୍କାର ମାମଲା**



**କାନ୍‌ବେରା, ୮।୨**

ଅଷ୍ଟ୍ରେଲିଆ ପାର୍ଲାମେଣ୍ଟରେ ଜଣେ ପୂର୍ବତନ ମହିଳା କର୍ମଚାରୀଙ୍କୁ ବଳାତ୍କାର ମାମଲାରେ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍ ମଙ୍ଗଳବାର ତାଙ୍କୁ କ୍ଷମା ମାଗିଛନ୍ତି। ପାର୍ଲାମେଣ୍ଟର ପ୍ରତିରକ୍ଷା ମନ୍ତ୍ରୀଙ୍କ ଅଫିସ୍‌ର ଜଣେ କର୍ମଚାରୀ ୨୦୧୯ରେ ବ୍ରଟାନି ହିଗିନ୍ସଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ମୋରିସନ୍‌ଙ୍କ ସରକାର ଘୋର ସମାଲୋଚନାର ଶିକାର ହୋଇଥିଲା। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିଲା। ପାର୍ଲାମେଣ୍ଟରେ ବିଭିନ୍ନ ଡିପାର୍ଟମେଣ୍ଟରେ କାମ କରୁଥିବା କର୍ମଚାରୀଙ୍କ ମଧ୍ୟରୁ ୩୭ ପ୍ରତିଶତ ଯୌନ ନିର୍ଯାତନାର ଶିକାର ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହା ପରେ ମୋରିସନ୍ ହିଗିନ୍ସଙ୍କ ଉପସ୍ଥିତିରେ ତାଙ୍କୁ କ୍ଷମା ମାଗିଛନ୍ତି।

## ୟୁକ୍ରେନ ସଙ୍କଟ ବଢ଼ାଇବନି ରୁଷିଆ: ମାକ୍ରଁ

**କ୍ୱିଭ୍, ୮।୨**

ରୁଷିଆ ଓ ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଭିତରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ଭେଟିଛନ୍ତି। କ୍ରେମେଲିନ୍‌ରେ ହୋଇଥିବା ଆଲୋଚନାରେ ରୁଷିଆ ୟୁକ୍ରେନ ସୀମା ନିକଟରେ ଉତ୍ତେଜନା ବଢ଼ାଇବ ନାହିଁ ବୋଲି ପୁଟିନ୍ କହିଥିବା ମାକ୍ରଁ ମଙ୍ଗଳବାର ପ୍ରକାଶ କରିଛନ୍ତି। ବିବାଦ ନ ବଢ଼ାଇବାକୁ ରୁଷିଆ ରାଜି ହୋଇଥିବା ରିପୋର୍ଟକୁ କ୍ରେମେଲିନ୍ ପକ୍ଷରୁ ପୂର୍ବରୁ ଖଣ୍ଡନ କରାଯାଇଥିଲା। ସମ୍ପ୍ରତି ସ୍ଥିତିରେ ମସ୍କୋ ଏବଂ ପ୍ୟାରିସ୍ କୌଣସି ଚୁକ୍ତି କରିପାରିବେ ନାହିଁ ବୋଲି କ୍ରେମେଲିନ୍ ମୁଖପାତ୍ର ଡିମିଟ୍ରି ପେସ୍‌କୋଭ୍ କହିଥିଲେ। କିନ୍ତୁ ମାକ୍ରଁ ୟୁକ୍ରେନ ରାଜଧାନୀ କ୍ୱିଭ୍ ଗସ୍ତରେ ଥିବାବେଳେ ଉକ୍ତ ମନ୍ତବ୍ୟ ଦେଇଛନ୍ତି। ଏଥିସହ ମାକ୍ରଁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ମଙ୍ଗଳବାର ଭେଟିଛନ୍ତି। ଦୁଇ ଦେଶ ମଧ୍ୟରେ ରହିଥିବା ବିବାଦ ସମାଧାନ ପାଇଁ ମାସାଧିକ ସମୟ ଲାଗିପାରେ ବୋଲି ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି। ସୂଚନାଯୋଗ୍ୟ, ୟୁକ୍ରେନ ସୀମା ନିକଟରେ ରୁଷିଆ ଲକ୍ଷାଧିକ ସୈନ୍ୟ ମୁତୟନ କରିଥିବାବେଳେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ସ୍ଥିତି ଉପୁଜିଛି। ୟୁକ୍ରେନକୁ ନାଟୋରେ ସାମିଲ ପାଇଁ ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡ଼ିକ ଉଦ୍ୟମ କରୁଥିବାବେଳେ ରୁଷିଆ ତାହା ଚାହୁଁ ନ ଥିବାରୁ ଉତ୍ତେଜନା ବଢ଼ିବାରେ ଲାଗିଛି।



ଭୋଲୋଡିମିର ଜେଲେନ୍‌ସ୍କି (ଡାହାଣ)ଙ୍କୁ ଭେଟୁଛନ୍ତି ଇମାନୁଏଲ ମାକ୍ରଁ।

## ୯,୨୦୦ କୋଟିର ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି

**ନୂଆଦିଲ୍ଲୀ,୮।୨**

ଦେଶରେ ୨୦୧୮ ଜାନୁୟାରୀ ୨ରେ ଇଲେକ୍ଟୋରାଲ ବଣ୍ଡ୍ ସ୍କିମ୍ ଲାଗୁ ହେବା ପରଠାରୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂସ୍ଥା ୯,୨୦୮.୨୪ କୋଟି ଟଙ୍କାର ବଣ୍ଡ୍ କିଣିଛନ୍ତି ବୋଲି ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି।

ଅର୍ଥ ମନ୍ତ୍ରଣାଳୟ ଅଧୀନ ଆର୍ଥିକ ବ୍ୟାପାର ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଆଧାରରେ କେନ୍ଦ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂ କହିଛନ୍ତି, ଅଦ୍ୟାବଧି ଅଧିକୃତ ବ୍ୟାଙ୍କ ଏସ୍‌ବିଆଇ ଜରିଆରେ ୯,୨୦୮.୨୪ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି। କମ୍ପାନୀ ଆଇନ, ୨୦୧୩ର ଧାରା ୧୮୨ ଅନୁସାରେ ୩ ବର୍ଷ ହୋଇ ନ ଥିବା ଘରୋଇ କମ୍ପାନୀଗୁଡ଼ିକ ନିଜ ବୋର୍ଡ ଅଫ୍ ଡାଇରେକ୍ଟର୍ସଙ୍କ ଅନୁମୋଦନ ପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ରାଜନୈତିକ ଦଳକୁ ଚାନ୍ଦା ଦେଇପାରିବେ। ଏଭଳି କମ୍ପାନୀଗୁଡ଼ିକୁ ଆର୍ଥିକ ବର୍ଷର ଲାଭକ୍ଷତି ଆକାଉଣ୍ଟରେ ଦାନ ସମ୍ପର୍କରେ ବିବରଣୀ ପ୍ରଦାନ କରିବାକୁ ପଡ଼ିବ। ତେବେ ସେଥିରେ ଚାନ୍ଦା ନେଇଥିବା ରାଜନୈତିକ ଦଳର ନାମ ଉଲ୍ଲେଖ କରିବା ଅନାବଶ୍ୟକ। ସେଥିପାଇଁ ଗତ ୩ ବର୍ଷ ମଧ୍ୟରେ କେଉଁ ଦଳ କେତେ ଟଙ୍କା ଚାନ୍ଦା ଆକାରରେ ପାଇଛନ୍ତି ସେ ସମ୍ପର୍କିତ ତଥ୍ୟ ଉପଲବ୍ଧ ନୁହେଁ ବୋଲି କର୍ପୋରେଟ୍ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂ ଏକ ଲିଖିତ ଉତ୍ତରରେ କହିଛନ୍ତି। ସେହିପରି ଜଣେ ବ୍ୟକ୍ତି ମଧ୍ୟ ନିଜେ କିମ୍ବା ଅନ୍ୟ କାହା ସହ ମିଳିତ ଭାବେ ଇଲେକ୍ଟୋରାଲ ବଣ୍ଡ୍ ନେଇପାରିବେ। ତେବେ ବିଦେଶୀ ନାଗରିକ କିମ୍ବା ସଂସ୍ଥାଗୁଡ଼ିକୁ ଏହି ବଣ୍ଡ୍ ବିକ୍ରି କରାଯାଇ ନ ଥାଏ।


SBI
भारतीय स्टेट बैंक STATE BANK OF INDIA
(भारतीय स्टेट बैंक अधिनियम, 1955 के तहत गठित/Constituted under the State Bank of India Act, 1955)
कॉर्पोरेट केन्द्र, स्टेट बैंक भवन, मादाम कामा रोड, नरीमन पॉइंट, मुंबई - 400021
Corporate Centre, State Bank Bhavan, Madame Cama Road, Nariman Point, Mumbai - 400021

इलेक्टोरल बॉण्ड / ELECTORAL BOND
(प्रोमेसरी नोट के स्वरूप में / IN THE FORM OF PROMISSORY NOTE)

जारी करने की तिथि / DATE OF ISSUE : 10 APR 2018
जारी करने की तिथि से 15 दिनों तक वैध / VALID UPTO 15 DAYS FROM THE DATE OF ISSUE
लिखत की राशि / VALUE OF THE INSTRUMENT : ₹ 1,000/- (रुपये एक हजार मात्र / Rupees One Thousand only)

[illegible]

For value received, the Bank hereby promises to pay on demand to the eligible Payee which is holding this instrument, upon surrender of the original instrument in the Designated Account of the eligible Political Party with the Bank, the sum representing the value of this instrument of ₹ 1,000/- (Rupees One Thousand only) in accordance with the Scheme called 'The Electoral Bond Scheme, 2018', notified by the Central Government vide Gazette Notification No. 20 dated the 2nd January, 2018.

## ସଂକ୍ଷେପରେ

### ଜଳିଗଲା ହାଇୱା



**ଚମ୍ପୁଆ,୮।୨(ଡି.ଏନ.ଏ):** କେନ୍ଦୁଝର ଜିଲା ରିମୁଲି-ଯୋଡ଼ା ରାସ୍ତାର ନାରଦପୁରଠାରେ ଠିଆ ହୋଇଥିବା ଏକ ହାଇୱାରେ ମଙ୍ଗଳବାର ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟାଟେରି ସର୍ଟ ସର୍କିଟ୍‌ରୁ ଏହି ନିଆଁ ଲାଗିଯାଇଥିବା ଅଗ୍ନିଶମ ବିଭାଗ ଅଧିକାରୀ ମୃତ୍ୟୁଞ୍ଜୟ ସିଂ ସୂଚନା ଦେଇଛନ୍ତି। ଗାଡ଼ିରେ ଥିବା ବହୁ ଜିନିଷ ପୋଡ଼ିଯାଇଛି।

### ୨ ଦୋକାନରୁ ଚୋରି

**ପଦ୍ମପୁର, ୮।୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ଅଗାପୁର ଛକରୁ ସୋମବାର ବିଳମ୍ବିତ ରାତିରେ ୨ ଦୋକାନରୁ ଚୋରି ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ରେବତୀ ସାହୁଙ୍କ ମିଷ୍ଟାନ ଭଣ୍ଡାର ପଛ କବାଟ ତାଡ଼ି ଦୁର୍ବୃତ୍ତମାନେ ଗ୍ୟାସ୍ ଟାଙ୍କି, ଚୁଲା ଓ ନଗଦ ଟଙ୍କା ସହ ସମସ୍ତ ସାମଗ୍ରୀ ଚୋରି କରି ନେଇଛନ୍ତି। ସେ ମଙ୍ଗଳବାର ସକାଳେ ଆସି ଦୋକାନ ଖୋଲିବା ସମୟରେ ପଛ କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଚୋରି ହୋଇଥିବା ନେଇ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ନିର୍ମଳ ମାଝିଙ୍କ ସାର ଓ ଧାନ ଦୋକାନ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି କରି ନେଇଛନ୍ତି। ବାସୁଦେବପୁର ପୋଲିସ ପହଞ୍ଚି ତଦନ୍ତ କରିଛି।

### ପାଥୋଲାବ୍‌ରୁ ଚୋରି ବେଳେ ୨ କାବୁ

**ଭଦ୍ରକ ଅଫିସ, ୮।୨:** ଭଦ୍ରକ ଜିଲା ଚିକିତ୍ସାଳୟ ନିକଟରେ ଥିବା ମଡର୍ନ ପାଥୋଲାବ୍‌ରୁ ସୋମବାର ବିଳମ୍ବିତ ରାତିରେ ଚୋରି କରୁଥିବା ବେଳେ ୨ ଯୁବକଙ୍କୁ ପୋଲିସ କାବୁ କରିଛି। ଏନେଇ ମାଲିକ ବିକାଶ କୁମାର ବାରିକଙ୍କ ଅଭିଯୋଗ କ୍ରମେ ଟାଉନ ଥାନା ପୋଲିସ ଦୁଇ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଏହି ଦୁଇଜଣ ପଛପଟ ସ୍କାଏଲାଇଟ ଭାଙ୍ଗି ଭିତରେ ପଶି ଡାକ୍ତରୀ ପରୀକ୍ଷା ପାଇଁ ଥିବା କିଛି ସାମଗ୍ରୀ ନଷ୍ଟ କରିବା ସହ ଚୋରି କରୁଥିଲେ। ରାତ୍ରିକାଳୀନ ଡ୍ୟୁଟିରେ ଥିବା ପୋଲିସ ତାଙ୍କୁ କାବୁ କରିଥିବା ବେଳେ ପ୍ରାୟ ୧୦ ହଜାର ଟଙ୍କାର କ୍ଷତି ହୋଇଥିବା ଏତଲାରେ ଉଲ୍ଲେଖ କରାଯାଇଛି।

### ୨୫ ମୋତିଆବିନ୍ଦୁ ରୋଗୀ ଚିହ୍ନଟ

**ବନ୍ତ,୮।୨(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଭଦ୍ରକ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମୋତିଆବିନ୍ଦୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ୬୦ଜଣ ଚକ୍ଷୁ ପରୀକ୍ଷା କରିଥିବା ବେଳେ ୨୫ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଛନ୍ତି। ଭୂମିକା ଚକ୍ଷୁ ଚିକିତ୍ସାଳୟରେ ସେମାନଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବ ବୋଲି ପରିଚାଳନା ମୁଖ୍ୟ ଅନାଦି ପାଳ କହିଛନ୍ତି। ଆପାଥୋଲିଜିଷ୍ଟ ସାନିଭା କର ମୋତିଆବିନ୍ଦୁ ପରୀକ୍ଷା କରିଥିବା ବେଳେ ପାରାମେଡିକାଲ ଆସିଷ୍ଟାଣ୍ଟ ଲିସା ଭାରଥୀ ଓ ଦୀପ୍ତିମୟୀ ଦାଶ ସହଯୋଗ କରିଥିଲେ।

### ମହୁ ସଂଗ୍ରହ ତାଲିମ

**ଠାକୁରମୁଣ୍ଡା,୮।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକରେ ଗଠିତ କୃଷକ ଉତ୍ପାଦକ ସଂଘ ମାଇଁ ଶିମିଳିପାଳ ଆଗ୍ରଫେଡ ଫର୍ମାର୍ସ ପ୍ରଡ୍ୟୁସର କମ୍ପାନୀ ଓ ନଫେଡ ପ୍ରାୟୋଜିତ ବିକଳ୍ପ ଜୀବିକା ଆନୁକୂଲ୍ୟରେ ମଙ୍ଗଳବାର ନୂଆସାହି ସ୍ଥିତ କାର୍ଯ୍ୟାଳୟ ପରିସରରେ ମହୁ ସଂଗ୍ରହ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଘର ପରିଚାଳନା ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାନ୍ତ ଏଥିରେ ଅଧକ୍ଷତା କରିଥିଲେ। ବୈଷୟିକ ସହଯୋଗୀ ଆଲୋକ କୁମାର ପ୍ରଧାନ ମହୁ ସଂଗ୍ରହକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୩୦ରୁ ଊର୍ଦ୍ଧ୍ୱ ମହୁ ସଂଗ୍ରହକାରୀ ଏଥିରେ ଭାଗ ନେଇଥିଲେ। ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟକ୍ରମ ଅଧିକାରୀ ବିଦ୍ୟାଧର ସାହୁ, ନିର୍ଦ୍ଦେଶକ ଜଗଦୀଶ ମହାନ୍ତ, କ୍ଷୀତିଶ ଦାଶ, ଜୋମଦାର ହୋ, ଧର୍ମଜୟ ଦେବବ୍ରତ ବାରିକ ସହଯୋଗ କରିଥିଲେ।

# ଜମି ଅଧିଗ୍ରହଣରେ ପାଦେ ଆଗେଇଲା

## ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ପ୍ରକଳ୍ପ
## ୬୨ ଏକର ପାଇଁ ୧୦.୯୮ କୋଟି ମଞ୍ଜୁର



**ଯାଜପୁର ଅଫିସ,୮।୨**

ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପ୍ରକଳ୍ପ କାର୍ଯ୍ୟ ଆଉ ଏକ ପାଦେ ଆଗେଇଛି। ନୟାଗଡ଼ ଓ ବୌଦ୍ଧ ଜିଲାର ପ୍ରାୟ ୬୨ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ୧୦ କୋଟି ୯୮ ଲକ୍ଷ ୬୬ ହଜାର ୮୫୭ ଟଙ୍କା ମଞ୍ଜୁର ହୋଇଛି। ଏହିମର୍ମରେ ବୌଦ୍ଧ ଓ ନୟାଗଡ଼ ଜିଲାପାଳଙ୍କୁ ସୋମବାର ବାଣିଜ୍ୟ ଓ ପରିବହନ ବିଭାଗର ଉପସଚିବ କଳ୍ପତରୁ ସାମନ୍ତରାୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ୨୦୨୧ ନଭେମ୍ବର ୭ରେ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ଭାଗବଣ୍ଟା ଛିଣ୍ଡୁନି, ପ୍ରକଳ୍ପ ବିଳମ୍ବିତ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଭଳି ତତ୍ପରତା ପ୍ରକାଶ ପାଇଛି। ତେବେ ଏହି ଅଧିଗ୍ରହଣ ପ୍ରକ୍ରିୟା ସୁରୁଖୁରୁରେ ସମ୍ପାଦିତ ହେଲେ ରେଳପ୍ରକଳ୍ପ କାର୍ଯ୍ୟ ସରିବାକୁ ଆଉ ବେଶି ଦିନ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଆଶା କରାଯାଇଛି।

୧୯୯୪-୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ୨୮୯ କିମି ରେଳପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା ଏବଂ ୨୦୦୧ ଜୁନରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୬ ବର୍ଷ ହେବ ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଲାଖିଛି। ବାଣିଜ୍ୟ ଓ ପରିବହନ ବିଭାଗର ସୋମବାର ନିଷ୍ପତ୍ତି ଅନୁଯାୟୀ ବୌଦ୍ଧ ଜିଲା ପୁରୁଣାକଟକ ଥାନା ହରଭଙ୍ଗା ତହସିଲ ଅଧୀନ ରୁଗୁଡିପାଲି ମୌଜାରେ ୪୨.୪୪୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିର୍ଦ୍ଦେଶ ହୋଇଛି। ଏଥିପାଇଁ ୪ କୋଟି ୧୯ ଲକ୍ଷ ୪ ହଜାର ୫୯୪ ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ଏଥିପାଇଁ ୪ କୋଟି ୩ ଲକ୍ଷ ୯୨ ହଜାର ୫୫୪ ଟଙ୍କା ମଞ୍ଜୁର ହୋଇଥିଲାବେଳେ ଏହା ରିଭାଇଜ କରାଯାଇଛି। ଏଥିରେ ଜମିଅଧିଗ୍ରହଣ ଧାରା ୨୯(୧) ଅନୁଯାୟୀ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୧,୩୦,୬୦,୮୫୩ ଟଙ୍କା ଏବଂ ଗୃହ, କୂପ, ପୁଷ୍କରିଣୀ, ବୃକ୍ଷ ଆଦି ବାବଦକୁ ୧,୫୧,୫୭,୪୨୨ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୧,୫୧,୫୭,୪୨୨ ଟଙ୍କା, ଧାରା ୩୦(୩) ଅନୁଯାୟୀ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୨୬,୧୨,୧୧୬ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୮,୬୫୧ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ୬୫,୮୫,୩୯୨ ଟଙ୍କା, ପୁର୍ନବାସ ଓ ଥଇଥାନ ପାଇଁ ୨୩,୮୩,୫୯୦ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ବୌଦ୍ଧ ଜିଲାପାଳ ମଞ୍ଜୁର କରିଛନ୍ତି।

ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁର୍ଗାପ୍ରସାଦ ମୌଜାରେ ୫.୬୧୦ ଏକର ବେସରକାରୀ ଜମି ଅଧିଗ୍ରହଣ ନିଷ୍ପତ୍ତି ହୋଇଛି। ଏଥିପାଇଁ ୭୪,୨୫,୨୦୨ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ ଜମିର ମୂଲ୍ୟ ୨୭,୫୪,୯୭୨ ଟଙ୍କା ରଖାଯାଇଥିବାବେଳେ ଧାରା ୨୯(୨) ଅନୁଯାୟୀ ବୃକ୍ଷ ବାବଦକୁ ୬୩,୦୯୧ ଟଙ୍କା, ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୮,୧୮,୦୬୩ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ୨ ବର୍ଷ ପାଇଁ ୫,୫୦,୯୯୪ ଟଙ୍କା, ସରକାରୀ ରାଜସ୍ୱର ପୁଞ୍ଜୀକୃତ ମୂଲ୍ୟ ୬୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ଶତକଡ଼ା ୨୦% ହିସାବରେ ୧୨,୩୭,୪୨୪ ଟଙ୍କା ଅଟକଳ ହୋଇଛି। ଏହି ଅଟକଳ ପରିମାଣକୁ ନୟାଗଡ଼ ଜିଲାପାଳ ମଞ୍ଜୁର କରିଥିବା ରିପୋର୍ଟରେ ଦର୍ଶାଯାଇଛି।

ନୟାଗଡ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ବୁଗୁଡା କଲୋନୀ ମୌଜାରେ ୧୧ ଏକର ଜମି ପାଇଁ ୧,୨୫,୯୭,୮୯୧ ଟଙ୍କା ଅଟକଳ ହୋଇଛି। ଏଥିରେ ମୋଟ ଜମିର କ୍ଷତ୍ରଫଳ ଅନୁଯାୟୀ ୪୪,୭୨,୧୬୦ ଟଙ୍କା ସହ ଧାରା ୨୯(୨) ଅନୁଯାୟୀ ଗୃହ, କୂପ, ବୃକ୍ଷ, ଫଳନ୍ତି ଶସ୍ୟ ବାବଦକୁ ୪୮,୦୧,୪୪୭ ଟଙ୍କା, ନୂତନ ଧାରା ୩୦(୧) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୦୦% ସାନ୍ତ୍ୱନାମୂଳକ କ୍ଷତିପୂରଣ ଭାବେ ୪୮,୦୧,୪୪୭ ଟଙ୍କା, ଧାରା ୩୦(୩) ଅନୁଯାୟୀ ଉପରୋକ୍ତ ଅର୍ଥର ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୮,୯୪,୪୩୨ ଟଙ୍କା, ରାଜସ୍ୱ ପୁଞ୍ଜୀକୃତ ମୂଲ୍ୟ ୧,୧୦୦ ଟଙ୍କା, ଶତକଡ଼ା ୨୦% ଯୁଚ୍ଛ ପ୍ରତିଷ୍ଠାନ ଖର୍ଚ୍ଚ ବାବଦକୁ ୨୦,୯୯,୪୬୫ ଟଙ୍କା ରଖାଯାଇଛି।

ନୟାଗଡ଼ ଜିଲା ଦଶପଲ୍ଲା ତହସିଲ ଅନ୍ତର୍ଗତ ଦୁରୁକିପାକୁ ମୌଜାରେ ୩.୯୦୦ ଏକର ଜମି ପାଇଁ ୬୦,୩୪,୫୭୬ ଟଙ୍କା ମଞ୍ଜୁର ହୋଇଛି। ଏଥିରେ ମୋଟ କ୍ଷେତ୍ରଫଳ ଜମିର ମୂଲ୍ୟ ୨୨,୯୯,୦୯୬ ଟଙ୍କା ସମେତ ଧାରା ୨୯(୧) ଅନୁଯାୟୀ ବୃକ୍ଷ ପାଇଁ ୧୮,୦୫୪ ଟଙ୍କା, ନୂତନ ଧାରା ୩୦(୧) ଅନୁସାରେ ଶତକଡ଼ା ୧୦୦% ହାରରେ ସାନ୍ତ୍ୱନାମୂଳକ କ୍ଷତିପୂରଣ ୨୩,୧୭,୧୫୦ ଟଙ୍କା, ଉପରୋକ୍ତ ମୋଟ ମୂଲ୍ୟ ଉପରେ ଧାରା ୩୦(୩) ଅନୁସାରେ ଶତକଡ଼ା ୧୨% ଅତିରିକ୍ତ କ୍ଷତିପୂରଣ ବାବଦକୁ ୩,୯୪,୧୩୦ ଟଙ୍କା, ରାଜସ୍ୱର ପୁଞ୍ଜିକୃତ ମୂଲ୍ୟ ୪୫୮ ଟଙ୍କା, ଯୁଚ୍ଛ ପ୍ରତିଷ୍ଠାନର ଖର୍ଚ୍ଚ ଶତକଡ଼ା ୨୦% ହାରରେ ୧୦,୦୫,୬୮୬ ଟଙ୍କା ଅଟକଳ ହୋଇଛି।

## ୩୧୯ ମୃତକଙ୍କ ପରିବାର ପାଇଛନ୍ତି କୋଭିଡ୍ ସହାୟତା

**ଭଦ୍ରକ ଅଫିସ, ୮।୨**

କୋଭିଡ୍-୧୯ରେ ମୃତକମାନଙ୍କ ଉତ୍ତରାଧିକାରୀଙ୍କୁ ସରକାରୀ ନିର୍ଦ୍ଦେଶ କ୍ରମେ ୫୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଚାଲୁ ରହିଛି। ଭଦ୍ରକ ଜିଲା ପ୍ରଶାସନ ଦ୍ୱାରା ଅଦ୍ୟାବଧି ୩୧୯ ମୃତକଙ୍କ ପରିବାରକୁ ଏହି ବାବଦ ଅର୍ଥ ପ୍ରଦାନ କରାଯାଇଛି। ଜିଲାର କୌଣସି କୋଭିଡ୍ ମୃତକଙ୍କ ପରିବାର ଏ ପ୍ରକାର ସହାୟତା ପାଇଁ ଏବେ ସୁଦ୍ଧା ଆବେଦନ କରି ନ ଥିଲେ। ଯଥାଶୀଘ୍ର ଆବେଦନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିବା ସହ ଏ ଦିଗରେ ଜନସଚେତନତା ବୃଦ୍ଧି ପାଇଁ ଅନୁରୋଧ କରାଯାଇଛି।

## ଦୁର୍ଘଟଣାରେ 'କୃତୀ କୃଷକ' ଉମ୍ବରୁଧରଙ୍କ ମୃତ୍ୟୁ



**ଭଣ୍ଡାରିପୋଖରୀ, ୮।୨ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତ କହରାପୋଖରୀ ଶାସନ ଗ୍ରାମର ସଫଳ କୃଷକ ଭାବେ ପରିଚିତ ଉମ୍ବରୁଧର ବେହେରା(୭୬)ଙ୍କ ଏକ ସଡ଼କ ଦୁର୍ଘଟଣାରେ ମଙ୍ଗଳବାର ମଧ୍ୟାହ୍ନରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ୧୬ ନଂ. ଜାତୀୟ ରାଜପଥର ଧାମନଗର ଥାନା ଅଧୀନ କେ-୩ ହୋଟେଲ ସମ୍ମୁଖରେ ସେ ସ୍କୁଟିରେ ଘରକୁ ଫେରୁଥିବା ବେଳେ ପଛପଟୁ ଏକ କାର୍ ଧକ୍କା ଦେଇଥିଲା। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପ୍ରକାଶ ଥାଉକି, ସମନ୍ୱିତ କୃଷି କ୍ଷେତ୍ରରେ ସଫଳତା ପାଇଁ ୨୦୨୧ ମାର୍ଚ୍ଚ ୧୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ 'କୃତୀ କୃଷକ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ, ନାଟ୍ୟକାର ସୁଧାକର ନନ୍ଦ, ସାମାଜିକ କର୍ମୀ ବଦ୍ରି ନାରାୟଣ ଧଳ, ସୁବ୍ରତ ଦାସ, କବି ଅଚ୍ୟୁତାନନ୍ଦ ସାମଲ, ଏବିଇଓ ପୁରୁଷୋତ୍ତମ ଧଳ, ପ୍ରେସ୍ କ୍ଲବ ସଭାପତି ଧ୍ରୁବ ଚରଣ ବାରିକ, ପ୍ରଣୀତକାନ୍ତ ସାମଲ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଏତଲା ରଖି ପୋଲିସ ଚୁପ୍

**ଝୁମ୍ପୁରା,୮।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ଓ ବାମେବାରୀ ଥାନା ଅଞ୍ଚଳରେ ଚୋରି ବଢ଼ି ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦ନଂ.ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କିଂ କରାଯାଇ ଥିବା ଟ୍ରକ ଓ ଝୁମ୍ପୁରା ବଜାର ଉପରେ ଛିଡ଼ା ହେଉଥିବା ଛୋଟ ବଡ଼ ଗାଡ଼ିଗୁଡ଼ିକରୁ ଡିଜେଲ,ବ୍ୟାଟେରି ଓ ଟାୟାର ଆଦି ଚୋରି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଗ୍ରାମାଞ୍ଚଳର ଛକ ଜାଗାରେ ଅସାମାଜିକ କାର୍ଯ୍ୟକଳାପ ବଢୁଥିବାରୁ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଶେଷ କରି ମହିଳାମାନେ ହାଟ,ବଜାରକୁ ଯିବାକୁ ଭୟ କରୁଛନ୍ତି। ଏହି ଅସାମାଜିକ କାର୍ଯ୍ୟକଳାପ ସହିତ ପଶ୍ଚିମବଙ୍ଗର କିଛି ଫେରି ବେପାରୀ ଜଡିତ ରହୁଥିବା କୁହାଯାଉଛି।

ବାମେବାରୀ, ଝୁମ୍ପୁରା ଥାନା ଅଧୀନ ଧାତିକା -କୁଟୁଗାଁ- ନହବେଡ଼ା ରାସ୍ତା, ଧାତିକା-କଙ୍କଡ଼ା ଯୋଡ଼ିଘାଟି-କଟଲପଶି ରାସ୍ତା ଦେଇ ଯୋଡ଼ା ଖଣି ମଣ୍ଡଳରୁ ପ୍ରତ୍ୟେହ ମାଙ୍ଗାନିଜ, ଲୁହାପଥର ଚାଲାଣ ହେଉଛି। ଉଭୟ ଥାନା ପୋଲିସ ଏହା ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଗତ ୨୭ତାରିଖରେ ଝୁମ୍ପୁରା ଅଞ୍ଚଳର ରଞ୍ଜନ ରାମଙ୍କର ହାଇୱା ଚୋରି ହୋଇଥିଲେ ମଧ୍ୟ ପୋଲିସ ଏତଲା ରଖି ଚୁପ୍ ବସିଛି। ଦୁଇ ସପ୍ତାହ ପୂର୍ବେ ଝୁମ୍ପୁରା ଗ୍ରାମର କମଳଲୋଚନ ସାହୁଙ୍କ ଟ୍ରକ୍ ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇଥିବା ବେଳେ ସେଥିରୁ ଡିଜେଲ ଓ ବ୍ୟାଟେରି ଚୋରି ହୋଇଥିଲା। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ଯୋଗୁ ପୋଲିସ ଉପରୁ ଲୋକେ ଆସ୍ଥା ତୁଟାଇବାରେ ଲାଗିଛନ୍ତି। ଏ ସଂକ୍ରାନ୍ତରେ ବାମେବାରୀ ଥାନାଧିକାରୀ ମନୋରଞ୍ଜନ ବିଶି ଏବଂ ଝୁମ୍ପୁରା ଥାନାଧିକାରୀ ବୀରେନ୍ଦ୍ର ଶିଅଳଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, ଚୋରି ର୍ୟାକେଟକୁ ଧରାଯିବ ବୋଲି କହିଛନ୍ତି।

# ୨୦ ଶିକ୍ଷକ ସମ୍ବର୍ଦ୍ଧିତ

## ନ୍ୟାଶନାଲ ବିଲ୍ଡର ଆୱାର୍ଡ ଉତ୍ସବ



ଉତ୍ସବରେ ସମ୍ବର୍ଦ୍ଧିତ ଶିକ୍ଷକମାନେ।

**ବାସୁଦେବପୁର,୮।୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ରୋଟାରି କ୍ଲବ ଆନୁକୂଲ୍ୟରେ ତଥା ଭଦ୍ରକ ରୋଟାରି କ୍ଲବ ସହଯୋଗରେ ରବିବାର ମିରାକଲ୍ ପବ୍ଲିକ ସ୍କୁଲ ପରିସରରେ ନ୍ୟାଶନାଲ ବିଲ୍ଡର ଆୱାର୍ଡ ଉତ୍ସବ-୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସୁଦେବପୁର ଅଞ୍ଚଳର କାର୍ଯ୍ୟରତ ୨୦ ଶିକ୍ଷକଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ରୋଟାରି କ୍ଲବର ଏଡିଜି ଇନ୍ଦ୍ରଜିତ ସାହୁ ଏଥିରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ମୁରଲୀଧର ସାହୁ, ଅନ୍ୟତମ ଅତିଥି ଭଦ୍ରକ ରୋଟାରି କ୍ଲବ ସଭାପତି ଅଭିଜିତ ନାୟକ, ୨୦୨୩-୨୪ ବର୍ଷ ପାଇଁ ଜିଲା ପାଇଁ ସଭାପତି ଘୋଷିତ ହୋଇଥିବା ପ୍ରଣବ ସାହୁ, ବିଇଓ ଜଗବନ୍ଧୁ ସାହୁ, ବାସୁଦେବପୁର ରୋଟାରି କ୍ଲବ ସଭାପତି ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ସମ୍ପାଦକ ସ୍ମୃତିରଞ୍ଜନ ପଲିତା ଯୋଗ ଦେଇଥିଲେ। ରୋଟାରିଆନ ଦୁଃଶାସନ ରାଉତ ସଭାପତିତ୍ୱ କରିଥିଲେ। କିଶୋର ମହାପାତ୍ର ଅତିଥି ପରିଚୟ ଓ ସୁଧାଂଶୁ ଶେଖର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ ବାସୁଦେବପୁର ରୋଟାରି କ୍ଲବ ସଭାପତି ଭାବେ ବନମାଳି କୁଅଁର ଓ ସମ୍ପାଦକ ସୁଶେଷ ରଞ୍ଜନ ବାରିକ, ୨୦୨୩-୨୪ ପାଇଁ ସଭାପତି ସ୍ମୃତିରଞ୍ଜନ ଓ ସମ୍ପାଦକ ଭାବେ କିଶୋରଙ୍କ ନାମ ଘୋଷଣା କରାଯାଇଥିଲା।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ସିଂ ଆଣ୍ଡ ସିଂ ଚାମ୍ପିୟନ

**କୁଆମରା,୮।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ଦିଘି ନୂଆସାହିଠାରେ ଦୁଇଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାରୁ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତା ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲରେ ସିଂ ଆଣ୍ଡ ସିଂ ଟିମ୍ ପ୍ରତିଦ୍ୱନ୍ଦ୍ୱୀ ତ୍ରିସାହି ଫୁଟ୍‌ବଲ ଟିମ୍‌କୁ ୧-୦ ଗୋଲ୍‌ରେ ହରାଇ ଚାମ୍ପିୟନ ହୋଇଛି। ଅତିଥି ଭାବେ ସରପଞ୍ଚ ଭାସ୍କର ସିଂ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ସାମ୍ବାଦିକ ହିରେନ ରାୟ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଏନ୍‌ଗେଜ ଷ୍ଟାର ମୟୂରଭଞ୍ଜ ଏବଂ ଚମ୍ପାଗଡି ଦଳକୁ ୫ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସଭାପତି ରମାକାନ୍ତ ସିଂ, ସମ୍ପାଦକ ପଦ୍ମଲୋଚନ ସିଂ, ସଞ୍ଜୟ ବେହେରା, ଗୌରାଙ୍ଗ ସିଂ, ପ୍ରଶାନ୍ତ ସିଂ, ରବୀନ୍ଦ୍ର ସିଂ, ସୁନାରାମ ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ବର୍ତ୍ତନାରେ ଚକ୍ଷୁ ଚିକିତ୍ସା

**ଖଇରା, ୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ଆଦର୍ଶ ଶିକ୍ଷା ମନ୍ଦିର ପରିସରରେ ରବିବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଭଦ୍ରକ ଭୂମିକା ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଶିବିରରେ ୯୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ମୋତିଆବିନ୍ଦୁ ଥିବା ୩୫ଜଣଙ୍କୁ ଅସ୍ତ୍ରୋପଚାର ପାଇଁ ବିବେଚିତ କରାଯାଇଥିଲା। ବିଦ୍ୟାଳୟ କର୍ମକର୍ତ୍ତା ରାମଚନ୍ଦ୍ର ପାଣିଗ୍ରାହୀ, ନିମାଇଁ ଚରଣ ଦାସ, ହୃଦାନନ୍ଦ ପାଣିଗ୍ରାହୀ, ଜ୍ଞାନପ୍ରକାଶ ପ୍ରଧାନ ଓ ଚିନ୍ମୟୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ଲାଗି ପ୍ରୟାସ

**ବାଲେଶ୍ୱର ଅଫିସ, ୮।୨**

ବାଲେଶ୍ୱର ସହରସ୍ଥିତ ସହଦେବଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ବିଭିନ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କର୍ମଶାଳା ଆୟୋଜିତ ହୋଇଯାଇଛି। ଆସନ୍ତା ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ(ଏମ୍‌ଡିଏ)ସହିତ ୧୦ରୁ ୧୬ତାରିଖ ପର୍ଯ୍ୟନ୍ତ ଜାତୀୟ କୃମିନାଶକ ଦିବସ ଆୟୋଜନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଲିମ୍ଫାଟିକ ଫାଇଲେରିଆସିସ୍ ଦ୍ୱାରା ଆକ୍ରାନ୍ତ ହେଲେ ଦେଖାଦେଉଥିବା ସ୍ୱାସ୍ଥ୍ୟ ସମସ୍ୟା ଉପରେ ଜନସାଧାରଣଙ୍କୁ ଅବଗତ କରିବା ଏହି କର୍ମଶାଳାର ଲକ୍ଷ୍ୟ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ କର୍ମଶାଳାରେ ଯୋଗଦେଇ ୨୦୩୦ସୁଦ୍ଧା ଫାଇଲେରିଆ ନିରାକରଣ ଲାଗି ଭାରତର ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ଜନସ୍ୱାସ୍ଥ୍ୟ ପ୍ରୟାସଗୁଡ଼ିକ ଜାରି ରଖିବା ଏବଂ ଜିଲାରେ ୧୦ରୁ ଏମ୍‌ଡିଏ ପର୍ଯ୍ୟାୟଗୁଡ଼ିକ କାର୍ଯ୍ୟକାରୀ କରିବାକୁ ଯାଉଥିବା ସୂଚନା ଦେଇଥିଲେ। ସେହିପରି ଡା. ଶଶାଙ୍କ ଶେଖର ଚୌଧୁରୀ ଯୋଗଦେଇ ଫାଇଲେରିଆ ଦ୍ୱାରା ସୃଷ୍ଟି ହେଉଥିବା ଅନ୍ୟ ସମସ୍ୟା ବିଷୟରେ ବୁଝାଇବା ସହ ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ଏହାକୁ ରୋକାଯାଇପାରିବ ବୋଲି କହିଥିଲେ। ଜିଲା ପ୍ରକଳ୍ପ ମ୍ୟାନେଜର ଅନୀଲ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଦୁଲାଳସେନ ଜଗଦେବ ଓ ଅନ୍ୟମାନେ।

# ବଢ଼ି ଚାଲିଛି ବାଲି ଚୋରି



ପାଟଣା ତହସିଲ ଅଞ୍ଚଳରେ ବେଆଇନ ବାଲି ଉତ୍ତୋଳନ ଚାଲିଛି।

**କେନ୍ଦୁଝର, ୮।୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାର ବିଭିନ୍ନ ନଦୀନାଳରୁ ବିନା ଲିଜ୍‌ରେ ବାଲି ଚୋରି ବଢ଼ି ଚାଲିଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ, ପରିବେଶ କ୍ଷତି ହେଉଥିଲେ ହେଁ ରୋକିବା ଲାଗି କାହାରି ଆନ୍ତରିକତା ନାହିଁ। ପଞ୍ଚାୟତ ନିର୍ବାଚନ ପାଇଁ ସମସ୍ତେ ବ୍ୟସ୍ତ ଥିବାବେଳେ ଏହାର ସୁଯୋଗ ନେଇ ମାଫିଆମାନେ ବାଲି ଉତ୍ତୋଳନ କରି ନଦୀ ନିକଟ ତଥା ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ଚୋରା ଚାଲାଣ କରୁଥିବା ଅଭିଯୋଗ ହେଉଛି। ପାଟଣା ତହସିଲ ଅନ୍ତର୍ଗତ କିଆପଡ଼ା ଓ ଅନ୍ୟାନ୍ୟ ଅଞ୍ଚଳରୁ ବୈତରଣୀ ନଦୀରୁ ବାଲି ଚୋରି ନେଇ ଅଭିଯୋଗ ହେଉଛି। ମାଫିଆମାନେ ବିଭିନ୍ନ ଉପାୟରେ ଏହି ଚୋରା କାରବାର ଜାରି ରଖିଥିବା ବେଳେ ରାଜସ୍ୱ ଓ ପୋଲିସ ବିଭାଗର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ପ୍ରୋତ୍ସାହନରେ ଏସବୁ ଚାଲିଥିବାରୁ ଧରପଗଡ଼ ହେଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହି ତହସିଲ ଅନ୍ତର୍ଗତ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ନେଇ ପ୍ରଶାସନ ନିକଟରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି। ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ କ୍ଷତି ହେଉଥିବା ବେଳେ ନଦୀ ମଧ୍ୟ ଅସୁରକ୍ଷିତ ହୋଇପଡୁଛି। ସେହିପରି ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ ଯୋଗୁ ରାସ୍ତାଘାଟ କ୍ଷତିଗ୍ରସ୍ତ ହେବା ସହ ପ୍ରଦୂଷଣ ବଢୁଛି।

ଶତାଧିକ ଟ୍ରିପ୍‌ର ବାଲି ନଦୀ କୂଳରେ ଏବଂ ଆଖପାଖ ଗ୍ରାମରେ ଗଚ୍ଛିତ ରଖାଯାଇଥିବାରୁ ଚଢ଼ାଉ କରି ମାଫିଆମାନଙ୍କୁ ଧରିବା ପାଇଁ ଦାବି ହେଉଛି। ବଡ଼ ବଡ଼ ଟ୍ରକ୍‌ରେ ବାଲି ପରିବହନ ବେଳେ ଧୂଳି ଉଡ଼ି ପ୍ରଦୂଷଣ ସୃଷ୍ଟି ହେବା ସହ ଟ୍ରାଫିକ ସମସ୍ୟା ଦୁର୍ଘଟଣାର କାରଣ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଧରପଗଡ଼ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନି ଘଟିବା ସହ ପରିବେଶ କ୍ଷତିଗ୍ରସ୍ତ, ନଦୀ ଓ ଏହା ଆଖପାଖ ଗ୍ରାମ ପ୍ରତି ବିପଦ ଆଶଙ୍କା ରହୁଛି। ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲାପାଳ ଆଶିଷ ଠାକରେଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବାଲି ବୋଝେଇ ଗାଡ଼ିରୁ ୫୫ ହଜାର ଜରିମାନା

**ପାଟଣା, ୮।୨ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ କେନ୍ଦେଇପଶି ରାଜନଗର ରାସ୍ତାର ଡେଙ୍ଗୁଆ ଛକ ନିକଟରେ ସୋମବାର ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଦୁଇଟି ବେଆଇନ ବାଲି ବୋଝେଇ ଗାଡ଼ିରୁ ୫୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏକ ହାଇୱାରୁ ୩୫ ହଜାର ଓ ଏକ ଡମ୍ଫରରୁ ୨୦ ହଜାର ଜରିମାନା ଆଦାୟ ହୋଇଛି। ଚଢ଼ାଉ ବେଳେ ଦୁଇ ଗାଡ଼ିର ଡ୍ରାଇଭର ଉପଯୁକ୍ତ କାଗଜପତ୍ର ଦେଖାଇ ନ ପାରିବାରୁ ଜରିମାନା କରାଯାଇଥିବା ତହସିଲଦାର ତାପସ ରଞ୍ଜନ ଦେହୁରୀ କହିଛନ୍ତି। ପାଟଣା ଆର୍‌ଆଇ ସତ୍ୟବ୍ରତ ସାହୁ, ରାଜନଗର ଆର୍‌ଆଇ ଶିବ ପ୍ରସାଦ ମହାନ୍ତ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ସଂକ୍ଷେପରେ

### ଭଗବାନପୁରରେ ସରପଞ୍ଚ, ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର

**ଧାମନଗର, ୮।୨:** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତରେ ପ୍ରାର୍ଥୀମାନେ ନିର୍ବାଚନ ପ୍ରଚାର ଜୋରଦାର ଚଳାଇଛନ୍ତି। ସମର୍ଥକମାନଙ୍କ ସହ ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଇଛଦା-ବରହମପୁର ୱାର୍ଡର ମା' ଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା ସାରି ବିଜେଡିର ୧୦ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଚୁନିବାଳା ବିଶ୍ୱାଳ, ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀ କାଞ୍ଚନ ସ୍ୱାଇଁ, ସମିତିସଭ୍ୟ ପ୍ରାର୍ଥୀ ସୁଦୀପ୍ତ ଖଟୁଆ ଏବଂ ୱାର୍ଡମେମ୍ବର ପ୍ରାର୍ଥୀ ବାସନ୍ତୀ ଜେନା, ରଞ୍ଜିତା ଦାସ, ପ୍ରଭାତୀ ପାତ୍ର, ପାର୍ବତୀ ବାରିକ ପ୍ରଚାର କରିଛନ୍ତି। ଭୋଟରଙ୍କ ପାଖରେ ପହଞ୍ଚି ସେମାନେ ନିଜ ସପକ୍ଷରେ ଭୋଟ ପାଇଁ ନିବେଦନ କରିଥିଲେ। ଦଳର ବରିଷ୍ଠ ନେତା ସୁଦର୍ଶନ ମାଝି, ଅଭିରାମ ବେହେରା, ସୁରେନ୍ଦ୍ର ନନ୍ଦୀ, ସୁଧାକର ଦାସ, ନିତ୍ୟାନନ୍ଦ ଦାଶ, ମାନସ ରଞ୍ଜନ ପାତ୍ର ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।

### ଭୋଟରଙ୍କୁ ମନାଇବାରେ ଲାଗିଛନ୍ତି ପ୍ରାର୍ଥୀ

**କୁଆମରା, ୮।୨ (ଡି.ଏନ.ଏ.):** ପଞ୍ଚାୟତ ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ପ୍ରଚାର ସେତେ ଜମିବାରେ ଲାଗିଛି। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକର ୧୫ ନଂ. ଜୋନ୍‌ରେ ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ମଙ୍ଗଳବାରଠାରୁ ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ଗାଁ ବୁଲିବା ଆରମ୍ଭ କରିଛି। ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହୋଇ ନିଜ ସପକ୍ଷରେ ମନାଇବାକୁ ପ୍ରୟାସ ଚଳାଇଛନ୍ତି। କିଏ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କଥା କହୁଛନ୍ତି ତ ଆଉ କିଏ ମୁଖ୍ୟମନ୍ତ୍ରୀଙ୍କ ଯୋଜନାକୁ ଆୟୁଧ କରି ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି। ତେବେ ଅନେକ ସ୍ଥାନରେ ମଧ ନେତା ଓ ପ୍ରାର୍ଥୀଙ୍କୁ ଭୋଟରମାନଙ୍କ ପ୍ରଶ୍ନବାଣ ଦେଖିବାକୁ ମିଳୁଛି। ଏହାବ୍ୟତୀତ ସକାଳେ ଗାଁ ମନ୍ଦିରଗୁଡ଼ିକରେ ପୂଜାର୍ଚ୍ଚନା ଲାଗି ପ୍ରାର୍ଥୀ ଓ ଦଳୀୟ କର୍ମୀଙ୍କ ଭିଡ଼ ସାଙ୍ଗକୁ ଛକ ବଜାର, ଗାଁ ଗଣ୍ଡାରେ ବାଜୁଥିବା ନିର୍ବାଚନ ସଙ୍ଗୀତ ଲୋକଙ୍କୁ ଆକୃଷ୍ଟ କରୁଛି।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ବାରିପଦା ଅଫିସ,୮।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳା ସହ କରିବା ପାଇଁ ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲାର ବିଭିନ୍ନ ଥାନା ପକ୍ଷରୁ ଫ୍ଲାର୍ଗମାର୍ଚ୍ଚ କରି ଜନସାଧାରଣଙ୍କୁ ସଚେତନ କରାଯାଉଛି। ଗାଁ ଓ ଛୋଟ ବଡ଼ ଛକ ସ୍ଥାନରେ ଥିବା ଲୋକମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରିବାକୁ ସୂଚନା ପ୍ରଦାନ କରାଯାଉଛି। କପ୍ତିପଦା, ବେତନଟୀ, ବଡ଼ସାହି ଆଦି ଥାନା ଅଧିକାରୀମାନେ ବୁଲି ବୁଲି ଭୋଟରମାନଙ୍କୁ ସଚେତନ କରୁଛନ୍ତି। ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବେତନଟୀ ଥାନାଧିକାରିଣୀ ରେଣୁବାଳା ସାହୁଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ ଦାନ୍ତିଆମୁହାଁ, ବାରମାଇଲ, କିଷାନତାଣ୍ଡି ଓ ଭାଲିଆଡିହା ସମେତ ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି।

### ପ୍ରଚାରରେ ମମିତା ମେହେର ଡାଡି

**ସୋର, ୮।୨(ଡି.ଏନ.ଏ.):** ରାଜ୍ୟରେ ବହୁଚର୍ଚ୍ଚିତ ମମିତା ମେହେରଙ୍କ ହତ୍ୟାକାଣ୍ଡକୁ ୪ ମାସ ପୂରିଥିଲେ ବି ଅଦ୍ୟାବଧି ବିରୋଧୀଙ୍କ ପ୍ରତିବାଦର ସ୍ୱର ନରମ ପଡିନି। ଏହି ଘଟଣାକୁ ମୁଖ୍ୟ ପ୍ରସଙ୍ଗ କରି ଭାଜପା ଏବେ ପଞ୍ଚାୟତ ନିର୍ବାଚନରେ ଭୋଟରଙ୍କ ସମର୍ଥନ ହାସଲ କରିବାକୁ ପ୍ରୟାସ କରୁଛି। ସୋର ବ୍ଲକ ଅଧୀନ ୪୫ ନଂ. ଜୋନ୍ ଅଧୀନ ଅନନ୍ତପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନୀଷା ଚିନ୍ମୟୀ ବେହେରାଙ୍କ ତତ୍ତ୍ୱାବଧାନ ଓ ୪୫ ନଂ. ଜିଲାପରିଷଦ ଜୋନ ଭାଜପା ପ୍ରାର୍ଥିନୀ ନିରୋଦପ୍ରଭା ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ବିକ୍ଷୋଭ, ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ଶତାଧିକ ମହିଳା ସାମିଲ ହୋଇଥିଲେ। ରାଜ୍ୟ ସରକାରଙ୍କ ବିଫଳତା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଦଳୀୟ ନେତା ପ୍ରଭାକର ନାୟକ, ରାକେଶ ମଲ୍ଲିକ, ବାପି ପଣ୍ଡା ମମିତା ମଲ୍ଲିକ, ରଜନୀ ଜେନା, ଦିଲ୍ଲୀପ କୁମାର ପଣ୍ଡା, ଶଶିକାନ୍ତ ମଲ୍ଲିକ, ସୁବାସ କୁମାର ମଲ୍ଲିକ, ଉତ୍ତମ ଜେନା, ଗଙ୍ଗା ମଲ୍ଲିକଙ୍କ ସହ ଅନ୍ୟାନ୍ୟ କର୍ମକର୍ତ୍ତା ବିକ୍ଷୋଦ୍‌ଗାର କରିଥିଲେ।

# ୨ ଭାଇଙ୍କ ମଧ୍ୟରେ ଲଢ଼େଇ

## କେନ୍ଦୁଝର ଜିଲା ୨୫ନଂ.ଜୋନ

**କେନ୍ଦୁଝର,୮।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ନିର୍ବାଚନ ମଣ୍ଡଳୀର ୪ଟି ଓ ତେଲକୋଇ ନିର୍ବାଚନମଣ୍ଡଳୀର ୭ଟି ପଞ୍ଚାୟତକୁ ନେଇ ଗଠିତ ୨୫ନଂ. ଜିଲା ପରିଷଦ ଜୋନରେ ପ୍ରଚାର ଜୋରସୋରରେ ଚାଲିଛି। ଏହି ଜୋନଟି ଅସଂରକ୍ଷିତ ରହିଛି। ପୂର୍ବରୁ ଏହା ବିଜେଡି ଅକ୍ତିଆରରେ ଥିବା ବେଳେ ପୁନର୍ବାର ଏହାକୁ ହାତେଇବାକୁ ବିଜେଡି ବେଶ ଆଶାବାଦୀ ରହିଛି। ଭାଜପା ମଧ ବିଜେଡି ଦୁର୍ଗ ଭାଙ୍ଗିବା ପାଇଁ ପ୍ରୟାସ ଜାରି ରଖିଛି। ଏହି ଜୋନର ୭୫ ପ୍ରତିଶତରୁ ଅଧିକ ଭୋଟର ଅନୁସୂଚିତ ଜାତି ବର୍ଗର ଅଟନ୍ତି। ଏଠାରେ ଦୁଇ ଭାଇଙ୍କ ମଧ୍ୟରେ ଲଢ଼େଇ ମୁଖ୍ୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବିଜେଡିରୁ ଅରୁଣ କୁମାର ବାରିକ ପ୍ରାର୍ଥୀ ହୋଇଥିବାବେଳେ ତାଙ୍କ ବିରୋଧରେ ଭାଜପାରୁ ତାଙ୍କ କକାପୁଅ ଭାଇ ରଞ୍ଜିତ ବାରିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ଦଳ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ବୋହୂ ରଙ୍ଗଲତା ନାଏକଙ୍କୁ ପ୍ରାର୍ଥୀ କରିଛି।


ବିଜେଡି ପ୍ରାର୍ଥୀ ଅରୁଣ କୁମାର ବାରିକ ଓ ସମର୍ଥକ ପ୍ରଚାର କରୁଛନ୍ତି।

ଟଣ, କରଙ୍ଗାଡିହି, ସାହାରପୁର,ଶୁଆକାଟୀ,ତଳକଇଁସାରୀ,ତଳଚମ୍ପେଇ, କୋଡ଼ିପସା, ବାରାହାଗଡ଼, ଗୋନାସିକା, ବାୟାକୁମୁଟିଆ, କୁଅଁର ଆଦି ୧୧ଟି ପଞ୍ଚାୟତର ୧୨୮ଟି ୱାର୍ଡକୁ ନେଇ ଗଠିତ ଏହି ଜୋନର ମୋଟ ଭୋଟର ସଂଖ୍ୟା ୩୧ହଜାର ୬୧। ସେଥିମଧ୍ୟରୁ ୧୪୯୬୧ ପୁରୁଷ ଏବଂ ୧୬୧୦୦ ମହିଳା ଭୋଟର ଅଛନ୍ତି। ଆସନ୍ତା ୧୬ରେ ଏହି ଜୋନ ପାଇଁ ଭୋଟ ହେବାକୁ ଯାଉଥିବାବେଳେ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ଭାଜପା ପ୍ରାର୍ଥୀଙ୍କ ପାଇଁ ସଦର ବିଧାୟକ ମୋହନ ମାଝି ପ୍ରଚାର କରୁଥିବାବେଳେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର (ରାଜା) ପ୍ରଚାରର ମଙ୍ଗ ଧରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଏବଂ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପ୍ରମୁଖ ଆଧାର କରି ଘର ଘର ବୁଲି ନିର୍ବାଚନ ପ୍ରଚାର କରୁଥିବା ସୌମ୍ୟଶଙ୍କର କହିଛନ୍ତି।

# ବିଧାୟକଙ୍କ ତୋଫାନୀ ପ୍ରଚାର


ନିର୍ବାଚନୀ ପ୍ରଚାରରେ ପ୍ରାର୍ଥୀ ଓ କର୍ମୀଙ୍କ ସହ ବିଧାୟକ ସ୍ୱରୂପ କୁମାର ଦାସ।

**ବାଲେଶ୍ୱର ଅଫିସ, ୮।୨**

ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ମଙ୍ଗଳବାର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ନିଜ ନିର୍ବାଚନମଣ୍ଡଳୀର ୨୯ନଂ. ଜୋନ୍‌ରେ ତୋଫାନୀ ପ୍ରଚାର କରିଛନ୍ତି। ପୂର୍ବାହ୍ନରେ ଉକ୍ତ ଜୋନ୍‌ର ପଞ୍ଚୁପଡ଼ା ପଞ୍ଚାୟତରେ ମୋଟରସାଇକେଲ ରାଲି କରି ପଞ୍ଚାୟତର ସମସ୍ତ ୱାର୍ଡ ବୁଲିଥିଲେ। ଆୟୋଜିତ ସଭାରେ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବୁଝାଇଥିଲେ। ୨୯ ନଂ. ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ନାରାୟଣ ପ୍ରଧାନ, ପଞ୍ଚୁପଡ଼ା ସରପଞ୍ଚ ପ୍ରାର୍ଥିନୀ ରିତାଞ୍ଜଳୀ ଦାସ, ସମିତିସଭ୍ୟ ପ୍ରାର୍ଥିନୀ ମମତା ଜେନା ଏବଂ ସମସ୍ତ ୱାର୍ଡ଼ମେମ୍ବର ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସାର୍ଥା ପଞ୍ଚାୟତର ଉଡ଼ିଶାଳ ଏବଂ ପଶ୍ଚିମ ସାହିରେ ଅନୁଷ୍ଠିତ ସାଧାରଣ ସଭାରେ ବିଧାୟକ ଦାସ ଯୋଗଦେଇ ଜିଲା ପରିଷଦ ସଭ୍ୟ ନାରାୟଣ ପ୍ରଧାନ, ସରପଞ୍ଚ ପ୍ରାର୍ଥୀ ଧନଞ୍ଜୟ ପାତ୍ର, ସମିତିସଭ୍ୟ ପ୍ରାର୍ଥୀ ମନୋରଞ୍ଜନ ଦଳାଇ ଏବଂ ସମସ୍ତ ୱାର୍ଡ଼ମେମ୍ବରଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ଉକ୍ତ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ନେତା ଭାଜପା ଛାଡ଼ି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି। ପଞ୍ଚାୟତର ଟୁକୁଲା ରଣା, ସୁଜୟ ରଣା, ଧୀରେନ୍ଦ୍ର ବାରିକ, ବେଣୁଧର ଦଳାଇ, କମଳା ପାତ୍ର, ସୁମତୀ ଦଳାଇ, ରଞ୍ଜିତା ପାତ୍ର, ମଧୁସୂଦନ ପ୍ରଧାନ, ନବକିଶୋର ନାୟକ ପ୍ରମୁଖଙ୍କୁ ବିଧାୟକ ଦାସ ଉତ୍ତରୀୟ ପ୍ରଦାନ କରି ବିଜେଡିକୁ ସ୍ୱାଗତ କରିଥିଲେ।

# ଫୋକସରେ ମୋରଡ଼ା ନିର୍ବାଚନ ମଣ୍ଡଳୀ

- କେନ୍ଦ୍ରମନ୍ତ୍ରୀ-ବିଜେଡି ବିଧାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ
- ନିର୍ଣ୍ଣାୟକ ଭୂମିକାରେ କଂଗ୍ରେସ

**ବାରିପଦା ଅଫିସ,୮।୨**

ମୟୂରଭଞ୍ଜ ଜିଲା ମୋରଡ଼ା ନିର୍ବାଚନ ମଣ୍ଡଳୀ ଉପରେ ସମଗ୍ର ଜିଲାବାସୀଙ୍କ ନଜର ରହିଛି। ଏହି ନିର୍ବାଚନ ମଣ୍ଡଳୀକୁ ବିଜେଡି ଓ ଭାଜପା ପକ୍ଷରୁ ଫୋକସରେ ରଖାଯାଇଥିବା ଲକ୍ଷ୍ୟ କରାଯାଉଛି। ବିଜେଡି ବିଧାୟକ ରାଜ କିଶୋର ଦାସ ଏଠାରୁ ପ୍ରତିନିଧିତ୍ୱ କରୁଥିବା ବେଳେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଘର ଏହି ନିର୍ବାଚନ ମଣ୍ଡଳୀରେ। ଉଭୟ ନେତା ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ବିଭିନ୍ନ ରଣ କୌଶଳ ଆପଣାଉଥିବା ବେଳେ ଏହି ନିର୍ବାଚନମଣ୍ଡଳୀକୁ ନେଇ ଜିଲାବ୍ୟାପୀ ଚର୍ଚ୍ଚା ଜୋର ଧରିଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଜିଲାର ମୋଟ ୫୬ ଜିଲାପରିଷଦ ଆସନ ମଧ୍ୟରୁ ୪୯ଟି ଭାଜପା ଖାତାକୁ ଯାଇଥିଲା। ଏହି ବିଜୟଧାରା ଅବ୍ୟାହତ ରଖିବାକୁ ଭାଜପା ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରି ଏଥର ନୂଆ ମୁହଁକୁ ସ୍ଥାନ ଦେଇଛି। ଅନ୍ୟପକ୍ଷରେ ବିଜେଡି ଗଡ଼ରେ ପଦ୍ମ ଫୁଟିବା ଦେଖି ଦଳକୁ ସଙ୍ଗଠିତ କରିବା ପାଇଁ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ତଥା ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଗୋଟି ଚଳାଇବା ସହ ପୁଣି ଥରେ ଜିଲାରେ ଶଙ୍ଖ ଧ୍ୱନୀ ବଜାୟ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ବିଜେଡିର ୯ଜଣ ବିଧାୟକ ଓ ୨ ଏମ୍‌ପି ଥିବା ସତ୍ତ୍ୱେ ବିଜେଡି ହାତକୁ ମାତ୍ର ୩ଟି ଜିଲାପରିଷଦ ଆସନ ଆସିଥିଲା। ଦୁଇଟିରେ ଜେଏମ୍‌ଏମ୍ ଓ ଗୋଟିଏରେ ସ୍ୱାଧିନପ୍ରାର୍ଥୀ ବିଜୟୀ ହୋଇଥିଲେ। କଂଗ୍ରେସକୁ କୌଣସି ଆସନ ମିଳିପାରି ନ ଥିଲା। କର୍ମୀଙ୍କ ମଧ୍ୟରେ ଅସନ୍ତୋଷ, ଟିକେଟ ବଣ୍ଟନକୁ ନେଇ କର୍ମୀ ଓ ନେତା ଦଳ ଅଦଳବଦଳ କରିବା କାରଣରୁ ସେତେବେଳେ ବିଜେଡିକୁ ପରାଜୟ ବରଣ କରିବାକୁ ପଡ଼ିଲା ବୋଲି ଚର୍ଚ୍ଚା ଜୋର ଧରିଥିଲା । ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ପ୍ରଣବ ପ୍ରକାଶ କର୍ମୀ ଓ ନେତାଙ୍କୁ ନେଇ ଦଳକୁ ସୁସଙ୍ଗଠିତ କରିପାରିଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ବିଭିନ୍ନ ନିର୍ବାଚନ ମଣ୍ଡଳୀ ଓ ଜୋନ ଦାୟିତ୍ୱ ବଣ୍ଟନ କରିଥିବା ବେଳେ କାର୍ଯ୍ୟକ୍ରମ ସମ୍ପର୍କରେ ଦୈନିକ ବିବରଣୀ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କର୍ମୀମାନେ ନିଜ ନିଜ ଅଞ୍ଚଳ ବୁଲି ସ୍ଥାନୀୟ କର୍ମକର୍ତ୍ତାଙ୍କୁ ନେଇ ଦଳ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ଜନାଭିମୁଖି ଯୋଜନାଗୁଡ଼ିକୁ ଭୋଟରଙ୍କ ନିକଟରେ ପହଞ୍ଚାଇ ସଚେତନ କରୁଛନ୍ତି । ଅପରପକ୍ଷରେ ଭାଜପା ପକ୍ଷରୁ ସଫଳତା ଦୋହରାଇବା ପାଇଁ ରଣନୀତି ଆରମ୍ଭ ହୋଇଛି। ନିଜେ କେନ୍ଦ୍ରମନ୍ତ୍ରୀ ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରୁଛନ୍ତି।

ତେବେ ଜିଲାରେ କଂଗ୍ରେସ ସଙ୍ଗଠନ ଦୁର୍ବଳ ହୋଇପଡ଼ିବାରୁ ଗତ ନିର୍ବାଚନରେ ଦଳର କୌଣସି ଜିଲା ପରିଷଦ ପ୍ରାର୍ଥୀ ବିଜୟୀ ହୋଇପାରି ନ ଥିଲେ। ଦଳରେ କର୍ମୀଙ୍କ ସଂଖ୍ୟା କମିଥିବା ବେଳେ ସଙ୍ଗଠନକୁ ମଜବୁତ କରାଯାଉ ନ ଥିବାରୁ ଭୋଟରମାନେ ଭାଜପା ପ୍ରତି ସମର୍ଥନ ଜଣାଇ ଚାଲିଛନ୍ତି। ଜିଲାରେ କଂଗ୍ରେସର ସଙ୍ଗଠନ ସଜାଡ଼ି ନ ହେଲେ ବିଜେଡିକୁ କ୍ଷତି ସହିବାକୁ ପଡ଼ିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ତେଣୁ ଚଳିତ ନିର୍ବାଚନରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି।

# ପୋଷ୍ଟର ଚିରାକୁ ନେଇ ଉତ୍ତେଜନା

## ଥାନାରେ ୨ ମାମଲା

**ପଦ୍ମପୁର, ୮।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ମେଲକସାହିଠାରେ ନିର୍ବାଚନ ପୋଷ୍ଟର ଚିରାକୁ ନେଇ ସୋମବାର ରାତିରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ମଙ୍ଗଳବାର ସ୍ୱାଧୀନ ପ୍ରାର୍ଥୀଙ୍କ ପକ୍ଷରୁ ଅଭିଯୋଗ କ୍ରମେ ବାସୁଦେବପୁର ଥାନାରେ ଏକ ମାମଲା (ନଂ.୫୮/୨୨) ଏବଂ ଅପରପକ୍ଷେ ବିଜେଡି ପ୍ରାର୍ଥୀଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା (ନଂ.୫୯/୨୨) ରୁଜୁ ହୋଇଛି। ଏସ୍‌ଆଇ ମନୋରଞ୍ଜନ ଦାସ ମଙ୍ଗଳବାର



ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଏଠାରେ ବିଜେଡି ପକ୍ଷରୁ ଏକ କାର୍ଯ୍ୟାଳୟ ସ୍ଥାପନ ହୋଇଛି। ଏଠାରେ ସ୍ୱାଧୀନ ପ୍ରାର୍ଥୀଙ୍କ ପୋଷ୍ଟର ଲଗାଯାଇଥିବାରୁ ବିଜେଡିର କେତେଜଣ କର୍ମୀ ଅସନ୍ତୋଷ ପ୍ରକାଶ କରିଥିଲେ। ସେଠାରେ ପହଞ୍ଚି ସେମାନେ ପାଟିତୁଣ୍ଡ କରିବା ସହ ପୋଷ୍ଟର ଚିରି ଦେଇଥିବା ଏତଲାରେ ଦର୍ଶାଯାଇଛି।

# ଶାସକ ଦଳର ଅବହେଳା ଦର୍ଶାଇଲା ଭାଜପା


ପ୍ରାର୍ଥୀଙ୍କ ସହ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ ପ୍ରଚାର କରୁଛନ୍ତି।

**ବାଲେଶ୍ୱର ଅଫିସ, ୮।୨**

ବାଲେଶ୍ୱର ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଆଶାନୁରୂପକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଅବହେଳା ହୋଇଥିବା ଦର୍ଶାଇ ପରିବର୍ତ୍ତନ କରିବାର ନାରା ନେଇ ପଞ୍ଚାୟତ ନିର୍ବାଚନ ପାରି ହେବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ କୁମାର ଦତ୍ତ। ମଙ୍ଗଳବାର ରାଇସୁଆଁ ପଞ୍ଚାୟତରେ ଘରକୁ ଘର ପ୍ରଚାର ଆରମ୍ଭ କରି ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ବୁଝାଇଥିଲେ। କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କ ପାଇଁ ହାତଖୋଲା ସହାୟତା ପ୍ରଦାନ କରୁଥିବା ବେଳେ ଏଠି ରାଜ୍ୟ ସରକାର ନିଜର ପ୍ରଚାରରେ ବ୍ୟସ୍ତ ରହୁଛନ୍ତି। ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ଗତ ଉପନିର୍ବାଚନରେ ବିଜେଡି ଯେଉଁସବୁ ପ୍ରତିଶ୍ରୁତି ଜନସାଧାରଣଙ୍କୁ ଦେଇଥିଲା, ତାହା ଆଜି କେବଳ ପ୍ରତିଶ୍ରୁତିରେ ରହିଯାଇଛି। ଉପନିର୍ବାଚନକୁ ୧ବର୍ଷ ବିତିଯାଇଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ପଞ୍ଚାୟତବାସୀ ପରିବର୍ତ୍ତନ ପାଇଁ ମନ ବଳାଇସାରିଲେଣି ବୋଲି ଦତ୍ତ ଦୃଢ଼ୋକ୍ତି ପ୍ରକାଶ କରି ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରିବା ପାଇଁ ଅନୁରୋଧ କରିଛନ୍ତି। ତାଙ୍କ ସହ ୨୯ ନଂ. ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, ୨୮ ନଂ. ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ଦୁବୁଲାଗଡ଼ି ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ମହେଶ୍ୱର ମାନ୍ନା ଓ ସମିତିସଭ୍ୟ ପ୍ରାର୍ଥୀ ରବୀନ୍ଦ୍ର ଜେନା, ରାଇସୁଆଁ ସରପଞ୍ଚ ପ୍ରାର୍ଥୀ ରାକେଶ କୁମାର ଜେନା ଓ ସମିତିସଭ୍ୟ ପ୍ରାର୍ଥୀ ଦୀନବନ୍ଧୁ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ହରେକୃଷ୍ଣ ମାନ୍ନା ଓ ନିରଞ୍ଜନ ଜେନା ପ୍ରମୁଖ ପ୍ରଚାରରେ ସାମିଲ ଥିଲେ।

# ଦୁର୍ନୀତିମୁକ୍ତ ସଂକଳ୍ପ ନେଇ ଭୋଟ ନିବେଦନ


ନାନ୍ଦପୁର ଗ୍ରାମରେ ଭୋଟରଙ୍କୁ ଭେଟୁଛନ୍ତି ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ।

**ଆରଡ଼ି, ୮।୨ (ଡି.ଏନ.ଏ.)**

ବ୍ୟକ୍ତିବାଦ ରାଜନୀତିର ଅବସାନ ଘଟିବ। ହଟିବ ଅନ୍ଧାରୀ ଶାସନ। ନାହିଁ ଅର୍ଥ ଲୁଟିବାର ଅଭିପ୍ରାୟ। କେବଳ ଆଶୀର୍ବାଦ ହିଁ ଏକମାତ୍ର ସମ୍ବଳ। ଏଭଳି କଥା କହି ଦ୍ୱାର ଦ୍ୱାର ବୁଲି ଭୋଟ୍ ଭିକ୍ଷା କରୁଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନାନ୍ଦପୁର ପଞ୍ଚାୟତର ଉଚ୍ଚଶିକ୍ଷିତା ସରପଞ୍ଚ ପ୍ରାର୍ଥୀ ଜ୍ୟୋତିର୍ମୟୀ ରାୟ। ନିଜ ପଞ୍ଚାୟତରେ ଅନ୍ୟାୟ, ଦୁର୍ନୀତି ଶୋଷଣରୁ ଲୋକଙ୍କୁ ମୁକ୍ତି କରିବାକୁ ସଂକଳ୍ପ ନେଇ ସେ ଭୋଟ୍ ନିବେଦନ କରୁଛନ୍ତି। ନିକଟରେ ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଜ୍ୟୋତିର୍ମୟୀ ଲୋକଙ୍କ ସେବା ପାଇଁ ନୂଆ କରି ରାଜନୀତିରେ ପାଦ ଥାପିଥିବା କହିଛନ୍ତି। ଭାଜପା ଓ କଂଗ୍ରେସ ତାଙ୍କୁ ମିଳିତ ସମର୍ଥନ ପ୍ରଦାନ କରିଛନ୍ତି। ତାଙ୍କ ସହ ଏହି ଦୁଇ ଦଳ ସମର୍ଥିତ ସମିତିସଭ୍ୟା ପ୍ରାର୍ଥୀ ସୋନାଲି ସ୍ୱପ୍ନା ଭଞ୍ଜ ଭୋଟରଙ୍କୁ ଭେଟୁଛନ୍ତି। ନାନ୍ଦପୁର ସମିତିସଭ୍ୟ ସ୍ୱଦେଶ ପଣ୍ଡା ଓ ବହୁ ଶିକ୍ଷିତ ଯୁବତୀ ଯୁବକ ସେମାନଙ୍କ ପ୍ରଚାରରେ ସାମିଲ ହେଉଥିବା ଦେଖିବାକୁ ମିଳିଛି।

# ସମିତିସଭ୍ୟା ପ୍ରାର୍ଥୀଙ୍କ ସ୍ୱାମୀଙ୍କୁ ତାଲା ପକାଇଲେ

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

**ଖଇରା, ୮।୨(ଡି.ଏନ.ଏ.)**

ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି ପ୍ରାର୍ଥୀ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ବଢିବାରେ ଲାଗିଛି । ମଙ୍ଗଳବାର ଶ୍ୟାମସୁନ୍ଦର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରତ୍ନାକର ବେହେରା ଓ ତାଙ୍କର କିଛି ସମର୍ଥକ ବସିଥିବା ବେଳେ ସେହି ରାସ୍ତା ଦେଇଯାଉଥିବା ଗଣ୍ଡିବେଡ ଗ୍ରାମର ବନମାଳୀ ପ୍ରଧାନ ଓ ଅନ୍ୟ କେତେଜଣ ଗ୍ରାମବାସୀଙ୍କ ନଜରରେ ଆସିଥିଲେ। ରତ୍ନାକର ଏବେ ଉକ୍ତ ପଞ୍ଚାୟତରେ ନିର୍ବାଚନ ଲଢୁଥିବା ସମିତିସଭ୍ୟା ପ୍ରାର୍ଥୀ ରଶ୍ମିତା ବେହେରାଙ୍କ ସ୍ୱାମୀ ହୋଇଥିବାରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ତାଙ୍କ ବିରୋଧୀ କୁହାଯାଉଥିବା ବନମାଳୀ ଓ ତାଙ୍କର ସମର୍ଥକ ତାଲା ପକାଇ ତହସିଲଦାର ମହେନ୍ଦ୍ର କୁମାର ବେହେରା ଓ ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନଙ୍କୁ ଖବର ଦେଇଥିଲେ । ଏଭଳିକି ଭିତରେ ଅର୍ଥ କାରବାର


ପୋଲିସ ତାଲା ଖୋଲି ରତ୍ନାକରଙ୍କୁ ବାହାରକୁ ଆଣୁଛନ୍ତି।

ଚାଲିଥିବା ଏବଂ ତାଲା ପକାଇବା ସମୟରେ ୨ଜଣ ଦୌଡି ପଳାଇଥିବା ନେଇ ପୋଲିସକୁ କହିଥିଲେ । ପରେ ଉପରୋକ୍ତ ଅଧିକାରୀ ରତ୍ନାକରଙ୍କୁ ତାଲା ଖୋଲି ବାହାରକୁ ଆଣିଥିଲେ।

# ବିଧାୟକଙ୍କ ପଥପ୍ରାନ୍ତ ସଭା

**ବାସୁଦେବପୁର, ୮।୨ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୧୯ ନଂ. ଜିଲା ପରିଷଦ ଜୋନ୍‌ର ନୂଆଗାଁ ପଞ୍ଚାୟତରେ ମଙ୍ଗଳବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଦଳୀୟ ଜିଲା ପରିଷଦ ପ୍ରାର୍ଥୀ ଯଦୁନାଥ ନାୟକଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି। ପଞ୍ଚାୟତର ବିଭିନ୍ନ ୱାର୍ଡ ଓ ଗାଁରେ ବିଧାୟକ ରାଉତରାୟ, ପ୍ରାର୍ଥୀ ନାୟକ, ସମର୍ଥିତ ସରପଞ୍ଚ ପ୍ରାର୍ଥୀ ସସ୍ମିତା ମହାନ୍ତି, ସମିତିସଭ୍ୟ ପ୍ରାର୍ଥୀ ନୀତୁ ସାହୁ ପ୍ରମୁଖ ସମର୍ଥକଙ୍କ ସହ ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଆଡ଼ିଆଠାରେ ଏକ ପଥପ୍ରାନ୍ତ ସଭା ବିଜେଡିର ବରିଷ୍ଠ କର୍ମୀ ଅମରନାଥ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ରାଉତରାୟ କହିଥିଲେ, ରାଜ୍ୟରେ ଏକ ପ୍ରଗତିଶୀଳ ସରକାର କାର୍ଯ୍ୟ କରୁଛି। ରାଜ୍ୟ ସରକାରଙ୍କ ବିକାଶରେ ସାମିଲ ହେବାକୁ ଭୋଟରଙ୍କୁ ବିଧାୟକ ଆହ୍ୱାନ ଜଣାଇଥିଲେ। ବିଧାୟକ ପ୍ରତିନିଧି ଅସିତ ଦାଶ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ମଲିକ, ପୂର୍ବତନ ସମିତିସଭ୍ୟ ଭଗବାନ ନାୟକ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ଗୋଲକ ବିହାରୀ ମଲିକ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।


ପଥପ୍ରାନ୍ତ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

# 'ଆଗ ପାଣି ପରେ ଭୋଟ'

## ଭୋଟ ବର୍ଜନ ଲାଗି ଜିଲାପାଳଙ୍କୁ ଦାବିପତ୍ର

**ବାରିପଦା ଅଫିସ,୮।୨**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ କୁସୁମବନ୍ଧ ପଞ୍ଚାୟତ ଅନ୍ତର୍ଗତ ୩ ଗାଁର ଲୋକେ ପାଣି ସମସ୍ୟା ନେଇ ଭୋଟ ବର୍ଜନ କରିବେ ବୋଲି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ରହିଥିବା ବେଳେ ନେତାମନ୍ତ୍ରୀଙ୍କୁ ଗାଁରେ ପୁରାଇ ଦେବୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମେ ଆମକୁ ପିଇବାକୁ ପାଣି ଦିଅ ପରେ ଭୋଟ ନେବ ନଚେତ୍ ଭୋଟ ବର୍ଜନ କରିବୁ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ ଶିମିଳିପାଳ ପାଦଦେଶରେ ଅବସ୍ଥିତ କୁସୁମବନ୍ଧ ପଞ୍ଚାୟତର ଜେଡାସାହି, କୁରୁକୁଟିଆ ଓ ଅସନଶିଖର ଗ୍ରାମରେ ପାନୀୟ ଜଳର ସଙ୍କଟ ଦୀର୍ଘ ଦିନ ଧରି ରହିଆସୁଛି। ଏହି ୩ ଗ୍ରାମରେ ପାଖାପାଖି ୪ହଜାରରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ପଥୁରିଆ ଅଞ୍ଚଳ


ଭୋଟ ବର୍ଜନ ନିଷ୍ପତ୍ତି ନେଇ ଆସିଥିବା ଗ୍ରାମବାସୀ।

ପାଇଁ ନଳକୂଅରୁ ପାଣି ଶୁଖିଯିବା ଫଳରେ ପାନୀୟ ଜଳ ପାଇଁ ସେମାନେ ପରିତ୍ୟକ୍ତ କୂଅ ଉପରେ ନିର୍ଭର କରି ଚଳିଆସୁଛନ୍ତି। ସେହିପରି ଫ୍ଲୋରାଇଡ ଅଞ୍ଚଳ ହୋଇଥିବାରୁ ପିଇବା ଅନୁପଯୋଗୀ ପାଣି ପାଇଁ ଗ୍ରାମର ଶିଶୁ ଓ ବୃଦ୍ଧାବୃଦ୍ଧମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିର୍ବାଚନ ପାଖେଇ ଆସିଲେ ମାଳ ମାଳ ନେତା ଆସି ପ୍ରମୁଖ ସମସ୍ୟା ପାନୀୟ ଜଳ ଯୋଗାଇ ଦେବେ ବୋଲି କହି ମିଥ୍ୟା ପ୍ରତିଶ୍ରୁତି ଦେଇଥାନ୍ତି। ଭୋଟ ପାଇ ନିର୍ବାଚିତ ହେବା ପରେ କୌଣସି ନେତାଙ୍କ ମୁହଁ ଦର୍ଶନ କରିବାକୁ ମିଳୁ ନ ଥିବା ବେଳେ ସରକାରୀ ଯୋଜନା ଗୁଡିକ ଅପହଞ୍ଚ ସାଜିଛି। ଫଳରେ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ପ୍ରତି କାହାରି ଦୃଷ୍ଟି ପଡୁ ନ ଥିବାରୁ ଅଞ୍ଚଳବାସୀ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିବା ନେଇ ରଘୁନାଥ ମାରାଣ୍ଡି, ବନମାଳୀ ହାଁସଦା ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ଧରି ଗ୍ରାମବାସୀ ପାନୀୟ ଜଳ ସମସ୍ୟାରେ ପଡ଼ି ହନ୍ତସନ୍ତ ହେଉଥିବା ବେଳେ ବିଭାଗ ପକ୍ଷରୁ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଜିଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ ଆନୁକୂଲ୍ୟରେ ଓଭର ହେଡ୍ ଟାଙ୍କି ମାଧ୍ୟମରେ ଜଳ ଯୋଗାଣ ହେଉଥିବା ବେଳେ ପାଣି ପାଇପ୍ ଗୁଡ଼ିକ ଫାଟି ଯିବାରୁ ଲୋକଙ୍କ ନିକଟରେ ପାଣି ଅପହଞ୍ଚ ହୋଇପଡ଼ିଛି। ବାରମ୍ବାର ବିଡିଓ, ସରପଞ୍ଚ, ସମିତିସଭ୍ୟଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ ପାଇପ୍ ଗୁଡିକ ମରାମତି କରାଯାଉ ନ ଥିବାରୁ ଗ୍ରାମରେ ଅସନ୍ତୋଷ ବୃଦ୍ଧି ପାଇଛି।

## ସଂକ୍ଷେପରେ

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

ରୂପସା, ୮।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ କୂଳ ଗ୍ରାମରେ ନବନିର୍ମିତ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠାତା ନରେନ୍ଦ୍ର ନାୟକ ଓ ପତ୍ନୀ ବାସନ୍ତୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇ ଦିନ ବ୍ୟାପୀ କୋଭିଡ୍ ଗାଇଡ୍‌ଲାଇନ୍ ମୁତାବକ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଘଟୋତ୍ତଳନ ପୂର୍ବକ ଠାକୁର ସ୍ନାନ, ଅଭିଷେକ, ଭ୍ରମଣ, ଜୀବନ୍ୟାସ, ଯଜ୍ଞ ଓ ପୂଜାକାର୍ଯ୍ୟ ସମ୍ପାଦିତ ହୋଇଥିଲା। ମୁଖ୍ୟପୂଜକ ପଣ୍ଡିତ ଶ୍ରୀ ଜୟଦେବ ସ୍ୱାମୀ, କୃଷ୍ଣକ୍ଷନନ୍ଦ ଦେବ, ମନ୍ମଥ ପାଢ଼ୀ ପ୍ରମୁଖ ପ୍ରତିଷ୍ଠା ଉତ୍ସବରେ ନିଷ୍ଠାର ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଚୌପ୍ରହରୀ ନାମଯଜ୍ଞ, ଭଜନ, କୀର୍ତ୍ତନ କରାଯାଇଥିଲା।

# ହସୁଛି ସୋରିଷ କ୍ଷେତ

**ଅଦିନିଆ ବର୍ଷାକୁ ଡର**

ଜଳେଶ୍ୱର, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲାରେ ସୁବର୍ଣ୍ଣରେଖା ନଦୀ କୂଳେ କୂଳେ ବ୍ୟାପକ ସୋରିଷ ଚାଷ ହୋଇଛି। ଚଳିତବର୍ଷ ଥଣ୍ଡା ପାଗ ରହିଥିବାରୁ ଭଲ ଫସଲ ଅମଳ ହେବ ବୋଲି ଚାଷୀ ଆଶା ବାନ୍ଧି ବସିଛି। ହେଲେ ଅଦିନିଆ ବର୍ଷା ଡରରେ ଚାଷୀମାନେ ଭରସା କରି ନ ପାରି ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି।।

ଜଳେଶ୍ୱର ବ୍ଲକ ମଧ୍ୟ ଦେଇ ବହିଯାଇଛି ସୁବର୍ଣ୍ଣରେଖା ନଦୀ। ନିକଟରେ ଥିବା ଜମିଗୁଡିକର ମାଟି ପଟୁ ଓ ବାଲିଆଯୁକ୍ତ। ଫଳରେ ଅନ୍ୟାନ୍ୟ ଚାଷ ସହିତ ସୋରିଷ ଚାଷ ଭଲ ହୋଇଥାଏ। ସାଧାରଣ ସୋରିଷ ୧୨୦ ଦିନରୁ ୧୨୫ ଦିନ ମଧ୍ୟରେ ଅମଳ ହୋଇଥାଏ। ଚଳିତବର୍ଷ ଜଳେଶ୍ୱରରେ ୧୪୦ ଦିନରେ ଅମଳ ହେବାକୁ ଥିବା ଗିରିରାଜ ସୋରିଷ ହୋଇଛି। ନଭେମ୍ବରରୁ ଅଦ୍ୟାବଧି ପାଗ


ସୋରିଷ କ୍ଷେତ।

ଥଣ୍ଡା ରହିଥିବାରୁ ସୋରିଷ ଭଲ ହୋଇଛି। ଜଳେଶ୍ୱର ବ୍ଲକର ରାୟାଁରାମଚନ୍ଦ୍ରପୁର, ବାଇଗଣବାଡ଼ିଆ, ପାଇକସିଦା, ମାକିଡ଼ିଆ, ରାଜପୁର, ମହମ୍ମଦନଗରପାଟଣା, ଖୁଦିଆମାଝିସାହି, ଗଡ଼ସାହି ବାଲିଆପାଳ, ଶ୍ରୀରାମପୁର, ଶିଖରପୁର ପଞ୍ଚାୟତରେ ଗିରିରାଜ ସୋରିଷ ଚାଷ ହୋଇଛି। ଉପରୋକ୍ତ ପଞ୍ଚାୟତରେ ଚାଷ ହୋଇଥିବା ୧୮୭୫ ଏକର ଜମିକୁ ବିଡିଓ ଓ ମୁଖ୍ୟ ଜିଲା କୃଷି ଅଧିକାରୀ ନିକୁଞ୍ଜ ବିହାରୀ ରାଉତ ବୁଲି ଦେଖିଥିଲେ। ଚଳିତବର୍ଷ ସରକାର ୩୭୮ ଏକର ଜମିରେ ସୋରିଷ ଚାଷ ଲାଗି ବିହନ ମାଗଣାରେ ଯୋଗାଇଛନ୍ତି। ପ୍ରତି ବ୍ୟକ୍ତିଙ୍କୁ ୨ କେଜି ଲେଖାଏଁ ବିହନ କିଟସ୍ ଦିଆଯାଇଥିବା ବେଳେ କ୍ଷେତ ପୋଖରୀ ଯୋଜନାରେ ୪୭ଜଣଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଚଳିତବର୍ଷ ରାୟାଁରାମଚନ୍ଦ୍ରପୁରରେ ୭୫ଏକର, ବାଇଗଣବାଡ଼ିଆ, ନମକନାରେ ୧୫୦ ଏକର, ଚିତମିଶ୍ରାରେ ୩୦ଏକର, ମାକିଡିଆ, ଚାଲନ୍ତି, ଗଡସାହି ବାଲିଆପାଳରେ ପ୍ରାୟ ୬୦ ଏକର ଜମିରେ ସୋରିଷ ଚାଷ ହୋଇଥିବା ଜଣାଯାଇଛି।

ମାଗଣାରେ ସରକାରୀ ବିହନ ସହିତ କୀଟନାଶକ, ଅଣୁସାର, କଲଚର ଆଦି ଅର୍ଥ ଚାଷୀଙ୍କୁ ସିଧାସଳଖ ଦେବା ପାଇଁ ଡିବିଟିର ସୁଯୋଗ ନେବାକୁ କୃଷି ଅଧିକାରୀମାନେ ଚାଷୀମାନଙ୍କୁ ସଚେତନ କରାଇ ଆସୁଛନ୍ତି। ଗତ ୨ଦିନ ଧରି ବର୍ଷା ଓ ପବନ ଲାଗି ରହିଥିବାରୁ ସୋରିଷ କ୍ଷେତର ବ୍ୟାପକ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଜମିରେ ପାଣି ଛିଡ଼ା ହୋଇଥିବାରୁ ୪ରୁ ୫ ଫୁଟ ଉଚ୍ଚର ଗଛଗୁଡିକରେ ସୋରିଷ ପାଚି ଆସୁଥିବାରୁ ତାହା କ୍ଷେତରେ ଲୋଟି ପଡିଥିବା ଦେଖିବାକୁ ମିଳିଛି।

**ଧରିତ୍ରୀ ପ୍ରଭାବ**

# ଲାଗିଲା ନୂଆ ମୋଟର

ଆରଡ଼ି, ୮।୨ (ଡି.ଏନ.ଏ,)

ଲାଗିଲା ନୂଆ ମୋଟର। ଯୋଗାଣ ହେଲା ପାନୀୟ ଜଳ। ହେଲେ ନଳକୂପ ମରାମତି ପାଇଁ ବାଟ ଫିଟିନି। ତାହା ବି ମରାମତି ହେବା ଉଚିତ ବୋଲି କହିଛନ୍ତି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତର ୯ ଓ ୧୦ ନଂ. ୱାର୍ଡବାସୀ। ପ୍ରକାଶ ଯେ, ଆଖଣ୍ଡଳମଣି ପୀଠ ଆରଡ଼ିରେ ଦୁଇମାସ ହେଲା ଏକ ନଳକୂପ ଅଚଳ ହୋଇପଡ଼ିଛି। ଏଥିସହିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ମୋଟର ପୋଡ଼ି ଯାଇଥିଲା। ୩ ଦିନ ଧରି ଏଠାକାର ୨୦୦ ପରିବାର ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ସମ୍ପର୍କରେ 'ପାଣି ପାଇଁ ୨୦୦ ପରିବାର ହଇରାଣ' ଶୀର୍ଷକ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶିତ ହୋଇଛି। ଏହାର ପ୍ରଭାବରେ ଏବଂ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ଅନୁସାରେ ଏଠାରେ ନୂତନ ମୋଟର ଲାଗିବା ସହ ଅପରାହ୍ନରେ ପାନୀୟ ଜଳ ଯୋଗାଣ କରାଯାଇଛି। ତେବେ ଅଚଳ ନଳକୂପ ତୁରନ୍ତ ମରାମତି ଲାଗି ଦାବି ୱାର୍ଡବାସୀ ଦାବି କରିଛନ୍ତି।

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ପାଟଣା,୮।୨(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ଶିକ୍ଷାବିତ ପ୍ରହ୍ଲାଦ ଦାଶ(୯୨)ଙ୍କର ସୋମବାର ରାତିରେ ସଦର ବ୍ଲକ ନେଲୁଙ୍ଗ ଗ୍ରାମରେ ପରଲୋକ ଘଟିଛି। ଚାକିରି ଜୀବନରେ ସେ ବନ୍ଦୋବସ୍ତ ଅଧିକାରୀ ସହ ବିଭିନ୍ନ ଜିଲାରେ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ସଂସ୍କୃତ ପୁରାଣ,ଇଂରାଜୀ ଏବଂ ଓଡ଼ିଆ ସାହିତ୍ୟ ଉପରେ ତାଙ୍କର ଅଗାଧ ପାଣ୍ଡିତ୍ୟ ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପଦ୍ମିନୀ,ବଡ଼ପୁଅ ମନୋଜ, ବିଜନ, ରାଜନ,ଝିଅ ଶ୍ରଦ୍ଧାଞ୍ଜଳି, ଜ୍ୱାଇଁ ସତ୍ୟଜିତ, ୩ ବୋହୂ ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଦୁର୍ଗାଦେଇ ପୁର ବୈତରଣୀ ନଦୀକୂଳ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ମନୋଜ ମୁଖାଗ୍ନି ଦେଇଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବିୟୋଗରେ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

ହଟିବ ଅନ୍ୟାୟ ହଟିବ ଦୁର୍ନୀତି, ହଟିବ ଅନ୍ଧକାର
ଶିକ୍ଷିତା ଯୁବତୀ ସେବା କରିବାର ପାଇବ ଅଧିକାର।
ହସିବ ନାନ୍ଦପୁର, ନୂଆ ଆଲୋକରେ କାଳିମା ଅନ୍ଧାର
ହୋଇଯିବ ନିଶ୍ଚେ ଦୂର।
ନାନ୍ଦପୁର ପଞ୍ଚାୟତରେ ସେବା କରିବାର
ସୁଯୋଗ ଦେବା ପାଇଁ ମହାମେଣ୍ଟର
ସରପଞ୍ଚ ପ୍ରାର୍ଥିନୀ
ଜ୍ୟୋତିର୍ମୟୀ ରାୟଙ୍କୁ

ଖୋଲାବହି ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ।

# ରାଣୀରାଉତାଣୀ କ୍ରିକେଟ୍ ଟୁର୍ନାମେଣ୍ଟ: ସାହୁପଡ଼ା ଚାମ୍ପିୟନ

ସିମୁଳିଆ, ୮।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଉରୀପଦା ପଡ଼ିଆରେ ସୋମବାର ୨୯ତମ ମା' ରାଣୀରାଉତାଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସାହୁପଡ଼ା କ୍ଲବ ଓ ଜାମୁଝାଡ଼ି କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସାହୁପଡ଼ା ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭର ଖେଳି ୯ଉଇକେଟ୍ ବିନିମୟରେ ୨୨୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଜାମୁଝାଡ଼ି ୧୧ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୪ରନ ସଂଗ୍ରହ କରିଥିଲା। ଫଳରେ ୧୫୨ରନ୍‌ରେ ସାହୁପଡ଼ା ବିଜୟୀ ହୋଇଥିଲା। ଉଭୟ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ପୁରସ୍କାର ସହିତ ସିଲ୍ଡ ଓ କପ୍ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଭାବେ ସାହୁପଡ଼ା ଟିମ୍‌ର ଶଶୀକାନ୍ତ ନାୟକ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଜାମୁଝାଡ଼ି ଟିମ୍‌ର ମାଟିନ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ଗତ ୧ରୁ ଆରମ୍ଭ ହୋଇଥିବା ବିଭିନ୍ନ ମ୍ୟାଚ୍‌ରେ ମୋଟ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଅମ୍ପାୟାର ଭାବେ ଆଲୋକ ଜେନା ଓ ସୁଧାଂଶୁ ଶେଖର ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ରୂପେ ସ୍ଥାନୀୟ ଅଞ୍ଚଳର କେଶବ ଚନ୍ଦ୍ର ଜେନା ଏହି ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ସାମାଜିକ କର୍ମୀ ଗଜେନ୍ଦ୍ର ସେଠୀ, ପଞ୍ଚାୟତ ପ୍ରଥମ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ସିମୁଳିଆ ଥାନା ଏଏସ୍‌ଆଇ ସରୋଜ ଦାସ, କେଶବ ଚନ୍ଦ୍ର ଜେନା ଓ ଧରିତ୍ରୀ ପ୍ରତିନିଧି ସନ୍ତୋଷ କୁମାର ନାୟକ ଥିଲେ। ଅନୁଷ୍ଠାନ ସଭାପତି ଅନୀଲ କୁମାର ନାୟକ, ସମ୍ପାଦକ ଶରତ ବେହେରାଙ୍କ ସମେତ ସଚିନ ସ୍ୱାଇଁ, ସାରଦା ରାଉତ, ରାହୁଲ ସିଂ, ମଣ୍ଟୁ ରାଉତ ଓ ପ୍ରଦୀପ ବେହେରା ପ୍ରମୁଖ ସହଯୋଗୀ ଥିଲେ।


ବିଭିନ୍ନ ଅତିଥିଙ୍କ ଗହଣରେ ଉଭୟ ଚାମ୍ପିୟନ ଓ ରନର୍ସଅପ ଟିମ୍।

# ଅବସରପ୍ରାପ୍ତ ୱିଙ୍ଗ୍ କମାଣ୍ଡରଙ୍କ ଶେଷକୃତ୍ୟ

ବିଭିନ୍ନ ମହଲରେ ଶୋକ

କେନ୍ଦୁଝର,୮।୨(ସ୍ୱ.ପ୍ର./ଡି.ଏନ.ଏ.)

ଭାରତୀୟ ବାୟୁ ସେନାର ଅବସରପ୍ରାପ୍ତ ଉଇଙ୍ଗ୍ କମାଣ୍ଡର ତଥା କେନ୍ଦୁଝର ନାଗରିକ ମଞ୍ଚର ସଭାପତି କିରଣ ଶଙ୍କର ସାହୁଙ୍କର ମଙ୍ଗଳବାର ସ୍ଥାନୀୟ ମଣ୍ଡୁଆ ନିକଟ ଅରଡ଼େଇ ନଦୀ କୂଳରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରରେ ୮୩ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା। ମରଶରୀରକୁ ଭୁବନେଶ୍ୱରରୁ କେନ୍ଦୁଝର ଅଣାଯାଇ ପ୍ରଥମେ ବାଁପାରସ୍ଥିତ ବାସଭବନକୁ ନିଆଯାଇଥିଲା। ସେଠାରେ ତାଙ୍କର ଶେଷ ଦର୍ଶନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହାପରେ ତାଙ୍କୁ ଏକ ସୁସଜ୍ଜିତ ଗାଡିରେ ଶୋଭାଯାତ୍ରାରେ ଆଣି ସହର ପରିକ୍ରମା ସହ ସ୍ଥାନୀୟ ରୋଟାରୀ କ୍ଲବକୁ ନିଆଯାଇଥିଲା। ରୋଟାରୀ କ୍ଲବର ସଦସ୍ୟ/ସଦସ୍ୟାମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସ୍ୱର୍ଗତ ସାହୁ ଦୀର୍ଘ ଦିନ ଧରି କେନ୍ଦୁଝର ନାଗରିକ ମଞ୍ଚର ସଭାପତି ଥିବା ସହ ବିଭିନ୍ନ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ।

ତାଙ୍କ ବିୟୋଗରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, କେନ୍ଦ୍ର ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ,ସଦର ବିଧାୟକ ମୋହନ ଚରଣ ମାଝୀ,ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ରୋଟାରିୟାନ ଇଂ.ଦେବବ୍ରତ ସ୍ୱାଇଁ, ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ସରୋଜ ବିଶ୍ୱାଳ, ପ୍ରଶାନ୍ତ ସ୍ୱାଇଁ, କେନ୍ଦୁଝର ଜିଲା ପ୍ରେସ କ୍ଲବର ସଭାପତି ସତ୍ୟନାରାୟଣ ମିଶ୍ର, ଅଜୟ ସାହୁ, ଭରତ ଚନ୍ଦ୍ର ପାତ୍ର, ଅମୀୟ ବେହେରା, ରାଜେନ୍ଦ୍ର ପଲେଇ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। କେନ୍ଦୁଝର ନିଉ କଲୋନୀସ୍ଥିତ ସିଟିଜି ଫାଉଣ୍ଡେସନ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ହାୟର ସେକେଣ୍ଡାରୀ ସ୍କୁଲ ଏବଂ କେନ୍ଦୁଝର ଡିଗ୍ରୀ କଲେଜରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। କଲେଜର ପ୍ରତିଷ୍ଠାତା ରୋଟାରିଆନ୍ ଡ. ରାଜେନ୍ଦ୍ର କୁମାର ପଲେଇ, ଅଧ୍ୟକ୍ଷ ମାନସ ରଞ୍ଜନ ମହାପାତ୍ର, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ଅଧ୍ୟାପିକା,ଅଧ୍ୟାପକ,କର୍ମଚାରୀ ଓ ଛାତ୍ରଛାତ୍ରୀ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବାଲି ସଇରାତ ଲିଜ୍ ଦିଆଯିବନି

ଅନ୍ତରୀଣ ଡିଏସ୍‌ଆର୍ ରିପୋର୍ଟ ଏନ୍‌ଜିଟିରେ ଖାରଜ

ଜଳେଶ୍ୱର, ୮।୨(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ଦେଇ ବହିଯାଇଥିବା ସୁବର୍ଣ୍ଣରେଖା ନଦୀ ବାଲିର ଚାହିଦା ଅଧିକ ଥିବାରୁ ବେଆଇନ ଭାବେ ମାତ୍ରାଧିକ ଉତ୍ତୋଳନ କରାଯାଇ ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି। ଏ ସମ୍ପର୍କରେ ସେକସରାଇର ହରିପଦ ମାନ୍ନା ଓ ମହମ୍ମଦନଗରପାଟଣା ଗ୍ରାମର ଉତ୍ତମ ଦାସ ୨୦୧୯ ଡିସେମ୍ବରରେ କୋଲକାତା ଏନ୍‌ଜିଟି କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଏନ୍‌ଜିଟି ଜଷ୍ଟିସ୍ ବି. ଅମିତ ସ୍ଥଲକାର (ଜୁଡିସିଆଲ ମେମ୍ବର) ଓ ଏକ୍ସପର୍ଟ ମେମ୍ବର ଶୈବାଳ ଦାସଗୁପ୍ତ ଶୁଣାଣି କରି ଡିଏସ୍‌ଆର୍‌ର ଅନ୍ତରୀଣ ରିପୋର୍ଟ ହୋଇଥିବାରୁ ମହମ୍ମଦନଗରପାଟଣା, ବେଣାପୁରା ଅଞ୍ଚଳରେ ଦିଆଯାଇଥିବା ବାଲି ସଇରାତ୍‌ଗୁଡିକ ଲିଜ୍ ଦିଆଯାଇ ପାରିବ ନାହିଁ ବୋଲି ରାୟ ଦେଇଛନ୍ତି। ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିଲା ପରେ ବାଲି ସଇରାତ୍‌ଗୁଡିକ ଲିଜ୍ ଦିଆଯିବା ପରେ କାର୍ଯ୍ୟକ୍ଷମ ହେବ ବୋଲି ଆଇନଜୀବୀ ଶଙ୍କର ପ୍ରସାଦ ପାଣି ସୂଚନା ଦେଇଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ କୌଣସି ବାଲି ସଇରାତ୍‌କୁ ଡିଏସ୍‌ଆର୍ (ଜିଲା ସର୍ବେକ୍ଷଣ ରିପୋର୍ଟ) ଅନୁଯାୟୀ ଲିଜ୍ ଦିଆଯିବା କଥା। ଏହି ଡିଏସ୍‌ଆର୍ କମିଟିରେ ଜିଲାପାଳ, ତହସିଲଦାର, ରାଜ୍ୟ ପ୍ରଦୂଷଣ ବୋର୍ଡ, ରାଜ୍ୟ ପରିବେଶ ବିଭାଗ, ମାଇନିଂ ବିଭାଗ, ୱାଟର ରିସୋର୍ସ ବିଭାଗ, ରେଭିନ୍ୟୁ, ଦୁର୍ବିପାକ ବିଭାଗ, କେନ୍ଦ୍ର ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ବିଭାଗ ଓ କେନ୍ଦ୍ର ପ୍ରଦୂଷଣ ବିଭାଗର କର୍ମକର୍ତ୍ତାମାନେ ରହିଥାନ୍ତି। ଉକ୍ତ ଡିଏସ୍‌ଆର୍ ଯୁଗ୍ମ ପରିଦର୍ଶନ କରି ନଦୀଶଯ୍ୟା ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରି ବାଲି ସଇରାତ୍ ସୃଷ୍ଟି କରାଯାଇଥାଏ। ନିୟମ ଅନୁଯାୟୀ କୌଣସି ୨ଟି ସଇରାତ୍ ମଧ୍ୟରେ ୨.୫ କି.ମି.ରୁ କମ୍ ବ୍ୟବଧାନ ରହିବା ଉଚିତ୍ ନୁହେଁ। ଏପରିକି ପାଣି ଭିତରୁ କୌଣସି ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ କରିବାର ମଧ୍ୟ ନିୟମ ନାହିଁ। ପ୍ରକୃତରେ କମିଟି ସର୍ଭେ ନ କରି ଡିଏସ୍‌ଆର୍ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ସମସ୍ତ ନିୟମକୁ ଅଣଦେଖା କରି ଡିଏସ୍‌ଆର୍ ରିପୋର୍ଟ ଅନୁଯାୟୀ ଜଳେଶ୍ୱର ଓ ବସ୍ତା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୁବର୍ଣ୍ଣରେଖା ନଦୀରେ ବାଲି ସଇରାତ୍ ନିଲାମ ଦିଆଯାଇ ଆସୁଛି। ଫଳରେ ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ସ୍ଥାନରେ ବାଲି ଲିଜ୍ ଦିଆଯାଉଥିବାରୁ ସେହି ସ୍ଥାନରେ ନଦୀର ଗଭୀରତା ବୃଦ୍ଧି ପାଇ ନିକଟସ୍ଥ ଗ୍ରାମଗୁଡିକ ପ୍ରତି ବିପଦ ସୃଷ୍ଟି ହେଉଥିବା ବେଳେ ଅନ୍ୟସ୍ଥାନରେ ନଦୀ ପୋତି ହୋଇଯାଉଛି।

**P.G. Dept. of Bioscience & Bioinformatics**
**Berhampur University**
Bhanja Bihar, Berhampur - 760007, Ganjam, Odisha.
**PROJECT FELLOW POSITION**
No. BU/BSBI/MKP/DST(O)/2022/01 Date. 08.02.2022
Applications are invited for a position of **Project Fellow** in the research Project "Quantitative Assessment, Molecular Profiling and Conservation of Two Endemic, Threatened and Medicinal *Cycas* Species of Odisha" funded by DST, Govt. of Odisha. Candidates having M.Sc. Degree in Biotechnology/Life Science/Allied subjects may send their updated CV with self-attested copies of all certificates and marksheets as a single PDF file to **manojpandaiter@gmail.com** on or before **23.02.2022**. The interview will be conducted on **25.02.2022 at 11.30 A.M.** More information can be found on www.buodisha.edu.in.
Sd/- Dr. Manoj Kumar Panda
Principal Investigator

**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No. 570/2019**
Odisha Gramya Bank, Remuli Branch, ...Applicant
Versus
Jagadish Mohapatra & Others ...Defendant[s]
To
1) **Jagadish Mohapatra,** S/o: Nityananda Mohapatra, At/P.O.: Remuli, Dist- Keonjhar, (Odisha), Pin-758047
2) **Nityananda Mohapatra,** S/o: Dasharathi Mohapatra, At/P.O.: Remuli, Dist- Keonjhar. (Odisha), Pin-758047
3) **Meena Mohapatra,** D/o: Nityananda Mohapatra, At/P.O.: Remuli, Dist- Keonjhar, (Odisha), Pin-758047
**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**
Take notice that the applicant has instituted an **O.A. No. 570/2019** in the court of the Debts Recovery Tribunal, Cuttack for recovery of **Rs.27,52,461.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **11.03.2022 at 10.30 a.m** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **04th day of Feb. 2022.**
Sd/- (M.K. Patnaik)
REGISTRAR

**STATE BEEKEEPING EXTENSION CENTRE**
**KHADI AND VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
Plot No.J/16, Bhimpur, Gandamunda, Khandagiri, Bhubaneswar-751030
**REGISTRATION FOR BEEKEEPING BEGINEERS' TRAINING**
State Beekeeping Extension Centre, Khadi & Village Industries Commission, Bhubaneswar organizes Beekeepers Training at Gandamunda, Bhubaneswar. The trainees will be provided basic training on maintenance of beehives and colonies, multiplication of Bee colonies and honey extraction. The details of the training is as under:
Period of Training : 05 days
Time : 10 AM to 2 PM
Age : Between 18 to 45 yrs.
**Training Fees**
General candidates : Rs.1000/- + GST @ 18%
SC/ ST candidates : Rs.500/- + GST @ 18%
**The last date for application : 28th February, 2022**
The interested candidates may apply to register themselves for the above training in the following format alongwith a copy of their passport size photograph and age proof certificate. The candidates will have to furnish the caste certificate and deposit the training fee before commencement of training, which will be intimated to the candidate in due time.
**APPLICATION/REGISTRATION FORM FOR BEEKEEPING BEGINNERS' TRAINING**

| | | | |
|---|---|---|---|
| 1. | Name of the candidate | : | |
| 2. | Father's/ Husband's name | : | |
| 3. | Date of birth | : | |
| 4. | Present address for communication | : | |
| 5. | Permanent Address | : | |
| 6. | Mobile No. | : | |
| 7. | e-mail Id | : | |
| 8. | Whether SC/ST | : | |
| 9. | Qualification | : | |
| 10. | Aadhar Card No. | : | |
| 11. | Whether the candidate has beehives and colonies (Yes/No) | : | |

DIRECTOR

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
**SUPERVISOR**
**[Construction (Civil)]**
Age limit- 20 to 30 years (Male)
Salary: 6000/- to 8000/- only per month. Accommodation facility.
**Cont: 9937644417**

**IMMEDIATE HIRING**
1000+ delivery jobs
Swiggy, Uber mein
Salary
₹35,000 - ₹45,000
Iss no. par missed call dein
080-47185518

ହାଇଦ୍ରାବାଦରେ ଘର ଓ ଚାଷଜମିରେ କାମ କରିବା ପାଇଁ ପୁରୁଷ ଓ ମହିଳା ଆବଶ୍ୟକ। ଭଲ ଦରମା ସହିତ ରହିବା ସୁବିଧା ଦିଆଯିବ। ଯୋଗାଯୋଗ କରନ୍ତୁ: **9499999007**

**ଆବଶ୍ୟକ**
ଅଫିସ୍ କାର୍ଯ୍ୟ ପାଇଁ ଝିଅ, ମହିଳା ଆବଶ୍ୟକ। ଯୋଗ୍ୟତା 12th – ସ୍ନାତକ, ବେତନ- 5,000/-ରୁ 15,000/- + କମିଶନ + ବୋନସ୍। ଯୋଗାଯୋଗ କରନ୍ତୁ:-PP-11, ପାଣ୍ଡବ ନଗର, ଟଙ୍କପାଣି ରୋଡ୍, ଭୁବନେଶ୍ୱର
**7205095200**
**9302748862**

**INCOME OPPORTUNITY**
JIOZEE VARIOUS SOFT DRINK MFG.CO.Jagatpur
INVITES
Blockwise Business Coordinator
Machine Operators, ITI Skill, Helper, Plant Incharge, Office Incharge(f), Driver,
Salary+facilities
Whatsapp:8260466061

**REQUIRED**
SHOWROOM MANAGER : 01 No.
ASSISTANT WORKSHOP MANAGER : 01 No.
SALES EXECUTIVE (M/F) : 04 Nos.
SERVICE ADVISOR : 04 Nos.
Send the resume by email or WhatsApp
**SUNNY MOTORS**
Kanika Chhak, Cuttack - 753008
E-mail: sunnymotorsherohonda@gmail.com
WhatsApp: 9937018504

**WANTED**
Looking for female candidates for
**Tele-caller Post**
in Bhubaneswar
(minimum Qualification +2).
Salary- 6000/- to 10000/-.
Contact- 8144890408

**ଆବଶ୍ୟକ**
ବାଡ଼ି ବଗିଚା କାମପାଇଁ ଲୋକଟିଏ ଦରକାର। କଟକ, ରହିବାକୁ ଘରସହ ୧୦,୦୦୦।
**7809525452**

**आवश्यकता है**
टेलीकॉलिंग ऑफिस कार्य हेतु
10वीं 12वीं पास अविवाहित लड़कों की आवश्यकता उम्र 18 – 28 वेतन 10000+ कमीशन + बोनस रहना फ्री ट्रेनिंग के बाद कमाये 15 से 20000 जो बाहर रहकर काम कर सके
—: संपर्क करे :—
**9625949738**
**9131182006**

See Career Appointment on every **Wednesday & Saturday**

**JOB OPPORTUNITIES**
A Reputed Civil Construction company Requires, the following staff's immediate requirement for strictly the relevant qualification & Experience may to apply.
**Receptionist:** Lady candidate will conversed in English & good communication skill Required.
**Accountant:** Lady candidate with 3-5 year experience on Tally prime and Ms. Office.
Interested Candidate may be allowed send C.V. with color photo / Resume With Experience certificate with mobile number to our E-mail: **adityadevinfratech.p.ltd@gmail.com** Selected candidate we will contact through mobile and calling for interview.
**Aditya Dev Infratech Pvt. Ltd.** | Utkal Signature, NH-16, Bhubaneswar

MARUTI SUZUKI
Way of Life!
**APPOINTMENT**
**MARUTI SUZUKI** authorized Dealership at Berhampur require the following Personnel:
**TEAM LEADER / RURAL OUTLET IN-CHARGE:**
Graduate with minimum 7 years of experience in Sales & Service in Automobile Sector persons can apply.
**LOCATION:** Phulbani, Bhanjanagar, Aska, Baliguda, Paralakhemundi
**WALK-IN-INTERVIEW**
13th February, 2022 (Sunday), Time: 11 A.M. to 3 P.M.
VENUE **SKY AUTOMOBILES**
NH - 5, Ambapua between Gopalpur-Jagannathpur Junction, Berhampur, Ganjam - 761119
Contact No. 7381045091, E-mail: arena.berhampur@gmail.com

TATA
**JOB OPPORTUNITIES in Tata Power for its Distribution Business in Odisha**
Tata Power has entered into a Joint Venture with Odisha Govt. for Distribution Business in Odisha. Distribution companies (TPWODL, TPSODL & TPNODL) have laid out an ambitious plan to improve reliability of power supply, enhance customer services and implement innovative technology in these areas. To meet the business requirements, Distribution companies plan to recruit suitable manpower in various functions listed below and invites applications from interested and eligible candidates.
- Commercial functions (Revenue Cycle Management, Customer Services (including Key Consumer Group), Connection Management (including new connection), Meter Management Group, Metering, Billing, Collection, Recovery, Client Manager, Enforcement, Vigilance & Energy Audit).
- Electricity Distribution Operations & Maintenance (O & M, Safety, Network Engineering & Quality assurance of Sub transmission system (33 / 11 kV Primary Distribution Substation, 33 kV lines), Distribution System (11 kV lines, 11/0.4 KV Distribution Transformers and LT lines), Switchgear/ Transformer Workshop and E&MR
- Operational Technology (GIS, Automation (SCADA) and Power System Control (PSC))
- Civil Construction & Maintenance
- Projects Execution (Project Planning, Preparation of Detailed project Report (DPR), Project Execution of 33 kV, 11 kV, LT projects including erection of poles/towers, laying HT/LT conductors/cables, Erection and commissioning of Indoor/Outdoor 33/11kV S/S, LT Distribution S/S etc.)
- IT Software development & Support Services
- Human Resource, Industrial Relation & General Administration
- Finance & Accounts, Legal & Secretarial
- Contract, Procurement & Stores
- Community Relations, Business Excellence

Candidates possessing Diploma/ Degree in Electrical, Civil, Electronics, Computer Science & Communication Engineering, CA, CMA, MBA, BSc (IT), MSc (IT), BCA, MCA, Graduate/ Post Graduates in Science/Commerce/ Arts/ Law/ Management/ Media & Mass Communication qualifications and with 1 - 7 years of relevant experience with minimum of 60% marks throughout career from 10th Standard onwards, can apply on or before 16.02.2022.
Note: In line with the needs of specific role requirements, preference will be given to local domicile applicants.
Link for applying online to respective Discoms of interest, are as below.
**TPWODL - https://Tpcareer.tpwesternodisha.com:7055**
**TPSODL - https://Tpcareer.tpsouthernodisha.com:7054**
**TPNODL - https://Tpcareer.tpnodl.com:7052**
Candidates can apply only for any One of the Distribution Companies and for One Department. Eligible shortlisted candidates shall be invited to participate in the recruitment process. For any information, please visit the above Links for contact details of the particular DISCOM being applied for.
TATA POWER

## ଓଡ଼ିଶା କ୍ୟାଡ଼ର ଆଇଏଏସ୍ ଅଫିସର ଦମ୍ପତିଙ୍କୁ ନୂଆ ନିଯୁକ୍ତି

ଭୁବନେଶ୍ୱର,୮।୨(ବ୍ୟୁରୋ): ୧୯୯୦ ବ୍ୟାଚ ଓଡ଼ିଶା କ୍ୟାଡରର ୨ ବରିଷ୍ଠ ଆଇଏଏସ୍ ଅଫିସର ମନୋଜ ଆହୁଜା ଓ ଆରତି ଆହୁଜାଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ ନିଯୁକ୍ତି ମିଳିଛି। ଏନେଇ ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ମନୋଜ ଆହୁଜାଙ୍କୁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ସେ ଏହା ପୂର୍ବରୁ ସିବିଏସ୍‌ଇ ଅଧକ୍ଷ ଏବଂ କୃଷି ଓ କୃଷକ କଲ୍ୟାଣ ବିଭାଗର ଓଏସ୍‌ଡି ଭାବେ ଦାୟିତ୍ୱ ତୁଲାଉଥିଲେ। ସେହିପରି ଆରତି ଆହୁଜାଙ୍କୁ ରସାୟନ ଓ ସାର ମନ୍ତ୍ରଣାଳୟ ଅଧୀନରେ ଥିବା କେମିକାଲ ଓ ପେଟ୍ରୋ କେମିକାଲ ବିଭାଗର ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ଏହା ପୂର୍ବରୁ ସେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ।

# ୧୨ରୁ ଖୋଲିବ ଧର୍ମାନୁଷ୍ଠାନ

### ଗର୍ଭଗୃହକୁ ପ୍ରବେଶ ମନା

- ଦୁଇ ଡୋଜ୍ ଟିକା ନେଇଥିବା ଶ୍ରଦ୍ଧାଳୁଙ୍କୁ ମିଳିବ ଅନୁମତି
- ଲିଙ୍ଗରାଜ ମନ୍ଦିରରେ ଏକସଙ୍ଗେ ୧୦୦ ଶ୍ରଦ୍ଧାଳୁ ପ୍ରବେଶ କରିପାରିବେ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ରାଜଧାନୀରେ ପୁଣି ଚଳଚଞ୍ଚଳ ହେବ ମନ୍ଦିର ବେଢ଼ା। କୋଭିଡ୍ ପାଇଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଉଠିଥିବା ପାଚେରି ଭାଙ୍ଗିବ। ଦେବଦେବୀଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ପୁଣି ଥରେ ଆଶୀର୍ବାଦ ଭିକ୍ଷା କରିପାରିବେ। ରାଜ୍ୟରେ କରୋନା ସଂକ୍ରମଣ କମିବା ପରେ ଆସନ୍ତା ୧୨ ତାରିଖଠାରୁ ରାଜଧାନୀର ସମସ୍ତ ଧର୍ମାନୁଷ୍ଠାନ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ମଙ୍ଗଳବାର ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଦୁଇ ଡୋଜ୍ କୋଭିଡ୍ ଟିକା ନେଇଥିବା ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ ପାଇଁ ଅନୁମତି ରହିଛି। ମାତ୍ର ମନ୍ଦିର ଗର୍ଭଗୃହକୁ ପ୍ରବେଶ ପାଇଁ ବାରଣ କରାଯାଇଛି। ସେହିପରି ଭଗବାନଙ୍କ ପାଖରେ ଭକ୍ତ ଭୋଗ ଲଗାଇ ପାରିବେ ନାହିଁ। ୧୫ ବର୍ଷରୁ କମ୍ ବୟସର ପିଲା ପରିଚୟପତ୍ର ଦେଖାଇ କିମ୍ବା ଅଭିଭାବକଙ୍କ ସହ ମନ୍ଦିରକୁ ଯାଇପାରିବେ। ତେବେ ବରିଷ୍ଠ ନାଗରିକ ଓ ଗର୍ଭବତୀଙ୍କୁ ମନ୍ଦିର ପ୍ରବେଶ ଉପରେ କଟକଣା ଲଗାଯାଇଛି। ଅପରପକ୍ଷେ ଲିଙ୍ଗରାଜ ମନ୍ଦିରରେ ପ୍ରବେଶ ପାଇଁ ମଧ ଗାଇଡ୍‌ଲାଇନ୍ ଜାରି ହୋଇଛି। ମନ୍ଦିରକୁ ଏକସଙ୍ଗେ ୧୦୦ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ରହିଥିବାବେଳେ ସେମାନେ ସିଂହଦ୍ୱାରଠାରୁ ଆଡକାଠ ପର୍ଯ୍ୟନ୍ତ ଯାଇପାରିବେ। ସାହାଣ ଦର୍ଶନ ଓ ଗର୍ଭଗୃହ ଦର୍ଶନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମନ୍ଦିର ସମେତ ଅନ୍ୟାନ୍ୟ ଧର୍ମାନୁଷ୍ଠାନଗୁଡିକ ମଧ ଉକ୍ତ ଦିନ ଖୋଲାଯିବ। ୨ଟି ଡୋଜ ଟିକା ନେଇଥିବା ପୂଜକ, ସେବାୟତ ହିଁ ମନ୍ଦିରରେ ରହିପାରିବେ। ସେହିପରି ଧର୍ମାନୁଷ୍ଠାନରେ ପ୍ରବେଶ ସମୟରେ ସମସ୍ତ ଭକ୍ତ ମୁହଁରେ ମାସ୍କ ଲଗାଇବା ସହ ସାମାଜିକ ଦୂରତା ଅବଲମ୍ବନ କରିବେ। ଧର୍ମାନୁଷ୍ଠାନର ପରିସରରେ ପାନ, ଗୁଟ୍‌ଖା ଖାଇବା ନିଷେଧ କରାଯାଇଛି। ସମସ୍ତ ଧର୍ମାନୁଷ୍ଠାନ ବାହାରେ ସାନିଟାଇଜର ରହିବା ବାଧ୍ୟତାମୂଳକ। କରୋନା ଲକ୍ଷଣ ଥିଲେ ମନ୍ଦିର ପ୍ରବେଶ ଅନୁମତି ଦିଆଯିବ ନାହିଁ। ଫେବୃୟାରୀ ୨୮ ପର୍ଯ୍ୟନ୍ତ ଏହି ନିୟମ ବଳବତ୍ତର ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



## ଚାକିରି ଆଶାରେ ଠକେଇର ଶିକାର ହେଲେ ଭଉଣୀଭାଇ

ଭୁବନେଶ୍ୱର,୮।୨(ବ୍ୟୁରୋ)

ଏକ ଠକେଇ ମାମଲାରେ ଖାରବେଳ ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଦେବୀପ୍ରସାଦ ବିଶ୍ୱାଳଙ୍କ ନାମରେ ଆସିଛି ଆଉ ଏକ ଅଭିଯୋଗ। ପୋଷ୍ଟାଲରେ ଚାକିରି କରିଦେବାକୁ କହି ଇନ୍‌ଫୋସିଟି ଥାନା ଅଞ୍ଚଳର ଭଉଣୀଭାଇଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି ଅଭିଯୁକ୍ତ ଦେବୀପ୍ରସାଦ। ଅଭିଯୋଗକୁ ଭିତ୍ତି କରି ଇନ୍‌ଫୋସିଟି ଥାନାରେ ଏକ ମାମଲା(ନଂ.୩୪/୨୦୨୨) ରୁଜୁ ହୋଇଛି। ପଟିଆ ଅଞ୍ଚଳରେ ରହୁଥିବା ପଚ୍ଚାମୁଣ୍ଡାଇ ଅଞ୍ଚଳର ଦେବାଶିଷ ଦାସ ଏବଂ ତାଙ୍କ ଭଉଣୀ ଚାକିରି ପାଇଁ ଦେବୀପ୍ରସାଦଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ଦେଇଥିଲେ। ହେଲେ ସମୟ କ୍ରମେ ଚାକିରି ନ ହେବାରୁ ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ଦେବୀପ୍ରସାଦ ଧରାଛୁଆଁ ଦେଇ ନ ଥିଲେ। ଅଭିଯୁକ୍ତ ଦେବୀପ୍ରସାଦଙ୍କ ନାଁରେ ଖାରବେଳନଗର ଥାନାରେ ଅଭିଯୋଗ ହେବା ପରେ ଦେବାଶିଷ ମଧ୍ୟ ସ୍ଥାନୀୟ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ଦେବୀପ୍ରସାଦ ପୋଷ୍ଟାଲରେ ଚାକିରି ଦେବାକୁ କହି ଯାଜପୁର ଓ ଭୁବନେଶ୍ୱରର ଅନେକ ଯୁବକଙ୍କଠାରୁ ୨୫ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଯାହାକୁ ନେଇ ଖାରବେଳନଗର ଥାନାରେ ଏକ ଠକେଇ ମାମଲା(ନଂ. ୩୨/୨୦୨୨) ରୁଜୁ କରାଯିବା ସହ କୋର୍ଟ ଚାଲାଣ ପୂର୍ବରୁ କରାଯାଇଛି ବୋଲି ଥାନାଧିକାରୀ ଅରୁଣ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ଜଣକ ଏକାଧିକ ଲୋକଙ୍କୁ ଠକିଥିବାରୁ ଆହୁରି ଅନେକ ଅଭିଯୋଗ ଆସିବାର ସମ୍ଭାବନା ରହିଛି।

### ଅଭିଯୁକ୍ତ ଦେବୀପ୍ରସାଦଙ୍କ ନାମରେ ପୁଣି ଏକ ମାମଲା

## ପ୍ରଥମ ପୃଷ୍ଠାରୁ...

### ଜେଲ ଗଲେ ଆଶା, ...

କାଗଜରେ ଦସ୍ତଖତ ଆଣି ଉକ୍ତ ଘଟଣାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିଲା ବୋଲି ଏସ୍‌ପି କହିଛନ୍ତି। ତେବେ ଶିଶୁପୁତ୍ର ବିକ୍ରି ହୋଇଥିବା ସଂକ୍ରାନ୍ତରେ ଏସ୍‌ପି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସତ୍ୟ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ସୂଚନା ଅନୁଯାୟୀ, ଗତ ୨୮ ତାରିଖରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଲିଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଜଲିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ପାରି ନ ଥିଲେ। ଜଲିଙ୍କ ଆଉ ୨ ଛୋଟ ପିଲା ଥିବାରୁ ସ୍ୱାମୀ ଘରେ ରହିଥିଲେ। ଆଶାକର୍ମୀ ଜଲିଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ସନ୍ତାନ ପ୍ରସବ କରାଇବାର ବ୍ୟବସ୍ଥା କରିଥିଲେ। ରବୀନ୍ଦ୍ର ଦୁଇ ପିଲାଙ୍କୁ ବନ୍ଧୁଙ୍କ ଘରେ ଛାଡ଼ି ସେଦିନ ଅପରାହ୍ନ ୨ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଥିଲେ। ସେ ଡାକ୍ତରଖାନାରେ ଜଲିଙ୍କୁ ଖୋଜି ପାଇ ନ ଥିଲେ। ଏପରି କି ତାଙ୍କର ପୁଅ କି ଝିଅ ହୋଇଛି ଜାଣି ପାରି ନ ଥିଲେ। ଶେଷରେ ଆଶାକର୍ମୀଙ୍କ ସହ ତାଙ୍କର ଭେଟ ହୋଇଥିଲା। ଜଲି ଓ ନବଜାତ ଶିଶୁ କୁଆଡ଼େ ଗଲେ ବୋଲି ରବୀନ୍ଦ୍ର ଆଶାକର୍ମୀଙ୍କୁ ପଚାରିଥିଲେ। ମୃତ ଶିଶୁକନ୍ୟା ଜନ୍ମ ହୋଇଥିବାରୁ ଡଷ୍ଟବିନ୍‌ରେ ଫୋପାଡ଼ି ଦେଲେ ବୋଲି ରବୀନ୍ଦ୍ରଙ୍କୁ ସେ କହିଥିଲେ। ହେଲେ ଜଲି କୁଆଡ଼େ ଗଲେ କହି ପାରି ନ ଥିଲେ। ରବୀନ୍ଦ୍ର ମୃତ ଶିଶୁକୁ ଦେଖିବାକୁ କହିବାରୁ ଆଶାକର୍ମୀ ଚତୁରତାର ସହ ତାକୁ ଏଡ଼ାଇ ଯାଇଥିଲେ। କିଛି ସମୟ ପରେ ରବୀନ୍ଦ୍ରଙ୍କ ଘରୁ ଫୋନ୍ ଆସିଥିଲା ଜଲି ଘରକୁ ଚାଲି ଆସିଛନ୍ତି। ଏହାପରେ ଆଶାକର୍ମୀ ଓ ରବୀନ୍ଦ୍ର ଗାଁକୁ ଫେରିଥିଲେ। ସନ୍ଧ୍ୟାରେ ଆଶାକର୍ମୀ ଜଲିଙ୍କ ଘରକୁ ଯାଇ ଏକ ସାଦା କାଗଜରେ ତାଙ୍କ ଦସ୍ତଖତ ଆଣିଥିଲେ। ସେଦିନ ରାତିରେ ଗାଁ ଲୋକ ଜାଣିବାକୁ ପାଇଥିଲେ ଯେ, ଜଲି ଏକ ଶିଶୁପୁତ୍ର ଜନ୍ମ ଦେଇଛନ୍ତି। ଏନେଇ ଗ୍ରାମବାସୀ ଓ ଜଲି ଆଶାକର୍ମୀଙ୍କୁ ପୁଣି ପଚାରିବାରୁ ପୁତ୍ର ସନ୍ତାନ ଜନ୍ମ ହୋଇଥିବା ସେ ସ୍ୱୀକାର କରିଥିଲେ। ତେବେ ସେ ତାଲିମ ନେବାକୁ ଚାଲି ଯାଇଥିବାରୁ ଶିଶୁପୁତ୍ର କୁଆଡ଼େ ଗଲା ଜାଣି ନ ଥିବା କହିଥିଲେ। ପରେ ଆଶାକର୍ମୀ ଲେବର ରୁମ୍‌ର ୱାର୍ଡ ଇନ୍‌ଚାର୍ଜ କମଳା ଦେଈ ଏବଂ ୱାର୍ଡ ଆଟେଣ୍ଡାଣ୍ଟ ପୁଷ୍ପାଞ୍ଜଳି ପଣ୍ଡାଙ୍କୁ ଚିହ୍ନଟ କରି ସେ ଦୁହେଁ ଶିଶୁପୁତ୍ରକୁ ନେଇ ଯାଇଥିବା କହିଥିଲେ। ଜାନୁୟାରୀ ୨୯ରେ ଗାଁଲୋକଙ୍କ ସହ ଜଲି, ରବୀନ୍ଦ୍ର ଓ ଆଶାକର୍ମୀ ଆସି ଶିଶୁପୁତ୍ର ସମ୍ପର୍କରେ ପଚରାଉଚୁରା କରିଥିଲେ। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ କେହି ସହଯୋଗ କରି ନ ଥିଲେ। ଗତ ୨ ତାରିଖରେ ସେମାନେ ପୁଣିଥରେ ଡାକ୍ତରଖାନା ଆସି ୱାର୍ଡ ଇନ୍‌ଚାର୍ଜ କମଳା ଦେଈଙ୍କୁ ପଚରାଉଚୁରା କରିଥିଲେ। ହେଲେ ସେ ସହଯୋଗ ନ କରି ଘଟଣାର ରଫାଦଫା କରିବାକୁ ରବୀନ୍ଦ୍ରଙ୍କୁ ପରାମର୍ଶ ଦେବା ସହ ଚାପ ପ୍ରୟୋଗ କରିଥିଲେ। ସେଦିନ ରବୀନ୍ଦ୍ର ନୟାଗଡ଼ ଟାଉନ ଥାନାରେ ମୌଖିକ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଫେବୃୟାରୀ ୩ରେ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ପରେ ସିଡବ୍ଲୁସିରେ ହାଜର କରାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁର ଚିକିତ୍ସା କରାଯାଉଛି। ଅନ୍ୟପକ୍ଷେ ରବୀନ୍ଦ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ୩୭୦(୧)(୪) ଦଫାରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଏଥିରେ ୧୨୦(ବି) ଭାରତୀୟ ପିଙ୍ଗଳ କୋଡ୍ ସେକ୍ସନ ୮୧ ଜେଜେ ଆକ୍ଟ ଯୋଡ଼ା ଯାଇଛି। ଶିଶୁପୁତ୍ର ଚୋରି ଅଭିଯୋଗର ତଦନ୍ତ ଚାଲୁଥିବାରୁ ଏ ସଂକ୍ରାନ୍ତରେ ଆଉ କିଛି କହି ହେବ ନାହିଁ ବୋଲି ଏସ୍‌ପି କହିଛନ୍ତି।

### ନିର୍ବାଚନ ବେଳେ...

କିଛିଦିନ ନୀରବ ରହିବା ପରେ ମମିତା ମେହେର ହତ୍ୟା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛି। ନବୀନ ନିବାସ ଘେରାଉ କରିବାକୁ ଯିବାବେଳେ ପୋଲିସ ବାଧା ଦେଇଥିଲା। ଭାଜପା ଅଭିଯୋଗ କରିଛି ଯେ ପୋଲିସ ଓ ପ୍ରଶାସନର ଅପବ୍ୟବହାର କରି ରାଜ୍ୟ ସରକାର ବିରୋଧୀଙ୍କୁ ଦମନ କରିବା ପ୍ରୟାସ କରୁଛନ୍ତି। ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗରେ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ରହିଛି। ଏହାକୁ ବିରୋଧ କରି ରାଜ୍ୟ ଭାଜପା ପକ୍ଷରୁ ନବୀନ ନିବାସ ଘେରାଉ କରାଯାଇଛି। ମମିତା ମେହେର ହତ୍ୟାକାଣ୍ଡ ଘଟଣାକୁ ୧୨୦ ଦିନ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଚାର୍ଜସିଟ୍ ଦାଖଲ କରାଯାଇ ନାହିଁ। ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଘନିଷ୍ଠ ସହଯୋଗୀ ତଥା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରି ପୋଲିସ ନୀରବରେ ବସିଯାଇଛି। ଏହି ହତ୍ୟାକାଣ୍ଡରେ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ସମେତ ଶାସକ ଦଳର ବହୁ ପ୍ରଭାବଶାଳୀ ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ଥିବା ଯୋଗୁ ତଦନ୍ତ ପ୍ରକ୍ରିୟାକୁ ଦୁର୍ବଳ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି। ଅଭିଯୁକ୍ତ ଗୋବିନ୍ଦ ସାହୁ ଦୋଷୀ ସାବ୍ୟସ୍ତ ହୋଇଗଲେ ଅନ୍ୟମାନେ ଫସିଯିବା ଭୟରେ ତଦନ୍ତ ପ୍ରକ୍ରିୟାକୁ ଦୁର୍ବଳ କରାଯିବା ଷଡ଼ଯନ୍ତ୍ର ହୋଇଛି। ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ପୋଲିସ ଅପରାଧୀଙ୍କୁ ସୁରକ୍ଷା ଦେଉଛି। ଏହାର ପ୍ରତିବାଦରେ ଶାନ୍ତିପୂର୍ଣ୍ଣ ନବୀନ ନିବାସ ଘେରାଉ ଅବସରରେ ପୋଲିସର ମାତ୍ରାଧିକ ବଳପ୍ରୟୋଗ ଯୋଗୁ ବହୁ କାର୍ଯ୍ୟକର୍ତ୍ତା ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ମହିଳା କାର୍ଯ୍ୟକର୍ତ୍ତାଙ୍କୁ ପୋଲିସର ଟଣାଓଟରା, ଦୁର୍ବ୍ୟବହାର ସହ ମାଡ଼ମାରିବା ଅତ୍ୟନ୍ତ ଲଜ୍ଜାଜନକ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ମମିତାକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଚାଷୀମାନଙ୍କ ସମସ୍ୟାକୁ କେନ୍ଦ୍ର ସରକାରଙ୍କ ନିକଟରେ ଉଠାଇବାରେ ବିଫଳ ହୋଇଥିବା ଭାଜପା ମମିତା ମେହେର ପ୍ରସଙ୍ଗକୁ ନେଇ ପ୍ରହସନ କରୁଛି ବୋଲି ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ ରାଜ୍ୟରେ ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାରେ ବିଫଳ ହୋଇଛନ୍ତି। ଧାନର ଅଭାବୀ ବିକ୍ରିକୁ ଏଡ଼ାଇବା ପାଇଁ ବିଜେଡି ଉଷୁନା ଚାଉଳ ଭେଳିକି କରୁଛି।

### ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମା ....

ସର୍ବଦଳୀୟ ବୈଠକ ଡାକିଛନ୍ତି। ଫେବୃୟାରୀ ୧୦ ସୁଦ୍ଧା ସହରାଞ୍ଚଳର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଉଲ୍ଲେଖଯୋଗ୍ୟ ଯେ ଗତ ୩ ବର୍ଷ ହେବ ସ୍ଥାନ ସଂରକ୍ଷଣ ଝମେଲା ଯୋଗୁ ପୌର ନିର୍ବାଚନ ହୋଇପାରି ନ ଥିଲା। ମାମଲା ହାଇକୋର୍ଟରୁ ସୁପ୍ରିମକୋର୍ଟ ଯାଇଥିଲା। ସର୍ବାଧିକ ସଂରକ୍ଷଣ ୫୦%ରୁ ଅଧିକ ହେବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ପରେ ରାଜ୍ୟ ସରକାର ଏହାକୁ ବିରୋଧ କରି ସୁପ୍ରିମକୋର୍ଟ ଯାଇଥିଲେ। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। ଶେଷରେ ସରକାର ବାଧ୍ୟ ହୋଇ ଓଡ଼ିଶା ମ୍ୟୁନିସିପାଲିଟି ଆଇନ-୧୯୫୦ ଏବଂ ଓଡ଼ିଶା ମହାନଗର ନିଗମ ଆଇନ-୨୦୦୩କୁ ସଂଶୋଧନ କରିଛନ୍ତି।

### ଭୋଟ ଦେବାକୁ ମିଳିବ ...

କରିବାକୁ ପଡ଼ିବ। ଏହା ପରେ ସରକାରୀ କର୍ମଚାରୀଙ୍କୁ ୩ ଦିନ ସ୍ପେଶାଲ କାଜୁଆଲ୍ ଲିଭ୍(ସିଏଲ୍) ଦିଆଯିବ। ଭୋଟ ପୂର୍ବଦିନ, ଭୋଟ ଦିନ ଏବଂ ପରଦିନକୁ ମିଶାଇ ମୋଟ ୩ ଦିନ ଛୁଟି ମିଳିବ। ଛୁଟିରେ ରହିଲେ ବି କର୍ମଚାରୀଙ୍କୁ ଦରମା ମିଳିବ। ସୂଚନାଯୋଗ୍ୟ, ପଞ୍ଚାୟତ ନିର୍ବାଚନ ପାଇଁ ସରକାରୀ କର୍ମଚାରୀଙ୍କୁ ଛୁଟି ଦେବା ସକାଶେ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କର୍ମଚାରୀଙ୍କ ବ୍ୟତୀତ ଗ୍ରାମାଞ୍ଚଳରେ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ମଧ୍ୟ ଛୁଟି ମିଳିବ। ବୁଥ୍‌ଠାରୁ କର୍ମସ୍ଥଳ ଦୂରରେ ଥିଲେ କର୍ମଚାରୀମାନଙ୍କୁ ୩ ଦିନର ସ୍ୱତନ୍ତ୍ର ସିଏଲ୍ ଦିଆଯିବ। ଭୋଟ ଗ୍ରହଣ ଦିନ ସମ୍ପୃକ୍ତ ଅଞ୍ଚଳରେ ଥିବା ନ୍ୟାୟିକ କୋର୍ଟ ବନ୍ଦ ରହିବ। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏହାକୁ ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ଫେବୃୟାରୀ ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ଭୋଟ୍‌ଗ୍ରହଣ କରାଯିବ। ସମସ୍ତ ବ୍ଲକ ମୁଖ୍ୟାଳୟରେ ଫେବୃୟାରୀ ୨୬, ୨୭ ଓ ୨୮ ତାରିଖରେ ଜିଲା ପରିଷଦ ଜୋନୱାରି ଭୋଟଗଣତି ହେବ। ଭୋଟଗଣତି ସମାପ୍ତ ହେବା ସହ ଫେବୃୟାରୀ ୨୮ତାରିଖରେ ଆଦର୍ଶ ଆଚରଣ ବିଧି ପ୍ରତ୍ୟାହାର ହେବ।

### ସାନପୁଅ ପାଇଁ ବାଇକ୍ ...

ପାଇଁ ନେଉଥିବା ବେଳେ ସୂଚନା ପାଇ ସଦର ଏସ୍‌ଡିପିଓ ବିକାଶ ବେଉରାଙ୍କ ନେତୃତ୍ୱରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀ, ସୌଭାଗ୍ୟ ପାଣି ପ୍ରମୁଖ ଚଢ଼ାଉ କରି ପଥରଖାଇଚାଠାରୁ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୀପକଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୭୧/୨୨ରେ ଏକ ମାମଲା ରୁଜୁ କରିଛି। ଅଭିଯୁକ୍ତ ପ୍ରକାଶ ଏବଂ ବୀରଙ୍କୁ ଅଟକ ରଖି ତଦନ୍ତ କରାଯାଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ୧୯ରେ ରାଷ୍ଟ୍ରପତିଙ୍କ ...

ଆସୁଥିବାରୁ ଏନେଇ ପ୍ରସ୍ତୁତି ଉପରେ ଜିଲା ପ୍ରଶାସନ ସଜାଗ ରହିଛି। ସେହିଭଳି ପୋଲିସ ପ୍ରଶାସନ, ଜିଲା ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗ ଓ ଅନ୍ୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରାଯିବ ବୋଲି ସୂଚନା ମିଳିଛି।




ଦିଲ୍ଲୀ ୟୁନିଭର୍ସିଟି ଖୋଲିବା ଦାବିରେ ବିଭିନ୍ନ ଛାତ୍ର ସଙ୍ଗଠନର ସଦସ୍ୟମାନେ ମଙ୍ଗଳବାର ନୂଆଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## 'ନିର୍ବାଚନ ଦୁଇଦିନ ପୂର୍ବରୁ ବୁଥ୍‌କୁ ପୋଲିଂ ପାର୍ଟି ପଠାଯାଉ'

ଭୁବନେଶ୍ୱର,୮।୨(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ପୋଲିଂ ପାର୍ଟି ନିଯୁକ୍ତି ପତ୍ରରେ ସୂଚୀତ ତାରିଖ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନଗୁଡ଼ିକରେ ରିପୋର୍ଟିଂ ତାରିଖଠାରୁ ନିର୍ବାଚନ ଦିନକୁ ମିଶାଇ ପୋଲିଂ ପାର୍ଟିଙ୍କୁ ୩ଦିନ ଦିଆଯାଉଥିବା ବେଳେ ଚଳିତ ନିର୍ବାଚନରେ ଏହାର ବ୍ୟତିକ୍ରମ କରାଯାଇଛି। ଏଥର ମାତ୍ର ଦୁଇଦିନ ସମୟ ଦିଆଯାଇଛି। ନିର୍ବାଚନ ପୂର୍ବଦିନ ଯୋଗଦାନ ଓ ରାତିରେ ବୁଥ୍‌ରେ ପହଞ୍ଚି ସକାଳ ୬ଟାରେ ଭୋଟ ଗ୍ରହଣ କରିବା କଷ୍ଟକର ବୋଲି ପୋଲିଂପାର୍ଟିମାନେ ଅନୁଭବ କରୁଛନ୍ତି। ତେଣୁ ନିର୍ବାଚନ ଦୁଇଦିନ ପୂର୍ବରୁ ବୁଥ୍‌ଗୁଡ଼ିକୁ ପୋଲିଂ ପାର୍ଟି ପଠାଇବାକୁ ଦାବି କରାଯାଇଛି। ଏ ନେଇ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି।

## ଖୋଲିଲା ପ୍ଲାନେଟୋରିୟମ୍

ଭୁବନେଶ୍ୱର,୮।୨(ବ୍ୟୁରୋ): କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ କରି ମଙ୍ଗଳବାରଠାରୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟୋରିୟମ୍, ବୁର୍ଲାସ୍ଥିତ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟୋରିୟମ ଏବଂ ଖଣ୍ଡପଡ଼ାରେ ଥିବା ପଠାଣି ସାମନ୍ତ ସଂଗ୍ରହାଳୟ ଖୋଲାଯାଇଛି। ୫୦ ପ୍ରତିଶତ ଦର୍ଶକଙ୍କୁ ଶୋ' ଦେଖିବାକୁ ଟିକେଟ ଦିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ଦିନ ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ୪ଟି ଶୋ'ରେ ୧୮୫ଜଣ ଏବଂ ଡ. ଏପିଜେ ଅବଦୁଲ କଲାମ ପ୍ଲାନେଟୋରିୟମରେ ୩ଟି ଶୋ'ରେ ୬୧ଜଣ ଦର୍ଶକ ଉପସ୍ଥିତ ଥିଲେ ବୋଲି ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।

**Government of Odisha "e" Procurement Notice**
**Bid Identification No.70/2021-22**
**No.C-1868:**

| | | | |
|---|---|---|---|
| 1. | Name of the Work | : | 3 Nos. of Work |
| 2. | Estimated Cost | : | 19.90 lakhs & 200.76 lakhs |
| 3. | Period of Completion | : | One Month to Six Months |
| 4. | Date & Time of availability of bid document in the portal | : | From 11.00 Hrs. of 14.02.2022 to 17.00 Hrs. of 28.02.2022 |
| 5. | Last date/time for receipt of bids in the portal | : | 5.00 P.M. of 28.02.2022 |
| 6. | Name and address of the Officer Inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the website (http://tendersorissa.gov.in.).
**Sd./- Superintending Engineer, P.H. Division, Bhubaneswar**
**OIPR-13039/11/0014/2122**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.1174/PSC Dt.08.02.2022**
**(1R-96-21/22) (DR-V)**

No. D-305: The programme for interview for the post of **Professor in "Journalism & Mass Communication"** notified earlier vide this office Notice No. 9585/PSC, Dt.28.12.2021 is now rescheduled as per the following programme mentioned below.

| Date | Time of Interview | PPSAN |
|---|---|---|
| 21.02.2022 | 10.30 A.M. | 00110431, 00094865 & 00111259 = **3 Candidates** |

**The candidates are mandatorily required to bring all those documents which they were earlier advised vide aforementioned Notice No. 9585/PSC, Dt.28.12.2021.**
Besides, in case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interivew.
The other terms and conditions as made earlier in this office Notice dated 28.12.2021 remain unchanged.
**OIPR-12002/11/0240/2122** **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No.1170/PSC Dt.08.02.2022**
**(1R-92-21/22) (DR-V)**

No. D-304: The programme for interview for the post of **Associate Professor in "Journalism & Mass Communication"** notified earlier vide this office Notice No. 9591/PSC, Dt.28.12.2021 is now rescheduled as per the following programme mentioned below.

| Date | Time of Interview | PPSAN |
|---|---|---|
| 24.02.2022 | 10.30 A.M. | 00086165, 00110769, 00109375, 00110639, 00094865, 00110431 & 00109084 = **7 Candidates** |
| | 02.30 P.M. | 00110832, 00092122 & 00109455 = **3 Candidates** |

**The candidates are mandatorily required to bring all those documents which they were earlier advised vide aforementioned Notice No. 9591/PSC, Dt.28.12.2021.**
Besides, in case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interivew.
The other terms and conditions as made earlier in this office Notice dated 28.12.2021 remain unchanged.
**OIPR-12002/11/0239/2122** **Sd./- Secretary**

**ODISHA MINING CORPORATION LIMITED**
**OMC House, Bhubaneswar-751001,Odisha**
**CIN: U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES — Mining Happiness —

**ADDENDUM**
**No. 1985/OMC/2022, Date: 08/02/2022**

**No.CAD-2913:** Pursuant to the Advertisement No. 66/ OMC dated 05.01.2022 regarding Recruitment for the Regular posts of Foreman (Min.), Surveyor & Mining Mate- III (Walk-in-Interview), the followings are notified as addendum to the above Advertisement for the information of the interested eligible candidates.

(i) Due to imposition of model code of conduct notified vide Notification No. 963/CS dtd.13.01.2022 for General Elections to Panchayat, 2022, the Walk-in-Interview for the posts of Foreman (Min.), Surveyor & Mining Mate- III scheduled to be held on 15.02.2022 & 16.02.2022 is hereby postponed.

The revised date for the Walk-in-Interview is as under:

| POST | DATE | TIME | VENUE OF INTERVIEW |
|---|---|---|---|
| Foreman (Min.) | 10.03.2022 | 8.00 A.M. | Community Centre, OMC Colony of Regional Office, Barbil, Dist- Keonjhar |
| Surveyor | 11.03.2022 | 8:00 A.M. | |
| Mining Mate- III | 11.03.2022 | 11:00 A.M. | |

(ii) Pursuant to the Notification No. 771 dated 11th January' 2022 and Letter No. 919 dated 12th January' 2022 of GA & PG Department, Govt. of Odisha, the upper age limit for the post of Foreman (Min.), Surveyor & Mining Mate- III (as per the above referred recruitment advertisement of OMC) is hereby modified to 38 (thirty eight) years as on 01.01.2022 and accordingly, the age relaxation in case of SC/ ST/ SEBC/ Women/ PwD/ Ex-Servicemen/ Sportspersons/ Departmental candidates shall be applicable as per norms of Govt. of Odisha/ OMC Recruitment Rules. All other terms & conditions of the Advertisement No. 66 dtd. 05.01.2022 shall remain unchanged.

**Sd/- GENERAL MANAGER (P&A)**

**NB** : Candidates are requested to visit Corporation website https://omcltd.in > Recruitment Portal at regular intervals for any notification, news, updates etc.

**OIPR-30005/11/0211/2122**

# ସୋରିଷରେ ରୋଗପୋକ ଦମନ



**ସୋ**ରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ମାଛ ଯାଆଁଳ ପାଇଁ ଖାଦ୍ୟ

ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ। ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ, ପୋଖରୀ ତଳମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କି.ଗ୍ରା. ଜିଓଲାଇଟ୍ ବ୍ୟବହାର କରନ୍ତୁ।



# ଭେଣ୍ଡିର ଉନ୍ନତ କିସମ



**ଅ**ଧିକ ଭେଣ୍ଡି ଅମଳ ପାଇଁ ଏହାର ଉନ୍ନତ କିସମ ଚୟନ କରନ୍ତୁ। ଏହାର ଉନ୍ନତ କିସମଗୁଡିକ ହେଲା– ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା–ଏ–୪। ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେ.ମି. x ୩୦ ସେ.ମି. ରହିବା ଦରକାର। ଭେଣ୍ଡି ଚାଷରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବର ଖତ ସହିତ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଆବଶ୍ୟକ। ଏହି ଚାଷ ପାଇଁ ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍‌ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହିତ ପ୍ରୟୋଗ କରନ୍ତୁ। ବିହନ ଲଗାଇବାର ୩ ସପ୍ତାହ ପରେ କୋଡ଼ାଖୁସା କରି ବଳକା ଅର୍ଦ୍ଧେକ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ପ୍ରତି ୫–୬ ଦିନ ବ୍ୟବଧାନରେ ଭେଣ୍ଡି କିଆରିରେ ମାଟିର ବତର ଦେଖି ଜଳସେଚନ କରନ୍ତୁ। ପ୍ରତି ୨ ଦିନରେ ଥରେ ଫଳ ତୋଳିବା ଉଚିତ୍। ନଚେତ୍ ଗଛର ବୃଦ୍ଧି ଓ ଫଳ ଧାରଣ ଶକ୍ତି କମିଯାଇଥାଏ ଓ ଫଳ ବୁଢ଼ା ହୋଇଯାଇଥାଏ। ଭେଣ୍ଡି ଗଛ ଥଣ୍ଡା ଲାଗି ଛୋଟ ହୋଇଥାଏ ଓ ଫଳ ମଧ୍ୟ ଛୋଟ ହୋଇଥାଏ।

# ଫୁଲଚାଷ



ପରେଶ କୁମାର ପଣ୍ଡା



**କ୍ଷୁ**ଦ୍ର ଓ ନାମମାତ୍ର ଚାଷୀମାନେ ଅଳ୍ପ ଜମିରୁ ଶ୍ରମ ଲଗାଇ ଅଧିକ ଆୟ କରିବାରେ ଫୁଲଚାଷ ହେଉଛି ଏକ ସହଜ ପନ୍ଥା। ପରିବାର ଲୋକଙ୍କ ଶ୍ରମ ସହଜରେ ଏଥିରେ ବିନିଯୋଗ ହୋଇଥାଏ। ଫୁଲର ସ୍ଥାନୀୟ ବଜାର ଓ ଚାହିଦା ଅନୁଯାୟୀ ନିର୍ଦ୍ଦିଷ୍ଟ କିସମର ଫୁଲଚାଷ ବୈଷୟିକ ପ୍ରଣାଳୀରେ କରିବା ଆବଶ୍ୟକ। ଏହି ଚାଷରେ ଅଳ୍ପଜମି, ଅଳ୍ପଖର୍ଚ୍ଚ ଓ ବର୍ଷସାରା ଫୁଲଚାଷ ହୋଇପାରୁଥିବାରୁ କୃଷକମାନେ ନିଜର ନିୟମିତ ରୋଜଗାରର ବ୍ୟବସ୍ଥା କରିପାରିବେ। ଫୁଲ ତୋଳିବା ଓ ଦେଖିବାରେ ଯେଉଁ ନୈସର୍ଗିକ ଆନନ୍ଦ ଆନନ୍ଦ ମିଳେ, ତାହା ଅନୁଭବୀ ହିଁ ଜାଣେ। ଆଜିକାଲି ଏହି ଫୁଲ ବ୍ୟବସାୟରେ ଏପରିକି ବଜାରକୁ ନଯାଇ ମଧ୍ୟ ଘର ନିକଟରେ ଅବା ଫୁଲ ବଗିଚା ନିକଟରେ ବିକ୍ରି ହେବାର ବ୍ୟବସ୍ଥା ହୋଇପାରିଛି। ଫୁଲ ବେପାରୀମାନେ ପ୍ରାତଃକାଳରୁ ଗାଡିଲଗେଇ ଫୁଲ ସଂଗ୍ରହ କରିନେଉଛନ୍ତି। ଗୋଲାପ, ଗେଣ୍ଡୁ, ରଜନୀଗନ୍ଧା, ମଲ୍ଲୀ, ଗ୍ଲାଡିଓଲସ୍, ଇଟିମଲା ଏବଂ ସେବତୀ ପ୍ରଭୃତି ଫୁଲ ବ୍ୟବସାୟର ଶତକଡା ୮୦ଭାଗରୁ ଉର୍ଦ୍ଧ୍ୱ ରାଜ୍ୟ ବାହାରୁ ଆମଦାନୀ ହେଉଥିବାରୁ ଫୁଲଚାଷ ଭାଇ ଓ ଭଉଣୀମାନେ ଏହି ସୁଯୋଗ ନେଇ ନିଜ ନିଜର ଆର୍ଥିକ ସ୍ୱଚ୍ଛଳତା ବଢାଇବା ଆବଶ୍ୟକ। ଆମ ରାଜ୍ୟରେ ୧–୨ କୋଟି ଟଙ୍କାର ଗୋଲାପ କାରବାର ହୋଇଥାଏ। ଫୁଲର ପ୍ରାକୃତିକ ସୌନ୍ଦର୍ଯ୍ୟ ସର୍ବଦା ସବୁ ଯୁଗରେ ମନୁଷ୍ୟଙ୍କୁ ଆକର୍ଷିତ କରିଆସୁଛି। ବହୁକାଳରୁ କେବଳ ଦେବତାଙ୍କ ପୂଜାର୍ଚ୍ଚନା ପାଇଁ ପୁଷ୍ପ ଉଦ୍ଭିଦଗୁଡିକୁ ଲଗାଯାଉଥିଲା। ବର୍ତ୍ତମାନ ଯୁଗରେ ଫୁଲ ମନୁଷ୍ୟର ମନୋରଞ୍ଜନରେ ସୀମାବଦ୍ଧ ନ ରହି ମନୁଷ୍ୟର ଅର୍ଥନୈତିକ ପରିସ୍ଥିତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରୁଛି। ଆଜିକାଲି ବର୍ଷସାରା ଫୁଲର ଚାହିଦା ଅଛି। ଫୁଲ ଉତ୍ପାଦନରେ କମ୍ ଖର୍ଚ୍ଚ ହୋଇଥାଏ। ସେଥିଲାଗି ବର୍ଷସାରା ଫୁଲ ଉତ୍ପାଦନ କିପରି କରାଯାଇପାରିବ ସେ ବିଷୟରେ ଚିନ୍ତା କରାଯାଉଛି। ଏତଦ୍ୱାରା ଚାଷୀର ନିୟମିତ ରୋଜଗାରର ବ୍ୟବସ୍ଥା ହୋଇପାରିବ। ଘର ନିକଟ ସ୍ଥାନରେ ବ୍ୟବସାୟ ହୋଇପାରିବା ଫଳରେ ଚାଷୀର ଉତ୍ସାହ ବଢୁଛି। ଏପରି ଅଭାବୀ ସମୟରେ ଫୁଲ ବିକ୍ରିରେ ଭଲ ଲାଭ ମିଳୁଛି। ପଡୋଶୀ ରାଜ୍ୟ ଯଥା– ଆନ୍ଧ୍ର, ଛତିଶଗଡ, ପଶ୍ଚିମବଙ୍ଗ ଉପରେ ନିର୍ଭର ନ କରି ରାଜ୍ୟର ଚାଷୀଭାଇମାନେ ଚାହିଁଲେ ଫୁଲ ଉତ୍ପାଦନ ବଢାଇପାରିବେ।

"ଆଜିକାଲି ଏହି ଫୁଲ ବ୍ୟବସାୟରେ ଏପରିକି ବଜାରକୁ ନଯାଇ ମଧ୍ୟ ଘର ନିକଟରେ ଅବା ଫୁଲ ବଗିଚା ନିକଟରେ ବିକ୍ରି ହେବାର ବ୍ୟବସ୍ଥା ହୋଇପାରିଛି। ଫୁଲ ବେପାରୀମାନେ ପ୍ରାତଃକାଳରୁ ଗାଡିଲଗେଇ ଫୁଲ ସଂଗ୍ରହ କରିନେଉଛନ୍ତି ଗୋଲାପ, ଗେଣ୍ଡୁ, ରଜନୀଗନ୍ଧା, ମଲ୍ଲୀ, ଗ୍ଲାଡିଓଲସ୍, ଇଟିମଲା ଏବଂ ସେବତୀ ପ୍ରଭୃତି ଫୁଲ ବ୍ୟବସାୟର ଶତକଡା ୮୦ଭାଗରୁ ଉର୍ଦ୍ଧ୍ୱ ରାଜ୍ୟ ବାହାରୁ ଆମଦାନୀ ହେଉଥିବାରୁ ଫୁଲଚାଷ ଭାଇ ଓ ଭଉଣୀମାନେ ଏହି ସୁଯୋଗ ନେଇ ନିଜ ନିଜର ଆର୍ଥିକ ସ୍ୱଚ୍ଛଳତା ବଢାଇବା ଆବଶ୍ୟକ।"



ଫୁଲ ବ୍ୟବସାୟ ଆରମ୍ଭ ଏକ କଷ୍ଟକର ବ୍ୟାପାର ନୁହେଁ। ପୂର୍ବ ଅଭିଜ୍ଞତା ଦରକାର ନାହିଁ। ସାମାନ୍ୟ କିଛି ଅର୍ଥ ଆରମ୍ଭ ପାଇଁ ଦରକାର। ଅନେକ ଯନ୍ତ୍ରପାତିର ଆବଶ୍ୟକତା ନାହିଁ। କେବଳ ଯଥେଷ୍ଟ ପରିମାଣର ସତେଜ ଓ ଆକର୍ଷଣୀୟ ଫୁଲ ଓ ଏକ ଉତ୍ତମ ସ୍ଥାନ ବିକ୍ରି ପାଇଁ ଦରକାର। ଖୁସି ମିଜାସ ଦରକାର। ନିଜ ଘରେ ରହି କାର୍ଯ୍ୟ କରିହେବ। ନିଜର ଗାଡି ଗ୍ୟାରେଜ ସ୍ଥାନକୁ ମଧ୍ୟ ଫୁଲ ରଖିବା ପାଇଁ ବ୍ୟବହାର କରିହେବ। ସନ୍ତୋଷଜନକ ଫୁଲ ବ୍ୟବହାର ନିମିତ୍ତ ନିମ୍ନ ପଦକ୍ଷେପ ନେବା ଜରୁରୀ।

- ନିଜ ବଜାର ବିଷୟରେ ଜାଣିବା।
- ନିର୍ଭରଶୀଳ ତାଜା ଫୁଲ ଉତ୍ସ ଜାଣିବା।
- ଏକ କାର୍ଯ୍ୟକାରୀ ଓ ପ୍ରସ୍ତୁତି ସ୍ଥାନ ନିରୂପଣ କରିବା।
- ସାହାଯ୍ୟକାରୀ ଦଳ ରଖିବା।

ବିଜ୍ଞାପନ ତଥା ବ୍ୟବସାୟକୁ ପ୍ରୋତ୍ସାହନ କରିବା ଦରକାର। ବ୍ୟବସାୟ ନିମିତ୍ତ ସ୍ଥାନ ଅନୁଯାୟୀ ଲାଇସେନ୍ସ ଦରକାର ପଡିପାରେ। କିନ୍ତୁ ରେଷ୍ଟୁରାଣ୍ଟ ଏବଂ କ୍ଲବ୍ ଦରକାର ନାହିଁ। ହିସାବ ଲେଖି ରଖିବା ଦରକାର। ଅଞ୍ଚଳ ଓ ଋତୁ ଅନୁଯାୟୀ ଫୁଲ ଦରରେ ଫରକ ଥାଏ। ଯନ୍ତ୍ରପାତି ମଧ୍ୟରେ ମୁଖ୍ୟ ହେଲା ଫୁଲକଟା ଯନ୍ତ୍ର, ମୋବାଇଲ ଓ ଟେବୁଲ। ଛୁଟି ଦିନରେ ବେଶି ବିକ୍ରି ହୋଇଥାଏ। ଭୁବନେଶ୍ୱର, ବ୍ରହ୍ମପୁର, କଟକ, ରାଉରକେଲା ପରି ସହରରେ ବର୍ଷସାରା ଫୁଲର ଚାହିଦା ରହିଛି। ଏପରିକି ଛୋଟମୋଟ ବଜାରରେ ବିଭିନ୍ନ ସାମାଜିକ ନିମିତ୍ତ ଫୁଲଦୋକାନ ରହୁଛି। ବିଭିନ୍ନ ରଙ୍ଗବେରଙ୍ଗର ଫୁଲ ଯଥା– ଲାଲ୍, ଗୋଲାପୀ, ହଳଦିଆ, କମଳା, ବାଇଗଣୀ, ଧଳା ଓ ମିଶ୍ରିତ ରଙ୍ଗର ବଜାରରେ ମିଳିଥାଏ। ରାଜ୍ୟର ବଡ ସହରମାନଙ୍କରେ ଫୁଲର ଯଥେଷ୍ଟ ଚାହିଦା ରହିଛି। ଏବଂ ଦିନକୁ ଦିନ ବଢିବାରେ ଲାଗିଛି। ଇତିମଧ୍ୟରେ ୨୦୦୫–୦୬ଠାରୁ ଜାତୀୟ ଉଦ୍ୟାନ ମିଶନ ରାଜ୍ୟରେ କାର୍ଯ୍ୟକାରୀ ହେବାଠାରୁ ଫୁଲଚାଷୀମାନଙ୍କୁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ସହ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟ ଭିତରେ ପ୍ରାୟ ଜିଲାଗୁଡ଼ିକରେ ଚାଷୀମାନେ ଅଧିକରୁ ଅଧିକ ଫୁଲ ଚାଷ ପାଇଁ ଉତ୍ସାହିତ ହେଲେଣି। ଉତ୍ପାଦନ ହେଉଥିବା ସ୍ଥାନରୁ ଫୁଲ ବେପାରୀମାନେ ଟ୍ରକ୍ ଲଗାଇ ସେଠାରେ ପ୍ୟାକିଙ୍ଗ୍ କରି ଫୁଲ କିଣି ନେଉଛନ୍ତି।

ବର୍ଷସାରା ଫୁଲଚାଷ ନିମନ୍ତେ ବୈଷୟିକ ପ୍ରଣାଳୀରେ ଋତୁ ଅନୁଯାୟୀ ଉନ୍ନତ ଫୁଲ କିସମ ଚାଷର ଯୋଜନା କରିବା ଆବଶ୍ୟକ। ଚାଷୀଭାଇମାନେ ସଂଘବଦ୍ଧ ଭାବେ ଫୁଲ ଚାଷ କରି ଭଲ ବଜାର ଦର ପାଇପାରିବେ। ଚାଷକରି ଫୁଲ ତୋଳିବା ପରେ ଠିକ୍ ହରମୋନର ଉପଚାର ଓ ଉପଯୁକ୍ତ ପ୍ୟାକିଙ୍ଗ୍ କରି ଅଧିକ ଅର୍ଥ ରୋଜଗାର କରାଯାଇପାରିବ। ଭଲ ଉତ୍ପାଦନ ଓ ପ୍ୟାକିଙ୍ଗ୍ ଜରିଆରେ ବଜାରକୁ ଆଂଶିକ ନିୟନ୍ତ୍ରିତ କରାଯାଇପାରିବ। ଏସବୁ ବିଷୟକୁ ବିଚାର କରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଶିକ୍ଷିତ ଯୁବକମାନେ ଫୁଲଚାଷ ନିମନ୍ତେ ଆଗ୍ରହ ପ୍ରକାଶ କରିବା ଆବଶ୍ୟକ।

**ତଳିଘରା ପ୍ରସ୍ତୁତି**

ଫୁଲଗଛକୁ ମୁଖ୍ୟକ୍ଷେତ୍ର ଓ କୁଣ୍ଡରେ ଲଗାଇବା ପୂର୍ବରୁ ତାହାର ଚାରା ଉତ୍ପାଦନ କରାଯାଇଥାଏ। ଆଜିକାଲି ଚାରା ଉତ୍ପାଦନ ଓ ବିକ୍ରିକୁ ଭଲ ବ୍ୟବସାୟ ରୂପେ ବିବେଚନା କରାଯାଉଛି। ବେଳେବେଳେ ଫିମ୍ପି ଜନିତ ରୋଗ ଓ ଅନ୍ୟ କାରଣରୁ ଚାରାଗଛ ତଳି ପଟିରେ ମରିଯାଏ। ଆବଶ୍ୟକ ପଦକ୍ଷେପ ସବୁ ନିମ୍ନମତେ ସଂକ୍ଷେପରେ ବର୍ଣ୍ଣନା କରାଯାଇପାରେ।

- ତଳି ପଟିର ମାଟି ଭଲଭାବରେ ଚାଷ ହୋଇ ଗୁଣ୍ଡହେବା ପ୍ରୟୋଜନ।
- ପଟି ପ୍ରାୟତଃ ୨ମିଟର ଚଉଡା ଓ ୧୨ରୁ ୧୫ ସେ.ମି ଉଚ୍ଚତା ବିଶିଷ୍ଟ ହୋଇଥାଏ। ଏକ ଏକର ଫୁଲଚାଷ ପାଇଁ ୨୦ରୁ ୩୬ମିଟର ଲମ୍ବ ଓ ୧.୨ମିଟର ପ୍ରସ୍ଥର ତଳପଟି ଦରକାର ହୋଇଥାଏ।
- ତଳି ପଟିରେ ଯଥେଷ୍ଟ ପରିମାଣର ଖତ ସହ ନିମ୍ବ ବା କରଞ୍ଜ ପିଡିଆ ଦିଆଯାଏ। ମାଟି ଦୋରସା ଓ ନିଗିଡା ହୋଇ ଉର୍ବରିଆ ଥିବା ଜରୁରୀ। ନ ହେଲେ ପାଣି ଜମିରହିଲେ ଚାରା ଗଛ ଭଲ ଭାବେ ବଢି ନଥାଏ।
- ଉଈ ନ ଲାଗିବା ନିମନ୍ତେ କ୍ଲୋର ପାଇରିଫସ୍ ବା ମିଥାଇଲ ପାରାଥିଅନ୍ ଗୁଣ୍ଡ ସିଞ୍ଚନ କରିବା ଦରକାର।
- ପତଳା କରି ବିଶୋଧିତ ହୋଇଥିବା ମଞ୍ଜିକୁ ଧାଡିରେ ୩ରୁ ୪ଇଞ୍ଚ ଦୂରତାରେ ବୁଣାଯାଏ ଓ ତା ଉପରେ ଝୁରା ଖତରେ ମଞ୍ଜିକୁ ଘୋଡାଇ ଦିଆଯାଏ। ଝରାରେ ହାଲୁକା ପାଣି ଦିଆଯାଏ। ତା' ପରେ ନଡା ଦ୍ୱାରା ଆବରଣ ଦିଆଯାଏ। ପ୍ରତିଦିନ ହାଲୁକା ପାଣିଦେଇ ମଞ୍ଜିରୁ ଗଜା ବାହାରିବା ପରେ ନଡା ଆଭରଣ କାଢି ନିଆଯାଏ।
- ତଳିରେ ମୂଳଶଢା, ଘରାକଟା ରୋଗ ହେଲେ ବା ବର୍ଷା ହୋଇଯିବା ପରେ ତୁରନ୍ତ ଇଣ୍ଡୋଫିଲ୍ ଏମ୍–୪୫ ବା ବାଭିଷ୍ଟିନ ଅଥବା ସି.ଓ.ସି କିମ୍ବା ବୋର୍ଡମିକ୍ସଚର ୩ଗ୍ରାମ ଲିଟର ପ୍ରତି ଗୋଳାଇ ଗଛକୁ ଥରେ ବା ୨ଥର ସିଞ୍ଚନ କରାଯାଏ। ଗଛ ବହଳିଆ ହେଲେ ଓ ପାଣି ଅଧିକ ଦିଆଗଲେ ରୋଗ ବଢିଯାଏ।
- ତଳି ଚାରା ଭଲ ଭାବରେ ବଢିବା ପାଇଁ ଅଳ୍ପ ମାତ୍ରାରେ ଯବକ୍ଷାରଜାନ ଓ ପଟାସ୍ ସାର ପ୍ରୟୋଗ କରାଯାଇପାରେ। ୨–୩ ସପ୍ତାହ ବେଳକୁ ଚାରା ଭଲ ବଢିଥିଲେ ହାଲୁକା ପାଣି ଦେଇ ଅପରାହ୍ଣରେ ଚାରା ଓପାଡି ମୁଖ୍ୟ କ୍ଷେତ୍ରରେ ଲଗାଯାଏ ଏବଂ ହାଲୁକା ବଞ୍ଚିବା ପାଇଁ ପାଣି ଦିଆଯାଏ।

–ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

## ଜାଣି ରଖନ୍ତୁ



- ଆଳୁ ଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨–୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍‌ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ।
- ପିଆଜ ଗଛ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ।
- ଅଦା ଓ ହଳଦୀ ଫସଲ ଅମଳ ପାଇଁ ଏହା ପ୍ରକୃଷ୍ଟ ସମୟ ଅଟେ। ଜମିର ବତର ଦେଖି ଫସଲ ଅମଳ କରନ୍ତୁ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡ଼ାକ୍ଲୋପ୍ରିଡ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଟିତ ଗୁଣ୍ଡ ପ୍ରୟୋଗ କରନ୍ତୁ।
- ପନିପରିବା ଫସଲରେ ଜଉପୋକ ଓ ଫଳବିନ୍ଧା ପୋକ ଦମନ ପାଇଁ ଏକ ଲିଟର ପାଣିରେ ଯଥାକ୍ରମେ ୦.୨ ଗ୍ରାମ୍ କ୍ଲୋଥାୟାନିଡିନ୍ ଓ ୦.୩ ମି.ଲି. ଫ୍ଳୁବେଣ୍ଡିଆମାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

# ଖରିଫ ଧାନ ରକ୍ଷଣାବେକ୍ଷଣ



**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩–୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ୍। ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ।। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ୍। ଅନ୍ୟପକ୍ଷରେ ଡାଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି. ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ୍। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ।

# ଚାଷୀଙ୍କ ପାଇଁ



- ଛେଳିମାନଙ୍କୁ ଥଣ୍ଡାଜନିତ ଅସୁବିଧାରୁ ରକ୍ଷା କରିବା ପାଇଁ ଯଥାସାଧ୍ୟ ପଦକ୍ଷେପ ଗ୍ରହଣ କରନ୍ତୁ। ତା' ସହ ଭୂତାଣୁଜନିତ ରୋଗ ଓ ନିମୋନିଆରୁ ରକ୍ଷା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- କୁକୁଡ଼ାମାନଙ୍କୁ ଥଣ୍ଡାଜନିତ ଅସୁବିଧାରୁ ରକ୍ଷା ପାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରନ୍ତୁ। ଭୂତାଣୁଜନିତ ରୋଗ ପ୍ରତିଷେଧକ ବ୍ୟବସ୍ଥା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- ମାଛ ଚାଷ କରୁଥିଲେ ଏକ ହେକ୍ଟର ବିଶିଷ୍ଟ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା. ୭୫୦ ଗ୍ରାମ୍ ଚିନାବାଦାମ ପିଡ଼ିଆକୁ ମିଶାଇ ଖାଇବାକୁ ଦିଅନ୍ତୁ।
- ସୂର୍ଯ୍ୟମୁଖୀ ଗଛ ତିନି ସପ୍ତାହ ହୋଇଥିଲେ କୋଡ଼ା ଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରି ହୁଡ଼ା ଟେକନ୍ତୁ। ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋର୍‌ପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ।

# ଡାଲିଜାତୀୟ ବିହନ ବିଶୋଧନ



**ଡା**ଲିଜାତୀୟ ଫସଲ ଚାଷ କରୁଥିଲେ ଏକ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ଗୋଟିଏ କଥା ମନେ ରଖନ୍ତୁ, କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ। ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ। ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ। ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗ କଲେ ଅମଳ ବୃଦ୍ଧି ହୋଇଥାଏ। ପାଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ଏକମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ। ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବାର ସମ୍ଭାବନା ଅଛି। ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ। ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ବୁଧବାର, ଫେବୃୟାରୀ ୯/୨୦୨୨ Balasore, Wednesday, February 9/ 2022

# ଜାତୀୟ ସ୍କି’ରେ ରଞ୍ଜିତାଙ୍କ ପ୍ରଭାବୀ ପ୍ରଦର୍ଶନ

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶାର ଏକମାତ୍ର ସ୍ନୋ ଗର୍ଲଭାବେ ପରିଚିତ ରଞ୍ଜିତା ବେହେରା କ୍ୟାରିୟରରେ ଆଉ ଏକ ସଫଳତାର ପାହାଚ ଚଢ଼ିଛନ୍ତି। ଉତ୍ତରାଖଣ୍ଡର ଜୋଶୀମଠ ନିକଟସ୍ଥ ଆଉଲିର ବରଫାବୃତ ପାହାଡ଼ ଖସଡ଼ାରେ ସୋମବାର ଅନୁଷ୍ଠିତ ଜାତୀୟ ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍‌ରେ ସେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଉତ୍ତରାଖଣ୍ଡ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏସ୍.ଏସ୍. ସାନ୍ଧୁ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରଞ୍ଜିତା ଏହି କଷ୍ଟସାଧ୍ୟ ଚାମ୍ପିୟନଶିପ୍‌ରେ ପୋଡିୟମ ମଣ୍ଡନ କରିପାରି ନ ଥିଲେ ସତ, ମାତ୍ର ଅନେକ ଅଭିଜ୍ଞ ଖେଳାଳି ଅଯୋଗ୍ୟ ଘୋଷିତ ହୋଇଥିବାବେଳେ ସେ ସଫଳତାର ସହ ଫିନିଶ୍ କରି ପ୍ରଶଂସା ସାଉଁଟିଛନ୍ତି।

ରଞ୍ଜିତା ଆଲ୍‌ପାଇନ୍ ସ୍କିର ସ୍ଲାଲମ ଓ ଜାଏଣ୍ଟ ସ୍ଲାଲମ ବିଭାଗରେ ଉନ୍ନତ ମାନର ଖେଳ ପ୍ରଦର୍ଶନ ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଶା ଭଳି ଏକ ବରଫହୀନ ରାଜ୍ୟରୁ ଯାଇ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି) ଓ ସେନାର ନାମୀ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହେବା ଦୁରୂହ ବ୍ୟାପାର ହୋଇଥିଲେ ହେଁ ନିଜର ସାହସ ଯୋଗୁ ରଞ୍ଜିତା ଏହାକୁ ସତ ପ୍ରମାଣିତ କରିଛନ୍ତି। ପ୍ରଥମ ଦିନର ପ୍ରଥମ ଖେଳରେ ରଞ୍ଜିତା ବରଫାବୃତ ଲମ୍ବା ଗଡ଼ାଣିଆ ନନ୍ଦାଦେବୀ ଟ୍ରାକ୍‌ରେ ନିଜର ସନ୍ତୁଳନ ବଜାୟ ରଖି ସବୁ ବାଧାବିଘ୍ନକୁ ଅନାୟାସରେ ଅତିକ୍ରମ କରିଥିବାରୁ ଅଯୋଗ୍ୟ ଘୋଷିତ ନ ହୋଇ ସଫଳତାର ସହ ଫିନିଶିଂ ପଏଣ୍ଟରେ ପହଞ୍ଚି ପାରିଥିଲେ। ତାଙ୍କର ଉତ୍କର୍ଷ ଖେଳ ପ୍ରଦର୍ଶନ ଉପସ୍ଥିତ ଅନ୍ୟ ରାଜ୍ୟର କୋଚ୍, ଖେଳାଳି, ଅଲିମ୍ପିଆନ ଏବଂ ବୈଷୟିକ କମିଟି ସଦସ୍ୟଙ୍କ ମନକୁ ପାଇଥିଲା।

ରଞ୍ଜିତା ଅନ୍ତର୍ଜାତୀୟ ସ୍କି ଫେଡେରେଶନ ଦ୍ୱାରା ପଞ୍ଜୀକୃତ। ଏହି ପ୍ରତିଯୋଗିତାରେ ଅଯୋଗ୍ୟ ଘୋଷିତ ହୋଇ ନ ଥିବାରୁ ସେ ଆଗାମୀ ଦିନରେ ର୍‍ୟାଙ୍କ୍ ଭିତ୍ତିରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗନେବା ପଥ ପରିଷ୍କାର ହୋଇଛି। ସ୍କି ଓ ସ୍ନୋବୋର୍ଡ ଇଣ୍ଡିଆର ମହାସଚିବ ରୂପଚାନ୍ଦ ନେଗୀ ରଞ୍ଜିତାଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଅତ୍ୟାଧୁନିକ ତାଲିମ ଏବଂ ୨୦୨୬ ଶୀତକାଳୀନ ଅଲିମ୍ପିକ୍ସକୁ ଆଖିଆଗରେ ରଖି ପ୍ରସ୍ତୁତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖେଳାଳିଙ୍କ ପ୍ରତି ଓଡ଼ିଶା ସରକାରଙ୍କ ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି ନେଗୀ। ଚଳିତ ଶୀତ ଋତୁର ଆରମ୍ଭରୁ ରଞ୍ଜିତା କଶ୍ମୀରର ଗୁଲମାର୍ଗ ଓ ହିମାଚଳ ପ୍ରଦେଶର ସୋଲାଙ୍ଗ ଆଦି ସ୍ଥାନରେ ଅଭ୍ୟାସ ଜାରି ରଖିଥିଲେ। ଜାତୀୟ ଚାମ୍ପିୟନଶିପ୍‌ରେ ଅନ୍ତର୍ଜାତୀୟ ସ୍କିୟର ଆଞ୍ଚଲ ଠାକୁର ଓ ଅନ୍ୟ ଖେଳାଳିଙ୍କ ଭଲପାଇବା ଏବଂ ପ୍ରେରଣା ତାଙ୍କୁ ବହୁତ ଉତ୍ସାହିତ କରିଛି ବୋଲି ରଞ୍ଜିତା କହିଛନ୍ତି। ଏହି ଅବସରରେ ସେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ରାଜ୍ୟବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଇସ୍ପାତ ସହର ରାଉରକେଲାର ଅନ୍ନପୂର୍ଣ୍ଣା ବେହେରା ଓ ରଘୁନାଥ ବେହେରାଙ୍କ କନ୍ୟା ହେଉଛନ୍ତି ରଞ୍ଜିତା।


ଜାତୀୟ ଚାମ୍ପିୟନଶିପ୍ ଅବସରରେ ରଞ୍ଜିତା ବେହେରା।

## ପ୍ରତିଦ୍ୱନ୍ଦ୍ୱିତା କଷ୍ଟସାଧ୍ୟ ଥିଲା

‘‘ଉତ୍ତରାଖଣ୍ଡ ଆଉଲିର ବରଫାବୃତ ପାହାଡ଼ ଖସଡ଼ା ଅନ୍ତର୍ଜାତୀୟ ମାନର। ତେଣୁ ଏଠାରେ ପ୍ରତିଦ୍ୱନ୍ଦ୍ୱିତା ବହୁତ କଷ୍ଟକର ଥିଲା। ଟେକ୍ନିକ୍ ଦୃଷ୍ଟିରୁ ଦୃଢ଼ ନ ହେଲେ ଏଠାରେ ରେସ୍ ଫିନିଶ୍ କରିବା ସମ୍ଭବ ନୁହେଁ। ସେଥିପାଇଁ ଅନେକ ନାମୀ ଖେଳାଳି ଅଯୋଗ୍ୟ ବିବେଚିତ ହେଲେ। ଅଭିଜ୍ଞ ସ୍କିୟରଙ୍କ ସହ ଭାଗ ନେଇଥିବାରୁ ମୁଁ ବହୁତ ଖୁସି। ଏଥିରୁ ମୋତେ ଅନେକ କିଛି ଶିଖିବାକୁ ମିଳିଛି। ସଫଳତାର ସହ ଫିନିଶିଂ ପଏଣ୍ଟରେ ପହଞ୍ଚିଥିବାରୁ ର୍‍ୟାଙ୍କ୍ ଭିତ୍ତିରେ ମୋତେ ଆଗାମୀ ଦିନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ମିଳିବ। ଇଣ୍ଡୋ ତିବ୍ବତିଆନ ବର୍ଡର ପୋଲିସ (ଆଇଟିବିପି)ର ସ୍କିୟରମାନେ ପ୍ରାୟତଃ ପ୍ରଭାବୀ ପ୍ରଦର୍ଶନ କରିଥାନ୍ତି। ମାତ୍ର ମୋ ପ୍ରଦର୍ଶନରେ ଏହି ଟିମ୍‌ର ଖେଳାଳି ଓ କୋଚ୍ ପ୍ରଭାବିତ ହୋଇଛନ୍ତି। ଆଗାମୀ ଦିନରେ ମୋ ପାଇଁ ସେମାନେ ଅଭ୍ୟାସ ସୁଯୋଗ ସୃଷ୍ଟି କରିବା ସମ୍ଭାବନା ରହିଛି’’ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି।


ଜାତୀୟ ସିନିୟର ଭଲିବଲରେ ମଙ୍ଗଳବାର ଓଡ଼ିଶା ଓ ଉତ୍ତରାଞ୍ଚଳ ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ।

# ଓଡ଼ିଶା ମହିଳା ଦଳର ଦ୍ୱିତୀୟ ବିଜୟ

**ଜାତୀୟ ସିନିୟର ଭଲିବଲ**

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)**

କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୭୦ତମ ଜାତୀୟ ଭଲିବଲ (ମହିଳା/ପୁରୁଷ) ଚାମ୍ପିୟନଶିପରେ ଓଡ଼ିଶା ମହିଳା ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ଦିବସରେ ପଣ୍ଡିଚେରୀକୁ ୨-୦ରେ ହରାଇଥିବା ଓଡ଼ିଶା ମଙ୍ଗଳବାର ଏହାର ଦ୍ୱିତୀୟ ମ୍ୟାଚରେ ଉତ୍ତରାଞ୍ଚଳକୁ ୩-୦ ସେଟ୍‌ରେ ପରାସ୍ତ କରିଛି। ସମ୍ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରି ଖେଳିଥିବା ଓଡ଼ିଶା ୨୫-୧୨, ୨୫-୧୩ ଓ ୨୫-୧୪ ପଏଣ୍ଟରେ ବିଜୟୀ ହୋଇଛି। ମହିଳା ବିଭାଗର ଅନ୍ୟ ମ୍ୟାଚଗୁଡ଼ିକରେ ଗୁଜରାଟ ୩-୦ରେ ଲଦାଖ, ପଞ୍ଜାବ ୩-୦ରେ ଝାଡ଼ଖଣ୍ଡ, ରାଜସ୍ଥାନ ୩-୦ରେ ବିହାର, ଆସାମ ୩-୧ରେ ମଧ୍ୟପ୍ରଦେଶ ଓ ହରିୟାଣା ୩-୦ରେ ପଣ୍ଡିଚେରୀକୁ ପରାସ୍ତ କରିଛି। ପୁରୁଷ ବିଭାଗରେ ତେଲଙ୍ଗାନା ୩-୦ରେ ଲଦାଖ, ଦିଲ୍ଲୀ ୩-୦ରେ ୱେଷ୍ଟ ବେଙ୍ଗଲ, ପଞ୍ଜାବ ୩-୦ରେ ଛତିଶଗଡ଼, ଉତ୍ତରାଞ୍ଚଳ ୩-୨ରେ ଗୁଜରାଟ, ଆନ୍ଧ୍ର ପ୍ରଦେଶ ୩-୦ରେ ମଧ୍ୟପ୍ରଦେଶ, ଚଣ୍ଡିଗଡ଼ ୩-୦ରେ ପଣ୍ଡିଚେରୀ ଓ ତାମିଲନାଡୁ ୩-୨ ସେଟ୍‌ରେ ଆସାମକୁ ପରାସ୍ତ କରିଛି।

# ହାଇଦ୍ରାବାଦକୁ ହରାଇଲା ଏଟିକେ


ହାଇଦ୍ରାବାଦ-ଏଟିକେ ମୋହନବାଗାନ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

**ବାମ୍ବୋଲିମ୍, ୮।୨:** ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଏଟିକେ ମୋହନବାଗାନ ଟେବୁଲ ଟପ୍ପର ହାଇଦ୍ରାବାଦ୍ ଏଫ୍‌ସିକୁ ୨-୧ ଗୋଲରେ ପରାସ୍ତ କରିଛି। ଏଥିସହ ଏଟିକେ ପଏଣ୍ଟ ଟେବୁଲର ଟପ୍-୪କୁ ଫେରିଛି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ୫୬ତମ ମିନିଟରେ ଲିଷ୍ଟନ କୋଲାକୋ ଏକ ଗୋଲ ଦେଇ ଏଟିକେକୁ ଅଗ୍ରଣୀ କରାଇଥିଲେ। ୫୯ତମ ମିନିଟରେ ମନଭୀର ସିଂ ଆଉ ଏକ ଗୋଲ ସହାୟତାରେ ଏଟିକେର ଅଗ୍ରଣୀକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ଗୋଲ ପରିଶୋଧ ପାଇଁ ହାଇଦ୍ରାବାଦ ଏହାର ଆକ୍ରମଣକୁ ଜୋରଦାର କରିଥିଲା। ୬୭ତମ ମିନିଟରେ ହାଇଦ୍ରାବାଦର ଜୋଏଲ ଚାଇନିଜ୍ ଗୋଟିଏ ଗୋଲ ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ମାତ୍ର ଏହି ଦଳ ଆଉ ଗୋଲ ଦେଇ ନ ପାରିବାରୁ ଏଟିକେ ବିଜୟୀ ହୋଇଥିଲା। ୧୩ ମ୍ୟାଚରୁ ୬ ବିଜୟ ସହ ୨୩ ପଏଣ୍ଟରେ ପହଞ୍ଚି ଟେବୁଲର ୪ର୍ଥ ସ୍ଥାନକୁ ଲମ୍ଫ ମାରିଛି ଏଟିକେ। ପୂର୍ବରୁ ଏହି ଦଳ ୭ମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ୧୫ ମ୍ୟାଚରୁ ୩ୟ ପରାଜୟ ବରଣ କରିଥିଲେ ହେଁ ହାଇଦ୍ରାବାଦ ୨୬ ପଏଣ୍ଟ ସହ ଶୀର୍ଷରେ ଅପରିବର୍ତ୍ତିତ ରହିଛି।

# ଅଭିଜ୍ଞତା ନେଇ ଫେରିଲେ ଚିନ୍ମୟ

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)**

ବିଶ୍ୱ ଟାଏକୋଣ୍ଡୋର ଜି-୨ ପ୍ରତିଯୋଗିତାରେ ଭାରତୀୟ ବରିଷ୍ଠ ପୁରୁଷ ଦଳର ସହକାରୀ କୋଚ ହିସାବରେ ଓଡ଼ିଶା ଟାଏକୋଣ୍ଡୋରୁ ଭଦ୍ରକର ଚିନ୍ମୟ ବେହେରା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଦୁବାଇର ଫଉଜରାହା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୫ ଓ ୬ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଛାତ୍ର ଜଗନ୍ନାଥ ବେହେରା ମଧ୍ୟ ୫୪ କେଜିରୁ କମ ବରିଷ୍ଠ ପୁରୁଷ ବର୍ଗରେ ଅଂଶଗ୍ରହଣ କରି ଉତ୍ତମ ଖେଳ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ୬୦ରୁ ଊର୍ଦ୍ଧ୍ୱ ଦେଶ ଅଂଶଗ୍ରହଣ କରିଥିଲେ। ବିଶ୍ୱ ଏବଂ ଏସିଆ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଏହି ଜି-୨ ପ୍ରତିଯୋଗିତାର ଫଳାଫଳ ବେଶ୍ ସହାୟକ ହୋଇଥାଏ। ବିଶ୍ୱ ଟାଏକୋଣ୍ଡୋର ଲେବଲ- ୧ ପରୀକ୍ଷାରେ ୧୦୦ରୁ ୮୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଚିନ୍ମୟ। ସେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ କୋଚ ଭାବେ ଅଭିଜ୍ଞତା ହାସଲକରି ଓଡିଶା ଫେରିଛନ୍ତି।


ଚିନ୍ମୟ ବେହେରା

# ଗୋଟିଏ ଦିନରେ ୧୬ ଉଇକେଟ ପତନ

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି):** ଆଗାମୀ ରଣଜୀ ଟ୍ରଫି ସିଜନକୁ ଦୃଷ୍ଟିରେ ରଖି କଟକର ବାରବାଟୀ ଷ୍ଟାଡିୟମରେ ଓଡ଼ିଶା ଓ ବରୋଦା ସିନିୟର କ୍ରିକେଟ ଦଳ ମଧ୍ୟରେ ୨ ଦିନିଆ ୱାର୍ମଅପ୍ ମ୍ୟାଚ ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ମୋଟ ୧୬ ଉଇକେଟର ପତନ ଘଟିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରୋଦା ପ୍ରଥମ ଇନିଂସର ୪୯ତମ ଓଭରରେ ୧୦୦ ରନରେ ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ମିତେଶ ସର୍ବାଧିକ ୨୬ ରନ କରିଥିବାବେଳେ ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ୪ଟି, ବସନ୍ତ ମହାନ୍ତି ୩ଟି ଓ ଦେବବ୍ରତ ପ୍ରଧାନ ଗୋଟିଏ ଉଇକେଟ ହାସଲ କରିଛନ୍ତି। ପ୍ରଥମ ଇନିଂସ ଖେଳିଥିବା ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ ବେଳକୁ ୩୦ ଓଭରରେ ୬ ଉଇକେଟ ହରାଇ ୬୫ ରନ ସଂଗ୍ରହ କରିଛି। ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୧୬ ରନ କରିଛନ୍ତି। ବରୋଦାର ଅତିତ୍ ସେଠ୍ ୩ଟି ଓ ଲୁକମାନ ମେରିୱାଲା ୨ଟି ଉଇକେଟ ନେଇଛନ୍ତି।

# ମୁମ୍ବାଇ ରଣଜୀ ଦଳରେ ରାହାନେ

**ମୁମ୍ବାଇ, ୮।୨ (ପି.ଟି.):** ଆସନ୍ତା ସିଜନ ପାଇଁ ମୁମ୍ବାଇ ରଣଜୀ ଦଳ ଘୋଷଣା କରାଯାଇଛି। ଦୀର୍ଘ ଦିନ ଧରି ଖରାପ ସମୟ ଦେଇ ଗତି କରୁଥିବା ଭାରତର ସିନିୟର ବ୍ୟାଟର ଅଜିଙ୍କ୍ୟ ରାହାନେଙ୍କୁ ଏଥିରେ ସ୍ଥାନ ମିଳିଛି। ସୌରାଷ୍ଟ୍ର, ଓଡ଼ିଶା ଓ ଗୋଆ ସହିତ ୪୧ ଥର ରଣଜୀ ଚାମ୍ପିୟନ ମୁମ୍ବାଇ ଏଲିଟ୍ ଗ୍ରୁପ୍ ଡି’ରେ ସ୍ଥାନ ପାଇଛି। ଏହି ଦଳଗୁଡ଼ିକ ସେମାନଙ୍କ ଲିଗ୍ ମ୍ୟାଚଗୁଡ଼ିକ ଅହମଦାବାଦରେ ଖେଳିବେ। ଚେୟାରମ୍ୟାନ ସଲିଳ ଆଙ୍କୋଲା, ଗୁଲାମ ପାର୍କର, ସୁନୀଲ ମୋରେ, ପ୍ରସାଦ ଦେଶାଇ ଓ ଆନନ୍ଦ ୟାଲଭିଗିଙ୍କୁ ନେଇ ଗଠିତ ସିଲେକ୍ସନ କମିଟି ପୃଥ୍ୱୀ ଶ’ଙ୍କୁ ୨୧ ଜଣିଆ ଦଳର ଅଧିନାୟକ ଭାବେ ମନୋନୀତ କରିଛି। ରଣଜୀ ଟ୍ରଫିରେ ଫର୍ମ ଫେରିପାଇବେ ବୋଲି ରାହାନେ ଆଶା ରଖିଛନ୍ତି। ମୁମ୍ବାଇ ଚୟନକର୍ତ୍ତାମାନେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପୁତ୍ର ଅଲରାଉଣ୍ଡର ଅର୍ଜୁନ ତେନ୍ଦୁଲକରଙ୍କୁ ମଧ୍ୟ ଦଳରେ ନେଇଛନ୍ତି। ଅନ୍ୟ ନିୟମିତ ଖେଳାଳି ସିନିୟର ଷ୍ଟମ୍ପର ଓ ବ୍ୟାଟର ଆଦିତ୍ୟ ତାରେ ଓ ପେସ୍ ବୋଲର ଧାୱଲ କୁଲକର୍ନୀ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି।

# ଧାୱନ, ଆୟାରଙ୍କ ଟ୍ରେନିଂ ଆରମ୍ଭ



ମଙ୍ଗଳବାର ଟ୍ରେନିଂକୁ ଓହ୍ଲାଇଥିବା ଶିଖର ଧାୱନ ଓ ଶ୍ରେୟାସ ଆୟାର।

**ଅହମଦାବାଦ, ୮।୨ (ପି.ଟି.):** ଗତ ସପ୍ତାହରେ କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବା ଭାରତର ସିନିୟର ଓପନର ଶିଖର ଧାୱନ ଓ ବ୍ୟାଟର ଶ୍ରେୟାସ ଆୟାର ମଙ୍ଗଳବାର ଟ୍ରେନିଂ ଆରମ୍ଭ କରିଛନ୍ତି। ଦୁହିଁଙ୍କର ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଥିବାବେଳେ ଆଇସୋଲେଶନ ପିରିୟଡ ସମାପ୍ତ ହୋଇଛି। ଦୁଇ ଖେଳାଳି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ଦ୍ୱାରା ଚିକିତ୍ସିତ ହେଉଥିଲେ। ତେବେ ଏ ଦୁହେଁ ବୁଧବାର ଦ୍ୱିତୀୟ ଦିନିକିଆ ପାଇଁ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବା ସମ୍ଭାବନା କମ୍। ଫେବୃୟାରୀ ୨ରେ ଭାରତୀୟ ଦଳର ୩ ଖେଳାଳି ଧାୱନ, ଆୟାର ଓ ଋତୁରାଜ ଗାଏକ୍ୱାଡ କରୋନାରେ ସଂକ୍ରମିତ ହୋଇଥିବା ଜଣା ପଡ଼ିଥିଲା। ଫଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପୂର୍ବରୁ ଏହି ଖେଳାଳିମାନେ ବାଧ୍ୟତାମୂଳକ ଆଇସୋଲେଶନରେ ରହିଥିଲେ। ଷ୍ଟାଣ୍ଡବାଇ ତାଲିକାରେ ଥିବା ନେଟ୍ ବୋଲର ନବଦୀପ ସଇନୀ ଓ ଅନ୍ୟ ୩ ବ୍ୟକ୍ତି ମଧ୍ୟ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ୍ ଆସିଥିଲେ। ସଇନୀ ମଧ୍ୟ କରୋନାରୁ ସୁସ୍ଥ ହୋଇ ସୋମବାରଠାରୁ ଟ୍ରେନିଂ ଆରମ୍ଭ କରିଛନ୍ତି।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଅହମଦାବାଦ, ୮।୨ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ବୁଧବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ଦିନିକିଆ ଜିତି ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିଥିବାବେଳେ ଉପଅଧିନାୟକ ଲୋକେଶ ରାହୁଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ତେଣୁ ଆଗାମୀ ମ୍ୟାଚ ଜିତି ସିରିଜ ବିଜୟ ଲକ୍ଷ୍ୟରେ ରହିଛି ଟିମ୍ ଇଣ୍ଡିଆ। ପ୍ରଥମ ଦିନିକିଆରେ ଦୁଇ ଭାରତୀୟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ୱାଶିଂଟନ ସୁନ୍ଦର ୱେଷ୍ଟଇଣ୍ଡିଜ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିବାବେଳେ ଅଧିନାୟକ ରୋହିତ ଶର୍ମାଙ୍କ ଇନିଂସ ଭାରତ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ରାହୁଲ ଦଳକୁ ଆସିଯାଇ ଥିବାରୁ ଭାରତ ଆଉ ଏକ ପ୍ରଭାବୀ ପ୍ରଦର୍ଶନ ସହ ସିରିଜ ଜିତିବା ଆଶା କରାଯାଉଛି। ପ୍ରଥମ ଦିନିକିଆରେ ରୋହିତଙ୍କ ସହ ଇନିଂସ ଓପନ କରି ଇଶାନ କିଶନ ୨୮ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତେଣୁ ଆଗାମୀ ମ୍ୟାଚରେ ଏହି କମ୍ବିନେଶନ ରହୁଛି ନା ରୋହିତଙ୍କ ସହ ରାହୁଲ ଇନିଂସ ଓପନ କରୁଛନ୍ତି ତା’ ଉପରେ କ୍ରିକେଟ ପ୍ରେମୀଙ୍କ ନଜର ରହିଛି। ରୋହିତ ଇନିଂସ ଓପନ କଲେ କିଶନଙ୍କୁ ବାହାରେ ବସିବାକୁ ପଡ଼ିପାରେ। ଅନ୍ୟପକ୍ଷରେ ଯଦି ରାହୁଲଙ୍କୁ ମିଡିଲ ଅର୍ଡରରେ ନିଆଯାଏ ତେବେ ଦୀପକ ହୁଡା ବାଦ୍ ପଡ଼ିପାରନ୍ତି। ସେ ପ୍ରଥମ ଦିନିକିଆରେ ଡେବ୍ୟୁ କରି ୨୬ ରନରେ ଅପରାଜିତ ରହିବା ସହ ଭାରତକୁ ବିଜୟୀ କରାଇଥିଲେ। ବିରାଟ କୋହଲି, ରିଷଭ ପନ୍ତ ଓ ସୂର୍ଯ୍ୟକୁମାର ଯାଦବଙ୍କ ଲାଇନ୍‌ଅପ୍‌ରେ ପରିବର୍ତ୍ତନ ହେବା ସମ୍ଭାବନା ନାହିଁ। ଆସନ୍ତା ମ୍ୟାଚ କୋହଲିଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ। ସେ କ୍ୟାରିୟରର ୭୧ତମ ଶତକ ପାଇଁ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ଅପେକ୍ଷା କରିଛନ୍ତି। ଭାରତୀୟ ବୋଲିଂ ଲାଇନ୍‌ଅପ୍‌ରେ ମଧ୍ୟ ପରିବର୍ତ୍ତନ ସମ୍ଭାବନା କ୍ଷୀଣ। ତେବେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କୁ ଯଦି ଦଳରେ ନିଆଯାଏ ତେବେ ଚହଲ କିମ୍ବା ସୁନ୍ଦରଙ୍କ ମଧ୍ୟରୁ କେହି ବାହାରେ ରହିପାରନ୍ତି। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଏହାର ବ୍ୟାଟିଂରେ ସୁଧାର ଆଣିବାକୁ ପ୍ରୟାସ କରିବ। ଗତ ୧୬ ମ୍ୟାଚ ମଧ୍ୟରୁ ଦଳ ୧୦ଟିରେ ପୂରା ୫୦ ଓଭର ବ୍ୟାଟିଂ କରି ପାରିନାହିଁ। କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ଦଳକୁ ଏ ଦିଗରେ ସଚେତନ ହେବାକୁ ପଡ଼ିବ। ନିକୋଲାସ ପୁରନ ଓ ପୋଲାର୍ଡଙ୍କୁ ସ୍ୱାଭାବିକ ବିସ୍ଫୋରକ ବ୍ୟାଟିଂ ଦେଖାଇବାକୁ ହେବ। ଭ୍ରମଣକାରୀ ଦଳର ବୋଲରଙ୍କୁ ଠିକ୍ ସ୍ଥାନରେ ବଲ୍‌କୁ ପିଚ୍ କରାଇବାକୁ ପଡ଼ିବ।

**ଦ୍ୱିତୀୟ ଦିନିକିଆ ଆଜି**

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ, ଦୀପକ ହୁଡା, ରିଷଭ ପନ୍ତ, ଦୀପକ ଚହର, ଶାର୍ଦ୍ଦୁଳ ଠାକୁର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆଭେଶ ଖାଁ, ଶାହରୁଖ ଖାନ।

**ୱେଷ୍ଟଇଣ୍ଡିଜ ଦଳ:** କିରନ ପୋଲାର୍ଡ (ଅଧିନାୟକ), ଫାବିଆନ ଆଲେନ, ଏନ୍‌କ୍ରୁମା ବନ୍ନର, ଜାସନ ହୋଲ୍ଡର, ଶାଇ ହୋପ୍, ଆକେଲ ହୋସେନ, ଆଲଜାରି ଜୋସେଫ, ବ୍ରେଣ୍ଡନ କିଙ୍ଗ୍, ନିକୋଲାସ ପୁରନ, କେମର ରୋଚ୍, ରୋମାରିଓ ଶେପର୍ଡ, ଓଡେଅନ ସ୍ମିଥ, ହେଡେନ ୱାଲ୍ସ ଜୁନିୟର।

**ମ୍ୟାଚ ଆରମ୍ଭ: ଅପରାହ୍ନ ୧ଟା ୩୦**


ନେଟ୍ସ ଅବସରରେ ବ୍ୟାଟ୍‌କୁ ପରଖୁଛନ୍ତି ବିରାଟ କୋହଲି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ